# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୭/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, September 7/2019 (Career & Appointment) | ★★★★★★

୪୫ଶ ଭାଗ ୨୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଆଣ୍ଡ୍ରେସ୍କୁ ଫାଇନାଲରେ**
କାନାଡାର ସ୍ୱଳ୍ପ ବୟସ୍କା ବାଏଙ୍କା ଆଣ୍ଡ୍ରେସ୍କୁ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୧୯

୧୭ **ଅନ୍‌ଲାଇନ ମୋଟର ବୀମା କାରବାର ବୃଦ୍ଧି**
ନୂଆ ମୋଟର ଆଇନ ଲାଗୁ ହେବା ପରେ ଅନ୍‌ଲାଇନ ମୋଟର ବୀମା କାରବାର ବଢୁଥିବା ପଲିସି ବଜାର ଡଟ୍ କମ୍‌ର ମୁଖ୍ୟ ବାଣିଜ୍ୟ ଅଧିକାରୀ ତରୁନ ମାଥୁର କହିଛନ୍ତି।




2nd Year Science, Arts & Commerce Students
Just Out!
AS PER LATEST PATTERN of CHSE, Odisha
+2 MODERN'S abc OF SAMPLE PAPERS 2020
ARTS, SCIENCE & COMMERCE: English, M.I.L. (O), M.I.L. (Sans.), Alt. Eng.
ARTS STREAM (Both in Odia & English Medium): Pol. Science, History, Economics, Logic, Sociology, Sanskrit, Home Science, Education, Odia (OPT.)
SCIENCE STREAM: Physics, Chemistry, Mathematics, Biology, Electronics, Information Technology, Computer Science
COMMERCE STREAM: Business Math. & Statistics, Accountancy, Business Studies & Management, Cost Accounting, Management Accounting
Special Features
- AHS Exam. Question Papers with Answers (Last 5 Years).
- Unitwise Memory Capsules
- Unitwise Expected (Group - A, B & C) Questions with Ans.
- Most Expected Very Similar Tests (VSTs) with Answers.
- Very Similar Tests (VSTs) for Practice with Checklist.
SALES START : DT. 6.9.2019 (FRIDAY)


# ବିକ୍ରମ ସହ ଯୋଗାଯୋଗ ବିଚ୍ଛିନ୍ନ

## ଚନ୍ଦ୍ରୟାନ-୨କୁ ନେଇ ଇସ୍ରୋ ଅଧ୍ୟକ୍ଷଙ୍କ ଘୋଷଣା

- ଚନ୍ଦ୍ରରେ ଅବତରଣର ୨.୧ କି.ମି. ପୂର୍ବରୁ ମିଳିଲାନି ସଙ୍କେତ
- ହସ୍ତଗତ ସିଗ୍‌ନାଲକୁ ଅନୁଧ୍ୟାନ କରାଯିବ: କେ. ଶିବନ୍
- ବୈଜ୍ଞାନିକଙ୍କୁ ଆଶ୍ୱାସନା ଦେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୬।୯(ପି.ଟି./ଆଇଏଏନ୍ଏସ୍)

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର 'ବିକ୍ରମ' ଶୁକ୍ରବାର ରାତି ୨ଟା ୧୫ମିନିଟ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ପାଦ ଥାପିପାରିନାହିଁ। ଜୁଲାଇ ୨୨ରେ ଲଞ୍ଚ ହୋଇଥିବା ଚନ୍ଦ୍ରୟାନ-୨ ରାତି ୧ଟା ୫୩ରେ ଜହ୍ନର ଦକ୍ଷିଣ ମେରୁକୁ ସ୍ପର୍ଶ କରିବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ 'ବିକ୍ରମ' ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଚନ୍ଦ୍ରପୃଷ୍ଠରେ ବିକ୍ରମ ଅବତରଣ କରିବା ପରେ ତା'ଠାରୁ ରୋଭର 'ପ୍ରଜ୍ଞାନ' ଅଲଗା ହୋଇ ଜଳର ସନ୍ଧାନ କରିବା ସହ ଅନ୍ୟାନ୍ୟ ବିଷୟ ଉପରେ ଅନୁଧ୍ୟାନ କରିବ ଏବଂ ଭବିଷ୍ୟତରେ ଚନ୍ଦ୍ରକୁ ମଣିଷର ଯାତ୍ରାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଥିଲା। ଏଥିପାଇଁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ହେଲେ ଚନ୍ଦ୍ରରେ ସୂକ୍ଷ୍ମ ଅବତରଣର ଶେଷ ୧୫ ମିନିଟ ଅତିକ୍ରମ କରିବା ପରେ ମଧ୍ୟ କଣ୍ଟ୍ରୋଲ ରୁମ୍‌କୁ କୌଣସି ସୂଚନା ମିଳି ନ ଥିଲା। ଶେଷରେ ପୂର୍ବରୁ ହସ୍ତଗତ ହୋଇଥିବା ସଙ୍କେତକୁ ବିଶ୍ଳେଷଣ କରାଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କେ.ଶିବନ୍ ଘୋଷଣା କରିଥିଲେ।

୨୦୦୮ ଅକ୍ଟୋବର ୨୨ରେ ଭାରତର ପ୍ରଥମ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୧ର ଉତ୍‌କ୍ଷେପଣ କରାଯାଇଥିଲା। ପ୍ରଥମ ଚନ୍ଦ୍ର ମିଶନର ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଏହାର ପ୍ରାୟ ୧୧ ବର୍ଷ ପରେ ଗତ ଜୁଲାଇ ୨୨ ଅପରାହ୍ନ ୨ଟା ୪୩ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ଜିଏସ୍ଏଲ୍‌ଭି ଏମ୍‌କେ ତୃତୀୟରୁ ଚନ୍ଦ୍ରୟାନ-୨ ଲଞ୍ଚ କରାଯାଇଥିଲା। ଚନ୍ଦ୍ରୟାନ-୨ରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏକ ଲୁନାର୍ ଅର୍ବିଟର, ଲ୍ୟାଣ୍ଡର ଓ ଲୁନାର ରୋଭର ରହିଛି। ଚନ୍ଦ୍ରରେ ଅବସ୍ଥିତି ଚିହ୍ନଟ କରି ଜଳର ସନ୍ଧାନ କରିବା ହେଉଛି ଏହି ମିଶନର ଉଦ୍ଦେଶ୍ୟ। ☞ପୃଷ୍ଠା-୪

# ଦୋଷ ଲୁଚାଇବାକୁ କୋହଳ

## ପ୍ରଦୂଷଣ ସାର୍ଟିଫିକେଟ




ଭୁବନେଶ୍ୱର,୬।୯(ବ୍ୟୁରୋ)

ନୂଆ ମୋଟର ଯାନ ନିୟମକୁ ଓଡ଼ିଶାରେ କଡ଼ାକଡ଼ି ଭାବେ ପାଳନ କରାଯାଇଛି। ଟ୍ରାଫିକ ନିୟମ ପାଳନ କରାଯାଉ ନ ଥିବାରୁ ପୋଲିସ ଜୋରଦାର ଯାଞ୍ଚ ଚଳାଇବା ସହ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ ଚଳାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ପୋଲିସର ଏଭଳି ଯାଞ୍ଚ ଦେଖି ଅନେକେ ଭୟଭୀତ ହୋଇପଡ଼ିଛନ୍ତି। ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଥିବା ଯୋଗୁ ଏଭଳି ନିୟମକୁ ଅଧିକ ମାତ୍ରାରେ ପ୍ରାଧାନ୍ୟ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଉଛି। ମାତ୍ର ନିୟମ ପାଳନ କରାଯିବାର ୫ଦିନ ପରେ ଏଥିରୁ ଗୋଟିଏ ନିୟମକୁ କୋହଳ କରିଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଗାଡ଼ି ଚାଳକମାନେ ଯଦି ପ୍ରଦୂଷଣ ସାର୍ଟିଫିକେଟ ରଖି ନ ଥିବେ ତେବେ ସେମାନଙ୍କୁ ୧୦ ହଜାର ଟଙ୍କାର ଜରିମାନା ରଖାଯାଇଥିଲା। କିନ୍ତୁ ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚକୁ ଆସନ୍ତା ମାସେ ପର୍ଯ୍ୟନ୍ତ କୋହଳ କରାଯିବା ଲାଗି ବିଭାଗୀୟ ନିଷ୍ପତ୍ତି ହୋଇଛି। ଏସବୁ ମଧ୍ୟରେ ସବୁଠାରୁ ଅଧିକ ପ୍ରଦୂଷଣ କରୁଥିବା ବଡ଼ ଗାଡ଼ି ତଥା ଟ୍ରକ, ବସ୍‌ଗୁଡ଼ିକୁ କଡ଼ାକଡ଼ି ଭାବେ ଚେକିଂ କରା ନ ଯିବାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ପରିବହନ ବିଭାଗ ସଚିବ ଜି. ଶ୍ରୀନିବାସ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପ୍ରଦୂଷଣ ସାର୍ଟିଫିକେଟ ଯାଞ୍ଚ ମାସେ ପର୍ଯ୍ୟନ୍ତ କୋହଳ କରାଯିବ। ଯଦି କୌଣସି କର୍ମଚାରୀ ଭୁଲ୍‌ରେ ଏଥିପାଇଁ ଜରିମାନା ଆଦାୟ କରିବ ତେବେ ସେମାନଙ୍କୁ ଦଣ୍ଡ ଗଣିବାକୁ ପଡ଼ିବ। ଏହାସହିତ ଲୋକଙ୍କୁ ହଇରାଣ ନ କରିବା ପାଇଁ ଶ୍ରୀନିବାସ କହିଛନ୍ତି। ମାତ୍ର ସରକାରଙ୍କ ତରଫରୁ ପ୍ରଦୂଷଣ ସାର୍ଟିଫିକେଟ କରିବା ସକାଶେ ବ୍ୟବସ୍ଥା ଠିକ୍ ନ ଥିବାରୁ ଏପରି ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ପରିବହନ ବିଭାଗର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ମୋଟ ୨୭୫ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଅଧିକୃତ ହୋଇଥିଲେ। ସେଥିରୁ ୧୭୭ଟି ସେଣ୍ଟର ସାର୍ଟିଫିକେଟ ପ୍ରଦାନ କରିବା ପାଇଁ ବୈଧ ଥିଲେ। ସେଥିମଧ୍ୟରୁ ଭୁବନେଶ୍ୱରରେ ୪୬ଟି ସେଣ୍ଟର ବୈଧ ଥିଲେ। ନୂଆ ନିୟମ ଅନୁଯାୟୀ ଏହି ସମସ୍ତ ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଅନ୍‌ଲାଇନ୍‌ରେ ଲାଇସେନ୍ସ ନେବାର ବ୍ୟବସ୍ଥା ହୋଇଛି। କିନ୍ତୁ ଏଥିରୁ ମାତ୍ର ରାଜ୍ୟର ୩୫ଟି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟର ଲାଇସେନ୍ସ ନେଇଛନ୍ତି। ସେଥିମଧ୍ୟରେ ରାଜଧାନୀର ୬ଟି ସେଣ୍ଟର ରହିଛି। ରାଜ୍ୟ ପରିବହନ ସଂସ୍ଥା ଏହି ପ୍ରଦୂଷଣ ଟେଷ୍ଟିଂ ସେଣ୍ଟରକୁ ଲାଇସେନ୍ସ ଦେବାର ପ୍ରାବଧାନ ରହିଛି। ହେଲେ ପରିବହନ ବିଭାଗ କିନ୍ତୁ ଏବେ ନୂଆ ବ୍ୟବସ୍ଥା କରି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରିଛି। ☞ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

- ଅଟୋ ସେକ୍ଟର ପାଇଁ ଜିଏସ୍‌ଟି ହ୍ରାସ

# ରାଜ୍ୟ ଆଡ଼କୁ ଦାୟିତ୍ୱ ଠେଲି ଦେଲା କେନ୍ଦ୍ର

## ନିର୍ମାତାମାନେ ରାଜ୍ୟ ଅର୍ଥମନ୍ତ୍ରୀମାନଙ୍କୁ ବୁଝାନ୍ତୁ: ଠାକୁର

ନୂଆଦିଲ୍ଲୀ,୬।୯

ଅଟୋ ସେକ୍ଟରକୁ ମାନ୍ଦାବସ୍ଥାରୁ ବାହାର କରି ଆଣିବା ଲାଗି କେନ୍ଦ୍ର ସରକାର ନିଜର ଦାୟିତ୍ୱ ନିର୍ବାହ କରିବା ପରିବର୍ତ୍ତେ ରାଜ୍ୟ ସରକାରଙ୍କ ଆଡକୁ ଠେଲି ଦେଇଛନ୍ତି। ଶୁକ୍ରବାର ଅଟୋ ଯନ୍ତ୍ରାଂଶ ନିର୍ମାତାଙ୍କ ବାର୍ଷିକ ବୈଠକରେ ଯୋଗଦେଇଥିବା କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ଗୋଟିଏ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି। ସେ କହିଛନ୍ତି ଯେ, ଅଟୋ ନିର୍ମାତାମାନେ ଜିଏସ୍‌ଟି ହ୍ରାସ ପାଇଁ ରାଜ୍ୟର ଅର୍ଥମନ୍ତ୍ରୀମାନଙ୍କୁ ପ୍ରଥମେ ରାଜି କରାନ୍ତୁ। ସେମାନେ ରାଜି ହୋଇଗଲେ ଜିଏସ୍‌ଟି କାଉନସିଲ୍‌ରେ ଏହାକୁ ନେଇ ନିଷ୍ପତ୍ତି ନେବା ସହଜ ହୋଇଯିବ।

ସୂଚନାଥାଉ କି, ମାନ୍ଦାବସ୍ଥା କାରଣରୁ ଅଟୋ ସେକ୍ଟର ଏବେ ଘୋର ସଙ୍କଟରେ ରହିଛି। ଏଥିପାଇଁ ଏକାଧିକ କାରଣକୁ ଦାୟୀ କରାଯାଇପାରେ। ତେବେ ଉଚ୍ଚ ହାରରେ ଜିଏସ୍‌ଟି ଆଦାୟ ଅଟୋ ସେକ୍ଟର ପାଇଁ ସଙ୍କଟ ଆଣିଛି ବୋଲି ନିର୍ମାତା ମାନେ ଅଭିଯୋଗ କରିଆସୁଛନ୍ତି। ସେମାନେ ଜିଏସ୍‌ଟି ହାରକୁ ୨୮ରୁ ୧୮%କୁ ହ୍ରାସ କରିବା ଲାଗି ଦାବି କରୁଛନ୍ତି। ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଆଲୋଚନା କାଳରେ ମଧ୍ୟ ସେମାନେ ସମାନ ଦାବି ଜଣାଇଥିଲେ। ତେବେ ସୀତାରାମନ୍ ଏ ଦିଗରେ ଜିଏସ୍‌ଟି କାଉନସିଲ୍‌ର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇ ସାରିଛନ୍ତି। ଶୁକ୍ରବାର ଅଟୋ ଯନ୍ତ୍ରାଂଶ ନିର୍ମାତା ସଂଗଠନର ବାର୍ଷିକ ବୈଠକରେ ଯୋଗ ଦେଇ ଠାକୁର କହିଛନ୍ତି ଯେ, ଯେକୌଣସି ସାମଗ୍ରୀର ଜିଏସ୍‌ଟି ହାର ହ୍ରାସ କରିବାକୁ ହେଲେ ପ୍ରଥମେ ଫିଟ୍‌ମେଣ୍ଟ କମିଟିରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥାଏ। ଏହାପରେ କମିଟିର ପରାମର୍ଶ ବା ସୁପାରିସ୍ କ୍ରମେ ଜିଏସ୍‌ଟି କାଉନସିଲ୍ ଜିଏସ୍‌ଟି ହାର ହ୍ରାସ ସମ୍ପର୍କରେ ନିଷ୍ପତ୍ତି ନେଇଥାଏ। ଏଣୁ ଅଟୋ ନିର୍ମାତା, ଡିଲର ଓ ସମ୍ବନ୍ଧିତ ପକ୍ଷମାନେ ଏକତ୍ରିତ ହୋଇ ପ୍ରଥମେ ଜିଏସ୍‌ଟି କାଉନସିଲ୍‌ରେ ସାମିଲ ଅର୍ଥମନ୍ତ୍ରୀମାନଙ୍କୁ ଭେଟନ୍ତୁ। ସେମାନଙ୍କୁ ଅଟୋ ସେକ୍ଟରରେ ଦେଖାଦେଇଥିବା ବର୍ତ୍ତମାନର ପରିସ୍ଥିତି, ମାନ୍ଦାବସ୍ଥାର ପ୍ରଭାବ, ଆଗାମୀ ଭବିଷ୍ୟତ ଆଦି ସମ୍ପର୍କରେ ବୁଝାଇବାକୁ ହେବ। ସେ କହିଛନ୍ତି ଯେ, ଜିଏସ୍‌ଟି ହାର ହ୍ରାସ ନେଇ ଅଟୋ ନିର୍ମାତା, ଡିଲର ଓ ସମ୍ପୃକ୍ତ ପକ୍ଷଙ୍କ ପକ୍ଷରୁ ଏକାଧିକ ଦାବିପତ୍ର କେନ୍ଦ୍ର ସରକାର ପାଇଛନ୍ତି। ଏହାକୁ ସରକାର ବିଚାର କରୁଛନ୍ତି। ଅନେକ ମୂଳ ଯନ୍ତ୍ରାଂଶ ବିନିର୍ମାତା ଦେଶର ବିଭିନ୍ନ ଅଞ୍ଚଳରେ କାମ କରୁଛନ୍ତି। ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ଏମ୍ଇଏ ସମ୍ମିଳନୀ ବାତିଲ**

## ଆଜିର ମନ୍ତବ୍ୟ

" ଭାରତ ଉପରେ ଆକ୍ରମଣ ହେଲେ କଡ଼ା ଜବାବ ଦିଆଯିବା।
-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ-ଚାଇନା ମଧ୍ୟରେ ୮୭ ବିଲିୟନ ଡଲାରର ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ହୋଇଛି।
- ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 06.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 53 | 97 | 107 |
| CTC | 52 | 96 | 106 |
| DKL | 52 | 96 | 106 |
| BDK | 51 | 94 | 104 |
| BLS | 51 | 94 | 104 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


# ଆଇଏଏସ୍ ଅଧିକାରୀଙ୍କ ଇସ୍ତଫା

## ଗଣତନ୍ତ୍ର ସହ ସାଲିସ କରାଯାଉଛି: ଶଶିକାନ୍ତ

ମାଙ୍ଗାଲୁରୁ, ୬।୯(ପି.ଟି.)

କର୍ଣ୍ଣାଟକର ଆଇଏଏସ୍ ଅଫିସର ତଥା ଦକ୍ଷିଣ କନ୍ନଡ଼ ଜିଲାର ଡେପୁଟି କମିଶନର ଶଶିକାନ୍ତ ସେନ୍ଥିଲ ଶୁକ୍ରବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହି ନିଷ୍ପତ୍ତି ବ୍ୟକ୍ତିଗତ ବୋଲି ସେ ଦର୍ଶାଇଥିଲେ ହେଁ ସରକାରଙ୍କ ଗଣତାନ୍ତ୍ରିକ କାର୍ଯ୍ୟଧାରା ନେଇ ପ୍ରଶ୍ନ ଉଠାଇଛନ୍ତି। ଅଭୂତପୂର୍ବ ଭାବେ ଗଣତନ୍ତ୍ର ସହ ସାଲିସ୍ କରିବାକୁ ପଡୁଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ବାଧ୍ୟ ହେଉଛି ବୋଲି ସେ କହିଛନ୍ତି। ଆଗାମୀ ଦିନଗୁଡ଼ିକ ଅଧିକ କଷ୍ଟସାଧ୍ୟ ହେବ ବୋଲି ସେ ଅନୁଭବ କରିଥିବା ଚିଠିରେ ଦର୍ଶାଇଛନ୍ତି।

ବରିଷ୍ଠ ଆଇଏଏସ୍ ଅଧିକାରୀ ଶଶିକାନ୍ତଙ୍କ ଇସ୍ତଫାକୁ ନେଇ କଂଗ୍ରେସ ପକ୍ଷରୁ ମାଙ୍ଗାଲୁରୁରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ କଂଗ୍ରେସ ନେତା ଏମ୍. ମଲ୍ଲିକାର୍ଜୁନ ଖାର୍ଗେ ଏନେଇ ସରକାରଙ୍କୁ ସମାଲୋଚନା କରିବା ସହ ଦେଶରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଭୁଶୁଡ଼ିବାରେ ଲାଗିଛି ବୋଲି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାରଙ୍କ ମାତ୍ରାଧିକ ହସ୍ତକ୍ଷେପ ଯୋଗୁ ଆୟକର ବିଭାଗ, ସିବିଆଇ, ସିଭିସି, ଏମିତିକି ନ୍ୟାୟପାଳିକା ଭଳି ଅନୁଷ୍ଠାନ ସେମାନଙ୍କର ସ୍ୱାଧୀନତା ହରାଇବାକୁ ବସିଲେଣି ବୋଲି ସେ ଅଭିଯୋଗ କରିଛନ୍ତି। ୨୦୦୯ ବ୍ୟାଚ୍ ତାମିଲନାଡୁ କ୍ୟାଡର୍‌ର ଆଇଏଏସ୍ ଅଫିସର ଶଶିକାନ୍ତ ୨୦୧୭ରେ ଦକ୍ଷିଣ କନ୍ନଡ଼ର ଡେପୁଟି କମିଶନର ଭାବେ ନିଯୁକ୍ତି ପାଇଥିଲେ।



ଶଶିକାନ୍ତ ସେନ୍ଥିଲ






ପଶ୍ଚିମବଙ୍ଗରେ ଏନ୍‌ଆର୍‌ସି ଲାଗୁକରିବା ପାଇଁ ଟିଏମ୍‌ସି କେବେହେଲେ ଅନୁମତି ପ୍ରଦାନ କରିବ ନାହିଁ।
-ମମତା ବାନାର୍ଜୀ,
ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ





ଜୁଲାଇ ୨୨ରେ ଶ୍ରୀ ହରିକୋଟାସ୍ଥିତ ସତୀଶ ଧଓ୍ୱନସ୍ଥିତ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୨ ଉତ୍‌କ୍ଷେପଣ ବେଳର ଦୃଶ୍ୟ।




ଇସ୍ରୋ ପକ୍ଷରୁ ଜାରି ଚନ୍ଦ୍ରୟାନ-୨ର ମଡେଲ।



ବେଙ୍ଗାଲୁରୁସ୍ଥିତ ଇସ୍ରୋର ମନିଟରିଂ ସେଣ୍ଟରରେ ଅନୁଧ୍ୟାନରତ ବୈଜ୍ଞାନିକଗଣ।

**୧୧୦ତମ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨**

# ଜଳ ସନ୍ଧାନରେ ବିକ୍ରମ

**ନୂଆଦିଲ୍ଲୀ,୬।୯**

ଚନ୍ଦ୍ରୟାନ-୨ ହେଉଛି ପୃଥିବୀରୁ ଚନ୍ଦ୍ରକୁ ବିଶ୍ୱର ୧୧୦ତମ ଓ ଚଳିତ ଦଶନ୍ଧିର ଏକାଦଶ ମିଶନ। ୧୯୯୦ ଦଶକରେ ଚନ୍ଦ୍ରକୁ ମିଶନଗୁଡ଼ିକୁ ପ୍ରେରଣ କରିବାରେ ମନ୍ଥରତା ଦେଖାଦେଇଥିଲା। ହେଲେ ବିଗତ ଦଶନ୍ଧିରେ ଅନେକ ଚନ୍ଦ୍ର ମିଶନ ସଫଳ ହୋଇଛି। ୨୦୦୮ରେ ଚନ୍ଦ୍ରୟାନ-୧ ଚନ୍ଦ୍ରପୃଷ୍ଠରେ ଅବତରଣ କରି ବିସ୍ତୃତ ଅଞ୍ଚଳରେ ଜଳ ଅଣୁ ଠାବ କରିବା ପରେ ଅନ୍ୟ ଦେଶଗୁଡ଼ିକ ଚନ୍ଦ୍ର ମିଶନକୁ ତ୍ୱରାନ୍ୱିତ କରିବାରେ ଲାଗିଲେ। ଏହି କ୍ରମରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଗତ ଜୁଲାଇ ୨୨ରେ ଚନ୍ଦ୍ରୟାନ-୨ର ସଫଳ ଉତ୍‌କ୍ଷେପଣ କରିଥିଲା। ୧୧ ବର୍ଷ ତଳେ ଚନ୍ଦ୍ରୟାନ ଯେଉଁଠି କାମ ଅଧୁରା ଛାଡ଼ିଥିଲା ସେଇଠୁ କାମ ଆରମ୍ଭ କରିବା ହେଉଛି ଚନ୍ଦ୍ରୟାନ-୨ର ଲକ୍ଷ୍ୟ। ସେହିପରି ସଫ୍ଟ ଲ୍ୟାଣ୍ଡିଂ ବା ସୂକ୍ଷ୍ମ ଅବତରଣକୁ ଚନ୍ଦ୍ରକୁ ମଣିଷ ପଠାଇବାର ପ୍ରାକ୍ ପ୍ରସ୍ତୁତି ବୋଲି ବିବେଚନା କରାଯାଉଛି।

ଅଦ୍ୟାବଧି ଚନ୍ଦ୍ରକୁ ୧୦୯ଟି ଯାନ ପଠାଯାଇସାରିଛି। ସେଥି ମଧ୍ୟରୁ ୯୦ଟି ମିଶନ ୧୯୫୮ରୁ ୧୯୭୬ ମଧ୍ୟରେ ପଠାଯାଇଥିଲା। ଏହା ପରେ ଚନ୍ଦ୍ର ଆବିଷ୍କାର କ୍ଷେତ୍ରରେ ଗବେଷଣା ସମ୍ପୂର୍ଣ୍ଣ ଭାବେ ଧିମେଇଯାଇଥିଲା। ପୂର୍ବରୁ ଆମେରିକା, ରୁଷିଆ ଓ ଚାଇନା ଚନ୍ଦ୍ରପୃଷ୍ଠରେ ସେମାନଙ୍କ ଯାନଗୁଡ଼ିକର ସୂକ୍ଷ୍ମ ଅବତରଣ କରାଇସାରିଛନ୍ତି। କିନ୍ତୁ ଦକ୍ଷିଣ ମେରୁକୁ ସ୍ପର୍ଶ କରିବାରେ କୌଣସି ରାଷ୍ଟ୍ରକୁ ଅଦ୍ୟାବଧି ସଫଳତା ମିଳିନାହିଁ। ତେଣୁ ଚନ୍ଦ୍ରୟାନ-୨ର ସଫଳତା ଉପରେ ସାରା ବିଶ୍ୱର ନଜର ରହିବା ସ୍ୱାଭାବିକ। ଏହି ପରିପ୍ରେକ୍ଷୀରେ ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ପୂର୍ବତନ ବୈଜ୍ଞାନିକ ଜେରି ଲିନେଙ୍ଗର ଚନ୍ଦ୍ରୟାନ-୨ର ସଫଳତା କାମନା କରିଛନ୍ତି। ଚନ୍ଦ୍ରୟାନ-୨ର ସଫଳତା ପାଇଁ ସାରା ଦେଶରେ ଉତ୍କଣ୍ଠା ଲାଗିରହିଥିବାବେଳେ ଲ୍ୟାଣ୍ଡର ବିକ୍ରମ କିପରି ସୁରୁଖୁରୁରେ ଅବତରଣ କରିବ ସେଥିପାଇଁ ବିଭିନ୍ନ ସ୍ଥାନରେ ଲୋକେ ପୂଜାର୍ଚ୍ଚନା କରିଛନ୍ତି। ତାମିଲନାଡୁର ଥାଞ୍ଜାଭୁର ଜିଲାସ୍ଥିତ ଚନ୍ଦ୍ରନାର ମନ୍ଦିରରେ ଶୁକ୍ରବାର ସନ୍ଧ୍ୟାରେ ସ୍ୱତନ୍ତ୍ର ପୂଜାର ଆୟୋଜନ କରାଯାଇଛି। ସେହିପରି ଦିଲ୍ଲୀ, ମୁମ୍ବାଇ, କୋଲକାତା ସମେତ ମହାନଗରଗୁଡ଼ିକରେ ମଧ୍ୟ ଚନ୍ଦ୍ରଦେବଙ୍କୁ ସନ୍ତୁଷ୍ଟ କରିବା ଲାଗି ପୂଜାର୍ଚ୍ଚନା ହୋଇଥିବା ଜଣାପଡ଼ିଛି।



## ସଫ୍ଟ ଲ୍ୟାଣ୍ଡିଂ କ'ଣ

**ନୂଆଦିଲ୍ଲୀ,୬।୯**

ଚନ୍ଦ୍ରୟାନ-୨ ଏହାର ବେଗ ଘଣ୍ଟାପ୍ରତି ୨୧,୬୦୦ କି.ମି.ରୁ ୭ କି.ମି.କୁ ହ୍ରାସ କରି ୧୫ ମିନିଟ ମଧ୍ୟରେ ବିକ୍ରମର ସଫ୍ଟ ଲ୍ୟାଣ୍ଡିଂ କରାଇବ। ଏହି ୧୫ ମିନିଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଇସ୍ରୋ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ବୋଲି କୁହାଯାଉଛି। ସେକେଣ୍ଡ ପ୍ରତି ୬ କି.ମି. ବେଗରେ ଗତି କରୁଥିବା ଲ୍ୟାଣ୍ଡର ବିକ୍ରମ ରାତି ୧ଟା ୩୦ରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ। ସେତେବେଳେ ସେକେଣ୍ଡ ପ୍ରତି ଏହାର ବେଗ ମାତ୍ର ୨ ମିଟର ରହିବ। ଏଥିପାଇଁ ଅତିରିକ୍ତ ସତର୍କତା ଜରୁରୀ ହୋଇଥାଏ। ଗତ ଏପ୍ରିଲରେ ଇସ୍ରାଏଲ୍‌ର ବେରେଶିଟ୍ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇଥିଲା। ବ୍ୟବସାୟିକ ବିମାନଗୁଡ଼ିକ ଘଣ୍ଟାପ୍ରତି ୫୦୦ କି.ମି.ରୁ ୯୦୦ କି.ମି. ଗତି କରିବା ପରେ ନିଜ ବେଗ ହ୍ରାସ କରି ଅବତରଣ କରିଥାଏ।

## କିପରି କାମ କରିବ ପ୍ରଜ୍ଞାନ

**ବେଙ୍ଗାଲୁରୁ,୬।୯**

ବିକ୍ରମ ଲ୍ୟାଣ୍ଡରର ସଫଳତାର ସହ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ଏହାର ଡୋର୍ ଖୋଲିବ। ତା'ଠାରୁ ପ୍ରଜ୍ଞାନ ରୋଭର ଅଲଗା ହୋଇ ସୂର୍ଯ୍ୟଙ୍କ ଆଡ଼କୁ ମୁହଁ କରି ବାହାରକୁ ବାହାରିବ। ରୋଭର ସୂର୍ଯ୍ୟକିରଣ ପାଇବା ପରେ ଏହାର ବ୍ୟାଟେରି ସକ୍ରିୟ ହେବ। ଉକ୍ତ ବ୍ୟାଟେରିରୁ ସୌରଶକ୍ତି ବିକିରଣ ହେବ। ଜାତୀୟ ପତାକା ତ୍ରିରଙ୍ଗା ସଂଲଗ୍ନ ଏବଂ ଇସ୍ରୋ ଲୋଗୋ ରହିଥିବା ୬ ଚକ ବିଶିଷ୍ଟ ରୋଭର ସେକେଣ୍ଡ ପ୍ରତି ୧ ସେଣ୍ଟିମିଟର ବେଗରେ ଗତି କରିବ। ଚନ୍ଦ୍ରପୃଷ୍ଠର ବିଭିନ୍ନ ଚିତ୍ରକୁ ନାଭିଗେଶନ୍ କ୍ୟାମେରାରେ ରୋଭର କଏଦ କରି ପୃଥିବୀକୁ ପଠାଇବ। ଇସ୍ରୋ କଣ୍ଟ୍ରୋଲ ରୁମ୍ ଉକ୍ତ ତଥ୍ୟଗୁଡ଼ିକୁ ସଂଗ୍ରହ କରିବ। ପ୍ରଜ୍ଞାନ ଏହାର ୧୪ ଦିନ ଜୀବନକାଳରେ ୫୦୦ ମିଟର ପର୍ଯ୍ୟନ୍ତ ବୁଲିବ। ଏହାସହ ଚନ୍ଦ୍ରର ଅନାବିଷ୍କୃତ ଅଞ୍ଚଳରେ ବରଫ ଆକାରରେ ଜଳର ସମ୍ଭାବ୍ୟ ଉପସ୍ଥିତି ନେଇ ଅନୁଧ୍ୟାନ କରିବ। ସେଠାରୁ ସଂଗୃହୀତ ତଥ୍ୟର ପ୍ରକ୍ରିୟାକରଣ ପରେ ଇସ୍ରୋ ତାକୁ ନାସା ସମେତ ବିଶ୍ୱର ଅନ୍ୟ ମହାକାଶ ଗବେଷଣା ସଂସ୍ଥାର ବ୍ୟବହାର ପାଇଁ ସାର୍ବଜନୀନ କରିବ। ଦକ୍ଷିଣ ମେରୁରେ ଖଣିଜ ସଂରଚନା ଓ ଚନ୍ଦ୍ରପୃଷ୍ଠର ଢାଞ୍ଚା ନେଇ ରହସ୍ୟ ଉପରୁ ପରଦା ହଟିଲେ ମଣିଷର ଜ୍ଞାନ ବୃଦ୍ଧି ଦିଗରେ ଏହା ସହାୟକ ହେବ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ ସୂଚନା ଦେଇଛନ୍ତି।



## ଚନ୍ଦ୍ରୟାନ-୨ର ସଫଳ ଯାତ୍ରା

**ଜୁନ୍ ୨୯:** ସମସ୍ତ ପରୀକ୍ଷା ନିରୀକ୍ଷା ପରେ ପ୍ରଜ୍ଞାନ ରୋଭରକୁ ଲ୍ୟାଣ୍ଡର ବିକ୍ରମ ସହ ସଂଲଗ୍ନ କରାଗଲା।

**ଜୁନ୍ ୩୦:** ଯାନର ବିଦ୍ୟୁତ୍ ପରୀକ୍ଷା ସହ ତାପଶକ୍ତି ପରୀକ୍ଷା ଶେଷ ହେଲା। ପ୍ରକ୍ଷେପଣ ଯାନର ବ୍ୟାଟେରି ଚାର୍ଜ ଶେଷ କରାଗଲା।

**ଜୁଲାଇ ୧:** ଚନ୍ଦ୍ରୟାନ-୨କୁ ଜିଏସ୍‌ଏଲ୍‌ଭି ଲଞ୍ଚର ସହ ସଂଲଗ୍ନ ଲାଗି ପ୍ରସ୍ତୁତ କରାଗଲା।

**ଜୁଲାଇ ୨:** କ୍ୟାମେରା ଯନ୍ତ୍ର ଓ ରେଡିଓ ତରଙ୍ଗ ପରୀକ୍ଷା କରାଯାଇ ଚନ୍ଦ୍ରୟାନରେ ଲଗାଯିବା ଲାଗି ପ୍ରସ୍ତୁତ କରାଗଲା।

**ଜୁଲାଇ ୫:** ଗ୍ରାଉଣ୍ଡ ଷ୍ଟେଶନରୁ ଲ୍ୟାଣ୍ଡର ଓ ଅର୍ବିଟରର ଲିଙ୍କ୍ ଚେକ୍ କରାଯିବା ସହ ଭେହିକିଲ-୩ ଲେଭଲ ୨ ଏ ପରୀକ୍ଷା ସମ୍ପୂର୍ଣ୍ଣ ହେଲା।

**ଜୁଲାଇ ୬:** ଲଞ୍ଚପ୍ୟାଡ୍ ଲାଗି ପ୍ରକ୍ଷେପଣ ଯାନର ପ୍ରସ୍ତୁତି ଶେଷ।

**ଜୁଲାଇ ୭:** ଲଞ୍ଚପ୍ୟାଡ୍‌କୁ ଗଲା ଜିଏସ୍‌ଏଲ୍‌ଭି ମ୍ୟାକ୍-୩-ଏମ୍୧।

**ଜୁଲାଇ ୯:** ପ୍ରେସର୍ ସେନ୍‌ସର୍, ୟୁସିସି ସେପାରେଟର କନେକ୍ଟର କେବୁଲ ପରୀକ୍ଷା ଶେଷହେଲା।

**ଜୁଲାଇ ୧୦:** କ୍ରାୟୋଜେନିକ୍ ସ୍ଥିତି, ଲିକ୍ୱିଡ୍ ସ୍ଥିତି ପରୀକ୍ଷା ଓ ପ୍ରସ୍ତୁତି ଶେଷ।

**ଜୁଲାଇ ୧୪:** ଜିଏସ୍‌ଏଲ୍‌ଭି ମ୍ୟାକ୍-୩-ଏମ୍୧/ ଚନ୍ଦ୍ରୟାନ-୨ର କାଉଣ୍ଟଡାଉନ୍ ଆରମ୍ଭ ହେଲା।

**ଜୁଲାଇ ୧୫:** ପ୍ରେରଣ ପୂର୍ବରୁ ପ୍ରକ୍ଷେପଣ ଯାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏହାକୁ ସ୍ଥଗିତ କରାଗଲା।

**ଜୁଲାଇ ୧୮:** ଚନ୍ଦ୍ରୟାନ-୨ର ଲଞ୍ଚ୍ ଜୁଲାଇ ୨୨କୁ ଘୁଞ୍ଚିଲା।

**ଜୁଲାଇ ୨୨ :** ଜିଏସ୍‌ଏଲ୍‌ଭି ମ୍ୟାକ୍-୩-ଏମ୍୧ ସଫଳତାର ସହ ଚନ୍ଦ୍ରୟାନ-୨କୁ ପ୍ରେରଣ କଲା।

**ଜୁଲାଇ ୨୪ :** ଚନ୍ଦ୍ରୟାନ-୨ ସଫଳତାର ସହ କାର୍ଯ୍ୟାରମ୍ଭ କଲା।

**ଅଗଷ୍ଟ ୪ :** ଚନ୍ଦ୍ରୟାନ-୨ ବିକ୍ରମ ଲ୍ୟାଣ୍ଡର ପୃଥିବୀର ପ୍ରଥମ ଫଟୋ ଉତ୍ତୋଳନ କଲା।

**ଅଗଷ୍ଟ ୧୪ :** ଚନ୍ଦ୍ରୟାନ-୨ ଚନ୍ଦ୍ରର ସ୍ଥାନାନ୍ତରଣ ପ୍ରକ୍ଷେପବକ୍ରରେ ସଫଳତାର ସହ ପ୍ରବେଶ କଲା।

**ଅଗଷ୍ଟ ୨୦ :** ଚନ୍ଦ୍ରୟାନ-୨ ସଫଳତାର ସହ ଚନ୍ଦ୍ରକକ୍ଷରେ ପ୍ରବେଶ କଲା।

**ସେପ୍ଟେମ୍ବର ୧ :** ଚନ୍ଦ୍ରକକ୍ଷରେ ଯୁଦ୍ଧାଭ୍ୟାସ କ୍ରିୟା ସଫଳ ହେଲା।

**ସେପ୍ଟେମ୍ବର ୨ :** ବିକ୍ରମ ଲ୍ୟାଣ୍ଡର ଚନ୍ଦ୍ରୟାନ-୨ କକ୍ଷପଥରୁ ଅଲଗା ହେଲା। ଅର୍ବିଟର ଓ ଲ୍ୟାଣ୍ଡର ସଫଳତାର ସହ କାର୍ଯ୍ୟ କରୁଥିବା ଇସ୍ରୋ କହିଲା।

**ସେପ୍ଟେମ୍ବର ୭:** ଚନ୍ଦ୍ରୟାନ-୨ ମହାକାଶ ଯାନ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳରେ ସଫ୍ଟ ଲ୍ୟାଣ୍ଡିଂ କରିବାରେ ସଫଳ ହେଲା।



ଇସ୍ରୋକୁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବେଙ୍ଗାଲୁରୁ ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଓ ରାଜ୍ୟପାଳ ଭଜୁଭାଇ ଭାଲା(ମଝି)।

## ୧୫ ମିନିଟ୍‌ର ଉତ୍କଣ୍ଠା

**ବେଙ୍ଗାଲୁରୁ, ୬।୯(ପି.ଟି.):** ଚନ୍ଦ୍ରୟାନ -୨ ର ସଫଳତାକୁ ନେଇ ଦେଶ ଗର୍ବିତ ହୋଇଥିବାବେଳେ ଏହା ପୂର୍ବର ୧୫ ମିନିଟ୍ ଥିଲା ବେଶ ଉତ୍କଣ୍ଠାପୂର୍ଣ୍ଣ । ଇସ୍ରୋ ମୁଖ୍ୟାଳୟରେ ବୈଜ୍ଞାନିକ, ଛାତ୍ରୀଛାତ୍ରମାନଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଚନ୍ଦ୍ରରେ ବିକ୍ରମ ଲ୍ୟାଣ୍ଡରୋଭର୍‌ର ସଫଳ ଅବତରଣ ନେଇ ସମସ୍ତଙ୍କ ମନରେ ଉତ୍ସୁକତା ଭରି ରହିଥିଲା। ତେବେ ରାତି ୨ଟା ସୁଦ୍ଧା ଚନ୍ଦ୍ରୟାନ ଜଟିଳ ସମୟ ଦେଇ ଗତି କରୁଥିବା ଇସ୍ରୋ ମୁଖ୍ୟ କେ.ସିବନ ସୂଚନା ଦେଇଥିଲେ।



କେ.ସିବନ

# ଗଗନୟାନ ଲାଗି ପ୍ରସ୍ତୁତି ଜୋର୍‌ଦାର

**ବେଙ୍ଗାଲୁରୁ, ୬।୯(ପି.ଟି.)**



- ପ୍ରଥମ ପର୍ଯ୍ୟାୟ ମହାକାଶଚାରୀ ଚୟନ ଶେଷ
- ୨୦୨୧ରେ ପ୍ରେରଣ କରାଯିବ

ଚନ୍ଦ୍ରୟାନ-୨ ପରେ ଗଗନୟାନ ଲାଗି ଭାରତର ପ୍ରସ୍ତୁତି ଜୋର୍ ଧରିବାରେ ଲାଗିଛି। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଭାରତୀୟ ମହାକାଶଚାରୀଙ୍କ ଚୟନ ଶେଷ ହୋଇଥିବା ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ମହାକାଶକୁ ପ୍ରଥମ ମଣିଷ ପଠାଯିବା ଲାଗି ଗଗନୟାନର ସଫଳତା କାମନା କରାଯାଇଛି। ବଛାଯାଇଥିବା ପାଇଲଟ୍‌ଙ୍କ ବିଭିନ୍ନ ପରୀକ୍ଷା କରାଯାଇଥିବା ଭାରତୀୟ ବାୟୁସେନା ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଚଳିତ ବର୍ଷ ମେ'ରେ ଭାରତୀୟ ବାୟୁସେନା ଇସ୍ରୋ ସହ ଏକ ଚୁକ୍ତି କରି ଗଗନୟାନ ମିଶନ ଲାଗି ମାନବ ଚୟନ ଓ ପ୍ରଶିକ୍ଷଣ ଦେବ ବୋଲି କହିଥିଲା। ୨୦୨୧ ଡିସେମ୍ବରରେ ଏହାକୁ ଲଞ୍ଚ କରାଯିବାକୁ ଥିବାବେଳେ ୩ ସଦସ୍ୟ ମହାକାଶରେ ଅତି କମ୍‌ରେ ୭ ଦିନ କଟାଇବେ ବୋଲି ଜଣାପଡ଼ିଛି। ଏଥିଲାଗି ଜିଏସ୍‌ଏଲ୍‌ଭି ମ୍ୟାକ୍-୩କୁ ବ୍ୟବହାର କରାଯିବ। ପ୍ରକାଶଥାଉ କି, ଗତବର୍ଷ ସ୍ୱାଧୀନତା ଦିବସରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଗନୟାନ ସମ୍ପର୍କରେ ଘୋଷଣା କରିଥିଲେ। ଏହି ମିଶନରେ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗତବର୍ଷ ଏହା କ୍ୟାବିନେଟର ଅନୁମୋଦନ ଲାଭ କରିଥିଲା।

## ଶେହଲା ରଶିଦଙ୍କ ବିରୋଧରେ ଦେଶଦ୍ରୋହ ମାମଲା

**ନୂଆଦିଲ୍ଲୀ, ୬।୯(ପି.ଟି.):** ଜମ୍ମୁ-କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟର ନେତା ଶେହଲା ରଶିଦଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଲଗାଯାଇଛି। ଧାରା ୩୭୦ ଉଚ୍ଛେଦ ପରେ ଭାରତୀୟ ସେନା କଶ୍ମୀରରେ ଲୋକଙ୍କ ଘରୁ ଚୋରିକରିବା ସହ ଅକଥନୀୟ ଅତ୍ୟାଚାର କରୁଛି ବୋଲି ସେ ଟୁଇଟ୍ କରିଥିଲେ। ଏନେଇ ସୁପ୍ରିମକୋର୍ଟ ଓକିଲ ଏ.ଏ. ଶ୍ରୀବାସ୍ତବ ଦିଲ୍ଲୀ ପୋଲିସରେ ଦେଶଦ୍ରୋହ ଅଭିଯୋଗ ଆଣିଥିଲେ। ଭାରତୀୟ ସେନାକୁ ବଦନାମ କରିବା ଲାଗି ରଶିଦ ମିଥ୍ୟା ପ୍ରଚାର କରୁଥିବା ସେ ଅଭିଯୋଗ ଆଣିଥିଲେ।

## ପୁଣି ଯୁଦ୍ଧ ଧମକ ଦେଲେ ପାକ୍ ସେନାମୁଖ୍ୟ

**ଇସ୍‌ଲାମାବାଦ, ୬।୯(ପି.ଟି.):** ପାକ୍ ସେନାମୁଖ୍ୟ ଜେନେରାଲ କମର ଜାଭେଦ୍ ବାଜୱା ଶୁକ୍ରବାର ପୁଣି ଥରେ କଶ୍ମୀରକୁ ନେଇ ଭାରତ ବିରୋଧରେ ଯୁଦ୍ଧ ଧମକ ଦେଇଛନ୍ତି। ଭାରତ ଧାରା ୩୭୦ ଉଚ୍ଛେଦ କରି କଶ୍ମୀରରେ ଅରାଜକତା ସୃଷ୍ଟିକରିବା ସହ ହିନ୍ଦୁତ୍ୱ ନୀତି ଜାହିର୍ କରିବାକୁ ଚାହୁଁଛି ବୋଲି ସେ ଅଭିଯୋଗ କରିଛନ୍ତି। ପାକିସ୍ତାନ ଏହାକୁ ବରଦାସ୍ତ କରିବ ନାହିଁ କି କଶ୍ମୀରକୁ ଛାଡ଼ି ପାରିବ ନାହିଁ ବୋଲି ବାଜୱା କହିଛନ୍ତି। ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ପାକ୍ ସେନା ଲଢେଇ ଜାରି ରଖିବ ବୋଲି ସେ ଧମକ ଦେଇଛନ୍ତି। କଶ୍ମୀରବାସୀଙ୍କ ଲାଗି ଆମେ ସବୁକିଛି ଉତ୍ସର୍ଗ କରିପାରିବୁ। ପ୍ରକାଶଥାଉ କି, ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ପ୍ରଥମେ ଭାରତକୁ ପରମାଣୁ ଯୁଦ୍ଧର ଧମକ ଦେବା ପରେ ୟୁ-ଟର୍ନ ମାରିଥିଲେ। ଭାରତ ସହ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଭାବେ ସମସ୍ୟାର ସମାଧାନ କରିବାକୁ ପାକ୍ ବହିର୍ବ୍ୟାପାର ମନ୍ତ୍ରୀ କୁରେଶୀ ମଧ୍ୟ ପ୍ରକାଶ କରିଥିଲେ।



କମର ଜାଭେଦ୍ ବାଜୱା

## ହସ୍ପିଟାଲରେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ

**କୋଲକାତା, ୬।୯(ପି.ଟି.) :** ବରିଷ୍ଠ ସିପିଏମ୍ ନେତା ତଥା ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଛି। ନିଃଶ୍ୱାସପ୍ରଶ୍ୱାସ ନେବାରେ ସେ କଷ୍ଟ ଅନୁଭବ କରିବାରୁ ତାଙ୍କୁ କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଲାଗି ଶୁକ୍ରବାର ରାତି ୮ଟାରେ ଭର୍ତ୍ତିକରାଯାଇଛି। ତାଙ୍କର ରକ୍ତଚାପ ବଢ଼ିବାରେ ଲାଗିଛି। ତାଙ୍କୁ ଦେଖିବା ଲାଗି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହସ୍ପିଟାଲକୁ ଯାଇଥିଲେ।



**ୟୁଏପିଏ ବୈଧତାକୁ ଚାଲେଞ୍ଜ**

# କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ, ୬।୯(ପି.ଟି.)**

ୟୁଏପିଏ (ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ଶନ୍ ଆମେଣ୍ଡମେଣ୍ଟ ଆକ୍ଟ)-୨୦୧୯କୁ ନେଇ ସୁପ୍ରିମକୋର୍ଟରେ ଏକ ପିଟିଶନ୍ ଦାଏର କରାଯାଇଥିବାବେଳେ ଏହାକୁ ଅସାମ୍ବିଧାନକ ବୋଲି ଦର୍ଶାଯାଇଛି। ଏହାକୁ କୋର୍ଟ ପରୀକ୍ଷା ନିରୀକ୍ଷା କରାଯିବ ବୋଲି ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇ କହିବା ସହ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସଜଲ୍ ଅୱସ୍ତି ନାମକ ବ୍ୟକ୍ତି ଏନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ, ଏହି ଆଇନ ଜଣେ ନାଗରିକର ଅସନ୍ତୋଷ ବ୍ୟକ୍ତ କରିବାର ଅଧିକାରକୁ କ୍ଷୁଣ୍ଣ କରୁଛି। ଜଣଙ୍କୁ ଗିରଫ କରାଯାଇ ସିଧା ଆତଙ୍କବାଦୀର ଆଖ୍ୟା ଦିଆଯାଉଛି। ନାଗରିକଙ୍କୁ କୌଣସି କହିବାର ସୁଯୋଗ ଦିଆଯାଉନାହିଁ। ଏହା ସମ୍ବିଧାନିକ ଧାରା ୩୫, ୩୬କୁ ଉଲ୍ଲଂଘନ କରୁଛି। ଏଥିରେ ପରିବର୍ତ୍ତନ ଅଣାଯିବା ଜରୁରୀ ବୋଲି ଦର୍ଶାଯାଇଥିଲା। ସର୍ବୋଚ୍ଚ ଅଦାଲତ ଏନେଇ କେନ୍ଦ୍ରକୁ ନୋଟିସ କରିଛନ୍ତି। ପ୍ରକାଶଥାଉ କି, ଗତ ମାସରେ ୧୯୬୭ର ୟୁଏପିଏ ଆକ୍ଟ ସଂଶୋଧନ କରାଯିବା ସହ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା। ତା'ପରେ ବିହାର ବିଧାୟକ ଅନନ୍ତ ସିଂଙ୍କୁ ଏହି ଆଇନ ବଳରେ ଗିରଫ କରାଯାଇଛି।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ବିଶ୍ୱବାସୀଙ୍କୁ ଜଣାଯିବ ରଥଯାତ୍ରାର ବିଧି

ପୁରୀ ଅଫିସ, ୬।୯



ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ।

- ମଠ ସଂସ୍କୃତିର ବିକାଶ ପାଇଁ ସବ୍ କମିଟି ଗଠିତ
- କଳିଙ୍ଗ ସ୍ଥାପତ୍ୟ ଆଧାରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ ହେବ

ବିଶ୍ୱର ବିଭିନ୍ନ ରାଷ୍ଟ୍ର ସମେତ ଭାରତର ଅନେକ ରାଜ୍ୟରେ ରଥଯାତ୍ରା ଅନୁଷ୍ଠିତ ହେଉଛି। କିନ୍ତୁ ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ଏହା ମହାପ୍ରଭୁ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା। ତେଣୁ ରଥଯାତ୍ରାର ବିଧି ବିଶ୍ୱବାସୀଙ୍କୁ ଜଣାଯିବ। ମହାପ୍ରଭୁଙ୍କର ଏହି ମହାନ୍ ପର୍ବ ରଥଯାତ୍ରାର ପରିଚାଳନା ଲାଗି ବିଧି କ'ଣ ରହିଛି ତାହା ସମସ୍ତଙ୍କୁ ଜଣାଇବୁ। ପରିଚାଳନା କମିଟିରୁ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ପାରିତ ହୋଇ ରାଜ୍ୟ ସରକାରଙ୍କୁ ମଧ୍ୟ ଏ ଦିଗରେ ସହଯୋଗ କରିବା ଲାଗି ଅନୁରୋଧ କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୩ ଘଣ୍ଟା ଧରି ଅନୁଷ୍ଠିତ ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଥିଲେ, ଶ୍ରୀମନ୍ଦିର ସେବାପୂଜା ଏବଂ ପରମ୍ପରାରେ ଅନେକ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମନ୍ଦିର ଏବଂ ମଠ ଭିତରେ ଥିବା ଏହି ସମ୍ପର୍କକୁ ସମ୍ପୂର୍ଣ୍ଣ ଭାବେ ବଜାୟ ରଖାଯିବ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଏବଂ ଏଥିପାଇଁ ଯାହା ଆଇନ ରହିଛି ସେହି ପ୍ରକାରେ ମଠଗୁଡ଼ିକର ବିକାଶ ଓ ପୁନରୁଦ୍ଧାର କରାଯିବ। ଏଥିଲାଗି ୩ ଜଣିଆ ମଠ ଉନ୍ନୟନ ସବ୍ କମିଟି ଗଠନ କରାଯାଇଛି। ମଠ ଉନ୍ନୟନ ସବ୍ କମିଟି ସମସ୍ତ ପକ୍ଷଙ୍କ ସହିତ ଆଲୋଚନା କରି ମଠ ସଂସ୍କୃତି କିପରି ବଜାୟ ରହିବ ତାହା ଉପରେ କାର୍ଯ୍ୟ କରିବେ। ୭୫ ମିଟର ମଧ୍ୟରେ ରହିଥିବା ମଠ ସମେତ ପୁରୀର ବିଭିନ୍ନ ମଠର ବିକାଶକୁ ପ୍ରାଧାନ୍ୟ ଦିଆଯିବ। ମଠ ଠାକୁରଙ୍କ ସେବାପୂଜା, ମହନ୍ତ, ପୂଜାରୀ ଏବଂ ବିଦ୍ୟାର୍ଥୀଙ୍କ ରହିବା ଲାଗି ବ୍ୟବସ୍ଥା କରାଯିବ। ପୁରୀରେ ଅନେକ ମଠ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ସେଗୁଡ଼ିକର ପୁନରୁଦ୍ଧାର କିପରି କରାଯିବ ତାହା ଉପରେ ଫୋକସ୍ ରହିବ। ଏହି ସବ୍ କମିଟିରେ ଦେବୋତ୍ତର କମିଶନର, ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଓ ରାମଚନ୍ଦ୍ର ଦାସମହାପାତ୍ର ସଦସ୍ୟ ରହିଛନ୍ତି।

ପରିଚାଳନା କମିଟି ପକ୍ଷରୁ ପୂର୍ବରୁ ୫ଟି ପ୍ରକଳ୍ପ ସରକାରଙ୍କୁ ଦିଆଯାଇଥିଲା। ପୁରୀକୁ ଐତିହ୍ୟ ନଗରୀ ଭାବେ ଏବେ ରାଜ୍ୟ ସରକାର କାର୍ଯ୍ୟକ୍ରମ ଆରମ୍ଭ କରୁଛନ୍ତି। ଏହା ମଧ୍ୟରେ ଏହି ୫ ପ୍ରକଳ୍ପକୁ ସାମିଲ କରି ତ୍ୱରାନ୍ୱିତ କରିବା ଲାଗି ସରକାରଙ୍କୁ ଅନୁରୋଧ କରାଯିବ। ଏହି ୫ ପ୍ରକଳ୍ପ ମଧ୍ୟରେ ବଡ଼ଦାଣ୍ଡକୁ ହେରିଟେଜ କରିଡର ଭାବେ ବିକାଶ, ଗୁଣ୍ଡିଚା ମନ୍ଦିରର ଉନ୍ନତୀକରଣ, ଜଗନ୍ନାଥ ବଲ୍ଲଭ ମଠରେ ପ୍ରମୋଦ ଉଦ୍ୟାନ କାମକୁ ତ୍ୱରାନ୍ୱିତ ଏବଂ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ ଆଦି ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ପରମ୍ପରାକୁ ଦୃଷ୍ଟିରେ ରଖି କଳିଙ୍ଗ ସ୍ଥାପତ୍ୟ ଆଧାରରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ଉନ୍ନତୀକରଣ କରାଯିବ। କମିଟି ପୂର୍ବରୁ ଦେଇଥିବା ଏହିସବୁ ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କୁ ଅନୁରୋଧ କରାଯିବ। ସେହିପରି ମହାପ୍ରଭୁଙ୍କର ବିଭିନ୍ନ ସ୍ଥାନରେ ଜମି ରହିଛି। କେଉଁ କେଉଁ ଜାଗାରେ ମହାପ୍ରଭୁଙ୍କ ଜମି ଅଛି ତାହା ଚିହ୍ନଟ କରାଯାଇ ଜିଆଇ ମ୍ୟାପିଂ କାମ ଚାଲିଛି। ଜମି ବିକ୍ରି ପାଇଁ ଥିବା ୟୁନିଫର୍ମ ପଲିସିକୁ ରାଜ୍ୟ ସରକାରଙ୍କ ଅନୁମୋଦନ ମିଳିସାରିଛି। ତେଣୁ ବିକ୍ରି ପାଇଁ ଇ-ଅକ୍ସନ ପ୍ରକ୍ରିୟା ଆରମ୍ଭ କରାଯିବ। ଅନ୍ୟପକ୍ଷରେ ୭୫ ମିଟର ମଧ୍ୟରେ ଯେଉଁ ଜମି ଅଧିଗ୍ରହଣ ହେବ ସେଥିଲାଗି ଜିଲାପାଳଙ୍କୁ ସ୍ୱତନ୍ତ୍ର ଭାବେ କ୍ଷମତା ଦିଆଯାଇଛି, ଯାହା ସମସ୍ତଙ୍କ ପାଇଁ ଭଲ ହେବ ତାହାକୁ ଆଧାର କରି ଜିଲାପାଳ ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଅନ୍ୟପକ୍ଷରେ ୭୫ ମିଟର ଉଚ୍ଛେଦ ସମ୍ପର୍କରେ ପରିଚାଳନା କମିଟିକୁ ଅବଗତ କରା ନ ଯିବା ନେଇ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଏହି ପରିଧି ମଧ୍ୟରେ ଯେଉଁ ଜମି ଅଧିଗ୍ରହଣ ହେବ ତାହା ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ନାଁରେ ରଖିବାକୁ କମିଟି ସଦସ୍ୟମାନେ ବୈଠକରେ ପ୍ରସ୍ତାବ ରଖିଥିଲେ। ପରିଚାଳନା କମିଟି ବୈଠକରେ ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ, ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ, ସଦସ୍ୟ ତଲୁଛ ନୀଳକଣ୍ଠ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ପୂଜାପଣ୍ଡା, ମାଧବ ଚନ୍ଦ୍ର ମହାପାତ୍ର, ଅନନ୍ତ ତିଆଡ଼ି, ସିଦ୍ଧେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ତର ଉପକୂଳ ଆଡ଼କୁ ମୁହାଁଇଲା ଲଘୁଚାପ

# ୨୪ଘଣ୍ଟା ପ୍ରବଳ ବର୍ଷିବ

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ଆଜି ୬ ଜିଲାକୁ ଅରେଞ୍ଜ, ୪ଜିଲାକୁ ୟେଲୋ ୱାର୍ନିଂ
- ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଏବେ ଉତ୍ତର ଉପକୂଳ ଆଡ଼କୁ ମୁହାଁଇଛି। ପଶ୍ଚିମବଙ୍ଗର ଗାଙ୍ଗେୟ ଉପକୂଳରେ ମଧ୍ୟ ଲଘୁଚାପର ଏକ କ୍ଷେତ୍ର ସୃଷ୍ଟି ହୋଇଛି। ଏହାସହ ଏକ ଟ୍ରଫ୍ ଲାଇନ ପୂର୍ବକେନ୍ଦ୍ର ବଙ୍ଗୀୟ ଉପକୂଳରେ ରହିଛି। ଏହା ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏଥିପାଇଁ ଶନିବାର ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଓ ନୂଆପଡ଼ା ଆଦି ୬ଟି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଢେଙ୍କାନାଳ, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଆଦି ୪ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ରବିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବରଗଡ଼ ଆଦି ୪ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ, ଏଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ସେପଟେ କିଛି ଜିଲାରେ ଭୂସ୍ଖଳନ ଓ ବନ୍ୟା ସ୍ଥିତି ଉପୁଜିବା ଆଶଙ୍କା ଥିବାରୁ ଜିଲାପାଳମାନଙ୍କୁ ସତର୍କ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟା ମୁକାବିଲା ପାଇଁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାର ପୂର୍ବ ପ୍ରସ୍ତୁତି, ରନ୍ଧା ଖାଦ୍ୟ, ପାନୀୟ, ଆଲୋକ ଓ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ଥିବା ରାସ୍ତାରେ ବିକଳ୍ପ ଗମନାଗମନ ସୁବିଧା ପାଇଁ ମଧ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ପାରାଦୀପରେ ସର୍ବାଧିକ ୮୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର, ଭବାନୀପାଟଣା, ବାରିପଦା, ଗୋପାଳପୁର, ସୁନ୍ଦରଗଡ଼, କଟକ, କେନ୍ଦୁଝର, ଝାରସୁଗୁଡ଼ା, ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀ ଜିଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି।

ଲଗାଣ ବର୍ଷାରେ ଗଞ୍ଜାମ ଓ କନ୍ଧମାଳ ଜିଲା ଅଧିକ ପ୍ରଭାବିତ ହୋଇଛି। କେଉଁଠି ପୋଲ ଭାଙ୍ଗି ଯାଇଛି ତ ଆଉ କେଉଁଠି ରାସ୍ତା ଉପରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା। ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ଶୁକ୍ରବାର ଦିନ ଗଞ୍ଜାମ ଜିଲାର ସବୁ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ରକୁ ଜିଲାପାଳ ବନ୍ଦ ଘୋଷଣା କରିଥିଲେ। ଆସିକା, ଧରାକୋଟ, କବିସୂର୍ଯ୍ୟନଗର, ଶେରଗଡ଼ ଆଦି ଅଞ୍ଚଳର ଚାଷ ଜମି ଜଳମଗ୍ନ ହେବା ସହ ପରିବା ଚାଷ ମଧ୍ୟ ନଷ୍ଟ ହୋଇଯାଇଛି। ଆସ୍କା ସହରର ଉଭୟ ପଟେ ଥିବା ଋଷିକୁଲ୍ୟା ଓ ବଡ଼ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। କବିସୂର୍ଯ୍ୟନଗର ଧନେଇ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇଛି। ଧରାକୋଟ ଶ୍ରଦ୍ଧାପୁର ଜାତୀୟ ରାଜପଥରେ ବର୍ଷାଜଳ ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି ହିଞ୍ଜିଳି, ଟିଙ୍ଗିଲିମା, ଶିଆଳିଆ ଆଦି ସ୍ଥାନରେ ନଦୀ ଜଳ ରାସ୍ତା ଉପରେ ପ୍ରବାହିତ ହେଉଛି।

ଅନ୍ୟପଟେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଲମତାପୁଟ ଅଞ୍ଚଳରେ ଥିବା ମାଛକୁଣ୍ଡ ନଦୀର ଜଳସ୍ତର ବିପଦ ସଙ୍କେତ ଟପିଛି। ମାଛକୁଣ୍ଡର ଜଲାପୁଟ ଡ୍ୟାମ୍‌ରେ ୮ଟିରୁ ୩ଟି ଗେଟ୍ ଖୋଲା ଯାଇଛି। ଶୁକ୍ରବାର ୨୨ରୁ ୨୩ ହଜାର କ୍ୟୁସେକ୍ ଜଳ ଡ୍ୟାମ୍ ଭିତରକୁ ପ୍ରବେଶ କରୁଥିବାବେଳେ ୧୨ ହଜାର କ୍ୟୁସେକ୍ ନିଷ୍କାସିତ ହେଉଛି। ଇନ୍ଦ୍ରାବତୀ ଡ୍ୟାମ୍‌ରେ ୨ଟି ଓ ମୁରାନ୍ ଡ୍ୟାମ୍‌ରେ ୨ଟି ଗେଟ୍ ଖୋଲା ଯାଇଛି। ସେହିପରି ହୀରାକୁଦ ଡ୍ୟାମ୍‌ରେ ବର୍ତ୍ତମାନ ୧୨ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି।




# ଛେଣ୍ଡିପଦାରେ ବିରଳ ଶିଶୁ ଜନ୍ମ

**ଛେଣ୍ଡିପଦା, ୬।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଜଣେ ବିରଳ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି ଜନୈକା ମହିଳା। ଶିଶୁଟିର ପାଟି, ଆଖି, ମୁହଁ ଅସ୍ୱାଭାବିକ ଦେଖାଯାଉଥିବାବେଳେ ଦେହସାରା ରକ୍ତ ଭଳି ଲାଲ ରଙ୍ଗର ପ୍ୟାଚ ପଡିଛି। ସମ୍ପୂର୍ଣ୍ଣ ଧଳା ଓ ମୋଟା ଆବରଣର ଚର୍ମ ରହିଥିବା ବେଳେ ଅନେକ ସ୍ଥାନରେ ଏହା ଫାଟିଯାଇଛି। ଶିଶୁଟି ହାର୍ଲେକୁଇନ ଇକାଥିଓସିସ୍‌ରେ ପୀଡିତ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି। ଅଧିକ ଚିକିତ୍ସା ପାଇଁ ଶିଶୁଟିକୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଡାକ୍ତରଖାନା ସୂତ୍ରରୁ ପ୍ରକାଶ, ଦେବଗଡ଼ ଜିଲା ରିଆମାଳ ବ୍ଲକ ତାବଡା ଅଞ୍ଚଳର ଜଣେ ମହିଳାଙ୍କୁ ପ୍ରସବ ନିମନ୍ତେ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରସବ ପରେ ଶିଶୁଟିର ଏଭଳି ବିରଳ ଶାରୀରିକ ଗଠନ ଦେଖି ଡାକ୍ତର କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରିବାର ଲୋକେ ମଧ୍ୟ ଶିଶୁକୁ ଦେଖି ଭୟଭୀତ ହେଇପଡ଼ିଥିଲେ। ପରେ ଡାକ୍ତରଖାନାରେ ଲୋକଙ୍କ ଭିଡ଼ ଜମିଥିଲା। ଏ ସମ୍ପର୍କରେ ଛେଣ୍ଡିପଦା ଡାକ୍ତରଖାନାର ଡା. ମୋନାଲିସା ଗଡନାୟକ କୁହନ୍ତି, ଶିଶୁଟି ହାର୍ଲେକୁଇନ ଇକାଥିଓସିସ୍ ଭଳି ଜଟିଳ ରୋଗରେ ପୀଡିତ। ଜିନଗତ ତ୍ରୁଟିରୁ ନବଜାତକ ଏଭଳି ବିରଳ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ଏହି ରୋଗରେ ଆକ୍ରାନ୍ତ ଶିଶୁଙ୍କ ଚର୍ମର ଗଠନ ଅତ୍ୟନ୍ତ ଅସ୍ୱାଭାବିକ ହୋଇଥାଏ। ଶରୀର ସାରା ଡାଇମଣ୍ଡ ଭଳି ଆକୃତିର ରକ୍ତବର୍ଣ୍ଣର ପ୍ୟାଚ ସୃଷ୍ଟି ହୋଇଥାଏ। ପ୍ରତି ୩ ଲକ୍ଷରେ ଜଣେ ଶିଶୁ ଏହି ରୋଗରେ ପୀଡିତ ହେବାର ଆଶଙ୍କା ରହିଥାଏ। ଏହି ଶିଶୁଟିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ଉଭୟ ମା' ଓ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

**Dhenkanal College (Auto), Dhenkanal**
www.dhenkanalcollege.nic.in
**Admission Notice: 2019-20**

Applications are invited for admission into the following Self-Financing courses offered under Utkal University for the session 2019-20 (PPP).

| Course | Annual Fee | Eligibility |
|---|---|---|
| 2-Yr M. Sc (Computer Science) Master of Science (Computer Science) | ₹30,000/- | +3 in Any stream with Math in +2 level |
| 2-Yr MAPM&IR Master of Personnel Management & Industrial Relations | ₹30,000/- | +3 in Any stream |

**Scholarship:** Available for eligible SC, ST, OBC & Minority category.

The Application Form can be obtained from the College on all working days on payment of Rs.50/- and the form duly filled in all respect should reach the Principal on or before 10.09.2019.

PRINCIPAL

06762-221130, M.Sc(CS) : 7008546253
MBA/MAPM&IR : 9439641117/9853770780

# ବିଭିନ୍ନ ଉପଦେଷ୍ଟାଙ୍କୁ ସରକାରୀ ପାହ୍ୟା ପ୍ରଦାନ

ଭୁବନେଶ୍ୱର,୬।୯(ବ୍ୟୁରୋ)

**ନବନିଯୁକ୍ତମାନେ ପାଇବେ ରାଷ୍ଟ୍ରମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ସମତୁଲ୍ୟ ପଦବୀ**

ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗ ଏବଂ ସଂସ୍ଥାର ଉପଦେଷ୍ଟାମାନଙ୍କୁ ସରକାରୀ ପାହ୍ୟା ପ୍ରଦାନ କରାଯାଇଛି। ୬ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ, ୪ ଜଣଙ୍କୁ ପ୍ରମୁଖ ଶାସନ ସଚିବ ଏବଂ ଜଣଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା ପ୍ରଦାନ କରାଯାଇଛି। ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ) ଉପଦେଷ୍ଟା ସୁଧୀର ଦାସ, ଏସ୍‌ସି, ଏସ୍‌ଟି ଉନ୍ନୟନ ଏବଂ ସଂଖ୍ୟାଲଘୁ, ପଛୁଆବର୍ଗ ବିକାଶ ବିଭାଗ ଉପଦେଷ୍ଟା ମୁଜିବୁଲ୍ଲା ଖାଁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପାଇଛନ୍ତି। ଅନୁରୂପ ଭାବେ ଇଟି ଏବଂ ଆଇଟି ବିଭାଗ ଉପଦେଷ୍ଟା ଅନୁଭବ ପଟ୍ଟନାୟକ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଉପଦେଷ୍ଟା କୃତ୍ତିବାସ ପାତ୍ର ଏବଂ ଓଡ଼ିଶା ରାଜ୍ୟ କୃଷି ବିପଣନ ବୋର୍ଡର ଉପଦେଷ୍ଟା ରାମକୃଷ୍ଣ ପଣ୍ଡାଙ୍କୁ ମଧ୍ୟ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦଗୁଡ଼ିକର ଉପଦେଷ୍ଟା ଭାବେ ନିଯୁକ୍ତ ହୋଇଥିବା ସୁଜିତ୍ କୁମାରଙ୍କୁ ମୁଖ୍ୟ ଶାସନ ସଚିବ ପାହ୍ୟା ପ୍ରଦାନ କରାଯାଇଛି। ଅପରପକ୍ଷରେ ଚିଲିକା ଉନ୍ନୟନ ସଂସ୍ଥା(ସିଡିଏ) ଉପଦେଷ୍ଟା ଉତ୍କଳ କେଶରୀ ପରିଡା, ଓଡ଼ିଶା ବନ ଉନ୍ନୟନ ନିଗମ ଉପଦେଷ୍ଟା ଦେବାଶିଷ ମଲ୍ଲିକ, ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁଲତା ଦେଓ ଏବଂ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ଉପଦେଷ୍ଟା ଜନ୍ମେଞ୍ଜୟ ଲେଙ୍କାଙ୍କୁ ପ୍ରମୁଖ ଶାସନ ସଚିବ ପାହ୍ୟା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦିଆଯାଇଥିବା ୫-ଟି ମନ୍ତ୍ରକୁ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରାଇବା ଦିଗ ପ୍ରତି ଉପଦେଷ୍ଟାମାନେ ଗୁରୁତ୍ୱ ଦେବେ ବୋଲି ଚର୍ଚ୍ଚା ହେଉଛି।

# ପ୍ରଦୀପ ଦାଶ ପାଇବେ ଶାରଳା ପୁରସ୍କାର

ଭୁବନେଶ୍ୱର ୬।୯(ବ୍ୟୁରୋ)

- ହରମୋହନ ଖୁଣ୍ଟିଆଙ୍କୁ ଇଲା ପଣ୍ଡା ସଙ୍ଗୀତ ସମ୍ମାନ
- ଲଲାଟ ମୋହନ ପଟ୍ଟନାୟକ ପାଇବେ ଇଲା ପଣ୍ଡା ଚିତ୍ରକଳା ସମ୍ମାନ

ବିଶିଷ୍ଟ ଲେଖକ ତଥା ପ୍ରଶାସକ ଡ. ପ୍ରଦୀପ ଦାଶ ପାଇବେ ଶାରଳା ପୁରସ୍କାର। ତାଙ୍କ ରଚିତ ପୁସ୍ତକ 'ଚରୁ ଚିବର ଓ ଚର୍ଯ୍ୟା' ନିମନ୍ତେ ଡ. ଦାଶ ୪୦ତମ ଶାରଳା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଶାରଳା ପୁରସ୍କାର ଉପଦେଷ୍ଟା ପରିଷଦ ବୈଠକରେ ଏନେଇ ଘୋଷଣା କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୫ ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ। ଏତଦ୍‌ବ୍ୟତୀତ ସଙ୍ଗୀତ ଏବଂ ଚିତ୍ରକଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ରାଜ୍ୟର ଅନ୍ୟ ଦୁଇଜଣ କୃତୀ ବ୍ୟକ୍ତିତ୍ୱଙ୍କୁ ଇଲା ପଣ୍ଡା ସଙ୍ଗୀତ ସମ୍ମାନ ଏବଂ ଇଲା ପଣ୍ଡା ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ। ଚଳିତ ବର୍ଷ ଲାଗି ସଙ୍ଗୀତ କ୍ଷେତ୍ରରେ ପଣ୍ଡିତ ହରମୋହନ ଖୁଣ୍ଟିଆ ଇଲା ପଣ୍ଡା ସଙ୍ଗୀତ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି। ସେହିଭଳି ଚିତ୍ରକଳା କ୍ଷେତ୍ରରେ ଲଲାଟ ମୋହନ ପଟ୍ଟନାୟକଙ୍କୁ ଇଲା ପଣ୍ଡା ଚିତ୍ରକଳା ସମ୍ମାନରେ ସମ୍ମାନିତ କରାଯିବ।



ପ୍ରଦୀପ ଦାଶ

ପୁରସ୍କାର ସ୍ୱରୂପ ଉଭୟଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଆସନ୍ତା ଅକ୍ଟୋବର ୨୬ ତାରିଖରେ ସ୍ଥାନୀୟ ଏକ ହୋଟେଲ୍‌ଠାରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ। ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିବେ। ଶିଳ୍ପପତି ସ୍ୱର୍ଗତ ଡ. ବଂଶୀଧର ପଣ୍ଡା ଏବଂ ସ୍ୱର୍ଗତ ଇଲା ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ 'ଶାରଳା ପୁରସ୍କାର' ଇମ୍ଫା ଗ୍ରୁପ୍ ଦ୍ୱାରା ପରିଚାଳିତ ଇଣ୍ଡିଆନ୍ ମେଟାଲ୍‌ସ୍ ଆଣ୍ଡ ପବ୍ଲିକ୍ ଚାରିଟେବଲ୍ ଟ୍ରଷ୍ଟ(ଇମ୍ପାକ୍ଟ) ଆନୁକୂଲ୍ୟରେ ୧୯୭୯ ମସିହାଠାରୁ ପ୍ରତିବର୍ଷ ପ୍ରଦାନ କରାଯାଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ଜି.ଫକିର ପ୍ରସାଦ
ପରିବାରବର୍ଗ


ଜି.ସାଇସ୍ମିତା
ପରିବାରବର୍ଗ


ଜିଉସ୍
ପରିବାରବର୍ଗ


ଧାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ

# ଯୁବକଙ୍କ ମାଡ଼ରେ ଅଙ୍ଗନୱାଡ଼ି କର୍ମୀ ଗୁରୁତର

ରାଇରଙ୍ଗପୁର,୬।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଟେଣ୍ଡପୋଷି ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣ୍ଡା ବଣ୍ଟନକୁ ନେଇ ତୁମୁଳକାଣ୍ଡ ଘଟିଛି। ଅଣ୍ଡା ନେବାକୁ ଆସିଥିବା ପିଲାଙ୍କ ଅଭିଭାବକଙ୍କ ସହ ଧାଡିରେ ନ ରହି ଆଗକୁ ଆସିବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ବାରଣ କରାଯିବାରୁ ସେ ଅଙ୍ଗନୱାଡ଼ି କର୍ମୀଙ୍କୁ କଚାଡ଼ି ଦେବା ସହ ପ୍ରବଳ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗୁରୁତର ଆହତ ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆରଏମ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆହତ ଅଙ୍ଗନୱାଡ଼ି କର୍ମୀଙ୍କ ସ୍ୱାମୀଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା (ନଂ.୬୭/୧୯) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ଅଙ୍ଗନୱାଡ଼ି କର୍ମୀ ଜଣକ ଅଣ୍ଡା ବଣ୍ଟନ କରୁଥିଲେ। ଏହି ସମୟରେ ସେହି ଗ୍ରାମର ସେକ୍ ଅହମ୍ମଦ ନିୟମ ଉଲ୍ଲଙ୍ଘନ କରିଥିଲେ। ଅଙ୍ଗନୱାଡ଼ି କର୍ମୀ ତାଙ୍କୁ ଏଥିରେ ବାରଣ କରିବାରୁ କ୍ରୋଧାନ୍ୱିତ ହୋଇ ସେ ତାଙ୍କୁ ସେଠାରେ କଚାଡି ଦେବା ସହ ମାଡ଼ ମାରି ଆହତ କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଭାସିଯାଇ ୩ ମୃତ

ଦିଗପହଣ୍ଡି/ଆସିକା/ଶେରଗଡ,୬।୯(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ବୁଧବାର ଠାରୁ ଲଗାଣ ବର୍ଷା ଜାରି ରହିଛି। ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଶୁକ୍ରବାର ଭାସିଯାଇ ୩ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦିଗପହଣ୍ଡି ବ୍ଲକ କୈଁଠଦା ପଞ୍ଚାୟତ ଗୁହାଳପୁର ଗାଁର ଜାଡି ପ୍ରଧାନ, ଆସିକା ଏନ୍ଏସି ଗଣ୍ଡପଲ୍ଲୀ ଗ୍ରାମର ଅମର ଦାସ ଓ ଶେରଗଡର ଦିବ୍ୟାଙ୍ଗ ଯୁବକ ରାମହରି ମହାରଣା।

ପ୍ରକାଶ ଯେ, ଜାଡି ସକାଳ ପ୍ରାୟ ସାଢ଼େ ୬ ଟାରେ ଚାଷ ଜମିରେ କାମ ସାରି ଶୌଚ ପାଇଁ କଣ୍ଟେଇଯୋଡ଼ି ନଦୀକୁ ଯାଇଥିଲେ। ସେଠାରେ ଗୋଡଖସିଯିବାରୁ ପାଣି ସୁଅରେ ଭାସି ଯାଇଥିଲେ। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ୨ ଘଣ୍ଟା ଖୋଜାଖୋଜି ପରେ ଘଟଣାସ୍ଥଳଠାରୁ ପ୍ରାୟ ୧ କିମି ଦୂର ସାନଡୁମୁଳା ଗ୍ରାମ ନିକଟରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଜାଡିଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି।

ସେହିପରି ଆସିକା ଏନ୍ଏସିର ସୁନାୟସାହିରୁ ମଙ୍ଗଳପୁର ଯାଇଥିବା ଗ୍ରାମ୍ୟ ରାସ୍ତାର ଗଣ୍ଡପଲ୍ଲୀ ନିକଟରେ ଶୁକ୍ରବାର ରାତ୍ର ପ୍ରାୟ ସାଢେ ୭ଟାରେ ଅମର ଭାସି ଯାଇଥିଲେ। ଅମର ସାଇକେଲ ଧରି ଗଣ୍ଡପଲ୍ଲୀରୁ ଚଢିଆପଲ୍ଲୀ ଯାଉଥିବାବେଳେ ଗ୍ରାମ ନିକଟ କଲଭର୍ଟ ଉପରେ ବର୍ଷାଜଳ ପ୍ରବାହିତ ହେଉଥିଲା। ସାଇକେଲ ନେଇ କଲଭର୍ଟ ଉପରେ ଯିବାବେଳେ ସେ ଭାସିଯାଇଥିଲେ। ବହୁ ଖୋଜାଖୋଜି ପରେ ଘଟଣା ସ୍ଥଳରୁ ପ୍ରାୟ ୧୦୦ ଫୁଟ ଦୂରରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ଅମରଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଆସିକା ଥାନାରେ ନଂ.୨୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ଶୁକ୍ରବାର ସକାଳ ପ୍ରାୟ ୮ଟାବେଳେ ରାମହରି ଗାଧୋଇବାକୁ ନନ୍ଦିନୀ ନଦୀକୁ ଯାଇଥିବାବେଳେ ଭାସି ଯାଇଥିଲେ। ଦମକଳ ବାହୀନି ପହଞ୍ଚି ଖୋଜାଖୋଜି ପରେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ସନ୍ଧ୍ୟା ପ୍ରାୟ ୫ଟାରେ ନଦୀର ପଠାରେ ମୃତଦେହ ଲାଗିଥିବା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି।

# ପାଇକ ସ୍ମାରକୀ ପାଇଁ ମିଳିଲା ୧୦ ଏକର ଜମି

## ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଧନ୍ୟବାଦ ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୯(ବ୍ୟୁରୋ)

ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣ ପାଇଁ ରାଜ୍ୟ ସରକାର ୧୦ ଏକର ପରିମିତ ଜମି ପ୍ରଦାନ କରିବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟ ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ କରି ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଏହି ସମ୍ମତି ଫଳରେ ପାଇକ ବିଦ୍ରୋହର ସ୍ମାରକୀ ନିର୍ମାଣର ପ୍ରସ୍ତୁତି ଆଉ ଗୋଟିଏ ପାଦ ଆଗକୁ ଯାଇଛି। ଏଥିପାଇଁ ଜଣେ ଓଡ଼ିଆଭାବେ ସେ ଗର୍ବିତ। ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ସରକାରଙ୍କ ବଜେଟରେ ବିଶେଷ ବ୍ୟବସ୍ଥା କରାଯାଇଛି। ବ୍ରିଟିଶ ଶାସନ ବିରୋଧରେ ଦେଶର ପ୍ରଥମ ସଂଗଠିତ ସଶସ୍ତ୍ର ସଂଗ୍ରାମ ପାଇକ ବିଦ୍ରୋହ ଓଡ଼ିଶା ମାଟିରୁ ହିଁ ହୋଇଥିଲା। ଏହି ଅନନ୍ୟ ଇତିହାସକୁ ଆଗାମୀ ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶା ଓ ସାରା ଦେଶର ଯୁବପିଢିଙ୍କ ପ୍ରେରଣାର ଉତ୍ସ କରିବାକୁ ଏହି ସ୍ମାରକୀ ନିର୍ମାଣର ପରିକଳ୍ପନା କରାଯାଇଛି। ଓଡ଼ିଆ ଜାତିର ବୀରତ୍ୱ ଓ ସ୍ୱାଭିମାନର ଚିହ୍ନ ରୂପରେ ଏହି ସ୍ମାରକୀ ବରୁଣେଇ ପାହାଡର ପାଦଦେଶରେ ଖୁବ୍‌ଶୀଘ୍ର ସମସ୍ତଙ୍କ ସହଯୋଗରେ ନିର୍ମିତ ହେବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାର ପାଇକ ସ୍ମାରକୀ ପ୍ରତିଷ୍ଠା କରିବା ଲାଗି ବରୁଣେଇ ପାଦଦେଶରେ ୫୦ଏକର ଜମି ମାଗିଥିଲେ। ହେଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କିଛି ପଦକ୍ଷେପ ନିଆ ନ ଯିବା କାରଣରୁ ଭାଜପା ଓ ବିଜେଡି ସେତେବେଳେ ମୁହାଁମୁହିଁ ହୋଇଥିଲେ। ଧର୍ମେନ୍ଦ୍ର ସେତେବେଳେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଦୋଷ ଲୁଚାଇବାକୁ ...

କାରଣ ଖୁବ୍ କମ୍ ସଂଖ୍ୟକ ଲାଇସେନ୍ସ ପାଇଥିବା ଟେଷ୍ଟିଂ ସେଣ୍ଟର ଥିବାରୁ ଲୋକମାନେ ପ୍ରଦୂଷଣ ସାର୍ଟିଫିକେଟ ନେବାରେ ଅକ୍ଷମ ହେଉଛନ୍ତି। ଏପରି କି ନିର୍ଦ୍ଧାରିତ ଫି'ଠାରୁ ଅଧିକ ଆଦାୟ କରାଯିବାର ଅଭିଯୋଗ ଉଠିଲା। ସେଥିଲାଗି ଯେଉଁ ଟେଷ୍ଟିଂ ସେଣ୍ଟର ଲାଇସେନ୍ସ ନେଇ ନ ଥିଲେ ସେମାନେ ଆସନ୍ତା ମାସେ ପର୍ଯ୍ୟନ୍ତ ଲୋକଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ଦେଇପାରିବାର ବ୍ୟବସ୍ଥା କରାଯାଉଛି। ଏନେଇ ପରିବହନ କମିଶନର ଆରଟିଓମାନଙ୍କ ଜରିଆରେ ସେଣ୍ଟରଗୁଡିକୁ ଏହି ସୂଚନା ପ୍ରଦାନ କରିଥିବା ଉକ୍ତ ଅଧିକାରୀ ଜଣକ ସୂଚନା ଦେଇଛନ୍ତି। ଏସବୁ କଥାକୁ ନଜର ଆଢୁଆଳରେ ରଖିବା ସକାଶେ ସରକାର ପ୍ରଦୂଷଣ ସାର୍ଟିଫିକେଟ ଦେଖାଇବା ଲାଗି ଗାଡ଼ି ଚାଳକମାନଙ୍କୁ ଅଧିକ ମାସେ ସମୟ ଦେଇଛନ୍ତି ବୋଲି ସେ କହିଛନ୍ତି। ଉକ୍ତ ଅଧିକାରୀଙ୍କ କହିବାନୁଯାୟୀ, ଦୁଇ ଓ ତିନି ଚକିଆ ଯାନ ଯେତିକି ନୁହେଁ ଟ୍ରକ, ବସ୍ ଭଳି ବଡ଼ ଗାଡ଼ି ଅଧିକ ପ୍ରଦୂଷଣ କରୁଛନ୍ତି। ମାତ୍ର ବଡ଼ ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରିବା ପରିବର୍ତ୍ତେ କେବଳ ଦୁଇ ଓ ତିନିଚକିଆ ଉପରେ ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ଏଗୁଡିକୁ ଯାଞ୍ଚ କରିବା ମୁଖ୍ୟତଃ ଏମ୍‌ଭିଆଇର କାର୍ଯ୍ୟ ଅଟେ। ହେଲେ ବଡ଼ ଗାଡ଼ି ଉପରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସେମାନେ ନିଜ ପକେଟ ଗରମ କରିବାର ଅଭ୍ୟାସ ଛାଡ଼ିପାରୁନାହାନ୍ତି।

### ବିକ୍ରମ ସହ ଯୋଗାଯୋଗ ...

ଶୁକ୍ରବାର ରାତିରେ ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ତା'ଠାରୁ ରୋଭର 'ପ୍ରଜ୍ଞାନ' ଅଲଗା ହୋଇଥାଆନ୍ତା। ଚନ୍ଦ୍ରପୃଷ୍ଠରେ ୧୪ ଦିନ (ଚନ୍ଦ୍ରର ଦିନେ) ପାଇଁ ଏହା ରାସାୟନିକ ବିଶ୍ଳେଷଣ କରିବା ପାଇଁ ଲକ୍ଷ୍ୟ ରହିଥିଲା। ସେଠାରୁ ଚନ୍ଦ୍ରୟାନ-୨ର ଅର୍ବିଟର ଓ ଲ୍ୟାଣ୍ଡର ଜରିଆରେ ପୃଥିବୀକୁ ତଥ୍ୟ ପ୍ରେରଣ କରିଥାଆନ୍ତା। ଅର୍ବିଟର ସେଠାରେ ବର୍ଷକ ପାଇଁ କାର୍ଯ୍ୟ କରିବ ବୋଲି କୁହାଯାଉଥିଲା। ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରୁଷିଆ, ଆମେରିକା ଓ ଚାଇନାର ମହାକାଶ ସଂସ୍ଥାଗୁଡ଼ିକର ଯାନ ସୂକ୍ଷ୍ମ ଅବତରଣ କରିଥିବାବେଳେ ଏହି କ୍ଷେତ୍ରରେ ଭାରତ ଚତୁର୍ଥ ରାଷ୍ଟ୍ର ହୋଇଥାଆନ୍ତା। ୯୭୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚନ୍ଦ୍ରୟାନ-୨ର ସଫଳତା ଉପରେ କେବଳ ଭାରତ ନୁହେଁ, ସାରା ବିଶ୍ୱର ବୈଜ୍ଞାନିକମାନଙ୍କ ନଜର ରହିଥିଲା। ଭାରତର ମହାକାଶ କାର୍ଯ୍ୟକ୍ରମର ଏହି ବିଶେଷ ମୁହୂର୍ତ୍ତକୁ ୧୩୦ କୋଟି ଭାରତୀୟ ଅପେକ୍ଷା କରିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ସେଣ୍ଟରରେ ଏହାକୁ ଦେଖିବା ପାଇଁ ଯାଇଥିଲେ। ମାଇଁ ଗଭ୍ ୱେବ୍ ପୋର୍ଟାଲ ଜରିଆରେ ଇସ୍ରୋ ସ୍ପେସ୍ କୁଇଜ୍ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଦେଶର ବିଭିନ୍ନ ଭାଗର ୭୦ ଛାତ୍ରୀଛାତ୍ର ମଧ ବେଙ୍ଗାଲୁରୁରେ ମୋଦିଙ୍କ ସହ ଏହାକୁ ଦେଖିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଏହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତକୁ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିଭି ଚ୍ୟାନେଲଗୁଡ଼ିକରେ ଏହାର ସିଧାପ୍ରସାରଣକୁ ଦେଖିବାକୁ ଦେଶବାସୀଙ୍କୁ ଅନୁରୋଧ କରିଥିଲେ। କର୍ଣାଟକର ବେଙ୍ଗାଲୁରୁସ୍ଥିତ ଇସ୍ରୋ ମୁଖ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ସହ ଭାରତର ବିଭିନ୍ନ ସ୍ଥାନରୁ ଆସିଥିବା ୭୦ ଛାତ୍ରୀଛାତ୍ର ମଧ୍ୟ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିଥିଲେ। ବିକ୍ରମ ଚନ୍ଦ୍ରପୃଷ୍ଠକୁ ଛୁଇଁବା ପାଇଁ ୨.୧ କି.ମି. ଦୂରତା ଥିବାବେଳେ କୌଣସି ସିଗ୍ନାଲ ନ ମିଳିବା ପରେ ବୈଜ୍ଞାନିକଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଏଥିରେ ନିରାଶ ନ ହୋଇ ଆଗକୁ ସାହସର ସହ ପ୍ରଚେଷ୍ଟା ଜାରି ରଖିବା ପାଇଁ ପ୍ରଧାନମନ୍ତ୍ରୀ ଆଶ୍ୱାସନା ଦେଇଥିଲେ।

### ରାଜ୍ୟ ଆଡକୁ ଦାୟିତ୍ୱ...

ସେମାନେ ଜିଏସ୍‌ଟି ହାର ହ୍ରାସ ପ୍ରସଙ୍ଗ ରାଜ୍ୟ ସରକାରଙ୍କ ନିକଟରେ ଉତ୍ଥାପନ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଠାକୁର କହିଛନ୍ତି ଯେ, ରାଜ୍ୟ ଅର୍ଥମନ୍ତ୍ରୀମାନେ ଅଟୋ ସେକ୍ଟର ସାମ୍ନା କରୁଥିବା ଆହ୍ୱାନଗୁଡ଼ିକ ସମ୍ପର୍କରେ ଅବଗତ ହେବା ଦରକାର। ସେମାନଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ଉଚିତ୍ ବୋଲି ସେ ଚାହୁଁଛନ୍ତି। ଜିଏସ୍‌ଟି କାଉନସିଲ୍‌ରେ ଏହାକୁ ନେଇ ଆଲୋଚନା ହେଉ। ପ୍ରତ୍ୟେକ ସ୍ତରରେ ସମସ୍ତେ ନିଜର ମତପୋଷଣ କରନ୍ତୁ। ଆସନ୍ତା ୨୦ରେ ଗୋଆରେ ଜିଏସ୍‌ଟି କାଉନସିଲ୍ ବୈଠକ ବସିବାକୁ ଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ର ସରକାର ଅଟୋ ସେକ୍ଟରକୁ ସହାୟତା ପ୍ରଦାନ କରିବା ଲାଗି କେତେକ ପଦକ୍ଷେପ ଇତିମଧ୍ୟରେ ଘୋଷଣା କରିସାରିଛନ୍ତି। ଅଟୋ ସେକ୍ଟରକୁ କେନ୍ଦ୍ର ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଠାକୁର କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଶନି ଓ କେତୁଙ୍କ ସହ ଆପଣଙ୍କ ଚନ୍ଦ୍ର ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଦ୍ୱନ୍ଦ୍ୱ ଓ ଆଶା ଆଶଙ୍କା ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବ। ବନ୍ଧୁଙ୍କ ସହ ସହାନୁଭୂତିମୂଳକ ଆଲୋଚନା ମାଧ୍ୟମରେ ପରିବାରରେ ଶାନ୍ତି ଫେରି ଆସିବା ଆଶା କାରଯାଇପାରେ । ଈର୍ଷାପରାୟଣ ପୂର୍ବକ ନିଜ ଲୋକମାନେ ଅସୁବିଧାରେ ପକାଇପାରନ୍ତି।

**ବୃଷ**

କର୍ମାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି କାରଣରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପାରିବାରିକ ସ୍ଥିତି ଓ ଅର୍ଥ ସମ୍ପର୍କିତ କଥାବାର୍ତ୍ତା ସାଙ୍ଗକୁ ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। କିଛି କହିବା ଲେଖିବାର ସମ୍ପର୍କ ଯେଉଁଠାରେ ରହିଛି ସେହି ସବୁ ପ୍ରତ୍ୟେକ ଦିଗ ଅନୁକୂଳ ରହିବ।

**ମିଥୁନ**

ତୃତୀୟଭାବରେ ଏକାଧିକ ଗ୍ରହ ଭାଗ୍ୟସ୍ଥାନକୁ ପ୍ରଭାବିତ କରୁଥିବାରୁ ଆପଣଙ୍କ ଆଶା ଓ ଅଭିଳାଷ ଅଚିରେ ପୂରଣ ହୋଇପାରିବ। ରାହୁଙ୍କ କୁପ୍ରଭାବଜନିତ ଟଙ୍କା ପଇସା ସମ୍ପର୍କିତ ସମସ୍ତ କାମ ସାବଧାନତା ସହକାରେ କରିବା ବିଧେୟ। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ଉନ୍ନତ ମାନର ଫଳ ପାଇବେ।

**କର୍କଟ**

ଚତୁର୍ଥାଧିପତି ଲାଭ ସ୍ଥାନରେ ରହିଥିବାରୁ ସାମାଜିକ ସ୍ତରରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଓ ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା ସକାଶେ ଆହୁରି ବହୁତ ସମୟ ଲାଗିପାରେ। ଦୀର୍ଘପଥ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେବା ସୂଚନା ରହିଛି।

**ସିଂହ**

ରାଶିରେ ରାଜଯୋଗ ସୃଷ୍ଟି ହୋଇଥିବାରୁ ପରିବାରରେ, କର୍ମକ୍ଷେତ୍ରରେ ଅଥବା ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତି ଲାଭ କରିପାରନ୍ତି। ମଘା ନକ୍ଷତ୍ର ଯେତିକି ଖୁସିରେ ରଖିବାକୁ ଚାହିଁଲେ ମଧ୍ୟ ଆଜିର ପରିସ୍ଥିତି ତାହା ସହଜରେ କରାଇ ଦେଇ ନ ପାରେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇଯିବେ।

**କନ୍ୟା**

ଗ୍ରହ ସ୍ଥିତିର ପ୍ରତିକୂଳତା କାରଣରୁ ଆଜି ଯାହା କହିବେ କିମ୍ବା କରିବେ ସବୁ ଭାବିଚିନ୍ତି କରିବା ଭଲ ହେବ। ବାରମ୍ବାର ଚେଷ୍ଟା ପରେ ଦୀର୍ଘଦିନ ଉପରାନ୍ତେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସ୍ତ୍ରୀଙ୍କ ବୁଝାମଣା, ବିଭିନ୍ନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଅନିଦ୍ରାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ତୁଳା**

ଧନ ସ୍ଥାନରେ ବୃହସ୍ପତି ଆପଣଙ୍କୁ ଅର୍ଥ, ସାମାଜିକ ସମ୍ମାନ ଓ ଶୁଭେଚ୍ଛୁଙ୍କ ଶୁଭକାମନାରୁ ଖୁସି ରହିବେ। ପ୍ରତିବନ୍ଧକ ଆସିଲେ ମଧ ହାତକୁ ନେଇଥିବା କାମଟିକୁ ପୂରା କରିବାକୁ ଚେଷ୍ଟାକରିବେ। ନିଜର ଲୋକ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଅସାବଧାନତା କାରଣରୁ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ବିଚ୍ଛା**

ମୁଖ ଭାବରେ ପାପଗ୍ରହ ଥିବାରୁ କଥାବାର୍ତ୍ତାରେ ସଂଯମ ରକ୍ଷା ନ କଲେ ଭୁଲ୍ ବୁଝାମଣାଜନିତ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହୋଇପାରେ। ଅନ୍ୟମନସ୍କତା ଓ ଅସାବଧାନତା କାରଣରୁ ଟଙ୍କାପଇସା କିମ୍ବା ଦରକାରୀ କାଗଜପତ୍ର ହଜିଯାଇପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**

ଶୁଭକାର୍ଯ୍ୟ କିମ୍ବା ବିବାହ ସମ୍ପର୍କିତ ନୂତନ ବନ୍ଧୁ ପ୍ରସ୍ତାବ ପାଇଁ ଯୋଗାଯୋଗ କଲେ କୃତକାର୍ଯ୍ୟ ହେବେ। କିନ୍ତୁ ସାମୟିକ ସମସ୍ୟାଜନିତ ହାତକୁ ନେଇଥିବା କେତେକ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବା କାରଣରୁ ଏକ ପ୍ରକାର ମାନସିକ ଶାନ୍ତି ମିଳିବ।

**ମକର**

ଅଷ୍ଟମସ୍ଥ ଏକାଧିକ ଗ୍ରହ ଆପଣଙ୍କ ସୁଖ,ସମ୍ମାନ, ପାରିବାରିକ ଶାନ୍ତି ଓ ଆର୍ଥିକ ଅଭିବୃଦ୍ଧିକୁ ରୋକି ଦେଇପାରେ। ଭୁଲ୍ ବୁଝାମଣା ନେଇ ବନ୍ଧୁ କିମ୍ବା ସହକର୍ମୀମାନଙ୍କ ସହ ତିକ୍ତତା ସୃଷ୍ଟି ହେବା ଆଶଙ୍କା ମଧ ରହିଛି। ନୂତନ ପ୍ରକଳ୍ପାରମ୍ଭ କିମ୍ବା ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ କୌଣସି ଅସୁବିଧା ହେବ ନାହିଁ।

**କୁମ୍ଭ**

ରାହୁଙ୍କ ସ୍ଥିତି ଆପଣଙ୍କ ଚିନ୍ତାଧାରାକୁ ବଦଳାଇ ଦେଇପାରେ। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାର୍ଯ୍ୟ ସକାଶେ ତତ୍ପରତା ବୃଦ୍ଧିପାଇବ। କଳା, ସଂସ୍କୃତି ପ୍ରତି ଅନୁରାଗ ବଢ଼ିବା ସହ ବନ୍ଧୁମିଳନରୁ ଖୁସି ରହିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ମୀନ**

ଦେବଗୁରୁଙ୍କ ଶୁଭଦୃଷ୍ଟିରୁ ଚେଷ୍ଟା କରୁଥିବା କାମଗୁଡ଼ିକ ସମ୍ପନ୍ନ ହେବାରୁ ମନ ଖୁସି ହୋଇଯିବ। ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବା ସହ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଭାଦ୍ରବ ଶୁକ୍ଳପକ୍ଷର ତାଳନବମୀ ଶନିବାର, ସେପ୍ଟେମ୍ବର ୭ ତାରିଖ,ରାଶି ନକ୍ଷତ୍ର-ମୂଳା/ଧନୁ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧ ।୪୮ମି. ଗତେ ଘ୧ ।୨୮ମି. ମଧ୍ୟେ, ଘ୩।୦୦ମି. ଗତେ ଘ୪ ।୩୭ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୫୩ମି. ଗତେ ଘ୮ ।୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮ ।୪୦ମି. ଗତେ ଘ୧୦ ।୧୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




SALE

**4000 sft plot sale at Patia (Kalarahanga), Bhubaneswar. Directly buyer contact Deepak: 9937329999 (Broker Excuse).** D-66294

**Gharabari boundary plot Infocity-2 near 100ft. road side. Direct owner-8144391451.** D-66768

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

କଟକ-ଗୋପାଳପୁର ଧାକୁଲେଇପିଠରୁ **3k.m sqft.250/-,** ବାଳକାଟି ବଜାରରୁ **2k.m sqft. 550/-** ନଖରା **DPS** ପାଖରେ **750/-** ରେ ଘରବାରି ପ୍ଲଟ ମିଳୁଅଛି। **9348020724, 7978939440.** D-66769

Gita College Road ରେ 3000 sqft. ଘରବାରି plot ବିକ୍ରିହେବ। Contact: 9778928492. D-65686

ଭୁବନେଶ୍ୱର **Patia College** ରୁ **2k.m., 50'x30 = 1500sqft** କୁ **6,75,000/-** ଘରକରିବା ପାଇଁ ପ୍ଲଟ ମିଳୁଅଛି। **9937032327, 9583328312.** D-66766

Bhubaneswar- Khurda NH Pitapali Chhakରେ 30', 60' road, electric, boundaryଥାଇ plot 6,00,000/-ରେ କିଣନ୍ତୁ। Contact: 9777449397, 8917697736. D-14237

**7,50,000/-** ଟଙ୍କା ଦେଇ **1500sqft.** ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। **9040628648.** D-66775

25000 sft, 4000 sft gharabari land with boundary just 6km from Phulnakhara, Bhubaneswar-8658182243. D-66295

**21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse).** D-67376

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

**4800 sft gharabari plot for sale at Pokhariput (Near DAV School), Bhubaneswar. Contact Deepak: 9937329999.** D-66292

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-14240

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Mostly experienced highly trends male therapist for full body massage. 9938579108, 8480233423. D-67373

Ayurvedic herbal body massage trend therapist. Mob: 8018246332. D-66956

Herbal full body massage by smart / expert therapist. Contact: 8338067247. D-67379

Summer special mesmerizing offer expert therapeutic refreshing massage appointment. 9668374480. D-67380

Experience full body massage with us (expert). Call: 7377048581, 06742597822. D-67382

Full body herbal massage with refreshment expert therapist. 7381239385, 06742540855. D-67381




Contact for LED bulb/ Inverter bulb and raw material at reasonable price. LEQOND INDIA PVT. LTD. Phone: 7978628533, 7381599164. D-14238

ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117

**ASTROLOGY**

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ଧାନୀ ସାହୁ**
**ବଲାଙ୍ଗୀର, ସୁଦ୍‌ପଡା**

ଆଜି ତୋର ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା ଜଣାଉଛୁ। ତୋର ଭବିଷ୍ୟତ କୁସୁମିତ ଓ ଦୀର୍ଘାୟୁ ହେଉ, ଏହା ମା' ସମଲେଶ୍ୱରୀଙ୍କ ଠାରେ ପ୍ରାର୍ଥନା।

**ଶୁଭେଚ୍ଛା ସହ**

ବାପା: ଜିନୁ ସାହୁ, ମା': ସଙ୍ଗୀତା, ପ୍ରିୟ, ସସ୍ମିତା ଓ ଦାଦା: ମେଘନାଦ ସାହୁ (ସାମ୍ବାଦିକ)

ଧ-୧୪୨୩୫

**20th Birthday Wish**

**Barsharani Behera (Micky)**
**Kakatpur, Puri**



May Goddess Maa Mangala bless you with much happiness, a long life, good health and fulfil all your dreams. We would like to wish you a very Happy Birthday.

**Wishes By:**
**Liku, Family and Relatives**

D-14236



## ଜିଲା ଟିଠି ଜଗତ୍‌ସିଂହପୁର

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିରେ ଗାର

ଗତବର୍ଷ ଜୁନ ମାସରେ ରାଜ୍ୟ ସରକାର ୨୦ଟି ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ କରିବେ ବୋଲି ଘୋଷଣା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଏହି ତାଲିକାରୁ ଜଗତ୍‌ସିଂହପୁର ଜିଲାକୁ ବାଦ୍ ଦିଆଯାଇଥିଲା । ତେଣୁ ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଜଗତ୍‌ସିଂହପୁର ପୌର ପରିଷଦ ସଭାଗୃହରେ ଏକ ବୈଠକ ହୋଇଥିଲା । ଏଥିରେ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ବହୁ ନେତା ଓ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଥିଲେ । ରାଜ୍ୟର ୨୦ ଜିଲାରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ହେବାକୁ ଥିବାବେଳେ ଜଗତ୍‌ସିଂହପୁରକୁ କାହିଁକି ବାଦ୍ ଦିଆଗଲା ବୋଲି ସମସ୍ତେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ବୈଠକରେ ବର୍ତ୍ତମାନର ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗ ଦେଇଥିଲେ । ଦାସ ସେତେବେଳେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ଭାଜପା ନେତା ଥିଲେ । ସେହିପରି ବର୍ତ୍ତମାନର ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ପୂର୍ବତନ ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ସମେତ ବିଭିନ୍ନ ଦଳର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ବ୍ୟବସାୟୀ ଓ ସାଧାରଣ ଜନତା ଯୋଗ ଦେଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ । ନାଉଗାଁର ଏକ ପାଠାଗାର ପକ୍ଷରୁ ପଦଯାତ୍ରା କରାଯିବ ବୋଲି କୁହାଗଲା । ନିଷ୍ପତ୍ତି ମୁତାବକ ପଦଯାତ୍ରା ନାଉଗାଁରୁ ଜଗତ୍‌ସିଂହପୁର, କଟକ ଦେଇ ରାଜଧାନୀରେ ପହଞ୍ଚିଥିଲା । ଉଦ୍ଦେଶ୍ୟ ଥିଲା ନବୀନ ନିବାସ ଆଗରେ ଜିଲାବାସୀଙ୍କ ତରଫରୁ ବିକ୍ଷୋଭ ପ୍ରଦର୍ଶନ କରାଯିବ। ତତ୍କାଳୀନ ଜଗତ୍‌ସିଂହପୁର ବିଧାୟକ ତଥା କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳ ଏହାକୁ ସମର୍ଥନ କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ସ୍ଥାନୀୟ ବିଜେଡି ନେତାମାନେ ଏହାର ସମାଧାନ କରିବାକୁ ବାହାରିଥିଲେ । ସେତେବେଳେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ନେତା ଥିଲେ ତତ୍କାଳୀନ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବର୍ତ୍ତମାନର ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ । ବାଲିକୁଦା-ଏରସମା ବିଧାୟକ ଥିଲେ ପ୍ରଶାନ୍ତ କୁମାର ମୁଦୁଲି । ଦୁଇ ନେତା ସେମାନଙ୍କ ସମର୍ଥକଙ୍କ ସହ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦେଖା କରି ଜିଲାରେ ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ କରିବାକୁ ଦାବି ଜଣାଇବାକୁ ଚାହିଁଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ହୋଇ ନ ପାରିବାରୁ ସେମାନେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାବିପତ୍ର ଦେଇଥିଲେ । ଜେନା ମଧ୍ୟ ଏହି ଦାବି ଠିକ ବୋଲି ଗଣମାଧ୍ୟମ ଆଗରେ ସ୍ୱୀକାର କରିବା ସହ ଆଗାମୀ ଦିନରେ ଜଗତ୍‌ସିଂହପୁର ଜିଲାରେ ୨୧ତମ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଇତିମଧ୍ୟରେ ୧ ବର୍ଷ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିରେ ଗାର ହୋଇଛି । ଏବେ ପୁଣି ଏହି ପ୍ରସଙ୍ଗ ମୁଣ୍ଡ ଟେକିବାକୁ ଆରମ୍ଭ କଲାଣି । ଜିଲାରେ ମୋଟ ୧୫୭ ଡାକ୍ତର ପଦବୀ ମଧ୍ୟରୁ ୬୬ଟି ଖାଲିପଡିଛି । ବିଶେଷକରି ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୮ ଡାକ୍ତର ପଦବୀ ଥିବାବେଳେ ସେଥିମଧ୍ୟରୁ ୩୫ଟି ପୂରଣ ହୋଇଥିବା ରେକର୍ଡରେ ଦର୍ଶାଯାଉଛି । ବାସ୍ତବରେ ସେମାନଙ୍କ ମଧ୍ୟରୁ ୭ ଜଣ ଏସ୍‌ସିବି ମେଡିକାଲ କଲେଜକୁ ଡେପୁଟେଶନ୍‌ରେ ଯାଇଛନ୍ତି । ଜଣେ ଡାକ୍ତର ଲମ୍ବା ଛୁଟିରେ ଅଛନ୍ତି । ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଏଡିଏମ୍‌ଓ ଓ ପ୍ରଶାସନିକ ଅଧିକାରୀ ମିଶି ୪, ପାରାଦୀପ ସ୍ୱାସ୍ଥ୍ୟକେନ୍ଦ୍ରରେ ୧, କୁଜଙ୍ଗ ୪, ଏରସମା ୫, ରଘୁନାଥପୁର ୩, ବାଲିକୁଦା ୫, ମଣିଜଙ୍ଗା ୯, ନାଉଗାଁ ୨, ବିରିଡ଼ି ୨ ଓ ମଣ୍ଡାସାହିରେ ୫ ଡାକ୍ତର ପଦବୀ ଖାଲିପଡିଛି । ଏ ପରିସ୍ଥିତିରେ ଜିଲା ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ନ ରହିଲେ ସ୍ୱାସ୍ଥ୍ୟସେବା ଅଧିକ ବିଗିଡ଼ି ଯିବାର ଆଶଙ୍କା ରହିଛି ।

– ପ୍ରମୋଦ କୁମାର ନାୟକ

# ୨ ମାସ ଯାଏ ଜରିମାନା କୋହଳ

ଭୁବନେଶ୍ୱର, ୬।୯(ବ୍ୟୁରୋ)

**ଆରଟିଓଙ୍କୁ ମୌଖିକ ନିର୍ଦ୍ଦେଶ**
- ୧ ହଜାରରେ ସୀମିତ ରଖ
- ଅନ୍‌ଲାଇନ ବଦଳରେ ଅଫ୍‌ଲାଇନରେ ହୋଇ ପାରିବ ପ୍ରଦୂଷଣ ଯାଞ୍ଚ ପାଇଁ ଆବେଦନ

ସେପ୍ଟେମ୍ବର ପହିଲାରୁ ସଂଶୋଧିତ ମୋଟରଯାନ ଆଇନ ସମଗ୍ର ଦେଶରେ ଲାଗୁ କରାଯାଇଛି। ରାଜ୍ୟରେ ଏହାକୁ କଡାକଡି ଲାଗୁ କରାଯିବା ପରେ ଯାନବାହନ ଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗାଡ଼ିର କାଗଜପତ୍ର ଠିକ୍ ନ ଥିବାରୁ ଅନେକେ ଘରୁ ଗାଡି ବାହାର କରୁନାହାନ୍ତି। ଜରିମାନା ରାଶି ବଢି ଯାଇଥିବାରୁ ଲୋକମାନେ ମଧ୍ୟ ଛାନିଆ ହୋଇଯାଇଛନ୍ତି। ଏକାବେଳକେ ବିଭିନ୍ନ କ୍ଷେତ୍ର ପାଇଁ ଦଣ୍ଡ ବିଧାନ କରାଯାଉଥିବାରୁ ଜରିମାନା ରାଶି ଗାଡ଼ି ମୂଲ୍ୟରୁ ମଧ୍ୟ ଅଧିକ ହେଉଛି। କାଳେ କେଉଁଠି ଧରାପଡ଼ିବେ ସେ ନେଇ ରାସ୍ତାକୁ ଗାଡ଼ି କାଢୁ ନାହାନ୍ତି। ଜରିମାନା ରାଶିକୁ ନେଇ ବିଭିନ୍ନ ମହଲରୁ ସମାଲୋଚିତ ହେବା ପରେ ରାଜ୍ୟ ପରିବହନ ବିଭାଗ ଏହାକୁ ୧ ହଜାର ଟଙ୍କାରେ ସୀମିତ ରଖିବାକୁ ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି। ଲୋକଙ୍କଠାରୁ ଜୋରଜବରଦସ୍ତ ବିଭିନ୍ନ ଆଇନ ଦେଖାଇ ଜରିମାନା ଆଦାୟକୁ ବାରଣ କରାଯାଇଛି। ଆସନ୍ତା ୨ମାସ ପର୍ଯ୍ୟନ୍ତ ଏଭଳି କରିବାକୁ କୁହାଯାଇଛି। ଏହା କେନ୍ଦ୍ର ସରକାରଙ୍କ ଆଇନ ହୋଇଥିବାରୁ ଏଥିରେ କୌଣସି ପରିବର୍ତ୍ତନ କରିବା ସମ୍ଭବ ନୁହେଁ। ତେବେ ଲୋକଙ୍କଠାରୁ ହଠାତ ବହୁଗୁଣା ଜରିମାନା ଆଦାୟ କରାଯିବା ନେଇ ଜନଅସନ୍ତୋଷ ବଢୁଛି। ଏପରି କି ଅଟୋ ମହାସଂଘ ଏହାର ପ୍ରତିବାଦରେ ଧର୍ମଘଟକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ବିରୋଧୀ ଦଳ ଏ ନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଧମକ ଦେବା ପରେ ପରିବହନ ବିଭାଗ ପକ୍ଷରୁ ଏଭଳି ଅଲିଖିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ। ଅନ୍ୟପକ୍ଷରେ ଆସନ୍ତା ମାସକ ଯାଏ ପ୍ରଦୂଷଣ ସାର୍ଟିଫିକେଟକୁ କୋହଳ କରାଯାଇଛି। ପ୍ରଦୂଷଣ ସାର୍ଟିଫିକେଟ ଦେବା ପାଇଁ ୨୩୫ ସଂସ୍ଥାକୁ ଅନୁମତି ଦିଆଯାଇଛି। ସେଥିରୁ ୧୭୫ଟି ସଂସ୍ଥା କାମ କରୁଛନ୍ତି। ସେପ୍ଟେମ୍ବର ପହିଲାରୁ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଅନଲାଇନରେ ଆବେଦନ କରିବାକୁ କୁହାଯାଇଥିଲା । ତେବେ ଭିଡ ବଢୁଥିବାରୁ ଅଫ୍‌ଲାଇନ ମାଧ୍ୟମରେ ଅର୍ଥାତ ମାନୁଆଲ ପଦ୍ଧତିରେ ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଆବେଦନ କରାଯାଇପାରିବ। ଏ ନେଇ ସମସ୍ତ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଦୁର୍ଘଟଣାରେ ଗୁରୁତର ନବବିବାହିତଙ୍କ ମୃତ୍ୟୁ

**ଚିପିଲିମା, ୬।୯ (ଡି.ଏନ.ଏ.):** ଝାରସୁଗୁଡା ଜିଲା ଟାଉନ ଥାନା ପଞ୍ଚପଡାର ଜଣେ ନବବିବାହିତ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରମେଶ୍ୱର ରୋହିଦାସଙ୍କ ପୁଅ ଶଶି (୨୪)। ଏକ ଅଜଣା ଗାଡି ଧକ୍କାରେ ଗୁରୁତର ହୋଇ ସେ ଭିମ୍‌ସାରରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ମେଡିକାଲ ଫାଣ୍ଡି ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୮୦୨/୧୯) ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ, ସେ ଜଣେ ଦିନ ମଜୁରିଆ। ଗତ ୩୦ ତାରିଖ ଅପରାହ୍ନ ପ୍ରାୟ ୨ଟାରେ କାମ କରିବାକୁ ସାଇକଲରେ ଯାଉଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ।

## ବ୍ୟାଙ୍କ ମ୍ୟାନେଜର କହି ଟଙ୍କା ଲୁଟ୍

ବଅଁରପାଳ,୬।୯(ଡି.ଏନ.ଏ.)

ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ଜଣେ ଯୁବକଙ୍କଠାରୁ ୧୦ ହଜାର ଲୁଟ୍ ହୋଇଛି। ଲୁଟ୍ ଶିକାର ହୋଇଛନ୍ତି ନାଲ୍‌କୋ ଥାନା କନ୍ୟାବେଡା ଗ୍ରାମର ସଞ୍ଜୟ ସାହୁ। ଏ ନେଇ ସେ ନାଲକୋ ଥାନାରେ ଅଭିଯୋଗ କରିଛନ୍ତି। ସଞ୍ଜୟଙ୍କ ୟୁନାଇଟେଡ଼ ବ୍ୟାଙ୍କ କୁଲାଡ଼ ଶାଖାରେ ଆକାଉଣ୍ଟ ରହିଛି। ଅପରାହ୍ନରେ ଜଣେ ଯୁବକ ବ୍ୟାଙ୍କ ମ୍ୟାନେଜର ପରିଚୟ ଦେଇ ମୋବାଇଲ ଫୋନ ଯୋଗେ ସଞ୍ଜୟଙ୍କ ସହିତ କଥାବାର୍ତ୍ତା ହୋଇଥିଲେ। ଏଟିଏମ୍ କାର୍ଡରେ ତ୍ରୁଟି ରହିଛି ତେଣୁ ସିକ୍ରେଟ ନମ୍ବର ଦେବାକୁ ଯୁବକ ଜଣକ ସଞ୍ଜୟଙ୍କୁ କହିଥିଲେ। ସଞ୍ଜୟ ଏଟିଏମ୍ ନମ୍ବର ଦେବାର କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଶିକ୍ଷା ଦ୍ୱାରା ଦାରିଦ୍ର୍ୟକୁ ଦୂର କରିହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟର ୨୫ ଜିଲାରେ ନବଜାତ ଶିଶୁଙ୍କଠାରେ କୁପୋଷଣ ଦେଖାଯାଇଛି । ପିଲାଙ୍କ ବୟସାନୁସାରେ ଉଚ୍ଚତା ଏବଂ ଓଜନ କମ୍ ହେବା ଏକ ଚିନ୍ତାଜନକ ବିଷୟ ହୋଇଛି । ଦାରିଦ୍ର୍ୟ କାରଣରୁ ପିଲାମାନେ ଠିକ୍ ପରିମାଣର ପୁଷ୍ଟିକର ଖାଦ୍ୟ ନ ଖାଇବା ଯୋଗୁ ଶିଶୁଙ୍କ ଓଜନ ହ୍ରାସ ପାଉଛି। ଓଡ଼ିଶା ଏହି ସମସ୍ୟା ଦେଇ ଗତି କରୁଥିବାବେଳେ ଶିକ୍ଷା ମାଧ୍ୟମରେ ଦାରିଦ୍ର୍ୟକୁ ଦୂର କରିହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର ସ୍ଥାନୀୟ ଶିବାନନ୍ଦ ସେଣ୍ଟେନାରି ବାଳକ ହାଇସ୍କୁଲର ପ୍ରାୟ ସାଢେ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ଶିକ୍ଷାଦାନ ସୌଧ ଓ ଛାତ୍ରାବାସ ଲୋକାର୍ପଣ ଅବସରରେ ଧର୍ମେନ୍ଦ୍ର ଏହା କହିଛନ୍ତି। ସେ କହିଛନ୍ତି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନ୍‌ଜିସିର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧରେ ଏହା ନିର୍ମିତ ହୋଇଛି। ସାଧାରଣ ଘରର ମେଧାବୀ ପିଲାଙ୍କ ବୌଦ୍ଧିକ ଶକ୍ତି ହେଉଛି ଓଡ଼ିଶାର ପୁଞ୍ଜି । ଜଣେ ଗରିବ ଓ ସାଧାରଣ ଘର ପିଲାକୁ ପାଠ ପଢାଇବାର ସୁଯୋଗ ତିଆରି କରିବା ସମସ୍ତଙ୍କର ଦାୟିତ୍ୱ ଅଛି। ସରକାରୀ ଉଦ୍ୟମ ବିନା ସାମାଜିକ ଉଦ୍ୟମରେ ସେମାନଙ୍କୁ ପାଠ ପଢାଇବାର ଆବଶ୍ୟକତା ଅଛି । ଏହି ପରିପ୍ରେକ୍ଷୀରେ ଲୋକାର୍ପିତ ଶିବାନନ୍ଦ ସେଣ୍ଟେନାରି ବାଳକ ହାଇସ୍କୁଲ ଆଗାମୀ ଦିନରେ ରାଜ୍ୟର ପ୍ରୟୋଗଶାଳା ହେବ। ଓଡିଆ ପିଲାକୁ ଦାରିଦ୍ର୍ୟରୁ ସମ୍ପନ୍ନତା ଆଡ଼କୁ ନେଇଯିବ। ଆଜି ମଧ୍ୟ ଓଡ଼ିଶାର ପ୍ରାୟ ସବୁ ଜିଲାରେ ହାରାହାରି ହଜାର ପିଲାଙ୍କଠାରେ ସୁପୋଷଣର ଅଭାବ ରହିଛି। ନବଜାତ ଯେତେ ପରିମାଣର ପୁଷ୍ଟିକର ଖାଦ୍ୟ ଖାଇବା ଦରକାର ତାହାର ଅଭାବ ଯୋଗୁ ସେମାନଙ୍କ ଓଜନ ହ୍ରାସ ପାଉଛି । ଏସବୁର ଉତ୍ତର ସମସ୍ତଙ୍କୁ ଖୋଜି ବାହାର କରିବା ଆବଶ୍ୟକ । ଶିକ୍ଷା ଦାରିଦ୍ର୍ୟ ଦୂର କରିବାର ଚାବିକାଠି । ଯେତେବେଳେ ଶିକ୍ଷା ଆଧ୍ୟାତ୍ମିକ ଓ ନୈତିକତା ଆଧାରରେ ହେବ, ତାହା ସମାଜ ପାଇଁ କାମ ଦେବ ବୋଲି ସେ କହିଛନ୍ତି।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ୍ ପରିଚାଳନା କମିଟି ଓ ଶାନ୍ତି ପୀଠର ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା କମିଟିର ସମ୍ପାଦକ ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଯୁଗ୍ମ ସମ୍ପାଦକ ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ନୈତିକ ଶିକ୍ଷାର ପ୍ରାସଙ୍ଗିକତା ସମ୍ବନ୍ଧରେ କହିଥିଲେ। ସ୍କୁଲ୍ ପରିଚାଳନା କମିଟିର ସଭ୍ୟ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ, ରାଜୀବ ଶେଖର ସାହୁ ପ୍ରମୁଖ ଏହି ଅବସରରେ ବକ୍ତବ୍ୟ ରଖିଥିଲେ।



ନୂତନ ଶିକ୍ଷାଦାନ ସୌଧ ଲୋକାର୍ପଣ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# 'ମୋ ସ୍କୁଲ' ଯୋଜନାରେ ୧୦୦ କୋଟି ଅନୁଦାନ

ଭୁବନେଶ୍ୱର, ୬।୯(ବ୍ୟୁରୋ)

'ମୋ ସ୍କୁଲ' ଯୋଜନା ଜରିଆରେ ଅଗଷ୍ଟ ଶେଷ ସୁଦ୍ଧା ଶହେ କୋଟି ଟଙ୍କା ଅନୁଦାନ ସଂଗ୍ରହ କରାଯାଇଛି। ୨୦୦୮ ଜୁନ୍ ମାସରୁ ୨୦୧୯ ଅଗଷ୍ଟ ମାସ ମଧ୍ୟରେ ୧୪୯୫୩୬ଜଣ ପ୍ରାକ୍ତନ ଛାତ୍ରୀଛାତ୍ର ୩୩,୬୦,୦୧,୪୨୮ ଟଙ୍କା ଅନୁଦାନ କରିଛନ୍ତି। ଫଳରେ ସମୁଦାୟ ୧୦୦,୬୯,୨୪,୨୮୪ ଟଙ୍କା ସଂଗୃହୀତ ହୋଇଛି। ଏଥିରେ ମ୍ୟାଚିଂ ଗ୍ରାଣ୍ଟ ୬୭,୦୯,୨୨,୮୫୬ ଟଙ୍କା ଦିଆଯାଇଛି। ଏଥିରୁ ସମୁଦାୟ ରାଜ୍ୟର ୩୦୮ଟି ବ୍ଲକ୍‌ର ୯୯୫୦ ବିଦ୍ୟାଳୟ ପାଇଁ ୧୨,୧୦୫ ପ୍ରକଳ୍ପ ମଞ୍ଜୁର ହୋଇଛି। ନିକଟରେ ଆୟୋଜିତ ଏହି ଯୋଜନାର ୧୧ତମ ପରିଚାଳନା ବୈଠକରୁ ଏହି ସୂଚନା ମିଳିଛି। ଉକ୍ତ ବୈଠକରେ ରାଜ୍ୟର ୭୦୮ଟି ବିଦ୍ୟାଳୟରେ ୧୨୫୭ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର କରାଯାଇଛି। ଏଥିସହିତ ବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ସମସ୍ତ ପ୍ରକଳ୍ପ ପାଇଁ ମୋଟ ୬,୪୫,୩୦,୩୮୭ ଟଙ୍କା ବ୍ୟୟ କରାଯିବ। ଏହି ବୈଠକରେ ୧୦୦ ଏବଂ ୫୦ ବର୍ଷ ପୂରଣ କରିଥିବା ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ଦିବସ ଉତ୍ସବ ପାଳନ କରାଯିବା ଲାଗି ସ୍ଥିର କରାଯାଇଛି। ସହଯୋଗ ଭିତ୍ତିରେ ପୂର୍ବତନ ଛାତ୍ରୀଛାତ୍ରମାନେ ଆଗ୍ରହ ପ୍ରକାଶ କଲେ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିୟମିତ ଶିକ୍ଷାଦାନ ପରେ ଆବଶ୍ୟକମତେ ବିଦ୍ୟାର୍ଥୀଙ୍କୁ ପଢ଼ାଇପାରିବେ। ଫଳରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ତ୍ୱରାନ୍ୱିତ ହୋଇପାରିବ। ଚଳିତବର୍ଷ ରାଜ୍ୟର ୫ହଜାର ଗ୍ରାମରେ ପରୀକ୍ଷାମୂଳକ ଭାବେ ଏହି ସ୍ୱେଚ୍ଛାକୃତ ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପରବର୍ତ୍ତୀ ଖରାଛୁଟି ସମୟରେ ଏହାକୁ ରାଜ୍ୟର ସମସ୍ତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବ ବୋଲି 'ମୋ ସ୍କୁଲ' ଯୋଜନାର ସଦସ୍ୟ ସଚିବ ତଥା ଓପେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ସୂଚନା ଦେଇଛନ୍ତି। ଏହି ଯୋଜନାରେ ପୁରାତନ ବିଦ୍ୟାର୍ଥୀଙ୍କ ସହ ସ୍ଥାନୀୟ ଗୋଷ୍ଠୀ ସମୂହକୁ ସକ୍ରିୟ ଭାବେ ସମ୍ପୃକ୍ତ କରିବା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ 'ମୋ ସ୍କୁଲ' ଯୋଜନାର ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚି ମତବ୍ୟକ୍ତ କରିଛନ୍ତି।

## ରକ୍ତଭଣ୍ଡାର ପଦବୀ ପୂରଣ ଉପରେ ଓସାକ୍ସର ଗୁରୁତ୍ୱ

**ଭୁବନେଶ୍ୱର, ୬।୯ (ବ୍ୟୁରୋ):** ରକ୍ତଭଣ୍ଡାରଗୁଡ଼ିକରେ ଖାଲି ପଡ଼ିଥିବା ଲାବରେଟୋରୀ ଟେକ୍ନିସିଆନ୍, କାଉନ୍‌ସିଲର ଏବଂ ଷ୍ଟାଫ୍‌ନର୍ସ ଆଦି ପଦବୀ ନାକୋ ଗାଇଡ୍‌ଲାଇନ୍ ଅନୁଯାୟୀ ପୂରଣ କରିବାକୁ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ) ସ୍ଥିର କରିଛି। ଶୁକ୍ରବାର ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ବସିଥିବା ସମିତିର ବାର୍ଷିକ କାର୍ଯ୍ୟ ଯୋଜନା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରକ୍ତଭଣ୍ଡାର କର୍ମଚାରୀମାନଙ୍କୁ ସ୍ଥାନୀୟ ବ୍ଲଡ୍ ବ୍ୟାଙ୍କର ତାଲିକା ଅନୁଯାୟୀ ଆଞ୍ଚଳିକ ଭିତ୍ତିରେ ତାଲିମ ଦିଆଯିବ। ଏଥିସହିତ ଏଆରଟି କେନ୍ଦ୍ରର ସମୀକ୍ଷା, ନବରଙ୍ଗପୁର, ସମ୍ବଲପୁର, ପୁରୀ ଓ ଖୋର୍ଦ୍ଧାଠାରେ ନୂତନ ଟିଆଇଏସ୍‌ର କାର୍ଯ୍ୟକାରୀ ପାଇଁ ସ୍ଥିର ହୋଇଛି। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ପୁରୀ ଓ କଟକରେ ଥିବା ଓଏସ୍‌ଟି କେନ୍ଦ୍ରଗୁଡ଼ିକୁ ଡେପୁଟେସନରେ ଆସିଥିବା ଡାକ୍ତରଙ୍କ ସହାୟତାରେ ଚଳାଇବା ଲାଗି ନିଷ୍ପତ୍ତି ହୋଇଛି। ଏଚ୍‌ଆଇଭି ଆକ୍ରାନ୍ତଙ୍କ ମଧ୍ୟରେ ବଢ଼ି ଚାଲିଥିବା ଯକ୍ଷ୍ମାରୋଗ ସଂକ୍ରାନ୍ତରେ ପଦକ୍ଷେପ ନିଆଯିବ। ନିୟମିତ ବ୍ୟବଧାନରେ ଆଇଇସି କାର୍ଯ୍ୟକ୍ରମର ସମୀକ୍ଷା ସହିତ ଅପହଞ୍ଚ ଇଲାକାରେ ଥିବା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଘରୋଇ ବିଦ୍ୟାଳୟଗୁଡ଼ିକରେ କୈଶୋର ଶିକ୍ଷା ପ୍ରଦାନ ଲାଗି ପଦକ୍ଷେପ ନେବା ପାଇଁ ବୈଠକରେ ମତପ୍ରକାଶ ପାଇଛି।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ
ବାର୍ଷିକ ରକ୍ଷଣାବେକ୍ଷଣ ଠିକା ପାଇଁ ଟେଣ୍ଡର ବିଜ୍ଞପ୍ତି
ଟେଣ୍ଡର ବିଜ୍ଞପ୍ତି ନଂ.: ଟିଆରଡି-ଆର୍-୨୦୧୯- ଇ୧୨
ତାରିଖ: ୦୩।୦୯।୨୦୧୯
କାର୍ଯ୍ୟର ନାମ: ୨ ବର୍ଷ ପାଇଁ ରାୟପୁର ଡିଭିଜନର ଏସ୍‌ସିଏଡିଏ ସିଷ୍ଟମ ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ଠିକା।
ଟେଣ୍ଡର ମୂଲ୍ୟ: ₹୨୯,୭୩,୪୩୯.୭୫/-, ଇଏମ୍‌ଡି: ₹୫୯,୫୦୦/-, ଟେଣ୍ଡର ଦାଖଲ: ତା୦୧।୧୦।୨୦୧୯ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡର ଖୋଲାଯିବ: ତା୦୧।୧୦।୨୦୧୯ରିଖ ୧୨.୩୦ ଘଟିକାରେ।
ଟେଣ୍ଡର କାଗଜପତ୍ର, ଯୋଗ୍ୟତା ମାନଦଣ୍ଡର ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆରଡି)/ ଏସ୍‌ଇସିଆର୍ ରାୟପୁରଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍: www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଂ. (ଟିଆରଡି)
PR/R/TRD/AN/91 ଏସ୍.ଇ.ସି. ରେଳପଥ, ରାୟପୁର
ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ @secrail

भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
At: Argul, Post: Jatni, Khurda, Odisha, Pin: 752050
निविदा के लिए आमंत्रण / NOTICE INVITING TENDER
Sealed Tenders in prescribed format are invited from valid electrical licensed contractor or enlisted eligible contractors of CPWD /BSNL/MTNL/ MES/Railways/State Govt. of Odisha up to 3.00 P.M. on dt. 12/09/2019 for the following work.

| Name of work | Estimated cost (in Rs.) | Tender Fee (in Rs) | EMD (in Rs.) | Last date and time of receipt of tender | Date and time of opening of tender | Time period for completion of work |
|---|---|---|---|---|---|---|
| Repairing of Street Lights, Sports Lights, Surrounding Decorative lights & Solar Lights at IIT Bhubaneswar campus at Argul, Jatani. | 15,85,248/- | 500/- | 31,705/- | 12.09.2019 upto 3.00P.M | 12.09.2019 at 3.30 P.M | 45 days |

The details of tender with terms and conditions are available in IIT Bhubaneswar website www.iitbbs.ac.in.
Sd/-Superintending Engineer

GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER
सत्यमेव जयते
e-TENDER NOTICE
Online tenders are invited through e-tendering mode by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul (Odisha) on behalf of the President of India in two bid from eligible Contractors for the work whose details are given below :
(1) NIT No. : HWP/TAL/ADMN/WELFARE/GH/2019/02, Name of the Work : "Providing Catering and Hospitality Services including housekeeping in Vikrampur Guest House, D3 Transit Guest House and E-4 Transit Guest House at Heavy Water Plant, Talcher". Estimated Cost : Rs.10,96,727/-. Earnest Money : Rs.21,935/-. Period of Completion : 12 (Twelve) Months. Last date and time of submission of Bid : 25.09.2019 (14:30 hrs.).
(2) NIT No. : HWP/TAL/LAB/2019/066, Name of the Work : "Up-keeping and movement of equipment and materials of chemical Laboratory". Estimated Cost : Rs.7,73,549/-. Earnest Money : Rs.15,471/-. Period of Completion : 12 (Twelve) Months. Last date and time of submission of Bid : 25.09.2019 (14:30 hrs.).
The bid forms and other details can be obtained from the website www.tenderwizard.com/DAE.

# ମଦ୍ୟପ ଗାଡ଼ି ଚାଳକଙ୍କୁ କଡ଼ା ଛାଟ

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ରାଜ୍ୟର ୧୪ ଟୋଲ୍‌ଗେଟ୍‌ରେ ଯାଞ୍ଚ ନିର୍ଦ୍ଦେଶ
- ବ୍ରେଥ ଆନାଲାଇଜର ଟେଷ୍ଟ ସହ ହେବ ରକ୍ତ ପରୀକ୍ଷା
- ସର୍କୁଲାର ଜାରି କଲେ ଡିଜିପି

ଏଣିକି ମଦ ପିଇ ଗାଡ଼ି ଚଳାଇଲେ ଆଉ ନିସ୍ତାର ନାହିଁ। ମଦ୍ୟପ ଗାଡ଼ି ଚାଳକ ଧରାପଡ଼ିଲେ ତୁରନ୍ତ ତାଙ୍କୁ ଗିରଫ କରାଯିବ। ଏ ନେଇ ଶୁକ୍ରବାର ସନ୍ଧ୍ୟାରୁ ରାଜ୍ୟର ସମସ୍ତ ୧୪ଟି ଟୋଲ୍‌ଗେଟ୍‌ରେ ଡ୍ରାଇଭରମାନଙ୍କୁ ଯାଞ୍ଚ କରାଯିବ। ସେମାନେ ମଦ ପିଇଛନ୍ତି କି ନାହିଁ ତାହା ବ୍ରେଥ ଆନାଲାଇଜର ମାଧ୍ୟମରେ ଟେଷ୍ଟ କରାଯିବ। ଏପରି କି ଆବଶ୍ୟକ ପଡ଼ିଲେ ୨ଘଣ୍ଟା ମଧ୍ୟରେ ତାଙ୍କର ରକ୍ତ ପରୀକ୍ଷା କରାଯିବ। ଏଭଳି କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି ପୋଲିସ ଡିଜି ବିଜୟ କୁମାର ଶର୍ମା। ଏ ନେଇ ଡିଜିପି ଶୁକ୍ରବାର ଏକ ସର୍କୁଲାର ଜାରି କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତିକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ଡିଜିପି ଶର୍ମା କହିଛନ୍ତି। ମୋଟରଯାନ ଆଇନ-୧୯୯୮ର ଧାରା ୨୦୨ ଓ ୨୦୩ ବ୍ୟବସ୍ଥା ଅନୁଯାୟୀ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଗିରଫ କରିବା ସହ ଜରିମାନା ଆଦାୟ କରାଯିବା ପାଇଁ ନିୟମ ରହିଛି। ଶେରଗଡ, ପାଣିକୋଇଲି, ଢେଙ୍କିକୋଟ, ପଳାଶପଙ୍ଗା, ରାମଚନ୍ଦ୍ରପୁର, ପିପିଲି, ମାଣ୍ଡୁଣିକଣି, ରାଜଗାଙ୍ଗପୁର, ତାପଙ୍ଗ, ଲଙ୍ଗଳେଶ୍ୱର, ଶାସନ, ଅତାବିରା, ବାଲିଚନ୍ଦ୍ରପୁର, ଓ ମଙ୍ଗୁଳି ଟୋଲଗେଟ୍‌ରେ ଏହି ଯାଞ୍ଚ କରାଯିବାକୁ ଡିଜିପି ଶର୍ମା ସର୍କୁଲାର ଜାରି କରିଛନ୍ତି।

ଡିଜିପିଙ୍କ ସର୍କୁଲାରରେ ଉଲ୍ଲେଖ ରହିଛି ଯେ, ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା ମାତ୍ରେ ବ୍ରେଥ ଆନାଲାଇଜର ଟେଷ୍ଟ କରିବା ସହ ୨ଘଣ୍ଟା ମଧ୍ୟରେ ରକ୍ତ ପରୀକ୍ଷା କରାଯିବ। ସେହିଭଳି ମହିଳା ଗାଡ଼ି ଚାଳକଙ୍କ କ୍ଷେତ୍ରରେ କେବଳ ମହିଳା ଡାକ୍ତର ହିଁ ଏହି ପରୀକ୍ଷା କରିପାରିବେ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ମଦ୍ୟପ ଚାଳକଙ୍କ ଜାମିନ କରା ନ ଯାଏ ତେବେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯିବ। ଏପରି କି ତାଙ୍କୁ କୋର୍ଟରେ ହାଜର କରାଯିବା ସହ ପ୍ରମାଣ ସ୍ୱରୂପ ଟୋଲ୍‌ଗେଟ୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଦିଆଯିବ। ପ୍ରତ୍ୟେକ ବର୍ଷ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଘଟୁଥିବା ମୃତ୍ୟୁହାରକୁ ୧୦ ପ୍ରତିଶତ ହ୍ରାସ କରିବା ପାଇଁ ଏହି କମିଟି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ମଦ୍ୟପଙ୍କୁ ଧରିବା ପାଇଁ ଉପଯୁକ୍ତ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରିବା ନିମନ୍ତେ ସମ୍ପୃକ୍ତ ଜିଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ପୋଲିସ ଅଫିସରଙ୍କ ଉପସ୍ଥିତିରେ କୌଣସି ବ୍ୟକ୍ତି ମଦ୍ୟପାନ କରି ଗାଡ଼ି ଚଳାଇବାର ସନ୍ଦେହ ସୃଷ୍ଟି ହୁଏ, ତାହାଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅଟକାଇ ତାଙ୍କର ଶ୍ୱାସ ପରୀକ୍ଷା କରାଯିବ। ଏଥିସହ ଯଦି ତାଙ୍କର ୧୦୦ ମିଲି ରକ୍ତ ନମୁନାରେ ୩୦ ମିଲିଗ୍ରାମଠାରୁ ଅଧିକ ଆଲକୋହଲ ମିଳେ ଏବଂ ସେ ନିରାପଦ ଭାବରେ ଗାଡ଼ି ଚଳାଇବା ପାଇଁ ସକ୍ଷମ ନୁହଁନ୍ତି ବୋଲି ଜଣାପଡ଼େ ତେବେ ତାଙ୍କୁ ଗିରଫ କରାଯିବ। ସେହିଭଳି ଭାରତୀୟ ଦଣ୍ଡବିଧି ଆଇନ ବ୍ୟବସ୍ଥା ଅନୁଯାୟୀ ଗିରଫ କରୁଥିବା ଅଫିସର ସମ୍ପୃକ୍ତ ବ୍ୟକ୍ତିଙ୍କ ଗିରଫନାମା ପ୍ରସ୍ତୁତ କରିବେ। ଗିରଫ ସମୟରେ ଅଟକାଇ ରଖିଥିବା ଗାଡ଼ିର ଥଇଥାନ ନିମନ୍ତେ ସମ୍ପୃକ୍ତ ପୋଲିସ ଅଫିସର ଉପଯୁକ୍ତ ପଦକ୍ଷେପ ନେବେ। ଗିରଫ ହୋଇଥିବା ବ୍ୟକ୍ତି ଯଦି ଜାମିନଦାର ଦେଇ ନ ପାରିବେ, ସେମାନଙ୍କୁ ଦୁଇଜଣ ସାକ୍ଷୀଙ୍କ ଦ୍ୱାରା ଦସ୍ତଖତ ହୋଇଥିବା ଅଭିଯୋଗ ନଥିପତ୍ର ସହିତ କ୍ଷେତ୍ରୀୟ କୋର୍ଟଙ୍କୁ ଚାଲାଣ କରାଯିବ। ଗିରଫ ହେଉଥିବା ବ୍ୟକ୍ତିଙ୍କ ଠିକଣା ଓ ମୋବାଇଲ୍ ନମ୍ବର ସଂଗ୍ରହ ପାଇଁ ଚେଷ୍ଟା କରାଯିବ। ତନଖି ଫାଟକରେ ଲାଗିଥିବା ସିସିଟିଭି କ୍ୟାମେରା ମାଧ୍ୟମରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ସମସ୍ତ ଭିଡିଓ ରେକର୍ଡିଂ ସଂଗୃହୀତ କରାଯାଇ ରଖାଯିବ। ଆବଶ୍ୟକ ପଡ଼ିଲେ ତାହାକୁ କୋର୍ଟରେ ଉପସ୍ଥାପନ କରାଯିବ। ଅଟକାଇ ରଖାଯାଉଥିବା ଗାଡ଼ିର ପଥିକମାନଙ୍କ ଯାତ୍ରା ପାଇଁ ବିକଳ୍ପ ବ୍ୟବସ୍ଥା କରିବା ସହ ସେଥିରେ ବସିଥିବା ବରିଷ୍ଠ ନାଗରିକ, ମହିଳା ଓ ଶିଶୁଙ୍କ ପାଇଁ ମଧ୍ୟ ଆବଶ୍ୟକ ବ୍ୟବସ୍ଥା କରାଯିବା ନେଇ ଏହି ସର୍କୁଲାରରେ କୁହାଯାଇଛି। କେବଳ ମଦ୍ୟ ପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତିଙ୍କୁ ଯାଞ୍ଚ କରାଯିବ। ଯଦି କେହି ଅଫିସର ଉଦ୍ଦେଶ୍ୟମୂଳକଭାବେ ଅନ୍ୟ ଯାତ୍ରୀଙ୍କୁ ହଇରାଣ କରିବେ ତାହାଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ସିପି ଅଫିସରେ ଅନୁଷ୍ଠିତ ଏହି ବୈଠକରେ ଡିଜିପି ଉପରୋକ୍ତ ନିର୍ଦ୍ଦେଶନାମା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଆରଟିଓ-୧ ପ୍ରଦୀପ ମହାନ୍ତି, ଆରଟିଓ ସଞ୍ଜୟ ବେହେରା, ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
ନୟାପଲ୍ଲୀ ଶାଖା, ୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨
ଡିମାଣ୍ଡ ନୋଟିସ୍
ଆମର ନୟାପଲ୍ଲୀ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ
ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ **ପ୍ରକୃତ ଋଣଗ୍ରହୀତା: ସୌମ୍ୟ ଭୂଷଣ ମହାନ୍ତି** ମୃତକ ହେତୁ ତାହା ପ୍ରଦାନ କରାଯାଇପାରିନଥିଲା । ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀମତୀ ମୀରା ମହାନ୍ତି (ସ୍ୱ ସୌମ୍ୟ ଭୂଷଣ ମହାନ୍ତିଙ୍କ ଭଉଣୀ), ସ୍ୱାମୀ: ଶ୍ରୀ ସତ୍ୟଜିତ୍ ଦାସ, ଫ୍ଲାଟ୍ ନଂ.: ୪ଏ, ୪ର୍ଥ ମହଲା, କୁସୁମ ରେସିଡେନ୍ସି, ପ୍ଲଟ୍ ନଂ.: ୧୨୧୯, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ୨) ଶ୍ରୀମତୀ ସୀମା ମହାନ୍ତି (ସ୍ୱ ସୌମ୍ୟ ଭୂଷଣ ମହାନ୍ତିଙ୍କ ଭଉଣୀ), ଫ୍ଲାଟ୍ ନଂ.: ୪ଏ, କୁସୁମ ରେସିଡେନ୍ସି, ପ୍ଲଟ୍ ନଂ.: ୬୬, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭ | ମିଆଦୀ ଋଣ / ଟ.୪୦,୦୦,୦୦୦/- | ୦୪.୦୯.୨୦୧୯ / ୩୧.୦୮.୨୦୧୯ ସୁଦ୍ଧା ଟ. ୩୮,୪୦,୪୦୦/- + ୦୧.୦୯.୨୦୧୯ ଠାରୁ ପରବର୍ତ୍ତୀ ସୁଧ | ସ୍ୱ ସୌମ୍ୟ ଭୂଷଣ ମହାନ୍ତିଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଫ୍ଲାଟ୍ ନଂ.: ୪ଏ, ୪ର୍ଥ ମହଲା, କୁସୁମ ରେସିଡେନ୍ସି, ଖାତା ନଂ.: ୨/୯୨, ପ୍ଲଟ୍ ନଂ.: ୧୨୧୯, ଶହୀଦ ନଗର, ଭୁବନେଶ୍ୱର, ପିନ୍-୭୫୧୦୦୭ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟରେ ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି । ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ନିମ୍ନ ବନ୍ଧକପ୍ରାପ୍ତ ସମ୍ପତ୍ତି ଗୁଡ଼ିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ ।
୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ ।
୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କିମ୍ବା ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ । ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ପ୍ରକାର ବ୍ୟତିକ୍ରମ କଲେ ଏହାର ପରିଣାମ ଭୟାବହ ହେବ ।
**ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**
ସ୍ଥାନ : ଭୁବନେଶ୍ୱର, ତାରିଖ : ୦୬.୦୯.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ- ତୁମକୁ ଚେଷ୍ଟା କରିବାକୁ ହେବ- ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। -ଶ୍ରୀଅରବିନ୍ଦ



# ଏମ୍‌ଇଏ ସମ୍ମିଳନୀ ବାତିଲ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରଙ୍କ ଦ୍ୱାରା ଧାରା ୩୭୦ର ଉଚ୍ଛେଦ ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ର ଦାୟିତ୍ୱ ଓ କାର୍ଯ୍ୟ କିଛି ବଢ଼ିଯାଇଛି। ଭାରତୀୟ କୂଟନୀତିଜ୍ଞମାନେ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା କରିବାରେ ଲାଗିପଡ଼ିଥିବା ବେଳେ ଆସନ୍ତା ସପ୍ତାହରେ ଗୁଜରାଟରେ ହେବାକୁ ଥିବା ବିଭିନ୍ନ ମିଶନ୍‌ର ମୁଖ୍ୟମାନଙ୍କ ବାର୍ଷିକ ବୈଠକକୁ ମନ୍ତ୍ରଣାଳୟ ବାତିଲ କରିଦେଇଛି। ୩୭୦ ଧାରା ଉଚ୍ଛେଦ ହେବାର ଦୁଇ ସପ୍ତାହ ପରେ ଉକ୍ତ ବୈଠକକୁ ବାତିଲ କରିବାର ନିଷ୍ପତ୍ତି ନିଆଯାଇଥିଲା। ସେବେଠାରୁ ଏମ୍‌ଇଏର ଦିଗ୍‌ଗଜମାନେ ଅବଶିଷ୍ଟ ବିଶ୍ୱକୁ ଭାରତର ନିଷ୍ପତ୍ତିର ଯୁକ୍ତିଯୁକ୍ତତା ବିଷୟରେ ବୁଝାଇ ଆସୁଛନ୍ତି। ପ୍ରାୟ ସମସ୍ତ ରାଷ୍ଟ୍ରଦୂତ ଓ ଉଚ୍ଚାୟୁକ୍ତ ଏବେ ଉକ୍ତ ପ୍ରସଙ୍ଗ ଉପରେ ଅନେକ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସାମ୍ମୁଖ୍ୟରେ କୂଟନୈତିକ ଆଲୋଚନାରେ ବ୍ୟସ୍ତ। ଆହୁରି ମଧ୍ୟ ଜଣାପଡ଼ିଛି ଯେ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଯିଏ କି ଉକ୍ତ ସମ୍ମିଳନୀକୁ ଉଦ୍‌ଘାଟନ କରିବାର ଥିଲା, ସେମାନେ ସେ ସମୟରେ ଯାତ୍ରା କରୁଥିବେ। ତେବେ ଉକ୍ତ ସମ୍ମିଳନୀ ପାଇଁ ଆଉ କେବେ ସମୟ ଧାର୍ଯ୍ୟ କରାଯିବ କି ତାକୁ ପୂରାପୂରି ବାତିଲ କରିଦିଆଗଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

### ରହସ୍ୟଭରା କାର୍ଯ୍ୟକାଳ

ନିକଟରେ ନୂତନ କ୍ୟାବିନେଟ୍ ସଚିବ, ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଉତ୍ପାଦନ ସଚିବ ଏବଂ ଲୋକପାଳଙ୍କ ସଚିବଙ୍କ ଉଚ୍ଚସ୍ତରୀୟ ନିଯୁକ୍ତି ପରେ କ୍ଷମତା ଅଳିନ୍ଦକୁ ନେଇ ନୂତନ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ୧୯୮୨ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବାଙ୍କୁ ନୂତନ କ୍ୟାବିନେଟ୍ ସଚିବ କରାଯିବା ନେଇ ହୋଇଥିବା ବିଜ୍ଞପ୍ତିରେ ତାଙ୍କର କାର୍ଯ୍ୟକାଳ ଦୁଇବର୍ଷ ବୋଲି ଉଲ୍ଲେଖ କରାଯାଇଛି। କିନ୍ତୁ ପ୍ରତିରକ୍ଷା ସଚିବ, ପ୍ରତିରକ୍ଷା ଉତ୍ପାଦନ ସଚିବ ଓ ଲୋକପାଳଙ୍କ ସଚିବଙ୍କ କାର୍ଯ୍ୟକାଳ ବିଷୟରେ କିଛି ଉଲ୍ଲେଖ ନାହିଁ। ତେବେ ଏଥିରେ କିଛି ଗୁରୁତ୍ୱ ଅଛି କି ନା ସେ ନେଇ ବାବୁ-ନିରୀକ୍ଷକମାନେ ସନ୍ଦେହରେ ଅଛନ୍ତି। ପର୍ଯ୍ୟବେକ୍ଷକମାନଙ୍କ ମତରେ ଗୌବାଙ୍କୁ କ୍ୟାବିନେଟ ସଚିବ ଭାବେ ନିଯୁକ୍ତି ମିଳିବ ବୋଲି ଆଶା କରାଯାଉଥିଲା ଏବଂ ତ୍ରୁଟିଶୂନ୍ୟଭାବେ ସରକାରଙ୍କ ୩୭୦ ଧାରା ଉଚ୍ଛେଦ ଯୋଜନାକୁ କାର୍ଯ୍ୟକାରୀ କରିଥିବାରୁ ତାଙ୍କୁ ଏହି ପୁରସ୍କାର ମିଳିଲା ବୋଲି କୁହାଯାଉଛି। ନୂତନ ପ୍ରତିରକ୍ଷା ସଚିବ ଅଜୟ କୁମାରଙ୍କୁ ତାଙ୍କ ପୂର୍ବସୂରିଙ୍କ ଧାରାରେ ନିଯୁକ୍ତି ଦିଆଯାଇଥିବା ପରି ମନେହେଉଛି। ସଞ୍ଜୟ ମିତ୍ରଙ୍କୁ ମଧ୍ୟ ଦୁଇବର୍ଷ ପାଇଁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଅବସର ଓ ଅବଧିରେ ଥିବା ଫାଙ୍କ ପୂରଣ ପାଇଁ ଏହା ତାଙ୍କୁ ସାହାଯ୍ୟ କରିପାରି ନ ଥିଲା। ତେବେ କୁମାର ଅକ୍ଟୋବର ୨୦୨୨ରେ ଅବସର ନେବାର ଅଛି। ତେଣୁ ଅବସର ପର୍ଯ୍ୟନ୍ତ ତିନିବର୍ଷରୁ ଅଧିକ ସେ ପ୍ରତିରକ୍ଷା ସଚିବ ପଦରେ ରହିବେ କି ନାହିଁ, ସେ ନେଇ ବାବୁମାନେ ସନ୍ଦେହ ପ୍ରକାଶ କରିଛନ୍ତି। କାର୍ଯ୍ୟକାଳ ସମ୍ପର୍କରେ ସ୍ପଷ୍ଟ ନ କରି ସରକାର ନାନା ପ୍ରକାର କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଛନ୍ତି। ପ୍ରତିରକ୍ଷା ଉତ୍ପାଦନ ବିଭାଗର ନୂତନ ସଚିବ ସୁଭାଷ ଚନ୍ଦ୍ରଙ୍କ ଚାକିରି ଆଉ ମାତ୍ର ଚାରିମାସ ବାକି ଅଛି। ତେଣୁ ଡିସେମ୍ବର ୨୦୧୯ ପରେ ସରକାର ତାଙ୍କୁ ପୁନର୍ନିଯୁକ୍ତି ଦେବେ କି ନା ସେ ନେଇ ବାବୁମାନେ ସନ୍ଦେହରେ ପଡ଼ିଛନ୍ତି।

### ଶାସ୍ତିଜନିତ ବଦଳି

ଦକ୍ଷିଣ ରେଳପଥର ଚିଫ୍ ମେକାନିକାଲ ଇଞ୍ଜିନିୟର ଶୁଭ୍ରାଂଶୁଙ୍କୁ ସରକାର ହଠାତ୍ ବିହାରକୁ ବଦଳି କରିଦେଇଛନ୍ତି। ଏକ ପ୍ରଶାସନିକ ମାମଲାରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇଥିବାରୁ ଉପରିସ୍ଥଙ୍କ ରୋଷର ଶିକାର ହୋଇ ସେ ଏପରି ବଦଳିର ସମ୍ମୁଖୀନ ହେଲେ ବୋଲି କୁହାଯାଉଛି। ବଦଳି ପୂର୍ବରୁ ଭାରତର ପ୍ରଥମ ସେମିହାଇସ୍ପିଡ୍ 'ଟ୍ରେନ୍ ୧୮' ବା ପରେ 'ବନ୍ଦେ ଭାରତ ଏକ୍ସପ୍ରେସ୍' ଭାବେ ପୁନର୍ନାମିତ ଟ୍ରେନ୍‌ର ଡିଜାଇନ ଓ ବିକାଶ ପାଇଁ ତାଙ୍କର ଖୁବ୍ ପ୍ରଶଂସା କରାଯାଉଥିଲା। କିନ୍ତୁ ଯେତେବେଳେ ସେ ପାଣ୍ଠି ଅଭାବରୁ ଅନେକ ଟ୍ରେନ୍‌ରେ ଅନ୍‌ବୋର୍ଡ ହାଉସ୍‌କିପିଙ୍ଗ୍ ସର୍ଭିସ୍‌କୁ ବନ୍ଦ କରିଦେବାକୁ ଆଦେଶ ଦେଲେ ତାହା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦେହରେ ଯାଇ ନ ଥିଲା। ପ୍ରାପ୍ତ ସୂଚନା ଅନୁସାରେ ରେଳ କଣ୍ଟ୍ରାକ୍ଟରମାନଙ୍କୁ ଟଙ୍କା ଦେବା ପାଇଁ ପାଣ୍ଠିର ଅଭାବ କଥା ଯେତେବେଳେ ପଦାକୁ ଆସିଲା, ସେତେବେଳେ ରେଳ ମନ୍ତ୍ରଣାଳୟ ତତ୍କାଳ କିଛି ପାଣ୍ଠି ଯୋଗାଇଦେଲେ ଏବଂ ଏହାକୁ ନେଇ ନକାରାତ୍ମକ ପ୍ରଚାର ବାବୁଙ୍କ ପାଇଁ କାଳ ହେଲା। କୌତୂହଳର କଥା ହେଲା ଶୁଭ୍ରାଂଶୁଙ୍କ ମତକୁ ଦକ୍ଷିଣ ରେଳପଥର ଜେନେରାଲ ମ୍ୟାନେଜର ରାହୁଲ ଜୈନ ସମର୍ଥନ କରିଥିଲେ। ସେ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ସତର୍କ କରାଇ ଦେଇଥିଲେ ଯେ ଯଥାସମୟରେ ଯଥେଷ୍ଟ ପାଣ୍ଠି ଯୋଗାଇ ନ ଦେଲେ ଯାତ୍ରୀମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ପ୍ରତ୍ୟାହାର କରି ନିଆଯିବ। ତେବେ ପାଣ୍ଠି ଯୋଗାଣ ଓ ଶୁଭ୍ରାଂଶୁଙ୍କ ବଦଳି ଏକ ସମୟରେ ହୋଇଥିବା ଜଣାପଡ଼ିଛି।

Email: dilipcherian@gmail.com

# ତଥାପି ବଞ୍ଚିଛି ମାନବିକତା

ଡ. ରମେଶ ଚନ୍ଦ୍ର ପରିଡ଼ା

ମଣିଷ କ୍ରମେ ଅଧିକରୁ ଅଧିକ କ୍ରୂର ହୋଇଚାଲିଛି। ଫଳରେ ବଢ଼ି ବଢ଼ି ଚାଲିଛି ଯୁଦ୍ଧ ଘନଘଟା, ଅପରାଧ, ଆତଙ୍କବାଦ ଭଳି ବିବିଧ ଅପକର୍ମ ଏବଂ ବ୍ୟକ୍ତିଗତ ସ୍ତରରେ ହତ୍ୟା, ବଳାତ୍କାର, ଚୋରି, ଡକାୟତି ଇତ୍ୟାଦି। ତାହା ଘଟାଇଚାଲିଛି ବିପୁଳ ଧନଜୀବନର ଅପଚୟ। ମାନବ ସମାଜର ଭବିଷ୍ୟତ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ। କୁହାଯାଏ, ମଣିଷ ମଣିଷ ଭିତରେ ଭ୍ରାତୃଭାବର ଉଦ୍ରେକ ହିଁ ପରିବାର ଓ ସମାଜ ଗଠନରେ ସହାୟକ ହୋଇଥିଲା, ଯାହାକି ତାକୁ ଅନ୍ୟ ସମସ୍ତ ଜୀବଜନ୍ତୁଙ୍କଠାରୁ ଭିନ୍ନ ଏବଂ ଏକ ଉନ୍ନତ ତଥା 'ବୁଦ୍ଧିମାନ ଜୀବ'ରେ ପରିଣତ କଲା। ତା'ର ଏହି ମନୋଭାବ ହିଁ ହେଲା ମାନବିକତା ବା ମଣିଷପଣିଆ। ପରସ୍ପର ପ୍ରତି ଶ୍ରଦ୍ଧା, ଦୟା, କ୍ଷମା ଓ ବିଶ୍ୱାସ ପ୍ରକଟ କରି ଭଲମନ୍ଦ ବିଚାର କରି କାର୍ଯ୍ୟଟିଏ କରିବା, ସାମୂହିକ ଭାବେ ସମସ୍ତଙ୍କ ମଙ୍ଗଳକାମନା ଭଳି ସକାରାତ୍ମକ ମାନସିକତା ଏହାର ଅନ୍ତର୍ଭୁକ୍ତ। ଏଣୁ ମଣିଷଠାରେ କ୍ରମେ ଏସବୁର ଅବକ୍ଷୟ ଘଟିଚାଲିବା ଏବେ ଚିନ୍ତାର କାରଣ ହୋଇଛି।

ଏହା ଭିତରେ ମଧ୍ୟ ମାନବିକତା ତଥାପି ଯେ ବଞ୍ଚିରହିଛି, ତାହାର ଅନେକ ଛୋଟ ବଡ଼ ଦୃଷ୍ଟାନ୍ତ ମିଳିଥାଏ ଆମର ବିବିଧ କାର୍ଯ୍ୟକଳାପରୁ। ସେଥିପାଇଁ କୌଣସିଠାରେ ବଡ଼ଧରଣର ପ୍ରାକୃତିକ ବିପର୍ଯ୍ୟୟଟିଏ ଘଟିଗଲେ, ସମସ୍ତ ସଂକୀର୍ଣ୍ଣ ସ୍ୱାର୍ଥର ଊର୍ଦ୍ଧ୍ୱକୁ ଯାଇ ସ୍ୱତଃ ଛୁଟିଆସେ ଅଗଣିତ ସାହାଯ୍ୟ ଏବଂ ସହାନୁଭୂତିର ସୁଅ। ସମ୍ଭବତଃ ଏହା ଏବେ ବି ବିପର୍ଯ୍ୟୟରୁ ସମାଜକୁ ରକ୍ଷା କରିଆସୁଛି। ବ୍ୟକ୍ତିଗତ ସ୍ତରରେ ମଧ୍ୟ ଅନେକ ସମୟରେ ଏଭଳି 'ଭ୍ରାତୃଭାବ'ର ପ୍ରତିଫଳନ ଘଟିଥାଏ। ସେଥିପାଇଁ ଦୁର୍ଘଟଣାଗ୍ରସ୍ତ ହୋଇଥିବା କିମ୍ବା ଅନ୍ୟ କୌଣସି ବିପଦରେ ପଡିଥିବା ବ୍ୟକ୍ତିକୁ ଆମେ ସ୍ୱତଃସ୍ଫୂର୍ତ୍ତଭାବେ ସହାୟତାର ହାତ ବଢ଼ାଇଥାଉ। ଏହା ପଛରେ ନ ଥାଏ ସ୍ୱାର୍ଥ କିମ୍ବା ସେ ପ୍ରକାର ଅନ୍ୟ କୌଣସି ବିଚାର। ବସ୍ କିମ୍ବା ଅଟୋ ବା ରେଳରେ ଯାଉଥିବା କେତେକ ଯାତ୍ରୀ ଅଥବା ହୋଟେଲ ବା ଦୋକାନକୁ ଆସିଥିବା କୌଣସି ଗ୍ରାହକ ଅସାବଧାନତାବଶତଃ ଛାଡ଼ିଯାଉଥିବା ଯଥେଷ୍ଟ ଟଙ୍କା ବା ମୂଲ୍ୟବାନ ପଦାର୍ଥ ଥିବା ପର୍ସ ବା ବ୍ୟାଗକୁ ଏହାର କର୍ମଚାରୀମାନେ ଫେରସ୍ତ କରିଦେଉଥିବା ନେଇ ଏବେ ଘନ ଘନ ମିଳୁଥିବା ଖବର ଏହାର ଏକ ଉଜ୍ଜ୍ୱଳ ଉଦାହରଣ। ଅନେକ ସ୍ଥଳେ ଏହି କର୍ମଚାରୀମାନେ ନିମ୍ନ ଆୟକାରୀ ହୋଇଥିଲେ ମଧ୍ୟ ତହିଁରେ ଥିବା ଅର୍ଥ ସେମାନଙ୍କୁ ପ୍ରଲୁବ୍ଧ କରୁନାହିଁ। ଅନ୍ୟାନ୍ୟ ବହୁ କ୍ଷେତ୍ରରେ ମଧ୍ୟ ଏଭଳି ଭୂରି ଭୂରି ଉଦାହରଣମାନ ରହିଛି। ଏହା ମଣିଷର ଏକ ସହଜାତ ପ୍ରବୃତ୍ତି ବୋଲି ମତ ଦେଇଛନ୍ତି ମିଚିଗାନ ବିଶ୍ୱବିଦ୍ୟାଳୟର ଗବେଷକ ଆଲେନ କୋହେନ ଏବଂ ତାଙ୍କ ସହଯୋଗୀମାନେ। ନିକଟରେ ଗବେଷଣା ପତ୍ରିକା ସାଇନ୍ସର ଜୁନ୍ ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସିଭିକ୍ ଅନେଷ୍ଟି ଆରାଉଣ୍ଡ ଦ ୱାର୍ଲଡ' ଶୀର୍ଷକ ନିବନ୍ଧରେ ସେମାନେ ସୂଚାଇଛନ୍ତି ଯେ, ଅନେକ କ୍ଷେତ୍ରରେ ଭ୍ରାତୃଭାବ ଏବଂ ନିଜକୁ ଚୋରଟିଏ ରୂପେ ଦେଖିବା ପ୍ରତି ବିରାଗଭାବ ଅର୍ଥନୈତିକ ଲାଭର ଊର୍ଦ୍ଧ୍ୱକୁ ଯାଇଥାଏ। ତାହା ଆମକୁ ସହାନୁଭୂତିଶୀଳ ଏବଂ ସାଧୁତା ପ୍ରଦର୍ଶନ କରିବାକୁ ପ୍ରରୋଚିତ କରେ।

କୋହେନଙ୍କ ନେତୃତ୍ୱରେ ଗବେଷଣା ଚଳାଇଥିବା ଗବେଷକ ଦଳ ଦ୍ୱାରା ଅନୁଷ୍ଠିତ ଏହି ଅଧ୍ୟୟନର ଅନ୍ତର୍ଭୁକ୍ତ ଥିଲା ବିଶ୍ୱର ୪୦ଟି ଦେଶର ୩୫୫ଟି ନଗର ଏବଂ ୧୭,୦୦୦ ଲୋକ। ଅର୍ଥନୀତି ଓ ମନସ୍ତତ୍ତ୍ୱର ଅନ୍ତଃକ୍ରିୟାକୁ ନେଇ ଅଦ୍ୟାବଧି କରାଯାଇଥିବା ବ୍ୟାପକ ଅଧ୍ୟୟନ ମଧ୍ୟରୁ ଏହା ଥିଲା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଛି ସୁପ୍ରସିଦ୍ଧ ଅର୍ଥନୈତିକ ପତ୍ରିକା 'ଦ ଇକୋନୋମିଷ୍ଟ'। ଏଥିରେ ସ୍ୱେଚ୍ଛାସେବୀମାନଙ୍କୁ କୁହାଯାଉଥିଲା ବିଭିନ୍ନ ବ୍ୟାଙ୍କ, ହୋଟେଲ, ରେଳଷ୍ଟେଶନ ଆଦି ସର୍ବସାଧାରଣ ସ୍ଥାନରେ ପର୍ସଟିଏ ଲେଖାଏ ଫିଙ୍ଗି ଦେଇ ଆସିବାକୁ। ତହିଁରୁ କେତେକରେ ଆଦୌ କିଛି ଅର୍ଥ ନ ଥିଲା ବେଳେ ଅନ୍ୟ କେତେକରେ ତାହା କମ୍ କିମ୍ବା ବେଶି ଥିଲା। ପୁନଶ୍ଚ ଯଥେଷ୍ଟ ଅର୍ଥ ସହିତ କିଛି ଚାବି, ଜାଲ୍ ବ୍ୟାଙ୍କ କାର୍ଡ କିମ୍ବା ପରିଚୟ ପ୍ରମାଣପତ୍ର ମଧ୍ୟ ରଖାଯାଉଥିଲା ଆଉ କେତେକରେ। ଆଶା କରାଯାଉଥିଲା ଯେ ଅଧିକ ଅର୍ଥ ଥିବା ପର୍ସଗୁଡ଼ିକ ପାଉଥିବା ଲୋକେ ଲୋଭର ବଶବର୍ତ୍ତୀ ହୋଇ ତାହା ଫେରାଇବାକୁ କୁଣ୍ଠିତ ହେବେ। କିନ୍ତୁ ଫଳ ମିଳିଲା ଠିକ୍ ଓଲଟା। ଦେଖାଗଲା ଯେ ଖାଲି କିମ୍ବା କମ୍ ଅର୍ଥ ଥିବା ପର୍ସ ଫେରାଇବାରେ କେହି ଆଗ୍ରହ ଦେଖାଇଲେ ନାହିଁ। ଅନ୍ୟପକ୍ଷରେ ଅଧିକ ଅର୍ଥ ଥିବା ଏବଂ ବିଶେଷକରି ସେଥିସହିତ ଚାବି ଓ ଦରକାରୀ କାଗଜପତ୍ର ଥିବା ପର୍ସ ଫେରାଇବା ପାଇଁ ପ୍ରକାଶ ପାଉଥିଲା ଅଧିକ ତତ୍ପରତା। ଅତଏବ ସେମାନେ ଯଥାଶୀଘ୍ର ସମ୍ଭବ ଏହା ହଜାଇଥିବା ଲୋକଙ୍କୁ କିମ୍ବା ନିକଟସ୍ଥ ପୋଲିସ ଷ୍ଟେଶନକୁ ଏ ସମ୍ପର୍କରେ ସୂଚନା ଦେଉଥିଲେ।

ଏଥିପୂର୍ବରୁ (୨୦୧୭ରେ) ଏହି ଗବେଷକଙ୍କ ଦ୍ୱାରା ବିଭିନ୍ନ ଦେଶରେ ସାଧୁତାର ମାପକାଠି ନାମକ ଅନୁଧ୍ୟାନଟିଏ କରାଯାଇଥିଲା। ଅଲଗା ଅଲଗା ଦେଶର ଲୋକଙ୍କଠାରେ ଏ ପ୍ରବୃତ୍ତିର ତାରତମ୍ୟ ଯଥେଷ୍ଟ ବୋଲି ସେଥିରୁ ଜଣାପଡ଼ିଥିଲା। ଉଦାହରଣସ୍ୱରୂପ ସୁଇଜରଲାଣ୍ଡ, ନରୱେ ଭଳି ଦେଶରେ ଲୋକଙ୍କ ସାଧୁତାର ମାନଦଣ୍ଡ ସର୍ବୋଚ୍ଚ (୭୦%) ହେଲାବେଳେ ଚାଇନାରେ ସର୍ବନିମ୍ନ (୧୦%)। ତେବେ ଅଧିକ ଅର୍ଥ ବା ସେଥିସହିତ ଦରକାରୀ କାଗଜପତ୍ର ଥିବା ପର୍ସ ଫେରାଇବା କ୍ଷେତ୍ରରେ ଏ ପ୍ରଭେଦ ଖୁବ୍ ସଂକୀର୍ଣ୍ଣ। ପ୍ରାୟ ସବୁ ଦେଶରେ ଏହା ଥିଲା ୫୧ରୁ ୭୧ ଶତାଂଶ ମଧ୍ୟରେ। ଅତଏବ ଅର୍ଥନୈତିକ ମାନଦଣ୍ଡ, ଶିକ୍ଷା, ଲୋଭ ଆଦିର ପ୍ରଭାବ ଏହା ଉପରେ ବିସ୍ମୟକର ଭାବେ କମ୍ ବୋଲି ମନେହୁଏ।

କୋହନ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ଅନୁଷ୍ଠିତ ଏହି ପରୀକ୍ଷାଟି ଥିଲା ଅତ୍ୟନ୍ତ ବ୍ୟୟବହୁଳ। କାରଣ ଏଥିରେ ନିୟୋଜିତ ହୋଇଥିଲା ୬,୦୦,୦୦୦ ଡଲାର ଏବଂ ୧୭,୦୦୦ଟି ପର୍ସ। ତେବେ ତହିଁରୁ ବାହାରିଥିବା ଫଳାଫଳ ଏପରିକି ମନସ୍ତତ୍ତ୍ୱବିତ୍‌ଙ୍କୁ ବିସ୍ମିତ କରିଛି। ସେମାନେ ଏହାକୁ ନାନାପ୍ରକାର ବ୍ୟାଖ୍ୟା କରୁଛନ୍ତି। ତାଙ୍କ ମଧ୍ୟରୁ କେତେକଙ୍କ ମତରେ ସବୁ ମଣିଷ ଭିତରେ ଲୁକ୍କାୟିତ ରହିଛି କିଛି କିଛି ମାନବିକତା। ତାହା ଆମ ଜନ୍ମଗତ ପ୍ରବୃତ୍ତି ଏବଂ ସମ୍ଭବତଃ ଆମ ଜିନୀୟ ବ୍ୟବସ୍ଥା ସହିତ ସମ୍ପୃକ୍ତ। ଅବଶ୍ୟ ପରିବେଶ ଓ ପରିସ୍ଥିତି ଏହାର ପ୍ରଭାବକୁ କ୍ଷୁଣ୍ଣ କରିଥାଏ। ତାହା ହିଁ ମଣିଷଠାରେ କ୍ରୂରତା ବଢ଼ାଇବା ସହିତ ତାକୁ ଅସାମାଜିକ କାର୍ଯ୍ୟ କରିବାକୁ ପ୍ରରୋଚିତ କରୁଛି। ତେବେ ସବୁ ପରିସ୍ଥିତିରେ ଏବଂ ସବୁବେଳେ ତା' ମନରେ ଅର୍ଥ ଲାଭ ବା ସ୍ୱାର୍ଥର ବିଚାର ନ ଥାଏ। ବିବର୍ତ୍ତନୀୟ ଜୀବବିଜ୍ଞାନୀମାନେ ଯାକୁ ହିଁ ଭ୍ରାତୃଭାବ ବା ଅଲଟ୍ରୁଇଜ୍‌ମ ବୋଲି କହୁଛନ୍ତି। ମହୁମାଛି ବା ପିମ୍ପୁଡ଼ିଙ୍କଠାରୁ ଆରମ୍ଭକରି ଦଳଗତ ଜୀବନ ବିତାଉଥିବା ମଣିଷ ସମେତ ଅନେକ ଜୀବଙ୍କଠାରେ ଏହା ଦେଖାଯାଏ।

ମଣିଷଠାରେ ଏ ପ୍ରବୃତ୍ତିର ବିବର୍ତ୍ତନୀୟ ପ୍ରଭାବ ରହିଥିବା ଚିନ୍ତାଧାରାର ଅନ୍ୟତମ ପ୍ରମୁଖ ପ୍ରବର୍ତ୍ତକ ହେଲେ ଡ. ଡବ୍ଲ୍ୟୁ.ଡି. ହାମିଲଟନ୍ (୧୯୩୬-୨୦୦୦)। ତାଙ୍କ ମତରେ ପ୍ରାଗୈତିହାସିକ କାଳରୁ ଏହା ତାଙ୍କୁ ଜୀବନ ସଂଗ୍ରାମକୁ ସମୂହ ଭାବେ ଲଢ଼ିବା ଏବଂ ସେଥିରେ ସଫଳତା ଅର୍ଜନ କରିବାରେ ସହାୟତା କରିଆସିଛି। ଏଣୁ ଏହା କେବଳ ଜିନୀୟ ହୋଇ ନ ପାରେ। ପରିବେଶ ଓ ପରିସ୍ଥିତି ମଧ୍ୟ ଏ ପ୍ରବୃତ୍ତିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏପରି ସ୍ଥଳେ ବର୍ତ୍ତମାନର ବସ୍ତୁବାଦୀ ଦୁନିଆରେ ସ୍ୱାର୍ଥସାଧନ ପାଇଁ ମଣିଷ କ୍ରୂର ହେବା, ସନ୍ତ୍ରାସବାଦ, ନରହତ୍ୟା ଓ ବଳାତ୍କାରକୁ ଆପଣାଇବାର ବିକୃତ ମାନସିକତା ବୃଦ୍ଧି ପାଉଥିଲେ ହେଁ ତା' ମଧ୍ୟରେ ମାନବିକତା ବଞ୍ଚିରହିଛି ଏବଂ ବଞ୍ଚିରହିବ। ତାହାକୁ କେବଳ ଉଦ୍ଦୀପିତ କରିବାର ପରିବେଶ ସୃଷ୍ଟି କରାଯାଇପାରିଲେ ତାହାର ପରିପ୍ରକାଶ ଘଟିପାରିବ ଅଧିକ ବ୍ୟାପକ ଭାବେ ଏବଂ ଶକ୍ତିଶାଳୀ ରୂପେ। ଚାଲନ୍ତୁ ଆମେ ଏହାର ସାଧନରେ ବ୍ରତୀ ହେବା।

ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ-୯୯୩୭୯୮୫୭୬୬

# ବିପଦକୁ ଠେଲି ଦେଉଛି ରିଜର୍ଭ ବ୍ୟାଙ୍କ

ଡ. ଭରତ ଝୁନ୍‌ଝୁନ୍‌ୱାଲା

ଜଣେ ବ୍ୟବସାୟୀ ଉପାର୍ଜନ କରୁଥିବା ଅର୍ଥରୁ କିଛି ଅଂଶ ବ୍ୟାଙ୍କରେ ସ୍ଥାୟୀଜମା ଭାବେ ସଞ୍ଚୟ କରେ। ଏହା ବ୍ୟତୀତ ଆୟର କିଛି ଅଂଶକୁ ସୁରକ୍ଷିତ ଜାଗା କିମ୍ବା ସୁନା କିଣିବାରେ ବିନିଯୋଗ କରି ପରୋକ୍ଷରେ ଗଚ୍ଛିତ ରଖେ। ଏହା ହିଁ ତାଙ୍କର ବଳକା ବା ସଞ୍ଚିତ ଅର୍ଥ। ଜୀବନରେ ଯେବେ କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏହା ତାଙ୍କ କାମରେ ଲାଗେ। ଏହା ବ୍ୟତୀତ ଲାଭାଂଶରୁ ଆଉ ଯାହା ରହେ ସେଥିରେ ସେ ଘର ଖର୍ଚ୍ଚ କିମ୍ବା ନୂଆ ବ୍ୟବସାୟିକ ପ୍ରତିଷ୍ଠାନରେ ବିନିଯୋଗ କରେ। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) କ୍ଷେତ୍ରରେ ବି ଏମିତି ବ୍ୟବସ୍ଥା ପରିଲକ୍ଷିତ ହୁଏ। ଏହା ମଧ୍ୟ ଲାଭ ପାଏ। ଏହି ଲାଭାଂଶରୁ କେତେ ସଞ୍ଚିତ ହିସାବରେ ରହିବ ଆଉ କେତେ ସରକାରଙ୍କୁ ଦିଆଯିବ ତାହା ଆର୍‌ବିଆଇ ସ୍ଥିର କରିଥାଏ। ଏହିପରି ରିଜର୍ଭ ବ୍ୟାଙ୍କରେ ସଞ୍ଚିତ ଅର୍ଥ ଭାବେ ଯେଉଁ ଲାଭାଂଶ ଜମା ହୋଇ ରହିଥାଏ ତାହା ସରକାରଙ୍କୁ ପ୍ରଦାନ କରାଯାଏ।

କହିବାକୁ ଗଲେ ଏହି ସଞ୍ଚିତ ଅର୍ଥ ଦେଶର ଅର୍ଥନୈତିକ ସଙ୍କଟ ସମୟରେ ଦରକାର ପଡ଼େ। ଏହାକୁ ରିଜର୍ଭ ବ୍ୟାଙ୍କ୍ ଉପଯୋଗ କରି ଦେଶର ଅର୍ଥନୈତିକ ସଙ୍କଟ ଟାଳିବାରେ ସାହାଯ୍ୟ କରେ। ଏଠାରେ ଏକ ଉଦାହରଣ ଦିଆଗଲେ ସହଜରେ ବୁଝିହେବ। ଧରାଯାଉ କୌଣସି ରାଷ୍ଟ୍ର ସହ ଭାରତର ଯୁଦ୍ଧ ହେଲା। ସେହି ସମୟରେ ତୈଳ ଇନ୍ଧନର ଅଭାବ ଦେଖାଦେବ। ଏହାକୁ ଭରଣା କରିବାକୁ ବିଦେଶରୁ ତେଲ ଆମଦାନି କରିବାକୁ ପଡିବ। କିନ୍ତୁ ଯୁଦ୍ଧ ଯୋଗୁ ସେତେବେଳେ ଦେଶ ପାଖରେ ଆବଶ୍ୟକ ବୈଦେଶିକ ମୁଦ୍ରା (ଡଲାର)ନ ଥିବ। ସେହି କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କରେ ଥିବା ଗଚ୍ଛିତ ବୈଦେଶିକ ମୁଦ୍ରା ତୈଳ ଆମଦାନି କରିବାରେ ସାହାଯ୍ୟ କରିବ।

ରିଜର୍ଭ ବ୍ୟାଙ୍କ ପ୍ରତିବର୍ଷ ଯାହା ଲାଭ କରେ ସେଥିରୁ କିଛି ସଞ୍ଚିତ ଅର୍ଥ ଆକାରରେ ୨୦୧୩ ଯାଏ ରଖିଆସୁଥିଲା। ୨୦୧୩ରେ ରିଜର୍ଭ ବ୍ୟାଙ୍କ ପାଖରେ ସଞ୍ଚିତ ଅର୍ଥ ଥିଲା ୨୭,୦୦୦ କୋଟି। ୨୦୧୨ରେ ଏହା ଥିଲା ୨୮,୦୦୦ କୋଟି। କିନ୍ତୁ ୨୦୧୪ରୁ ରିଜର୍ଭ ବ୍ୟାଙ୍କ ଆଉ ତା'ର ଲାଭାଂଶରୁ ସଞ୍ଚିତ ଅର୍ଥ ରଖିନାହିଁ।

ସମ୍ପ୍ରତି ଦେଶରେ ରିଜର୍ଭ ବ୍ୟାଙ୍କରେ ଥିବା ସଞ୍ଚିତ ଅର୍ଥକୁ ନେଇ ଦେଖାଦେଇଥିବା ବିବାଦ ସମ୍ପର୍କରେ ବିଚାର କରିବା। ୨୦୧୯ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରିଜର୍ଭ ବ୍ୟାଙ୍କ ୧.୨୬ ଲକ୍ଷ କୋଟି ଟଙ୍କା ଲାଭ ପାଇଛି ଓ ପୂରା ରାଶିକୁ ସରକାରଙ୍କୁ ପ୍ରଦାନ କରିଛି। ଗୋଟେହେଲେ ଟଙ୍କା ବଳକା ରଖିନାହିଁ। କେବଳ ଏତିକି ନୁହେଁ, ଆର୍‌ବିଆଇ ଏହାର ପୂର୍ବତନ ଗଭର୍ନର ବିମଳ ଜଲାନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲା। ରିଜର୍ଭ ବ୍ୟାଙ୍କ ନିକଟରେ ସର୍ବନିମ୍ନ କେତେ ପରିମାଣର ସଞ୍ଚିତ ଅର୍ଥ ରହିବା ଉଚିତ ତାହା ସୁପାରିଶ କରିବା ଲାଗି ଏହି କମିଟି ଗଠନ କରାଯାଇଥିଲା। କମିଟି ସୁପାରିସ କରିଥିଲା ଯେ, ଆର୍‌ବିଆଇ ତା' ଆସେଟ୍‌ର ୨୪.୫ରୁ ୨୦.୦ ପ୍ରତିଶତ ମଧ୍ୟରେ ସଞ୍ଚିତ ରଖିପାରିବ। ୨୦୧୯ ଜୁନ୍ ସୁଦ୍ଧା ତା' ଆସେଟ୍‌ର ୨୩.୩ ପ୍ରତିଶତ ସଞ୍ଚିତ ଥିଲା। ଜଲାନ କମିଟି ଦେଇଥିବା ପ୍ରସ୍ତାବ ଭିତରେ ହିଁ ତାହା ରହିଥିଲା। କିନ୍ତୁ, ଆର୍‌ବିଆଇ ତାହାକୁ ଜଲାନ୍ କମିଟି ନିର୍ଦ୍ଧାରଣ କରିଥିବା ସଞ୍ଚିତ ଅର୍ଥର ଶେଷସ୍ତର ୨୦.୦ ପ୍ରତିଶତକୁ ନେଇ ଆସିବାକୁ ବିଚାର କରିଥିଲା। ସେହି ଅନୁସାରେ ଆର୍‌ବିଆଇ ସରକାରଙ୍କୁ ୫୨,୦୦୦ କୋଟି ଟଙ୍କା ତା' ସଞ୍ଚୟରୁ ପ୍ରଦାନ କରିଥିଲା। ସଞ୍ଚିତକୁ ସର୍ବନିମ୍ନ ସ୍ତରରେ ରଖାଯିବା ଉଚିତ ବୋଲି ଆର୍‌ବିଆଇ ଯାହା ଅନୁମାନ କରିଥିଲା ସେହି ନିଷ୍ପତ୍ତିକୁ ନିଜସ୍ୱ ତ୍ରୁଟି ବୋଲି କୁହାଯାଇପାରେ।

ମୋଟ୍‌ରେ ଆର୍‌ବିଆଇ ସରକାରଙ୍କୁ ୧.୭୬ ଲକ୍ଷ କୋଟି ଟଙ୍କା ଦେଇ ଦେଶର ଅର୍ଥନୀତି ସୁରକ୍ଷାକୁ ବିଭିନ୍ନ ଉପାୟରେ ସଙ୍କଟକୁ ଠେଲିଦେଇଛି। ପ୍ରଥମତଃ ଆର୍‌ବିଆଇର ପ୍ରତିବର୍ଷ ଆୟର କିଛି ଅଂଶକୁ ସଞ୍ଚିତ ଭାବେ ୨୦୧୩ ପର୍ଯ୍ୟନ୍ତ ରଖୁଥିଲା। ଦେଶରେ ଭବିଷ୍ୟତରେ ଅର୍ଥନୈତିକ ସଙ୍କଟ କାଳେ ଦେଖାଦେବ ତାହାକୁ ସୁରକ୍ଷା କବଚ ମନେକରି ଆର୍‌ବିଆଇ ଏହି ବ୍ୟବସ୍ଥା ଗ୍ରହଣ କରୁଥିଲା। କିନ୍ତୁ ଏବେ ତାହା ଓଲଟିଯାଇଛି। ଅତୀତରେ ଅର୍ଥନୀତିର ସୁରକ୍ଷା ପାଇଁ ରଖାଯାଇଥିବା ଏହି ସଞ୍ଚିତ ଅର୍ଥକୁ ଦେଶର ଏବକାର ବ୍ୟୟ ନିମନ୍ତେ ବ୍ୟବହାର କରାଯାଉଛି। ଆର୍‌ବିଆଇ ତା' ରୁପା ଗହଣା ବିକି ପଞ୍ଚତାରକା ହୋଟେଲରେ ମିଲ୍ ଖାଇବା ଭଳି ପରିସ୍ଥିତି ଉପୁଜିଛି। ଏହା ଆର୍‌ବିଆଇର ଅଯୋଗ୍ୟପଣ। ଏହାକୁ ପ୍ରକାଶ ନ କରିପାରିଲେ ମଧ୍ୟ ଆମକୁ ଗ୍ରହଣ କରିନେବାକୁ ପଡିବ ଯେ, ଆମେ ଅର୍ଥନୈତିକ ସଙ୍କଟ ମଧ୍ୟରେ ରହିଛେ।

ଦ୍ୱିତୀୟରେ, ଜଲାନ କମିଟି ସୁପାରିସ କରିଥିଲେ ଯେ, ଆର୍‌ବିଆଇ ବଳକାକୁ ତା' ଆସେଟ୍‌ର ୨୪.୫ ଏବଂ ୨୦.୦ ପ୍ରତିଶତ ମଧ୍ୟରେ ରଖିବ। କିନ୍ତୁ ଆର୍‌ବିଆଇ ଏହି ସୀମାର ସର୍ବନିମ୍ନ ସ୍ତରରେ ରଖିବାକୁ ନିଷ୍ପତ୍ତି ଗ୍ରହଣ କଲା। ଏହାର ଅର୍ଥ ଆମ ଅର୍ଥନୀତିର ସୁରକ୍ଷା ତନ୍ତ୍ର ଶେଷ ସୀମାରେ ପହଞ୍ଚିଛି। ତୃତୀୟରେ, ସଞ୍ଚିତ ଥିବା ବିଦେଶୀ ଅର୍ଥକୁ ଟଙ୍କାରେ ପରିବର୍ତ୍ତନ କରାଯିବା ସହଜ ହେବ ନାହିଁ। ଯେକୌଣସି ସଙ୍କଟରେ ଆର୍‌ବିଆଇ ବି ଏହାକୁ ବିନିଯୋଗ କରିବା ସମ୍ଭବ ହୋଇ ନ ପାରେ।

ଚତୁର୍ଥରେ, ଅର୍ଥନୈତିକ ସଙ୍କଟର ଅନେକ ସଙ୍କେତ ଏବେ ଆଗକୁ ଆସିବା ଦେଖାଗଲାଣି। ପାକିସ୍ତାନ ସହ ଏବକାର ସମ୍ପର୍କ ଶେଷ ସୀମାରେ ପହଞ୍ଚିବା, ଇରାନରୁ ଶସ୍ତା ତେଲ ଆମଦାନି ହୋଇ ନ ପାରିବା, ବ୍ୟାଙ୍କର ଅଚଳ ପରିସମ୍ପତ୍ତି (ଏନପିଏ) ସମସ୍ୟା ଦୂର ନ ହେବା, ଆମେ ଆମେରିକା ଚାପ ଆଗରେ ନତମସ୍ତକ ହୋଇ ତା'ଠାରୁ ଆମଦାନି ବୃଦ୍ଧି କରିବା, ସରକାରଙ୍କ କଞ୍ଜମ୍ପସନ ଏକ୍ସପେଣ୍ଡିଚର (ଉପଭୋଗ ବ୍ୟୟ)ରେ କଚ୍ଛପଗତି ପରିସ୍ଥିତି ଥିବାବେଳେ ପୁଞ୍ଜିନିବେଶ ବ୍ୟୟ ଦ୍ରୁତଗତିରେ ହ୍ରାସ ପାଇବା ଏବଂ ବିଗତ ତିନି ବର୍ଷ ମଧ୍ୟରେ ଆମ ଅର୍ଥନୀତି କ୍ରମାଗତଭାବେ ତଳକୁ ଖସିବା ଯୋଗୁ ଏଭଳି ପରିସ୍ଥିତିରେ ଆମେ ଉଚ୍ଚସ୍ତରର ସଞ୍ଚିତ ଅର୍ଥ ରହିବା ଦରକାର କରୁଛୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଆର୍‌ବିଆଇ କେମିତି ସରକାରଙ୍କୁ ତାହା ଦେବାକୁ ରାଜି ହୋଇ ଦେଶର ଅର୍ଥନୀତିକୁ ସଙ୍କଟକୁ ଠେଲିଦେଲା ତାହା ଚିନ୍ତାର ବିଷୟ। ବ୍ୟବସାୟରେ କ୍ଷତି କରୁଥିବା ସତ୍ତ୍ୱେ ଜଣେ ବ୍ୟବସାୟୀ ଅତୀତର ସଞ୍ଚିତ ଧନକୁ ପାର୍ଟିରେ ବ୍ୟୟ କରିବା ଭଳି ଏଠାରେ ରିଜର୍ଭ ବ୍ୟାଙ୍କ ଓ ସରକାର କାର୍ଯ୍ୟକଳାପ ଅଦୂରଦର୍ଶୀ ମନେହେଉଛି।

Email: bharatjj@gmail.com

## ଏଇ ଭାରତରେ

ପିଲାମାନେ ବିଦ୍ୟାଳୟ ଛାଡି କେମିତି ନ ଯିବେ କିମ୍ବା ବିଦ୍ୟାଳୟକୁ ଆସୁ ନ ଥିବା ପିଲାମାନଙ୍କୁ କେମିତି ଅଣାଯିବ ତାହା ପାଇଁ ଏକ ଭିନ୍ନ ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛନ୍ତି ଶିକ୍ଷକ ସୁଭାଷଚନ୍ଦ୍ର ଯାଦବ। ଝାଡ଼ଖଣ୍ଡର ମାଓବାଦୀପ୍ରବଣ ତଥା ଶିକ୍ଷା କ୍ଷେତ୍ରରେ ଅତି ପଛୁଆ ପାକୁଡ ଅଞ୍ଚଳ ଲିଟ୍ଟିପଡା ବ୍ଲକ୍। ଏହି ବ୍ଲକ୍‌ର ଜୋରଡିହା ଉଚ୍ଚବିଦ୍ୟାଳୟ ତିନିବର୍ଷ ପୂର୍ବେ ଏକମାତ୍ର ଶିକ୍ଷକ ଅଶୋକ ପାଣ୍ଡେଙ୍କ ଦେହାନ୍ତ ହେବା ପରେ ସ୍କୁଲ ଏକପ୍ରକାର ବନ୍ଦ ହୋଇଯାଇଥିଲା। ଅଶୋକଙ୍କ ଜାଗାରେ ସେଠାରେ ଯାଦବଙ୍କୁ ନିଯୁକ୍ତି ଦିଆଗଲା। ସେହି ସମୟରେ ବିଦ୍ୟାଳୟରେ ୬୦ ପିଲା ନାମ ଲେଖାଇଥିଲେ, କିନ୍ତୁ ବିଦ୍ୟାଳୟକୁ କେହି ଆସୁ ନ ଥିଲେ। ସେମାନେ ଅନ୍ୟ ବିଦ୍ୟାଳୟକୁ ପଢିବାକୁ ଯାଉଥିଲେ। ସୁଭାଷ ଏକ ଏନ୍‌ଜିଓ ସହ ଯୋଗାଯୋଗ କରି ସେହି ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବାକୁ ସକ୍ଷମ ହେଲେ। ସ୍କୁଲରେ ପିଲାଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ସେ ବିଦ୍ୟାଳୟରେ ପାର୍କ ନିର୍ମାଣ ସହ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଧ୍ୟାନ ଦେଉଛନ୍ତି। ଲୋକଙ୍କୁ ଶିକ୍ଷା କ୍ଷେତ୍ରରେ ସଚେତନ କରିବା ପାଇଁ ଅଶୋକ ଢୋଲ ନାଗରା ବି ବଜାଉଛନ୍ତି। ଟ୍ରାକ୍ଟରରେ ବେଲୁନ ସଜାଇ ଗାଁ ଗାଁ ବୁଲୁଛନ୍ତି। ଅଶୋକଙ୍କ ଏହି ଅଭିଯାନର ପ୍ରଭାବ ପଡୁଛି। ଏବେ ବିଦ୍ୟାଳୟରେ ମୋଟ ୧୭୮ ପିଲା ପଢୁଛନ୍ତି। ପ୍ରତିଦିନ ୯୦ ପ୍ରତିଶତ ପିଲା ଉପସ୍ଥିତ ରହୁଛନ୍ତି।

## ଚିରନ୍ତନୀ

ତୂଳିକା ରଞ୍ଜିତ କରି ଧରିବାକୁ ବଢ଼ାଇଲେ କର
ମରୀଚିକା ସମ ସେ ଯେ କ୍ଷଣ ପରେ ହୁଅଇ ଅନ୍ତର
ଛନ୍ଦ ଆଶେ କଣ୍ଟକରି ବସିଲେ ସଜାଇ
ଆସି କ୍ଷଣେ ଯାଏ ସେ ଉଭାଇ।
(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୭ ସେପ୍ଟେମ୍ବର ୧୯୯୪

- ଏଲ୍.ଟି.ଟି.ଇ.ର ମୁଖ୍ୟ ପ୍ରଭାକରନ୍ ଶ୍ରୀଲଙ୍କାର ନୂଆ ସରକାରଙ୍କୁ ଯୁଦ୍ଧବିରତି ପ୍ରସ୍ତାବ ଦେଲେ।
- ଦ୍ୱିପାକ୍ଷିକ ଅର୍ଥନୈତିକ, ବୈଜ୍ଞାନିକ, ସାଂସ୍କୃତିକ ସମ୍ପର୍କ ବୃଦ୍ଧି ପାଇଁ ଭାରତ ଓ ଭିଏତ୍‌ନାମ ମିଳିତ ଗୋଷ୍ଠୀ ଗଠନ କରିବାକୁ ରାଜି ହୋଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | | | | D | | 4 | A | | | | | | |
| | | D | | 7 | | | 1 | | 4 | | | | 0 | |
| 9 | | | | 5 | | | | | | 8 | | 2 | | 6 |
| | 4 | 0 | | | | | | 3 | | | | | E | |
| 3 | | | | C | | B | | | | 0 | 9 | | | 5 |
| E | | | D | 1 | | | | | 6 | A | B | 3 | | 0 |
| A | 0 | | B | | | | | | E | 9 | D | | 5 | |
| 5 | 3 | 2 | | | E | | 9 | | | | 1 | C | 7 | |
| 6 | | | | | | | | | | | | 1 | 2 | |
| | 7 | | | 6 | | 4 | | | | 3 | | | | |
| C | | E | | D | | 3 | | 9 | | | | B | A | |
| | | | | | | | | | | | | 5 | D | 8 |
| | | 8 | 3 | 0 | | 5 | | E | 7 | | | | | |
| | 6 | 5 | 1 | A | | | | | | | | | 4 | C |
| 4 | | | 8 | | | 7 | | | 1 | B | | | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 1 | 4 | 8 | C | A | 5 | 7 | B | 9 | D | 0 | 6 | E | 2 |
| D | 5 | A | 1 | 9 | 2 | E | 0 | 8 | 6 | C | 4 | B | 3 | 7 |
| 8 | 9 | 2 | 6 | 7 | E | 3 | A | C | 1 | 5 | B | 4 | D | 0 |
| 6 | B | E | 3 | 0 | 5 | 4 | 1 | D | 2 | A | 7 | 9 | 8 | C |
| 7 | 0 | C | B | D | 4 | 2 | 9 | 6 | 8 | E | 3 | 5 | A | 1 |
| 9 | 2 | 3 | 7 | 8 | C | B | 6 | 4 | 0 | 1 | A | D | 5 | E |
| A | E | 1 | 2 | 6 | B | 7 | C | 3 | D | 8 | 5 | 0 | 9 | 4 |
| 0 | 4 | D | 5 | E | 3 | 8 | 2 | 1 | B | 6 | 9 | C | 7 | A |
| C | 6 | 7 | A | 4 | 9 | 0 | D | 5 | E | 3 | 2 | 1 | B | 8 |
| 5 | 8 | B | D | 1 | 0 | A | E | 9 | 4 | 7 | C | 3 | 2 | 6 |
| 4 | 7 | 9 | C | B | 8 | 1 | 3 | 0 | A | 2 | D | E | 6 | 5 |
| 2 | D | 6 | 9 | 5 | 1 | C | 8 | A | 3 | 0 | E | 7 | 4 | B |
| E | 3 | 5 | 0 | A | 6 | D | B | 7 | C | 4 | 8 | 2 | 1 | 9 |
| B | A | 0 | E | 3 | 7 | 6 | 4 | 2 | 5 | 9 | 1 | 8 | C | D |
| 1 | C | 8 | 4 | 2 | D | 9 | 5 | E | 7 | B | 6 | A | 0 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଚିଙ୍ଗୁଡ଼ି ଘେରି ପରିବେଶ ପ୍ରତି ବିପଦ

ମହାଶୟ,

ରାଜ୍ୟରେ ବ୍ୟାପକ ଭାବେ ଚିଙ୍ଗୁଡି ଚାଷ ଚାଲିଛି। ବିଶେଷକରି କେନ୍ଦ୍ରାପଡା ଜିଲାର ରାଜନଗର, ରାଜକନିକା ଓ ମହାକାଳପଡା ଅଞ୍ଚଳରେ ବ୍ୟାପକ ଭାବେ ଅନିୟମିତ ଚିଙ୍ଗୁଡି ଚାଷ ଚାଲିଛି। ବାଂଲାଦେଶରୁ ବହୁ ଲୋକ ଏଠାକୁ ଆସି ଚିଙ୍ଗୁଡି ଚାଷ କରି ବେଶ୍ ଲାଭବାନ ହେଉଛନ୍ତି। ବିଭିନ୍ନ ସମୟରେ ପ୍ରଶାସନ ଚିଙ୍ଗୁଡିଘେରିଗୁଡିକ ଭାଙ୍ଗି ଦେଉଥିଲେ ମଧ୍ୟ ସେମାନେ ପୁନର୍ବାର ତାହା ନିର୍ମାଣ କରୁଛନ୍ତି। ସମୁଦ୍ର ଜୁଆର ପାଣିକୁ ଅଟକାଇ ବିଭିନ୍ନ ସ୍ଥାନରେ ଚିଙ୍ଗୁଡି ଘେରିମାନ ତିଆରି କରାଯାଉଛି। ଏହା ବ୍ୟତୀତ ବିଭିନ୍ନ ଚାଷଜମିକୁ ଖନନ କରାଯାଇ ଚିଙ୍ଗୁଡିଚାଷ କରାଯାଉଛି। ଫଳରେ ଚାଷଜମିର ପରିମାଣ ଦିନକୁ ଦିନ କମିବାରେ ଲାଗିଛି। ବିଶେଷକରି ଲୁଣାପାଣି ଖାଲ, ଯୋର ଓ ମାହାର ଆଦିରେ ପଶିବା ଫଳରେ ସମସ୍ତ ପାଣି ଲୁଣି ହୋଇଯାଉଛି। ଚିଙ୍ଗୁଡି ଚାଷରେ ବିପୁଳ ପରିମାଣରେ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଉଛି, ଯାହାଦ୍ୱାରା ଏଠାରେ ଅବସ୍ଥିତ ହେନ୍ତାଳ ବଣ ଓ ସାମୁଦ୍ରିକ ଜୀବମାନଙ୍କ ଉପରେ ଗୁରୁତର କୁପ୍ରଭାବ ପଡୁଛି। ବିଶେଷକରି ଜୈବବିବିଧତା ନଷ୍ଟ ହେବା ସହ ଜମିର ଉର୍ବରତା କମିବାରେ ଲାଗିଛି। ଖାଲି ଏତିକି ନୁହେଁ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ହରାଇବାର ଯଥେଷ୍ଟ ସମ୍ଭାବନା ଅଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାର ଚିଙ୍ଗୁଡିଘେରିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ଅନୁରୋଧ।

ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡା

### ବାର୍ଦ୍ଧକ୍ୟ ଭତ୍ତା ବଢ଼ାଯାଉ

ମୋତେ ଆସି ୬୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି। ବାର୍ଦ୍ଧକ୍ୟ ଭତ୍ତା ମିଳିନି। ବାର୍ଦ୍ଧକ୍ୟ ବେଳକୁ ଭତ୍ତା ଗଣ୍ଡାକ ସାହାରା। ଆଜିକାର ମହଙ୍ଗା ଯୁଗରେ ବାର୍ଦ୍ଧକ୍ୟ ଭତ୍ତା ପାଞ୍ଚଶହ ଟଙ୍କା ସମୁଦ୍ରକୁ ଶଙ୍ଖେ ପଣା ସଦୃଶ। ପଡ଼ୋଶୀ ଆନ୍ଧ୍ରରେ ବାର୍ଦ୍ଧକ୍ୟ ଭତ୍ତା ଦୁଇହଜାର ହୋଇଥିବା ବେଳେ ଓଡ଼ିଶାରେ ବି ସେତିକି ହେବା ଉଚିତ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ଗଠିତ

ଭୁବନେଶ୍ୱର,୬।୯(ବ୍ୟୁରୋ):ରାଜ୍ୟର ଉପାନ୍ତ ଅଞ୍ଚଳରେ ବାସ କରୁଥିବା ସଂଖ୍ୟାଲଘୁ ଓଡିଆ ଭାଷାଭାଷୀ ଲୋକମାନଙ୍କର ସମସ୍ୟା ଅନୁଧ୍ୟାନ କରିବା ଓ ଏହାର ପ୍ରତିକାର ପାଇଁ ସୁପାରିସ କରିବାକୁ ବିଧାନସଭା ସଂଖ୍ୟାଲଘୁ ଭାଷାଭାଷୀ ଗୃହ କମିଟି ଗଠନ ହୋଇଛି। ଶୁକ୍ରବାର ବିଧାନସଭା ସଚିବାଳୟର ୫୪ ନମ୍ବର କମିଟ ପ୍ରକୋଷ୍ଠରେ ଏହି କମିଟିର ପ୍ରଥମ ବୈଠକ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭବିଷ୍ୟତ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ସଂଖ୍ୟା ଲଘୁ ଓଡିଆ ଭାଷାଭାଷୀ ଲୋକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ କମିଟି ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ରିପୋର୍ଟ ପ୍ରଦାନ କରିବ। ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୈତିକ ଅବସ୍ଥା, ଭିତ୍ତିଭୂମି ଆଦି ଉପରେ କମିଟି ଅନୁଧ୍ୟାନ କରିବ। ଏଥିରେ ଉପବାଚସ୍ପତି ରଜନୀକାନ୍ତ ସିଂହ, ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଧାୟକ ପ୍ରଦୀପ କୁମାର ଅମାତ, ପ୍ରଦୀପ ମହାରଥୀ, ବଦ୍ରୀ ନାରାୟଣ ପାତ୍ର, ଉଷାଦେବୀ, ନୃସିଂହ ଚରଣ ସାହୁ, ଅମର ପ୍ରସାଦ ଶତପଥୀ, ଅନନ୍ତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଅଣଦେଖା ବନ୍ଦର ନୀତି
# ୧୫ ବର୍ଷ ପରେ ଚିହ୍ନଟରେ ସୀମିତ

ଭୁବନେଶ୍ୱର, ୬।୯(ବ୍ୟୁରୋ)

ରାଜ୍ୟରେ ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ବିଭିନ୍ନ ସମୟରେ ଶିଳ୍ପ ନୀତି କାର୍ଯ୍ୟକାରୀ କରୁଛନ୍ତି। ରାଜ୍ୟକୁ ବଡ଼ ବଡ଼ ପୁଞ୍ଜିପତିଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ମେକ୍ ଇନ୍ ଓଡିଶା କନକ୍ଲେଭ ଠାରୁ ଆରମ୍ଭ କରି ଦେଶ ବିଦେଶରେ ରୋଡ ଶୋ' କରାଯାଉଛି। ଏପରି କି ଅବକାରୀ ରାଜସ୍ୱ ବଢ଼ାଇବାକୁ ଅବକାରୀ ନୀତି ମଧ୍ୟ କରାଯାଇଛି। ହେଲେ ରାଜ୍ୟ ସରକାର ୨୦୦୪ରେ କରିଥିବା ବନ୍ଦର ନୀତିକୁ ଅଣଦେଖା କରିଚାଲିଛନ୍ତି। ଏହି ନୀତି କେବଳ କାଗଜ କଲମରେ ସୀମିତ ରହିଯାଇଛି। ଚିହ୍ନଟ ହୋଇଥିବା ନୂତନ ବନ୍ଦରଗୁଡିକର ମଧ୍ୟ କୌଣସି ବିକାଶ ହୋଇ ନାହିଁ। ଗତ ୧୫ ବର୍ଷ ହେବ ସରକାର ଏହାକୁ ଆଡ଼ ଆଖିରେ ଚାହିଁ ନାହାନ୍ତି। ରାଜ୍ୟରେ ବନ୍ଦର ପାଇଁ ଯେଉଁ ୧୩ଟି ସ୍ଥାନ ଚିହ୍ନଟ ହୋଇଥିଲା ସେଥିରୁ କେବଳ ଗୋପାଳପୁର ଏବଂ ଧାମରାକୁ ବାଦ୍ ଦେଲେ ଅନ୍ୟ କୌଣସି ବନ୍ଦରକୁ ବିକଶିତ କରିବା ଲାଗି କାଣିଚାଏ ବି ପଦକ୍ଷେପ ନିଆଯାଇ ନାହିଁ।

ରାଜ୍ୟ ସରକାର ୨୦୦୪ରେ ବନ୍ଦର ନୀତି କାର୍ଯ୍ୟକାରୀ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ଆମଦାନୀ ଓ ରପ୍ତାନିକୁ ବୃଦ୍ଧି କରିବା, କ୍ଷୁଦ୍ର ବନ୍ଦରଗୁଡ଼ିକର ବିକାଶ କରିବା, ୨୦୦୬ ସୁଦ୍ଧା ବନ୍ଦରଗୁଡ଼ିକରେ ମାଲ ପରିବହନକୁ ୭୦ରୁ ୮୦ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବା, ବନ୍ଦରଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦେବା, ବନ୍ଦର ଆଖ ପାଖରେ ଜାହାଜ ତିଆରି ଓ ମରାମତି କାରଖାନାକୁ ପ୍ରୋତ୍ସାହନ ଦେବା, ଆନ୍ଧ୍ର, ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ମଧ୍ୟରେ ଉପକୂଳ ଯାତ୍ରୀ ଓ ମାଲ ପରିବହନକୁ ବୃଦ୍ଧି କରିବା, ବନ୍ଦରଗୁଡିକର ବିକାଶ ପାଇଁ ଘରୋଇ ଉଦ୍ୟୋଗୀଙ୍କୁ ଆକର୍ଷିତ କରିବା ଆଦି ଥିଲା ଏହି ନୀତିର ମୂଳ ଲକ୍ଷ୍ୟ । ଏଥିପାଇଁ ଓଡ଼ିଶା ସାମୁଦ୍ରିକ ଯୋଜନା (ଓଡ଼ିଶା ମାରିଟାଇମ୍ ମାଷ୍ଟର୍ ପ୍ଲାନ୍) ପ୍ରସ୍ତୁତ କରାଯିବ। ବନ୍ଦର ନୀତିକୁ କାର୍ଯ୍ୟକାରୀ କରିବାକୁ ଓଡିଶା ମାରିଟାଇମ ବୋର୍ଡ ଗଠନ କରାଯିବ। ମାରିଟାଇମ ବୋର୍ଡ ସିଙ୍ଗଲ ୱିଣ୍ଡୋ ଏଜେନ୍ସି ଭାବେ କାର୍ଯ୍ୟ କରିବ। ହେଲେ ଏହି ନୀତି କାର୍ଯ୍ୟକାରୀ ହେବାର ୧୫ ବର୍ଷ ବିତିଯିବାକୁ ବସିଥିବା ବେଳେ ରାଜ୍ୟ ସରକାର ପ୍ରସ୍ତାବିତ ବନ୍ଦରଗୁଡିକର ଟିକିଏ ବି ବିକାଶ କରି ପାରି ନାହାନ୍ତି। ପ୍ରୋତ୍ସାହନ ଅଭାବରୁ ଏ କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଘରୋଇ କମ୍ପାନୀ ମଧ୍ୟ ଆଗ୍ରହ ଦେଖାଉ ନାହାନ୍ତି ।

**ଖୁବ୍‌ଶୀଘ୍ର ଆସିବ ଲଜିଷ୍ଟିକ୍ ପଲିସି**

ରାଜ୍ୟରେ ପାରାଦୀପ ବନ୍ଦର ବୃହତ୍ ବନ୍ଦରର ମାନ୍ୟତା ପାଇଥିବା ବେଳେ ଅନ୍ୟ ୧୩ଟି ବନ୍ଦରକୁ କ୍ଷୁଦ୍ର ବନ୍ଦର ମାନ୍ୟତା ଦିଆଯାଇଛି। ପାରାଦୀପ ବନ୍ଦର କେନ୍ଦ୍ର ସରକାରଙ୍କ ଅଧୀନରେ ରହୁଛି। ଧାମରା ଏବଂ ଗୋପାଳପୁର ବନ୍ଦର କାର୍ଯ୍ୟକ୍ଷମ ଥିବା ବେଳେ ଅନ୍ୟ କୌଣସି ବନ୍ଦର ଆଗକୁ ଆଗେଇ ପାରୁ ନାହିଁ। ପୁରୀ ଜିଲାର ଅସ୍ତରଙ୍ଗ ବନ୍ଦର ହାଇକୋର୍ଟରେ ମାମଲା ଯୋଗୁ ଦୀର୍ଘବର୍ଷ ହେବ ପଡ଼ି ରହିଛି। ଏହି ବନ୍ଦରର ବିକାଶ ପାଇଁ ହାଇଦ୍ରାବାଦ ସ୍ଥିତ ନବଯୁଗ ଇଞ୍ଜିନିୟରିଂକୁ ସରକାର ଦାୟିତ୍ୱ ଦେଇଛନ୍ତି। ତେବେ କୋର୍ଟରେ ମାମଲା ଗଡ଼ି ଚାଲିଥିବାରୁ ବନ୍ଦର ବିକାଶ କାର୍ଯ୍ୟ ଅଧୁରା ହୋଇ ପଡିରହିଛି। ସେହିପରି ବାଲେଶ୍ୱର ଜିଲାର ସୁବର୍ଣ୍ଣରେଖା, କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକର ଆଖଡାଶାଳ ଠାରେ ଏକ ନଦୀଭିତ୍ତିକ ବନ୍ଦର କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନିଆଯାଉଥିବା ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ୨୦୦୯ରେ ବାଲେଶ୍ୱର ଜିଲାର ବିଚିତ୍ରପୁର, ୨୦୧୫ରେ ବାହବଲପୁର, ୧୯୯୭ରେ ଚାନ୍ଦିପୁର, ଇଞ୍ଚୁଡି, ଭଦ୍ରକ ଜିଲାରେ ଚୂଡାମଣି, ଜଗତ୍‌ସିଂହପୁରର ଜଟାଧାରୀ ମୁହାଣ, ଗଞ୍ଜାମ ଜିଲାର ପାଲୁ ଓ ବହୁଦାରେ ବନ୍ଦର ନିର୍ମାଣ କରିବାକୁ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ମାତ୍ର ଏହି ବନ୍ଦରଗୁଡ଼ିକର ବିକାଶ ପାଇଁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସରକାର ବିଫଳ ହୋଇଛନ୍ତି। ଦୀର୍ଘବର୍ଷ ପରେ ମଧ୍ୟ ବନ୍ଦର ନୀତିକୁ ସଂଶୋଧନ କରାଯାଉ ନାହିଁ। ଏହି ନୀତିର ଅସଲ ଉଦ୍ଦେଶ୍ୟ ଏବେ ବି ଅପହଞ୍ଚ ହୋଇ ରହିଛି। ଜଳପଥରେ ମାଲ ପରିବହନ ଏବଂ ବନ୍ଦରଭିତ୍ତିକ ଶିଳ୍ପ ରାଜ୍ୟର ଘରୋଇ ଉତ୍ପାଦ (ଜିଡିପି) ବୃଦ୍ଧି କ୍ଷେତ୍ରରେ ସହାୟକ ହେଉଥିଲେ ମଧ୍ୟ ଏଥି ପ୍ରତି ଅଣଦେଖା କରିବାକୁ ନେଇ ଅର୍ଥନୀତିଜ୍ଞ ନାପସନ୍ଦ କରିଛନ୍ତି। ତେବେ ମାଲ ପରିବହନକୁ ପ୍ରୋତ୍ସାହନ କରିବା ସକାଶେ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏକ ଇଣ୍ଟିଗ୍ରେଟେଡ ଲଜିଷ୍ଟିକ ପଲିସି ଆଣିବାକୁ ଯାଉଛନ୍ତି ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ୫ ଦିନିଆ ଗସ୍ତରେ ବିଦେଶ ଯିବେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୬।୯ (ବ୍ୟୁରୋ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତର ତୈଳ, ଗ୍ୟାସ ଓ ଇସ୍ପାତ କ୍ଷେତ୍ରର ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ସହ ୫ଦିନିଆ ଉପସାଗରୀୟ ଦେଶ ସାଉଦି ଆରବ, ୟୁଏଇ ଏବଂ କାତାର ଗସ୍ତରେ ଶନିବାର ଯିବେ । ଧର୍ମେନ୍ଦ୍ର ୩ ଦେଶ ସହ ତୈଳ, ଗ୍ୟାସ ଓ ଇସ୍ପାତ କ୍ଷେତ୍ରରେ ଆଲୋଚନା କରିବେ । ଆସନ୍ତା ୧୩ରେ ଆବୁଧାବୀରେ ଅନୁଷ୍ଠିତ ହେବାକୁ ଥିବା ୮ମ ଏସିଆନ ମିନିଷ୍ଟେରିଆଲ୍ ଏନର୍ଜି ରାଉଣ୍ଡଟେବୁଲ(ଏଏମଇଆର୍)ରେ ମଧ୍ୟ ତାଙ୍କର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ୟୁଏଇ ଓ ଭାରତର ମିଳିତ ସହଯୋଗରେ କରାଯାଉଛି । ସାଉଦି ଆରବର ଶକ୍ତିମନ୍ତ୍ରୀ ଏଚ.ଇ. ଖଲିଦ ଏବଂ ଅଲ୍-ଫଲ୍ଲି ଓ ତୈଳ କମ୍ପାନୀ ଅରାମକୋର ବରିଷ୍ଠ ଅଧିକାରୀଙ୍କ ସହ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ହାଇଡ୍ରୋକାର୍ବନ କ୍ଷେତ୍ରରେ ସାଉଦି ଆରବର ସହଯୋଗ ପାଇଁ ସେ ଆଲୋଚନା କରିବେ । ସାଉଦି ଆରବ ପାରମ୍ପରିକ ରୂପରେ ଭାରତକୁ କଞ୍ଚା ତୈଳ ରପ୍ତାନି କରିବା ଦିଗରେ ପ୍ରଥମ । ଧର୍ମେନ୍ଦ୍ର ୟୁଏଇ ଶକ୍ତି ଓ ଶିଳ୍ପମନ୍ତ୍ରୀ ଏବଂ ରାଷ୍ଟ୍ରମନ୍ତ୍ରୀ ତଥା ଏଡିଏନ୍‌ଓସି ଗ୍ରୁପର ଅଧ୍ୟକ୍ଷ ସୁଲତାନ୍ ଅହମ୍ମଦ ଅଲ୍ ଜାବେରଙ୍କୁ ସାକ୍ଷାତ୍ କରି ଦୁଇ ଦେଶର ରଣନୈତିକ ବୁଝାମଣା ସହ ହାଇଡ୍ରୋକାର୍ବନ ଓ ଇସ୍ପାତ କ୍ଷେତ୍ର ସମ୍ବନ୍ଧରେ ଆଲୋଚନା କରିବେ । ୨୦୨୧ରେ ଭାରତ ୯ମ ଏସିଆନ ମିନିଷ୍ଟେରିଆଲ୍ ଏନର୍ଜି ରାଉଣ୍ଡଟେବୁଲ ଆୟୋଜନ କରିବ । ଏହାବ୍ୟତୀତ ଧର୍ମେନ୍ଦ୍ର କାତାରର ବିଭିନ୍ନ ମନ୍ତ୍ରୀମାନଙ୍କ ସହ ଏଲ୍‌ଏନ୍‌ଜି ଏବଂ ଏଲ୍‌ପିଜି କ୍ଷେତ୍ରରେ ଆଲୋଚନା କରିବେ ।

**ପୂର୍ବ ତଟ ରେଳପଥ**

**କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପ:ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONSBP2019034, ତା.04.09.2019ରିଖ

କାର୍ଯ୍ୟର ନାମ: "କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପ: ପୂର୍ବ ତଟ ରେଳପଥର ୱାଲ୍ଟିୟର ମଣ୍ଡଳର KR ଲାଇନ୍‌ରେ ଲକ୍ଷ୍ମୀପୁର ରୋଡ଼, ଧୌରହା(ନ୍ୟୁ), ସିଙ୍ଗାରାମ ଏବଂ ଟିକିରି ଷ୍ଟେସନ ୟାର୍ଡ଼ ସହିତ ଲକ୍ଷ୍ମୀପୁର ରୋଡ଼ (କି.ମି.61.313)-ଟିକିରି (କି.ମି.83.065) ଷ୍ଟେସନଗୁଡ଼ିକ ମଧ୍ୟରେ P.Way ସାମଗ୍ରୀଗୁଡ଼ିକର ପରିବହନ, P.Way ଲିଙ୍କିଙ୍ଗ୍ (ସେକେଣ୍ଡ ହ୍ୟାଣ୍ଡ ସର୍ଭିସ୍ ରେଲ୍ ଦ୍ୱାରା ଏବଂ 10/20 ନ୍ୟୁ ରେଲ୍ ପ୍ୟାନେଲ ଦ୍ୱାରା) ର ସମ୍ପାଦନ ଏବଂ ସମ୍ପର୍କିତ କାର୍ଯ୍ୟ ସମୂହ ।"

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 897.53 ଲକ୍ଷ, EMD (ଟଙ୍କାରେ): 5,98,800/-,ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, କାର୍ଯ୍ୟ ଶେଷ ହେବା ଅବଧି: 18(ଅଠର)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-43/CC/19-20

**ରେଲୱେ ବିଦ୍ୟୁତୀକରଣ**
ଭୁବନେଶ୍ୱର

**ବିଦ୍ୟୁତୀକରଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.RE_BBS_EL_OT_19-20_ST_01, ତା.03.09.2019 ରିଖ

କାର୍ଯ୍ୟର ନାମ: "ରେଲୱେ ବିଦ୍ୟୁତୀକରଣ କାର୍ଯ୍ୟ ସମ୍ବନ୍ଧୀୟ 12 ମାସ ନିମନ୍ତେ ଖୋର୍ଦ୍ଧା ରୋଡ଼, ସମ୍ବଲପୁର, ଭବାନୀପାଟଣା, ରାୟଗଡ଼ା ଏବଂ ପାରଳାଖେମୁଣ୍ଡି ଠାରେ ଥିବା କ୍ଷେତ୍ରୀୟ (Field) କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ମୁଖ୍ୟାଳୟ ୟୁନିଟ୍‌ର ବିଭିନ୍ନ କାର୍ଯ୍ୟାଳୟଗୁଡ଼ିକର ଦେଖାଶୁଣା ।"

ଆକଳିତ ମୂଲ୍ୟ (ଟଙ୍କାରେ): 1,51,27,344/-, EMD (ଟଙ୍କାରେ): 2,25,700/-, ଟେଣ୍ଡର ପେପର ମୂଲ୍ୟ (ଟଙ୍କାରେ): 5,000/-, କାର୍ଯ୍ୟ ଶେଷ ହେବା ଅବଧି : 12(ବାର)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକାରେ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ: ତା.26.09.2019 ରିଖ 1530 ଘଟିକା ଠାରୁ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 7(ସାତ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ମୁଖ୍ୟାଳୟ)/ରେଲୱେ ବିଦ୍ୟୁତୀକରଣ/ଭୁବନେଶ୍ୱର

PR-354/K/RE/19-20

# କାଳିଆ ଅଯୋଗ୍ୟଙ୍କ ତାଲିକା ପ୍ରକାଶ ସମୟ ବଢ଼ିପାରେ

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟ ସରକାର ବର୍ତ୍ତମାନ କାଳିଆ ଯୋଜନାରେ ସାମିଲ ହୋଇ ଟଙ୍କା ପାଇଥିବା ଅଯୋଗ୍ୟ ହିତାଧିକାରୀ ଚୟନ ପ୍ରକ୍ରିୟା ଚଳାଇଛନ୍ତି। ଶନିବାର ସୁଦ୍ଧା କାଳିଆ ଅଯୋଗ୍ୟ ହିତାଧିକାରୀଙ୍କ ଚୁଡାନ୍ତ ତାଲିକା ପ୍ରକାଶ ପାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ବିଭାଗ ପକ୍ଷରୁ ଏ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇପାରି ନାହିଁ। ଫଳରେ ଧାର୍ଯ୍ୟ ସମୟ ସୁଦ୍ଧା ଏହା ସମ୍ଭବ ନୁହେଁ ବୋଲି ଜଣାପଡିଛି। କାଳିଆ ଯୋଜନାରେ ସାମିଲ ହୋଇ ଟଙ୍କା ନେଇଥିବା ଅଯୋଗ୍ୟ ହିତାଧିକାରୀମାନଙ୍କୁ ଟଙ୍କା ଫେରସ୍ତ କରିବା ସକାଶେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କମ୍ ସଂଖ୍ୟକ ହିତାଧିକାରୀ ଟଙ୍କା ଫେରସ୍ତ କରିଥିଲେ। ଅନ୍ୟପଟେ ସରକାରଙ୍କ ପକ୍ଷରୁ ପ୍ରଥମେ ଏଥିପାଇଁ ୭ଦିନ ସମୟ ଦିଆଯାଇଥିଲା। ଏହାପରେ ସମୟ ଅବଧି ଦୁଇଥର ବୃଦ୍ଧି କରାଗଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଆଗକୁ ଏହି ସଂଖ୍ୟା ବଢିବ ବୋଲି ଜଣାପଡିଛି। ଏହି ତାଲିକା ପ୍ରକାଶ କରିବା ପାଇଁ ଆହୁରି ଅଧିକ ସମୟ ଲାଗିପାରେ ବୋଲି ଜଣେ ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି।

# ଉଦଳା ବ୍ଲକ ଅଧ୍ୟକ୍ଷା ବିଜେଡିରେ ସାମିଲ

ଭୁବନେଶ୍ୱର,୬।୯(ବ୍ୟୁରୋ)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧ୍ୟକ୍ଷା ଭାଜପା ନେତ୍ରୀ କାର୍ମୀ ମୁର୍ମୁ ଏବଂ ତାଙ୍କର ସମର୍ଥକମାନେ ଶୁକ୍ରବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନବୀନ ନିବାସରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

ବିଜେଡିରେ ସାମିଲ ହୋଇଥିବା ଅନ୍ୟ ପ୍ରମୁଖ ନେତୃବୃନ୍ଦ ହେଉଛନ୍ତି ଥୁମ୍ପୁ ମୁର୍ମୁ, ବାହୁବନ୍ଧ ପଞ୍ଚାୟତ ଭାଜପା ସଭାନେତ୍ରୀ ପୁଷ୍ପଲତା ଦାସ, ପାଟଣାଣୀପୁର ପଞ୍ଚାୟତ ଭାଜପା ସଭାପତି ବୀର ସିଂ ଏବଂ ପୂର୍ବତନ ସମିତି ସଭ୍ୟା ଝୁନୁମଣି ନାଏକ ପ୍ରମୁଖ। ଭାଜପା ସମେତ ସ୍ଥାନୀୟ କଂଗ୍ରେସ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ସାଧାରଣ ସମ୍ପାଦକ ତଥା ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ସଭାପତିଙ୍କ ରାଜନୈତିକ ସଚିବ ଡ. ଗୋପବନ୍ଧୁ ଦାସ, ପୂର୍ବତନ ଜିଲା ପରିଷଦ ଯୁଗଳ ମୁର୍ମୁ ଏବଂ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।


ନବୀନ ନିବାସରେ ମିଶ୍ରଣ ପର୍ବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ବିଜେଡି ନେତା ଓ କର୍ମୀ।

# ମାସିକିଆ ରିପୋର୍ଟ ପ୍ରଦାନ କଲେ ମନ୍ତ୍ରୀ

ଭୁବନେଶ୍ୱର,୬।୯(ବ୍ୟୁରୋ)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗୀୟ ମନ୍ତ୍ରୀମାନେ ନିଜ ବିଭାଗ ସମ୍ପର୍କିତ ମାସିକିଆ ରିପୋର୍ଟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଦିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ନେଇ ମନ୍ତ୍ରୀମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ମଧ୍ୟ ଉଲ୍ଲେଖ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ) ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ବିଭାଗୀୟ ମନ୍ତ୍ରୀମାନେ ପୂର୍ବରୁ ଦେଇଥିବା ରିପୋର୍ଟକୁ ତର୍ଜମା କରାଯାଇ ସିଏମ୍‌ଓ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଜଣାପଡିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା ତଥା ନିର୍ବାଚନମଣ୍ଡଳୀ ଗସ୍ତରେ ଥିବା କେତେକ ନେତା ଶନିବାର ମାସିକିଆ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି।

ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ସ୍କୁଲ ଓ ଗଣଶିକ୍ଷା, ଯୋଗାଣ ଓ ଜଳସମ୍ପଦ ବିଭାଗ ସମ୍ପର୍କିତ କାର୍ଯ୍ୟାନ୍ୱୟନକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ନିକଟରେ ସ୍କୁଲ ପିଲାଙ୍କ ବସ୍ତାନି ଓଜନ ହ୍ରାସ, କଷ୍ଟ ବିଷୟକୁ ଦେଢ ଘଣ୍ଟା ପାଠପଢା ସମ୍ପର୍କିତ ନିଷ୍ପତ୍ତିକୁ ନେଇ ତୃଣମୂଳରେ କି ପ୍ରତିକ୍ରିୟା ରହିଛି, ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାରୁ ଭୂତ ହିତାଧିକାରୀଙ୍କୁ ବାଦ୍ ଦେଇ କିପରି ଭାବେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇପାରିବ, ସେନେଇ ଖାଦ୍ୟ ଯୋଗାଣ ଏବଂ ସମବାୟ ବିଭାଗକୁ ପରାମର୍ଶ ଦିଆଯାଇଛି। ଏକାଧିକ ବୃହତ ଜଳସେଚନ ପ୍ରକଳ୍ପ ଚାଲୁ ରହିଥିଲେ ମଧ୍ୟ ଉଠା ଜଳସେଚନ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ଜଳସମ୍ପଦ ବିଭାଗକୁ କୁହାଯାଇଛି। କାଳିଆ ଯୋଜନା ଅଯୋଗ୍ୟ ହିତାଧିକାରୀଙ୍କୁ ଯାଞ୍ଚ କରି ତାଲିକା ପ୍ରକାଶ ପାଇଁ ବିଭାଗ କାର୍ଯ୍ୟ କରୁଛି। ଅଯୋଗ୍ୟ ହିତାଧିକାରୀଙ୍କ ଯେପରି ସହାୟତା ରାଶି ଟଙ୍କା ଫେରସ୍ତ କରିବେ, ସେଥିନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ ହୋଇଥିବା ଜଣାପଡିଛି। ସମଗ୍ର ପୌରାଞ୍ଚଳରେ ଆଲୋକୀକରଣ, ପରିମଳ ସମ୍ବନ୍ଧୀୟ ସମସ୍ତ ଯୋଜନାକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉନ୍ନୟନ ସମ୍ପର୍କିତ କାର୍ଯ୍ୟ ଜାରି ରହିଛି, ଏଥିସହ ଜଡ଼ିତ ଥିବା ପ୍ରତ୍ୟେକ ବିଭାଗ ଶ୍ରୀମନ୍ଦିର ପ୍ରଶାସନ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରିବା ପାଇଁ ବିଭାଗ ଓ ବିଭାଗୀୟ ମନ୍ତ୍ରୀଙ୍କୁ ସିଏମ୍‌ଓ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.28-KUR-TRD-OT-2019-20, ତା.30.08.2019ରିଖ

କାର୍ଯ୍ୟର ନାମ: ଦୁଇ ବର୍ଷ ପାଇଁ ଡିପୋଜିଟ୍ ଟର୍ମରେ ପାରାଦ୍ୱୀପ ଠାରେ ମେସର୍ସ PPT(ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ) ର ପାରାଦ୍ୱୀପ ପୋର୍ଟ ୟାର୍ଡ଼ ଭିତରେ ବର୍ଥ ଅନ ଟର୍ମିନାଲ (BOT) ଡାଉନ୍ ଲାଇନ୍, ଇଂଜିନ୍ ଏସ୍କେପ୍ ଲାଇନ୍, ପ୍ଲଟ୍-14 ଏବଂ ପ୍ଲଟ୍-15 ନିମନ୍ତେ ଆଇସୋଲେଟର ପରିଚାଳନା ।

ଆନୁମାନିକ ମୂଲ୍ୟ (ଟଙ୍କାରେ): 33,36,474.06, EMD (ଟଙ୍କାରେ) : 66,700/-,ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.09.2019 ରିଖ 1330 ଘଟିକା ପର୍ଯ୍ୟନ୍ତ, ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା.19.09.2019 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-351/K/19-20

## ଟ୍ରେନରେ ବ୍ୟବହାର ହେବ 'ହେଡ୍ ଅନ୍ ଜେନେରେଶନ' କୌଶଳ
# ଖର୍ଚ୍ଚ କମିବ, ରାଜସ୍ୱ ବଢ଼ିବ

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ୪୨ କୋଟିର ଡିଜେଲ ଖର୍ଚ୍ଚ ବଞ୍ଚିବ
- ଦୈନିକ ମିଳିବ ୪ ଲକ୍ଷ ଅଧିକ ସିଟ୍

ରେଲୱେ ନୂଆ ଯାନ୍ତ୍ରିକ କୌଶଳ ବ୍ୟବହାର କରି ୪ ଲକ୍ଷ ଅତିରିକ୍ତ ସିଟ୍ ପ୍ରସ୍ତୁତ କରିବା ଲାଗି ଯୋଜନା କରୁଛି। ଏହି ପ୍ରକ୍ରିୟା କିଛି ମାତ୍ରାରେ ଆରମ୍ଭ ହୋଇଯାଇଛି। ପାୱାର କୋଚଗୁଡିକୁ ରେଲୱେ ଏବେ ପାସେଞ୍ଜର କୋଚରେ ପରିଣତ କରୁଛି। ପାୱାର କୋଚ ବଦଳରେ ରେଲ୍‌ୱେ 'ହେଡ ଅନ ଜେନେରେଶନ' କୌଶଳରେ ଏହି ଅତିରିକ୍ତ ସୁବିଧା ପ୍ରସ୍ତୁତ କରିଛି। ଏହି କୌଶଳରେ ଟ୍ରେନ ଇଞ୍ଜିନରୁ ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ। କୋଚ ଭିତରେ ପଙ୍ଖା, ଏସି ଓ ଲାଇଟ ପାଇଁ ଜେନେରେଟର କାର୍‌ର ଆବଶ୍ୟକ ପଡିବନି। ସୂଚନାଯୋଗ୍ୟ, ଟ୍ରେନ ଭିତରେ ଉପରୋକ୍ତ ବିଦ୍ୟୁତ୍ ସୁବିଧା ସକାଶେ ଦୁଇଟି ଜେନେରେଟର କାର୍‌ର ଆବଶ୍ୟକତା ପଡିଥାଏ। ବର୍ତ୍ତମାନ ଉତ୍ତର ରେଲୱେ ଜୋନରେ ୧୪ଟି ଏକ୍ସପ୍ରେସ ଟ୍ରେନରେ ଏହି କୌଶଳ ଲଗାଯାଇଥିବା ବେଳେ ପୂର୍ବତଟ ରେଳପଥରେ ବିଶାଖାପାଟଣା ଓ ପୁରୀରେ ଏହା ଆରମ୍ଭ ହୋଇଯାଇଛି। ଅଗଷ୍ଟ ୧୦ରୁ ପୁରୀ-ଦୀଘା ସମୁଦ୍ର କନ୍ୟା ସୁପରଫାଷ୍ଟ ଏକ୍ସପ୍ରେସରେ ଏହା ଆରମ୍ଭ ହୋଇଛି। ପରେ ପୁରୀରୁ ଯାତ୍ରା ଆରମ୍ଭ କରୁଥିବା ୩ଟି ପୁରୁଷୋତ୍ତମ ଏକ୍ସପ୍ରେସରେ ମଧ୍ୟ ଏହି କୌଶଳର ଇଞ୍ଜିନ ଲଗାଯାଇଛି। ଆସନ୍ତା ୧୨ରେ ପୁରୀ-ମୁମ୍ବାଇ ଏଲ୍‌ଟିଟି ସୁପରଫାଷ୍ଟରେ ଲଗାଯିବାର ବ୍ୟବସ୍ଥା କରାଯାଇଛି ବୋଲି ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହି କୌଶଳରେ ଖର୍ଚ୍ଚ କାଟ ହେବା ସହ ଡିଜେଲରେ ବ୍ୟବହାର ହେଉଥିବା ୪୨ କୋଟି ଟଙ୍କା ବଞ୍ଚିବ ବୋଲି ରେଳପଥ ପକ୍ଷରୁ ସୂଚନା ମିଳିଛି।

ଆଗକୁ ଅନ୍ୟ ଟ୍ରେନଗୁଡିକରେ ବି ଏହି କୌଶଳ ଲଗାଇବାକୁ ଯୋଜନା କରାଯାଉଛି ବୋଲି ଜଣାପଡିଛି। ଗୋଟିଏ ପାୱାର କାର୍ ଗୋଟିଏ ନନ-ଏସି କୋଚ ଚଳାଇବା ଲାଗି ଘଣ୍ଟାକୁ ୪୦ ଲିଟର ଡିଜେଲ ଆବଶ୍ୟକ କରେ। ଆଉ ଏସି କାର ଚଳାଇବା ଲାଗି ଘଣ୍ଟାକୁ ୬୫ରୁ ୭୦ ଲିଟର ଡିଜେଲ ଆବଶ୍ୟକ କରିଥାଏ। 'ହେଡ ଅନ ଜେନେରେଟର' କୌଶଳରେ ନୂଆ ଇଞ୍ଜିନ ଲାଗିବା ପରେ ଡିଜେଲ ଖର୍ଚ୍ଚ ଯଥେଷ୍ଟ କମିଯିବା ସହ ଅର୍ଥ ମଧ୍ୟ ବଞ୍ଚିବ। ପ୍ରତିଦିନ ରେଲୱେ ଅତ୍ୟଧିକ ୪ ଲକ୍ଷ ସିଟ୍ ପାଇବ, ଯାହାଦ୍ୱାରା ବହୁଳ ମାତ୍ରାରେ ରାଜସ୍ୱ ଆସିବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ଉତ୍ତର ରେଳ ଜୋନରେ ଶତାବ୍ଦୀ ଏକ୍ସପ୍ରେସର ୬ଟି ଟ୍ରେନ, ରାଜଧାନୀ ଏକ୍ସପ୍ରେସର ୪ଟି ଟ୍ରେନ ଓ କେତେକ ଗୁରୁତ୍ୱପୂର୍ଣ୍ଣ ଟ୍ରେନରେ ଏହି କୌଶଳ ବ୍ୟବହାର କରାଯାଇଛି।

**ଭାରତ ସରକାର**
**ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ**
**ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ**

**ବୟୋଶ୍ରେଷ୍ଠ ସମ୍ମାନ (ବରିଷ୍ଠ ନାଗରିକଙ୍କ ପାଇଁ ଜାତୀୟ ପୁରସ୍କାର) ୨୦୧୯ - ବଛା ବଛା ବର୍ଗରେ ନାମାଙ୍କନ ଆମନ୍ତ୍ରଣର ଶେଷ ତାରିଖ ବୃଦ୍ଧି ।**

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ବିଭାଗ ନିମ୍ନଲିଖିତ ବର୍ଗରେ ନାମାଙ୍କନ ଆମନ୍ତ୍ରଣ ପାଇଁ ସମୟ ଅବଧିକୁ ପୁନର୍ବାର ଖୋଲିବାର ନିଷ୍ପତ୍ତି ନେଇଛି:

| ବର୍ଗ ସଂ. | ବର୍ଗ | ବିବରଣୀ/ଯୋଗ୍ୟତା | ପୁରସ୍କାରର ପ୍ରକୃତି |
|---|---|---|---|
| ଆନୁଷ୍ଠାନିକ ବର୍ଗ | | | |
| ୬. | ବରିଷ୍ଠ ନାଗରିକଙ୍କ ହିତ ଓ କଲ୍ୟାଣର ପ୍ରସାରରେ ଶ୍ରେଷ୍ଠ ବେସରକାରୀ କ୍ଷେତ୍ରୀୟ ସଙ୍ଗଠନ | ବରିଷ୍ଠ ନାଗରିକଙ୍କୁ କର୍ମନିଯୁକ୍ତି ପ୍ରଦାନ କରି କିମ୍ବା ସମାଜର ହିତରେ ସେମାନଙ୍କର ଦକ୍ଷତା ଓ ଅଭିଜ୍ଞତାକୁ କାମରେ ଲଗାଇ କିମ୍ବା ଜରାବସ୍ଥା ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ସୃଷ୍ଟି କରି କିମ୍ବା ଏକ ଗୋଷ୍ଠୀ ଭାବେ ବରିଷ୍ଠ ନାଗରିକଙ୍କ ହିତ ପାଇଁ ଅନ୍ୟ କୌଣସି ସମାନ ଧରଣର ପଦକ୍ଷେପ ଗ୍ରହଣ କରି ସେମାନଙ୍କ ସମସ୍ୟାକୁ ଦୂର କରୁଥିବା କର୍ପୋରେଟ୍ ହାଉସ୍। ବରିଷ୍ଠ ନାଗରିକଙ୍କ ପାଇଁ ହାତକୁ ନେଇଥିବା କାର୍ଯ୍ୟଗୁଡ଼ିକ ସମ୍ପୃକ୍ତ ସଙ୍ଗଠନର ମୁଖ୍ୟ ବ୍ୟବସାୟରୁ ଭିନ୍ନ ହୋଇଥିବା ଆବଶ୍ୟକ। | (କ) ମାନପତ୍ର, (ଖ) ସ୍ମାରକୀ |
| ବ୍ୟକ୍ତିବିଶେଷ ବର୍ଗ | | | |
| ୧୩. | ସାହସ ଏବଂ ବୀରତା (ପୁରୁଷ ଓ ମହିଳାଙ୍କ ପାଇ ପ୍ରତ୍ୟେକ ଗୋଟିଏ) | ଗୁରୁତର ବିପଦର ସାମ୍ନାସାମ୍ନି ହୋଇଥିବା ସମୟରେ ଅସାଧାରଣ ସାହସ ପ୍ରଦର୍ଶନ କରିଥିବା ବରିଷ୍ଠ ନାଗରିକଙ୍କ ପାଇଁ । | (କ)ମାନପତ୍ର, (ଖ)ସ୍ମାରକୀ (ଗ)ଅଢ଼େଇ ଲକ୍ଷ ଟଙ୍କାର ନଗଦ ପୁରସ୍କାର। |

୨. ଅଧିସୂଚନା ଅନୁଯାୟୀ ଉପରଦର୍ଶିତ ବର୍ଗଗୁଡ଼ିକ ପାଇଁ ନାମାଙ୍କନ ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ତା୧୬।୦୯।୨୦୧୯ରିଖ । ଏ ସଂକ୍ରାନ୍ତୀୟ ସବିଶେଷ ସୂଚନା ବିଭାଗର ୱେବ୍‌ସାଇଟ୍: www.socialjustice.nic.in ରେ ଉପଲବ୍ଧ ।

(ଏସ୍.ଏସ୍. କୁମାର)
ଭାରତ ସରକାରଙ୍କ ଉପ ସଚିବ
ଟେଲି: ୦୧୧-୨୩୩୮୮୮୩୭

davp 38101/11/0020/1920

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଫାଇଲ ନଂ.DRM/Engg/KUR/19-20/E-Tender/28, ତା.30.08.2019ରିଖ

(1) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ-KUR-203-2019,ତା.27.08.2019ରିଖ
ବିବରଣୀ: ସିନିୟର ସେକ୍ସନ ଇଂଜିନିୟର (P.Way)/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନରେ ରେତଙ୍ଗ-କାଇପଦର ରୋଡ଼ ମଧ୍ୟରେ କି.ମି.450.20 ଠାରୁ କି.ମି.457.20 ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡ଼-ପୁରୀ ସେକ୍ସନରେ କି.ମି.456.00 ଠାରୁ କି.ମି.498.89 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 123.30 ଲକ୍ଷ, EMD (ଟଙ୍କାରେ): 2,11,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 30.09.2020 ।

(2) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-HQ-KUR-204-2019,ତା.27.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ନୟାଗଡ଼ ପରିସୀମା ଅଧୀନରେ ଖୋର୍ଦ୍ଧା ରୋଡ଼-ମହିପୁର ଷ୍ଟେସନ ମଧ୍ୟରେ କି.ମି.0.00 ଠାରୁ କି.ମି.77.38 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 67.22 ଲକ୍ଷ, EMD (ଟଙ୍କାରେ): 1,34,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 30.09.2020 ।

(3) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-205-2019, ତା.27.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କାଳୁପଡ଼ାଘାଟ ଅଧୀନରେ ଖୋର୍ଦ୍ଧା ରୋଡ଼-ବାଲୁଗାଁ ଷ୍ଟେସନ ମଧ୍ୟରେ କି.ମି. 457.20 ଠାରୁ କି.ମି.515.00 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 122.54 ଲକ୍ଷ, EMD (ଟଙ୍କାରେ): 2,11,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି: 30.09.2020 ।

(4) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-206-2019, ତା.27.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ରମ୍ଭା ଅଧୀନରେ ଗଙ୍ଗାଧରପୁର-ଗଞ୍ଜାମ ଷ୍ଟେସନ ମଧ୍ୟରେ କି.ମି. 515.00 ଠାରୁ କି.ମି.572.13 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 119.46 ଲକ୍ଷ, EMD (ଟଙ୍କାରେ): 2,09,700/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 30.09.2020 ।

(5) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-207-2019, ତା.27.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ବ୍ରହ୍ମପୁର ଅଧୀନରେ ଗଞ୍ଜାମ-ଝାଡୁପୁଡ଼ି ଷ୍ଟେସନ ମଧ୍ୟରେ କି.ମି.572.13 ଠାରୁ କି.ମି. 613.20 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 116.31 ଲକ୍ଷ, EMD (ଟଙ୍କାରେ): 2,08,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.09.2020 ।

(6) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-208-2019, ତା.27.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/ସୋମପେଟା ଅଧୀନରେ ଇଛାପୁରମ୍-ପଲାସା ଷ୍ଟେସନ ମଧ୍ୟରେ କି.ମି. 631.20 ଠାରୁ କି.ମି.678.33 ପର୍ଯ୍ୟନ୍ତ 30.09.2020 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 96.67 ଲକ୍ଷ, EMD (ଟଙ୍କାରେ): 1,93,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 30.09.2020 ।

(7)ଟେଣ୍ଡର ବିଜ୍ଞପ୍ତି ସଂ.e-Tender-EAST-KUR-209-19, ତା.26.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ, କଟକ-II ପରିସୀମା ଅଧୀନରେ 5 କି.ମି. ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 48.47 ଲକ୍ଷ, EMD (ଟଙ୍କାରେ): 96,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 3,540/-, ଶେଷ ହେବା ଅବଧି: 08 (ଆଠ) ମାସ ।

(8) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-SOUTH-KUR-210-19, ତା.27.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାଲୁଗାଁ ଷ୍ଟେସନ ଠାରେ ଷ୍ଟାଫ୍ କ୍ୱାର୍ଟର, ସର୍ଭିସ୍ ବିଲ୍ଡିଙ୍ଗ୍ ଏବଂ ଷ୍ଟେସନ ନିମନ୍ତେ ପାନୀୟ ଜଳ ଯୋଗାଣ ପ୍ରଣାଳୀରେ ବୃଦ୍ଧିକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 92.12 ଲକ୍ଷ, EMD (ଟଙ୍କାରେ): 1,84,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

(9) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-NORTH-KUR-211-2019, ତା.28.08.2019ରିଖ
ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ଯାଜପୁର କେନ୍ଦୁଝର ରୋଡ଼ ଷ୍ଟେସନ ଠାରେ ବର୍ତ୍ତମାନର ପୁରୁଣା ଫୁଟ୍ ଓଭର ବ୍ରିଜ୍ (FOB) ସ୍ଥାନରେ ଫୁଟ୍ ଓଭର ବ୍ରିଜ୍ (6 ମିଟର ପ୍ରସ୍ଥ) ର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 375.56 ଲକ୍ଷ, EMD (ଟଙ୍କାରେ): 3,37,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 06 (ଛଅ) ମାସ ।

(10) ଟେଣ୍ଡର ବିଜ୍ଞପ୍ତି ସଂ.e-Tender-CEN-KUR-212-2019, ତା.27.08.2019ରିଖ
ବିବରଣୀ: ରେତଙ୍ଗ ଷ୍ଟେସନ ଠାରେ ଟ୍ରାକ୍ ମେସିନ୍ ସାଇଡିଙ୍ଗ୍ ସମ୍ବନ୍ଧୀୟ ରେଲ୍ ଲେଭେଲ ପ୍ଲାଟଫର୍ମ, କନେକ୍ଟିଙ୍ଗ୍ ରୋଡ଼, ସର୍ଭିସ୍ ବିଲ୍ଡିଙ୍ଗଗୁଡ଼ିକର ବ୍ୟବସ୍ଥା ଏବଂ ବ୍ରିଜ୍ ନଂ.611 ଏବଂ 612 ର ସଂପ୍ରସାରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 100.88 ଲକ୍ଷ, EMD (ଟଙ୍କାରେ): 2,00,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡରଗୁଡ଼ିକ ନିମନ୍ତେ): ତା.18.09.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-348/K/19-20



ସ୍ୱଚ୍ଛ ଭାରତ ମିଶନରେ ୧୦ କୋଟି ଶୌଚାଳୟ ନିର୍ମାଣ କରାଯାଇଛି।
–ରାମନାଥ କୋବିନ୍ଦ, ରାଷ୍ଟ୍ରପତି

## ସଂକ୍ଷେପରେ

### କାର୍ତ୍ତିଙ୍କ ୧୦ କୋଟି ଆଉ ୩ ମାସ ଜମା ରହିବ



ନୂଆଦିଲ୍ଲୀ,୬।୯ (ପି.ଟି./ଆଇଏଏନ୍‌ଏସ୍): ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ପୁଅ ତଥା ଏୟାରସେଲ-ମାକ୍ସିସ୍ ଓ ମନିଲଣ୍ଡରିଂ ମାମଲାର ଅଭିଯୁକ୍ତ କାର୍ତ୍ତି ଚିଦାମ୍ବରମ ସୁପ୍ରିମକୋର୍ଟର ରେଜେଷ୍ଟ୍ରିରେ ଜମା କରିଥିବା ୧୦ କୋଟି ଟଙ୍କା ମୁକ୍ତ କରିବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ମନାକରିଦେଇଛନ୍ତି। ଏହି ଟଙ୍କା ଆଉ ୩ ମାସ ଜମା ହୋଇ ରହିବ ବୋଲି ଜଷ୍ଟିସ ଦୀପକ ଗୁପ୍ତାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତ ମେ ୭ରେ ବିଦେଶ ଯାତ୍ରା ପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ ବେଳେ ୧୦ କୋଟି ଟଙ୍କା ଜମା ରଖିବା ପାଇଁ କାର୍ତ୍ତିଙ୍କୁ ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। କାର୍ତ୍ତି ଉକ୍ତ ରାଶି ଜମା କରିବା ପରେ ବ୍ରିଟେନ, ଆମେରିକା, ଫ୍ରାନ୍ସ, ଜର୍ମାନୀ ଓ ସ୍ପେନ୍ ଗସ୍ତ କରିଥିଲେ।

### ତିହାର ଜେଲରେ ଧର୍ମଶାସ୍ତ୍ର ପଢ଼ିଲେ ଚିଦାମ୍ବରମ



ନୂଆଦିଲ୍ଲୀ, ୬।୯(ପି.ଟି.) : ବଦଳିଯାଇଛି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ(୭୪)ଙ୍କ ଠିକଣା। ଏବେ ସେ ତିହାର ଜେଲ ନଂ.-୭ର ୱାର୍ଡ ନଂ.-୯ରେ ଅଛନ୍ତି। ଜେଲରେ ପ୍ରଥମ ରାତି ସେ ବିତାଇ ଥିବାବେଳେ କାଠ ଖଟରେ ଶୋଇଥିଲେ ଓ ସକାଳେ ଚା-ହାଲୁଆ ଖାଇଥିଲେ। ସେଠାରେ ସେ କେତେକ ଧାର୍ମିକ ପୁସ୍ତକ ପଢ଼ିଥିଲାବେଳେ ପୁଅ କାର୍ତ୍ତିଙ୍କୁ ସାକ୍ଷାତ କରିଥିଲେ। ଗୁରୁବାର ସନ୍ଧ୍ୟାରେ ଚିଦାମ୍ବରମ୍ ତିହାର ଜେଲକୁ ଯାଇଥିବାବେଳେ ସକାଳେ ଜେଲ ପରିସରରେ ସେ ଚଲାବୁଲା କରି ଖବରକାଗଜ ପଢ଼ିଥିଲେ। କେତେକ ବରିଷ୍ଠ ନେତା ତାଙ୍କୁ ଭେଟିବା ଲାଗି ଯାଇଥିବାବେଳେ ସେମାନଙ୍କୁ ଭେଟିବା ଲାଗି ସୁଯୋଗ ଦିଆଯାଇ ନ ଥିଲା।

### ଏଏପି ଛାଡ଼ିଲେ ଅଲ୍‌କା ଲାମ୍ବା



ନୂଆଦିଲ୍ଲୀ, ୬।୯(ପି.ଟି.) :ଚାନ୍ଦିନୀଚୌକ ବିଧାୟିକା ଅଲ୍‌କା ଲାମ୍ବା ଏଏପିରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏଏପିର ପ୍ରାଥମିକ ସଦସ୍ୟ ପଦ ଛାଡ଼ିବା ଲାଗି ଏହା ଉପଯୁକ୍ତ ସମୟ ବୋଲି ଟୁଇଟ୍ କରି ସେ ଇସ୍ତଫା ଦେଇଥିବା କଥା ଉଲ୍ଲେଖ କରିଛନ୍ତି। ସେ କଂଗ୍ରେସରେ ସାମିଲ ହେବାର ସମ୍ଭାବନା ରହିଛି। କିଛିଦିନ ତଳେ ସେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରିଥିଲେ। ଦଳ ତାଙ୍କର ଇସ୍ତଫା ଗ୍ରହଣ କରିବ ବୋଲି ଏଏପି ମୁଖପାତ୍ର ସୌରଭ ଭରଦ୍ୱାଜ ପ୍ରକାଶ କରିଛନ୍ତି।

### [ଇତିହାସର ଆଇନାରେ]

### ସେପ୍ଟେମ୍ବର ୭ର ପ୍ରମୁଖ ଘଟଣା

୨୦୧୧ ସେପ୍ଟେମ୍ବର ୭ରେ ରୁଷିଆର ୟାରୋସ୍‌ଲାଭି ସହରରେ ୟାକ୍ ୪୨ ଚାର୍ଟାର ବିମାନ ଦୁର୍ଘଟଣା ହେବା ଫଳରେ ଏଥିରେ ଥିବା ୪୩ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା।

୨୦୧୭, ସେପ୍ଟେମ୍ବର ୭ରେ ମେକ୍ସିକୋରେ ଭୟଙ୍କର ଭୂକମ୍ପ ଦେଖିବାକୁ ମିଳିଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୮.୨ ଥିଲା। ଏଥିରେ ୬୧ ବ୍ୟକ୍ତି ପ୍ରାଣ ହରାଇଥିଲେ। ହଜାରରୁ ଉର୍ଦ୍ଧ୍ୱ ଲୋକ ବାସହରା ହୋଇଥିବାବେଳେ ଅନେକ ଆହତ ହୋଇଥିଲେ।

## ଅଯୋଧ୍ୟା ଶୁଣାଣିର ସିଧାପ୍ରସାରଣ ନେଇ ପିଟିଶନ

# ନିଷ୍ପତ୍ତି ନେବେ ସିଜେଆଇଙ୍କ ଖଣ୍ଡପୀଠ

ନୂଆଦିଲ୍ଲୀ,୬।୯ (ପି.ଟି./ଆଇଏଏନ୍‌ଏସ୍)



ଅଯୋଧ୍ୟାସ୍ଥିତ ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦ ମାମଲା ଦୈନନ୍ଦିନ ଶୁଣାଣିର ସିଧାପ୍ରସାରଣ ଓ ରେକର୍ଡିଂ ହେବ କି ନାହିଁ ତାହା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିଷ୍ପତ୍ତି ନେବେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ପୂର୍ବତନ ବିଚାରକ କେ.ଏନ୍. ଗୋବିନ୍ଦାଚାର୍ଯ୍ୟଙ୍କ ପକ୍ଷରୁ ଦାଏର ପିଟିଶନକୁ ନେଇ ଶୁକ୍ରବାର ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି। ଅଦାଲତରେ ମାମଲା ଶୁଣାଣିର ଟିଭିରେ ସିଧାପ୍ରସାରଣ ନେଇ ସେଣ୍ଟର ଫର୍ ଆକାଉଣ୍ଟେବିଲିଟି ଆଣ୍ଡ ସିଷ୍ଟମିକ୍ ଚେଞ୍ଜ (ସିଏଏସ୍‌ସି) ପକ୍ଷରୁ ଏକ ପିଟିଶନ ଦାଏର ହୋଇଥିଲା। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ସିଧାପ୍ରସାରଣ କରାଯାଇ ପାରିବ ବୋଲି ୨୦୧୮ ସେପ୍ଟେମ୍ବର ୨୬ରେ ରାୟ ଦେଇଥିଲେ। ଗୋବିନ୍ଦାଚାର୍ଯ୍ୟ ଉକ୍ତ ରାୟର ଅବତାରଣା କରି ଅଯୋଧ୍ୟା ମାମଲାର ଶୁଣାଣି ବେଳର ସିଧାପ୍ରସାରଣ ଓ ଅଡିଓ ରେକର୍ଡିଂ ପାଇଁ ସର୍ବୋଚ୍ଚ ଅଦାଲତରେ ଏକ ଆବେଦନ କରିଥିଲେ। ଏହା ଜାତୀୟ ସ୍ତରରେ ଗୁରୁତ୍ୱ ବହନ କରୁଥିବା ଏକ ସମ୍ବେଦନଶୀଳ ମାମଲା ହୋଇଥିବାରୁ ଆବେଦନକାରୀଙ୍କ ସମେତ କୋଟି କୋଟି ଲୋକ ଏହାର ସିଧାପ୍ରସାରଣ ଦେଖିବା ପାଇଁ ଆଗ୍ରହୀ। ଏକ ଡିଜିଟାଲ ସୁପର ପାୱାର ଭାବେ ଭାରତ ଏହି ବ୍ୟବସ୍ଥା କରିବା ଉଚିତ। ଯଦି ସିଧାପ୍ରସାରଣ କିମ୍ବା ଅଡିଓ ରେକର୍ଡିଂ କରାଯାଇ ପାରିବ ନାହିଁ ତେବେ ସୁପ୍ରିମକୋର୍ଟ ଅନ୍ତତଃ ରେକର୍ଡ ପାଇଁ ଶୁଣାଣି ପ୍ରକ୍ରିୟାର ପ୍ରତିଲିପି ପ୍ରସ୍ତୁତ କରିବେ। ଉକ୍ତ ପ୍ରତିଲିପି ପରବର୍ତ୍ତୀ ସମୟରେ ଅନ୍‌ଲାଇନ୍‌ରେ ପ୍ରକାଶ କରାଯାଇ ପାରିବ ବୋଲି ଗୋବିନ୍ଦାଚାର୍ଯ୍ୟଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବିକାଶ ସିଂ ଯୁକ୍ତି ବାଢ଼ିଥିଲେ। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଓ ସୂର୍ଯ୍ୟକାନ୍ତ ଉକ୍ତ ପିଟିଶନକୁ ଅଯୋଧ୍ୟା ମାମଲାର ବିଚାର କରୁଥିବା ସିଜେଆଇଙ୍କ ଅଧକ୍ଷତାରେ ଗଠିତ ସାମ୍ବିଧାନିକ ପୀଠକୁ ପଠାଇଦେଇଛନ୍ତି।

## ଜିମ୍ବାୱେର ପୂର୍ବତନ ରାଷ୍ଟ୍ରପତି ମୁଗାବେଙ୍କ ପରଲୋକ

ହାରାରେ, ୬।୯(ପି.ଟି.)



ଜିମ୍ବାୱେର ପୂର୍ବତନ ରାଷ୍ଟ୍ରପତି ରବର୍ଟ ମୁଗାବେ(୯୫)ଙ୍କ ପରଲୋକ ହୋଇଯାଇଛି। ଏନେଇ ଦେଶର ରାଷ୍ଟ୍ରପତି ଇମର୍‌ସନ୍ ନାଙ୍ଗଗ୍ୱା ଶୁକ୍ରବାର ଘୋଷଣା କରିଛନ୍ତି। ୧୯୮୦ରୁ ୨୦୧୭ ମଧ୍ୟରେ ମୁଗାବେ ଜିମ୍ବାୱେକୁ ଦୃଢ ନେତୃତ୍ୱ ଦେବାରେ ସକ୍ଷମ ହୋଇଥିଲେ। ଦେଶବାସୀଙ୍କୁ ମୁକ୍ତ ଓ ସେମାନଙ୍କୁ ସଶକ୍ତ କରିବାରେ ମୁଗାବେଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ମୁକ୍ତି ଆନ୍ଦୋଳନର ଜଣେ ଯୋଦ୍ଧା ଭାବେ ସେ ସୁପରିଚିତ। ତାଙ୍କ ସଂଘର୍ଷମୟ ଜୀବନ ଓ ଦେଶ ପ୍ରତି ଭଲ ପାଇବାକୁ କେବେହେଲେ ଭୁଲି ହେବନାହିଁ ବୋଲି ରାଷ୍ଟ୍ରପତି ଇମର୍‌ସନ୍ ପ୍ରକାଶ କରିଛନ୍ତି। ୨୦୧୭ ନଭେମ୍ବର ପରଠାରୁ ସେ ମାନସିକ ଭାବେ ଦୁର୍ବଳ ହୋଇପଡ଼ିବା ସହ ସ୍ୱାସ୍ଥ୍ୟଗତ ଅବନତି ପରିଲକ୍ଷିତ ହୋଇଥିଲା। ତାଙ୍କୁ ସିଙ୍ଗାପୁରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ହଠାତ୍ ତାଙ୍କ ପରଲୋକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମୁଗାବେ ଜଣେ ପୂର୍ବତନ ରାଜନୈତିକ ବନ୍ଦୀ ଥିବାବେଳେ ଜଣେ ଦକ୍ଷ ନେତାର ପରିଚୟ ଦେଇ ୧୯୮୦ ନିର୍ବାଚନରେ କ୍ଷମତାକୁ ଆସିଥିଲେ। ବର୍ଣ୍ଣ ବୈଷମ୍ୟବାଦ ଦୂର ସହ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ଆର୍ଥିକ ବିକାଶ କ୍ଷେତ୍ରକୁ ପ୍ରଶସ୍ତ କରିବା ଲାଗି ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଭୂସଂସ୍କାର ଆଇନ ପ୍ରଣୟନ, କୃଷି ବିକାଶ, ବିଦେଶୀ ପୁଞ୍ଜିଲଗାଣକୁ ସେ ଗୁରୁତ୍ୱ ଦେଇଆସିଥିଲେ। ତେବେ ନିର୍ବାଚନରେ ରିଗିଂ ଓ ମାନବାଧିକାର ଉଲ୍ଲଂଘନ ଭଳି ଅନେକ ଅଭିଯୋଗ ତାଙ୍କ ବିରୋଧରେ ଆସିଥିଲା। ଜଣେ ଦୃଢ଼ମନା, ଦକ୍ଷ ଶାସନ ପ୍ରଣାଳୀ ତାଙ୍କୁ ଆଫ୍ରିକାର ଜଣେ ମହାନ୍ ନେତାର ମାନ୍ୟତା ଦେଇଛି।

## ଚଣ୍ଡିଗଡ଼-କୋଚୁଭାଲ୍ଲି ଏକ୍ସପ୍ରେସରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୬।୯(ପି.ଟି.)

ନୂଆଦିଲ୍ଲୀ ଷ୍ଟେଶନରୁ ବାହାରିବା ମାତ୍ରେ ଶୁକ୍ରବାର ଚଣ୍ଡିଗଡ଼-କୋଚୁଭାଲ୍ଲି ଏକ୍ସପ୍ରେସରେ ଅଗ୍ନିକାଣ୍ଡ ଘଟିଛି। ତେବେ ଏଥିରେ କୌଣସି ଯାତ୍ରୀ ମୃତାହତ ହୋଇ ନ ଥିବା ରେଳବାଇ ଅଧିକାରୀ ପ୍ରକାଶ କରିଛନ୍ତି। ଅପରାହ୍ନ ୧ଟା ୪୫ରେ ଟ୍ରେନ୍‌ଟି ପ୍ଲାଟଫର୍ମରୁ ଛାଡ଼ିବା ମାତ୍ରେ ଏହାର ରିୟର ପାୱାର୍ କାର୍‌ରେ ନିଆଁ ବାହାରୁଥିବା ଦେଖାଯାଇଥିଲା। ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗରୁ ୧୨ଟି ଦମକଳ ଗାଡ଼ି ସେଠାରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ଫଳରେ ଅନେକ ଜୀବନ ବଞ୍ଚିଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଡ଼କୁ ମାଇଲେ ଗୋଇଠା ଗୋଡ଼ ଟେକି କରି ବଇଥା ।**

ବରିଷ୍ଠ ତଥା ଗୁରୁଜନ ବ୍ୟକ୍ତି ଚିର ନମସ୍ୟ। ତାଙ୍କ ପ୍ରତି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ। ବୟସ ଦୃଷ୍ଟିରୁ ସେମାନେ ସାଂସାରିକ ଜ୍ଞାନରେ ବହୁ ଅଭିଜ୍ଞ ହେବା ସହ ସମାଜକୁ ଦିଗ୍‌ଦର୍ଶନ ଦେବାରେ ପ୍ରମୁଖ ଭୂମିକା ତୁଲାଇଥାନ୍ତି। ତାଙ୍କ ପ୍ରତି ଅଭଦ୍ରୋଚିତ ବ୍ୟବହାର କରିବା କେବେ ବି କ୍ଷମଣୀୟ ହୋଇପାରି ନ ଥାଏ। ଏପରି ପୂଜନୀୟ ବ୍ୟକ୍ତିଙ୍କୁ ଅବମାନନା କଲେ ପରିଣାମ ଅତ୍ୟନ୍ତ ବିଷମ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ବୋହିଗଲା ପାଣି ଯାଉ ତେଣିକି, ବନ୍ଧେଇଲା ପାଣି ରହୁ ଅଟକି ।**

ପାଣି ବା ଜଳ ସଦାସର୍ବଦା ନିମ୍ନଗାମୀ ହୋଇଥାଏ। ପାଣିର ଧର୍ମ ବୋହି ଚାଲିବା। ପାଣିକୁ ଅଟକାଇ ରଖିବା ପାଇଁ ସେଥିରେ ବନ୍ଧ ବାନ୍ଧିବାକୁ ପଡ଼ିଥାଏ। ପରୋକ୍ଷରେ ଯାହା ବିତିଯାଇଛି ବା ଘଟିଯାଇଛି ସେଥିକି ଅନୁଶୋଚନା ନ କରି ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ କରିବା ସମୟୋପଯୋଗୀ ତଥା ବୁଦ୍ଧିମାନର କାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଶପଥ ନେଲେ କେରଳ ରାଜ୍ୟପାଳ



କେରଳର ନୂତନ ରାଜ୍ୟପାଳ ଭାବେ ଆରିଫ୍ ମହମ୍ମଦ ଖାନ୍‌ଙ୍କ ଶପଥ ଗ୍ରହଣ।

ଥିରୁଭାନନ୍ତପୁରମ୍, ୬।୯(ପି.ଟି.)

କେରଳର ରାଜ୍ୟପାଳ ଭାବେ ଶୁକ୍ରବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆରିଫ୍ ମହମ୍ମଦ ଖାନ୍ ଶପଥ ଗ୍ରହଣ କରିଛନ୍ତି। ରାଜଭବନଠାରେ ନୂତନ ରାଜ୍ୟପାଳଙ୍କୁ କେରଳ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହୃଷୀକେଶ ରାୟ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସେପ୍ଟେମ୍ବର ପହିଲାରୁ ଖାନ୍‌ଙ୍କୁ କେରଳର ୨୨ତମ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଥିଲା। ଖାନ୍ ମାଲୟାଲମ୍ ଭାଷାରେ ଶପଥ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ, ବିରୋଧୀ ଦଳ ନେତା ରମେଶ ଚେନ୍ନିଥାଲା ଓ ବିଭିନ୍ନ ବରିଷ୍ଠ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ଖାନ୍‌ଙ୍କ ସ୍ତ୍ରୀ ରେଶ୍‌ମା ଆରିଫ୍ ମଧ୍ୟ ଏହି ଅବସରରେ ସେଠାରେ ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହରୁଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7323867664
9065828165
New Ashok Nagar, East Delhi, Delhi

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8929619951, 8395859853
SCO- 106, Second Floor, Vishal Tower, Cannaught Place, Delhi.

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ । ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

EDUCATION

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University
UGC & NCTE Approved
Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଇ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

ASTROLOGY

BUSINESS

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

ଧାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର ଡିଜିଟାଲ ଟାୱାର ଫ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ
ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
- ଭଲଟାୟର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜୟ ମା ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ପ୍ରଶାନ୍ତି ବିହାର କମ୍ୟୁନିଟି ହଲ, କିଟ କଲେଜ ନିକଟ, ସକାଳ ୮ଟା ୩୦।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ସଭା, ରେଡକ୍ରସ ଭବନ ସାମ୍ନା, ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ, ପୂର୍ବାହ୍ନ ୧୦ଟା।
- ସାହାଯ୍ୟକାରୀ କାର୍ଯ୍ୟକ୍ରମ ଭରସାର ଶୁଭାରମ୍ଭ, ଉତ୍କଳ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ଜାତୀୟ ହସ୍ତତନ୍ତ ବିକାଶ ନିଗମ ପକ୍ଷରୁ ସିଲ୍କ ଫ୍ୟାବ ପ୍ରଦର୍ଶନ, ଦି ନ୍ୟୁ ମାରିଅନ ହୋଟେଲ, ପୂର୍ବାହ୍ନ ୧୧ଟା।
- ବସନ୍ତ କୁମାର ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟସ୍ତରୀୟ ସ୍ମୃତିସଭା, ସୂଚନା ଭବନ, ଅପରାହ୍ନ ୫ଟା।
- ଶ୍ରୀଜନ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟାଷ୍ଠାନ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।
- ଗଣେଶ ପୂଜା ମହୋତ୍ସବ, ଓ୍ୱିନର ଆସୋସିଏଶନ, ଇଣ୍ଡିଆ ପାର୍କ ପଛପଟ, ସନ୍ଧ୍ୟା ୭ଟା।
- ଫିଲ୍ମ 'ଦେଖା ହେଲା ପ୍ରେମ ହେଲା'ର ଅଡିଓ ରିଲିଜ, ସ୍ୱସ୍ତି ପ୍ରିମିୟମ, ସନ୍ଧ୍ୟା ୭ଟା।

**କଟକ**

- ଭାରତୀୟ ଜାତୀୟ ପତାକା ସ୍ଥାୟୀ ଭାବେ ଉତ୍ତୋଳନ ଉତ୍ସବ, ଭାରତ ମସଲା ପରିସର, ରାମଦାସପୁର, ବାରଙ୍ଗ, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- ଏକାଦଶ ବାର୍ଷିକ ବିଜ୍ଞାନମେଳା, ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର, ଅଲାରପୁର, ରଙ୍ଗ ବଜାର, ପୂର୍ବାହ୍ନ ୧୦ଟା।

### କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନ ମାମଲା

## ମାମଲା ପ୍ରତ୍ୟାହାର କଲେ ଆବେଦନକାରୀ

**କଟକ ଅଫିସ, ୬।୯:** କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାକୁ ଆବେଦନକାରୀ ଶୁକ୍ରବାର ପ୍ରତ୍ୟାହାର କରି ନେଇଛନ୍ତି। ଆବେଦନକାରୀ ରୂପେଶ କୁମାର ବେହେରା ଏହି ମାମଲା ରୁଜୁ କରିଥିଲେ। ଶୁକ୍ରବାର ଉକ୍ତ ମାମଲା ଜଷ୍ଟିସ୍ ସି.ଆର. ଦାଶଙ୍କ ଅଦାଲତରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ମାତ୍ର ଆବେଦନକାରୀ ଏହାକୁ ପ୍ରତ୍ୟାହାର ପାଇଁ ନିବେଦନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନରେ ୧ ଲକ୍ଷ ୮୨ ହଜାର ୪୧୧ ଖଣ୍ଡ ଭୋଟ୍ ପୋଲିଂ ହୋଇଥିବା ଘୋଷଣା କରାଯାଇଥିଲା। ମାତ୍ର ଭୋଟ୍ ଗଣନା ଦିନ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୭୭ ଖଣ୍ଡ ଭୋଟ୍ ବାହାରିଥିଲା। ଭୋଟ୍ ପୋଲିଂ ଏବଂ ଗଣତି ପରେ ଯେଉଁ ଭୋଟ୍ ପରିସଂଖ୍ୟାନ ଆସିଛି ଏଥିରେ ୮୬୬୬ ଖଣ୍ଡ ଭୋଟ ବ୍ୟବଧାନ ରହିଥିଲା। ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ବିଧାନସଭା ଫଳାଫଳ ଉପରେ ପ୍ରଭାବ ପଡ଼ିଥିବା ଦର୍ଶାଇ ଆବେଦନକାରୀ ବେହେରା ଏବଂ ଅନ୍ୟମାନେ ଏହି ମାମଲା ରୁଜୁ କରିଥିଲେ। ଏହା ଏକ ନିର୍ବାଚନୀ ମାମଲା ହୋଇଥିଲା ବେଳେ ଜନସ୍ୱାର୍ଥ ମାମଲା ଭାବେ ଏହାକୁ ରୁଜୁ କରାଯାଇଥିବାରୁ ହାଇକୋର୍ଟ ପୂର୍ବରୁ ଏହି ଆବେଦନକୁ ଖାରଜ କରି ଦେଇଥିଲେ। ଅପରପକ୍ଷରେ ଉକ୍ତ ନିର୍ବାଚନକୁ ନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ରୁଜୁ ହୋଇଥିବା ନେଇ ଏହି ମାମଲାକୁ ପରିଚାଳନା କରୁଥିବା ଆଇନଜୀବୀ ଅଶ୍ୱିନୀ କୁମାର ଦାସ କହିଛନ୍ତି।

## ବାଲିଅନ୍ତାରେ ଡ୍ରାଇଭିଂ ଲାଇସେନ୍ସ ସେଣ୍ଟର ଖୋଲିବାକୁ ଦାବି

**ବାଲିଅନ୍ତା,୬।୯(ଡି.ଏନ୍.ଏ.):** ନୂଆ ମୋଟରଯାନ ଆଇନ ଲାଗୁ ହେବା ପରେ କମିଶନରେଟ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଜୋରଦାର ଚେକିଂ ସହ ଜରିମାନା ଆଦାୟକୁ ନେଇ ଗାଡିଚାଳକମାନଙ୍କ ମଧ୍ୟରେ କୋକୁଆଭୟ ଦେଖାଯାଇଛି। ବାଲିଅନ୍ତା ବ୍ଲକ ଅଞ୍ଚଳର ଲୋକେ ନିଜର ଉତ୍ପାଦିତ ସାମଗ୍ରୀକୁ ବାଇକ୍ ଓ ଅଟୋରେ ନେଇ ଭୁବନେଶ୍ୱରର ହାଟବଜାରରେ ବିକ୍ରି କରିଥାନ୍ତି। କିନ୍ତୁ ଅଧିକ ପରିମାଣର ଜରିମାନା ଆଦାୟ କରାଯାଉଥିବାରୁ ଚାଷୀ ଓ ବ୍ୟବସାୟୀମାନେ ନିଜ ବାଇକ ଓ ଅଟୋକୁ ରାଜଧାନୀ ଭିତରକୁ ନେବାକୁ ଭୟ କରୁଛନ୍ତି। ୩୦କିମି ଦୂର ଭୁବନେଶ୍ୱରକୁ ଯାଇ ଡ୍ରାଇଭିଂ ଲାଇସେନ୍ସ ଓ ପ୍ରଦୂଷଣ ପ୍ରମାଣପତ୍ର କରିବା ଏକ ସମସ୍ୟା ଦେଖାଯାଇଛି। ଫଳରେ ଚାଷୀ ଓ ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବାଇକ ଚାଳକଙ୍କ ପାଇଁ ଡ୍ରାଇଭିଂ ଲାଇସେନ୍ସ ଇସ୍ୟୁ କରିବା ନିମନ୍ତେ ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟରେ ଏକ ସେଣ୍ଟର ଖୋଲିବା ପାଇଁ ପୂର୍ବତନ ବ୍ଲକ ଅଧକ୍ଷ ଚୌଧୁରୀ ବିଜୟ କୃଷ୍ଣ ଦାସ ଦାବି କରିଛନ୍ତି।





ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶୁକ୍ରବାର ୨ୟ ସନ୍ଧ୍ୟାରେ ସୁରଭି ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

### ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୨ୟ ସନ୍ଧ୍ୟା

# ଚମତ୍କାର କଲା ଭାଓଲିନ୍-ବଂଶୀ-ମାଣ୍ଡୋଲିନ୍

**ଭୁବନେଶ୍ୱର ୬।୯(ବ୍ୟୁରୋ)**

ଭାଓଲିନ୍, ବଂଶୀ ଓ ମାଣ୍ଡୋଲିନ୍‌ର ସମନ୍ୱୟ ସୃଷ୍ଟି କରିଥିଲା ଏକ ନିଆରା ପରିବେଶ। ପ୍ରଥମଥର ପାଇଁ ଶାସ୍ତ୍ରୀୟ ଯନ୍ତ୍ର ସଙ୍ଗୀତର ଧୂନ୍‌ରେ ମଜିଥିଲେ ସବୁ ବର୍ଗ ଓ ସବୁ ବୟସର ଶ୍ରୋତା। ଦେଶର ଖ୍ୟାତାନାମା ଯୁବ ବାଦ୍ୟଶିଳ୍ପୀମାନେ ଶୁକ୍ରବାର ଭୁବନେଶ୍ୱରବାସୀଙ୍କୁ ଦେଇଥିଲେ ଏକ ଅଭୁଲା ସନ୍ଧ୍ୟାର ଉପହାର। ନିର୍ଦ୍ଦିଷ୍ଟ ନିୟମରେ ପରସ୍ପର ସହ ବାନ୍ଧିହୋଇ ମନଛୁଆଁ ଓ ହୃଦୟସ୍ପର୍ଶୀ ସଙ୍ଗୀତର ଧୂନ୍‌ରେ ବେଶ୍ କିଛି ସମୟ ଧରି ଶ୍ରୋତାଙ୍କ ଭରପୂର ମନୋରଞ୍ଜନ କରିଥିଲେ। ଏଭଳି ଅବସର ଆଣିଦେଇଥିଲା ନୃତ୍ୟାନୁଷ୍ଠାନ ସୃଜନ ପକ୍ଷରୁ ରବୀନ୍ଦ୍ରମଣ୍ଡପଠାରେ ଚାଲିଥିବା ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ-୨୦୧୯। ଶୁକ୍ରବାର ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅନ୍ତର୍ଜାତୀୟସ୍ତରୀୟ ବାଦ୍ୟଶିଳ୍ପୀଙ୍କ ଦ୍ୱାରା ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତର ଫ୍ୟୁଜନ୍ ପରିବେଷଣ ହୋଇଥିଲା। ମୁମ୍ବାଇର ଦୀପକ ପଣ୍ଡିତଙ୍କ ଭାଓଲିନ୍, ପାରସ ନାଥଙ୍କ ବଂଶୀ, ତବଲା ବାଦକ ପ୍ରଶାନ୍ତ ସୋନାଗ୍ରା ଏବଂ ବେଙ୍ଗାଲୁରୁର ୟୁ. ରାଜେଶଙ୍କ ମାଣ୍ଡୋଲିନ ବାଦନ ଆରମ୍ଭରୁ ଶେଷ ଯାଏଁ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା।

> **ଆଜିର ଆକର୍ଷଣ**
>
> ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ୩ୟ ସନ୍ଧ୍ୟାର ଆକର୍ଷଣ ରହିବ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଏବଂ ଓଡ଼ିଶୀ ନୃତ୍ୟ। ପ୍ରଥମ ପର୍ଯ୍ୟାୟରେ ଶବିର୍ ଖାନ୍‌ଙ୍କ ଦ୍ୱାରା ଦ୍ୱାରା ହିନ୍ଦୁସ୍ତାନୀ ମ୍ୟୁଜିକ୍(ସାରଙ୍ଗୀ) ପରିବେଷଣ କରାଯିବ। ତବଲାରେ ତାଙ୍କୁ ସହଯୋଗ କରିବେ ଈଶାନ ଘୋଷ। ଏହାପରେ ଓଡ଼ିଶୀ ଏକକ ନୃତ୍ୟ ମୁଖ୍ୟ ଆକର୍ଷଣ ରହିବ। ପ୍ରସିଦ୍ଧ ଓଡ଼ିଶୀ ଶିଳ୍ପୀ ନିହାରିକା ମହାନ୍ତି ଏହି ଅବସରରେ ଏକକ ଓଡ଼ିଶୀ ପରିବେଷଣ କରିବେ। ଶେଷରେ ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ସମବେତ ଓଡ଼ିଶୀ ନୃତ୍ୟ ପରିବେଷଣ ହେବ।

ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପରିବେଷଣ କରିବାକୁ ଥିବା ସମସ୍ତ ଶିଳ୍ପୀଙ୍କୁ ସତପଥୀ ସମ୍ବର୍ଦ୍ଧିତ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତି ଥିଲା ଶାସ୍ତ୍ରୀୟ ସଙ୍ଗୀତ ବାଦନର ଫ୍ୟୁଜନ୍। ହିନ୍ଦୁସ୍ଥାନୀ ଯନ୍ତ୍ର ସଙ୍ଗୀତକୁ ନୂଆ ଓ ଆଧୁନିକ ଶୈଳୀରେ ଶ୍ରୋତାମାନଙ୍କ ଆଗରେ ଉପସ୍ଥାପନ କରିଥିଲା ଏହି ଗ୍ରୁପ୍। ତୃତୀୟଥର ପାଇଁ ରବୀନ୍ଦ୍ରମଣ୍ଡପରେ ଏଭଳି ଏକ ମ୍ୟୁଜିକାଲ ଫ୍ୟୁଜନ୍‌କୁ ଉପଭୋଗ କରିଥିଲେ ଭୁବନେଶ୍ୱରବାସୀ। ରାଗ ଭୀମପଲାଶି ଓ ତାଳ ତିନତାଲ ଉପରେ ପ୍ରଥମେ ସେମାନେ ଯନ୍ତ୍ରସଙ୍ଗୀତ ପରିବେଷଣ କରିଥିଲେ, ଯେଉଁଥିରେ ବିଭିନ୍ନ ରାଗ, ତାଳ ଓ ଲୟର ସମିଶ୍ରଣ ଶୁଣିବାକୁ ମିଳିଥିଲା। ଏକାଧିକ ଶାସ୍ତ୍ରୀୟ ରାଗରେ ଧୂନ୍ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ଆଚମ୍ବିତ କରିଥିଲେ ଶିଳ୍ପୀ। କେବଳ ଗୋଟିଏ ସଂଯୋଜନାରେ ୧୪ଟି ରାଗର ସମାହାର ରହିଥିଲା। ହିନ୍ଦୁସ୍ଥାନୀ ଓ କର୍ନାଟକୀ ଶାସ୍ତ୍ରୀୟ ସଙ୍ଗୀତର ଏକ ସମନ୍ୱୟ ମଧ୍ୟ ଦେଖିବାକୁ ମିଳିଥିଲା। ପ୍ରଶାନ୍ତ ସୋନାଗ୍ରା ଶିଳ୍ପୀଙ୍କୁ ତବଲାରେ ସହଯୋଗ କରିଥିଲେ। ଏହାପରେ ଦ୍ୱିତୀୟ ପ୍ରସ୍ତୁତିରେ ଗୁରୁ ପୀତାମ୍ବର ବିଶ୍ୱାଳଙ୍କ ସୁରଭି ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଥମେ 'ସୂର୍ଯ୍ୟାଷ୍ଟକମ୍'ରେ ସେମାନେ ପୃଥିବୀ ପୃଷ୍ଠରେ କିଭଳି ଭଗବାନ ସୂର୍ଯ୍ୟଙ୍କ କୃପାର ବାରିଧି ଏହି ମହିମଣ୍ଡଳରେ ପରିବେଷ୍ଟିତ ହେବା ଦ୍ୱାରା ଏକ ସମୃଦ୍ଧ ଜୀବନ ସମ୍ଭବ ହୋଇପାରିଛି ତାହାକୁ ଦର୍ଶାଇଥିଲେ। ଏହାର ନୃତ୍ୟ ସଂରଚନା ଗୁରୁ ଦୁର୍ଗା ଚରଣ ରଣବୀର କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ। ସେହିଭଳି ତାଳ ସଂଯୋଜନା କରିଥିଲେ ନିରଞ୍ଜନ ପାତ୍ର। ଡ. ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛି।



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ଗୁରୁ ରତିକାନ୍ତ ମହାପାତ୍ର।



ଶାସ୍ତ୍ରୀୟ ଯନ୍ତ୍ର ସଙ୍ଗୀତ ପରିବେଷଣ କରୁଛନ୍ତି ପ୍ରଶାନ୍ତ ସୋନାଗ୍ରା, ୟୁ. ରାଜେଶ, ଦୀପକ ପଣ୍ଡିତ ଓ ପାରସ ନାଥ।

> **ଗାନ୍ଧିଜୀଙ୍କ 'ଅହିଂସା'ର ବାର୍ତ୍ତା ଦେଲା ନୃତ୍ୟାଭିନୟ**
>
> ସନ୍ଧ୍ୟାର ଅନ୍ତିମ ପ୍ରସ୍ତୁତିରେ ଗୁରୁ ଅରୁଣା ମହାନ୍ତିଙ୍କ ଓଡ଼ିଶା ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ପରିବେଷିତ ସମବେତ ଓଡ଼ିଶୀ ନୃତ୍ୟ ଅନ୍ୟତମ ଆକର୍ଷଣ ସାଜିଥିଲା। ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ଓଡ଼ିଶୀ ନୃତ୍ୟାଭିନୟ 'ଅହିଂସା'କୁ ଶିଳ୍ପୀମାନେ ବେଶ୍ ଚିତ୍ତାକର୍ଷକ ଶୈଳୀରେ ଦର୍ଶକଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଗାନ୍ଧୀଜୀ ଅହିଂସାକୁ ମୂଳମନ୍ତ୍ର କରି ଭାରତକୁ ଇଂରେଜମାନଙ୍କ କବଳରୁ ସ୍ୱାଧୀନ କରିଥିଲେ। କୌଣସି ରାଜନୈତିକ ଦୃଷ୍ଟିକୋଣରେ ସେ ଭାରତକୁ ଦେଖି ନଥିଲେ। ଭାରତର ଉନ୍ନତି, ଶାନ୍ତି ଓ ପ୍ରେମ ସହିତ ଓତଃପ୍ରୋତ ଭାବରେ କିଭଳି ଗାନ୍ଧିଜୀ ଜଡ଼ିତ ଥିଲେ ତାହା ଏହି ନୃତ୍ୟାଭିନୟରେ ଦେଖିବାକୁ ମିଳିଥିଲା। ଗୁରୁ ଅରୁଣା ମହାନ୍ତି ଓ ସାଥୀ ନୃତ୍ୟ ମାଧ୍ୟମରେ ଏହି ଦେଶାତ୍ମବୋଧକ କାହାଣୀକୁ ଉପସ୍ଥାପନା କରିଥିବାବେଳେ ସଂଳାପ ପ୍ରସ୍ତୁତ କରିଥିଲେ କେଦାର ମିଶ୍ର ଓ ସଙ୍ଗୀତ ସଂଯୋଜନା କରିଥିଲେ ଗୁରୁ ରାମହରି ଦାସ।

# ଭୁବନେଶ୍ୱରରେ ଆମିକସ୍ କ୍ୟୁରି

**ପୁରୀ ଅଫିସ, ୬।୯**

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟା ଗୁରୁବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଶନିବାର ସେମାନେ ପୁରୀରେ ପହଞ୍ଚି ୭୫ ମିଟର ଉଚ୍ଛେଦ ସଂକ୍ରାନ୍ତରେ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଉଚ୍ଛେଦକୁ ନେଇ ପୁରୀରେ ଅସନ୍ତୋଷ ତେଜୁଥିବା ବେଳେ ଆମିକସ୍ କ୍ୟୁରିଙ୍କ ଏହି ଗସ୍ତକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି।

### ଆଜି ପୁରୀ ଆସିବେ

ଭୁବନେଶ୍ୱର ବିମାନ ବନ୍ଦରରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲ ପହଞ୍ଚିଥିଲେ। ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆମିକସ୍ କ୍ୟୁରି ରଞ୍ଜିତ କୁମାର କହିଥିଲେ ଯେ, ଆମେ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପୁରୀ ଯିବୁ। ସେଠାରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ କାର୍ଯ୍ୟର ସମୀକ୍ଷା କରିବୁ ବୋଲି କହିଥିଲେ। ଶନିବାର ସକାଳେ ସେମାନେ ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ଉଚ୍ଛେଦ ପ୍ରସଙ୍ଗରେ ଆଲୋଚନା କରିବେ। ଏଥିସହ ଭଙ୍ଗାଯାଇଥିବା ଏବଂ ଆଗକୁ ଭଙ୍ଗା ହେବାକୁ ଥିବା ବିଭିନ୍ନ ମଠ ମହନ୍ତଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଆମିକସ୍‌କ୍ୟୁରି ଏବଂ ସଲିସିଟର ଜେନେରାଲ ବୁଦ୍ଧିଜୀବୀ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଲିଖିତ ମତାମତ ନେଇପାରନ୍ତି। ସମସ୍ତଙ୍କଠାରୁ ତଥ୍ୟ ସଂଗ୍ରହ କରିବା ପରେ ଉଚ୍ଛେଦ ସଂକ୍ରାନ୍ତରେ ସୁପ୍ରିମ୍‌କୋର୍ଟଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିବେ ଆମିକସ୍ କ୍ୟୁରି।





ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟା।

### ବାଲିର ପୂର୍ବତନ ଗଭର୍ନରଙ୍କ ଓଡ଼ିଶା ଗସ୍ତ

# ୧୦ ଜଣଙ୍କୁ 'କଳିଙ୍ଗ-ବାଲି ସଙ୍ଗମ' ସମ୍ମାନ



**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଇଣ୍ଡୋନେସିଆ ବାଲିର ପୂର୍ବତନ ଗଭର୍ନର ଆଇ ମେଡ୍ ମଙ୍ଗ୍‌କୁ ୧୦ଜଣିଆ ପ୍ରତିନିଧି ଦଳ ସହ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ଆର୍ଯ୍ୟଭଟ୍ଟ ଟ୍ରଷ୍ଟ ଓ କଳିଙ୍ଗ ଇଣ୍ଟରନ୍ୟାଶନାଲ ୟୁଥ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ 'କଳିଙ୍ଗ-ବାଲି ସଙ୍ଗମ' ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଭାଧାରୀଙ୍କୁ 'କଳିଙ୍ଗ-ବାଲି ସଙ୍ଗମ' ସମ୍ମାନରେ ସମ୍ମାନିତ କରାଯାଇଛି। ସେମାନେ ହେଲେ ସ୍ୱସ୍ତି ଗ୍ରୁପର ଚେୟାରମ୍ୟାନ ଜିତେନ୍ଦ୍ର କୁମାର ମହାନ୍ତି, ଗଞ୍ଜାମ ଆର୍‌ଟିଓ ସଞ୍ଜୟ କୁମାର ବିଶ୍ୱାଳ, ବାଲିର ଆଶ୍ରମ ଗାନ୍ଧିପୁରୀ ଚେୟାରମ୍ୟାନ ଅଗସ, ପ୍ଲାଷ୍ଟିକ ସର୍ଜନ ଡ. ଅକ୍ଷୟ ରାଉତ, ସୋ ଆମ ଆଇ ଫାଉଣ୍ଡେଶନ ଟ୍ରଷ୍ଟି ଅରବିନ୍ଦ ଅଗ୍ରୱାଲ, ସାମାଜିକ କର୍ମୀ ଦିଲୀପ କୁମାର ନାୟକ, ଅଙ୍କୋଲୋଜି ଏମ୍‌ଡି ଡାକ୍ତର ସଞ୍ଜୀବ କୁମାର ମିଶ୍ର। ଏହି ଅବସରରେ ଶାସ୍ତ୍ରୀୟ, ଓଡ଼ିଶୀ ନୃତ୍ୟ ପରିବେଷଣ ସହ ନିଫ୍ଟ ଛାତ୍ରୀଙ୍କ ଦ୍ୱାରା ଏକ ରାମ୍ପ ଶୋ ଅନୁଷ୍ଠିତ ହୋଇଥିଲା। ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଉଭୟ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବ ବୋଲି ଆବାହକ ତଥା 'ଆର୍ଯ୍ୟଭଟ୍ଟ' ମ୍ୟାନେଜିଂ ଟ୍ରଷ୍ଟି ଚିଦାତ୍ମିକା ଖଟୁଆ କହିଛନ୍ତି। ଇଣ୍ଡୋନେସିଆରୁ ଗଭର୍ନର ମଙ୍ଗ୍‌କୁଙ୍କ ସହ ପତ୍ନୀ ପୁତୁ ଅଗସ ମହା ଉସାଧା, ଅଗସ ଇନ୍ଦ୍ର ଉଦୟନ, ଇଣ୍ଡୋନେସିଆ ଦୂତାବାସର ଶିକ୍ଷା ଓ ସଂସ୍କୃତି ବିଭାଗ ଆସିଷ୍ଟାଣ୍ଟ ମହମ୍ମଦ ଇକସାନ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ କଳିଙ୍ଗ ଇଣ୍ଟରନାଶନାଲ ୟୁଥ ଫାଉଣ୍ଡେଶନର ପ୍ରତିଷ୍ଠାତା ବିଭୁ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ ଆଉ ସହଜରେ ତ୍ରାହି ମିଳେନା।
- ସେନେକା







# ନିଶାଣ, ମହତାପରେ ପୁରୁଣା ପରମ୍ପରା ଛାପ

**କୁମାରଶ୍ରୀ**
**କଟକ ଅଫିସ, ୬।୯**

ଆସନ୍ତା ଅକ୍ଟୋବର ୪ ତାରିଖରେ ମହାଷଷ୍ଠୀ। ଦଶହରା ଆରମ୍ଭକୁ ଆଉ ଠିକ ମାସେ ରହିଲା। କଟକର ପ୍ରସିଦ୍ଧ ଦଶହରା କିଛି ନିର୍ଦ୍ଦିଷ୍ଟ କାରଣ ପାଇଁ ଭିନ୍ନ ଓ ଅନନ୍ୟ। ଏଠାରେ କେତେକ ସ୍ୱତନ୍ତ୍ର ପରମ୍ପରା ଦେଖିବାକୁ ମିଳେ, ଯାହା ପ୍ରଥମ ଥର ଏହି ସହରରେ ଆରମ୍ଭ ହୋଇଥିଲା। ଗୋଟିଏ ହେଉଛି ନିଶାଣ ଓ ଅନ୍ୟଟି ହେଉଛି ମହତାପ ବାଣ। ୧୮୬୦ ମସିହାରେ କଟକରୁ ପ୍ରକାଶିତ ଏକ ପ୍ରଶ୍ନୋତ୍ତର ମୂଳକ ପତ୍ରିକାରେ ଉକ୍ତ ଦୁଇଟି ନାମ ଉଲ୍ଲେଖ ରହିଥିବା ଜଣାପଡ଼େ। ତେଣୁ ଉକ୍ତ ଦୁଇଟି ବିଶେଷ ପରମ୍ପରାର ଆରମ୍ଭ ପ୍ରାୟ ୧୮୦୦ ମସିହାରୁ ହୋଇଥିବା କୁହାଯାଏ।

ଭସାଣି ଯାତ୍ରା ବେଳେ ମେଢ଼ ଆଗରେ ପତାକା ଯାଏ। ବାଉଁଶରେ ବନ୍ଧା ହୋଇଥିବା ଏହି ପତାକାକୁ 'ନିଶାଣ' କୁହାଯାଏ। ରାଜରାଜୁଡ଼ା ଅମଳରୁ ନିଶାଣର ବ୍ୟବହାର ହୋଇଆସୁଛି। ରାଜା କିମ୍ବା ତାଙ୍କର କୌଣସି ଶୋଭାଯାତ୍ରା ଯିବାବେଳେ ନିଶାଣ ଆଗରେ ଯାଏ। ନିଶାଣରେ ସ୍ୱତନ୍ତ୍ର ଚିହ୍ନ ଥାଏ। ଯେଉଁଥିରୁ ଜଣାପଡ଼େ ଯେ କେଉଁ ରାଜା ଆସୁଛନ୍ତି। କଟକରେ ଅନେକ ରାଜାଙ୍କ କୋଠା ଥିବାରୁ ଏଠାରେ ବହୁ ରାଜପରିବାର ରହୁଥିଲେ। ପ୍ରତ୍ୟେକ ରାଜାଙ୍କର ଭିନ୍ନ ଭିନ୍ନ ନିଶାଣ। ଏହି ପରମ୍ପରା ଦଶହରା ଭସାଣି ଯାତ୍ରାରେ ଯୋଡ଼ି ହୋଇଛି। ଏବେ କଟକରେ ୧୫୯ ପୂଜା କମିଟି। ପ୍ରତ୍ୟେକ ପୂଜା କମିଟି ଭସାଣି ଯାତ୍ରାରେ ଯିବାବେଳେ ନିଶାଣକୁ ଆଗରେ ନିଅନ୍ତି ଓ ନିଶାଣ ଦେଖି ହିଁ ଲୋକେ ଜାଣିପାରନ୍ତି କେଉଁ ପୂଜା କମିଟିର ମେଢ଼ ଆସୁଛି। ରଙ୍ଗ ଓ କିଛି ଚିହ୍ନକୁ ନେଇ ନିଶାଣର ଭିନ୍ନତା ଜଣାପଡ଼େ। ହଜାର ବର୍ଷର ସହର ପରିଚୟ ପାଇଥିବା କଟକରେ ଏହି ପରମ୍ପରା ଏବେ ବି ପ୍ରଚଳିତ।

ଆଉ ଗୋଟିଏ ନିଆରା ପରମ୍ପରା ଏଠାରେ ଦେଖିବାକୁ ମିଳେ, ତାହା ହେଲା ମହତାପ ବାଣ। ମହତ୍ ତାପ ଶବ୍ଦରୁ ଆସିଛି ମହତାପ। ବିନା ଶବ୍ଦରେ ଫୁଟୁଥିବା ଏହି ବାଣ ବେଶ୍ ଆକର୍ଷଣୀୟ। ବାଣରେ ନିଆଁ ଲାଗିଲେ କିଛି ମିନିଟ ଧରି ସ୍ଥାନୀୟ ପରିବେଶ ରଙ୍ଗମୟ ହୋଇଯାଏ। ଏଥିରୁ ରଙ୍ଗିନ ଧୂଆଁ ଉଠୁଥିବା ଦେଖିବାକୁ ମିଳେ। ବାରୁଦ ଓ କିଛି ରାସାୟନିକ ସାମଗ୍ରୀକୁ ନେଇ ଏହା ତିଆରି ହୋଇଥାଏ। ଏହି ବାଣ କଟକର ଦଶହରା ସହିତ ବହୁ ଆଗରୁ ଯୋଡ଼ି ହୋଇ ରହିଛି। ପୂର୍ବରୁ ହାତଗଣତି ଚାନ୍ଦିମେଢ଼ ଥିବା ବେଳେ ଅଧିକାଂଶ ଜରି ମେଢ଼ ରହୁଥିଲା। ଏଣୁ ସେ ସମୟରେ ଯେଉଁ ମହତାପ ବାଣ ବ୍ୟବହାର କରାଯାଉଥିଲା ସେ ସବୁରୁ କମ୍ ଧୂଆଁ ବାହାରୁଥିଲା। ଏବେ ପୁରୁଣା କ୍ୱାଲିଟିର ମହତାପ ବାଣ ନାହିଁ। କ୍ୱାଲିଟି ଖରାପ ହେଲାଣି ବୋଲି ସହରର ଜଣେ ପୁରୁଖା ବ୍ୟକ୍ତି କହିଛନ୍ତି। ଏହି ବାଣ ନିମଚୌଡ଼ି ଅଞ୍ଚଳରେ ତିଆରି ହୁଏ। ବିଭିନ୍ନ ରଙ୍ଗର ମହତାପ ବାଣ ରହିଥିବା ବେଳେ ନାଲି ରଙ୍ଗର ବାଣ ଅଧିକ ବ୍ୟବହାର ହେଉଥିବା ଦେଖିବାକୁ ମିଳେ।



## ଶୁଭୁନି କଟକୀ ଚାଙ୍ଗୁ

ପ୍ରାୟ ୪୦ବର୍ଷ ତଳେ କଟକରେ ଆରମ୍ଭ ହୋଇଥିଲା ଏକ ସ୍ୱତନ୍ତ୍ର ବାଜା, ଯାହାର ନାଁ ଦିଆଯାଇଥିଲା 'କଟକୀ ଚାଙ୍ଗୁ'। ପଟାପୋଲ ଅଞ୍ଚଳର ଜଣେ ଯୁବକ ଏହି ବାଜା ବଜାଇ ପରିଚିତ ହୋଇପାରିଥିଲେ। ପରେ ଏହାର ବ୍ୟବହାର କଟକର ବିଭିନ୍ନ ଶୋଭାଯାତ୍ରାରେ ହୋଇଥିଲା। ସମୟ କ୍ରମେ ହାତୀପୋଖରୀ, ସୂତାହାଟ, ବକ୍ସିବଜାର, ପଟାପୋଲ ଆଦି ଅଞ୍ଚଳବାସୀ ଏହି ବାଜା ବଜାଇ ପେଟ ପୋଷୁଥିଲେ। କିଛି ବର୍ଷ ହେବ ଏହା ବନ୍ଦ ହୋଇ ଯାଇଛି। ଡିଜେ ବାଜାର ଯୁଗରେ ଏହି ପୁରାତନ ବାଜା ଲୋକଙ୍କ ଚାହିଦାକୁ ପୂରଣ କରି ପାରୁନାହିଁ। କାଁଭାଁ ଶୋଭାଯାତ୍ରାରେ କଟକୀ ଚାଙ୍ଗୁ ନିଆଯାଉଛି। ଏହି ବାଦ୍ୟକାରମାନେ ଏବେ ଅନ୍ୟ କାର୍ଯ୍ୟ କରି ପରିବାର ପୋଷୁଛନ୍ତି ବୋଲି ବାଦ୍ୟକାର ଏ.ବଳରାମ କହିଛନ୍ତି।

**ଛତ୍ରବଜାର ପୂଜା କମିଟି**

# ପୂରୁଛି ଶହେ ବର୍ଷ, ଚମକିବ ଚାନ୍ଦି ମେଢ଼

**କଟକ ଅଫିସ,୬।୯**

ଛତ୍ରବଜାର ପୂଜା କମିଟିକୁ ଚଳିତବର୍ଷ ଶହେବର୍ଷ ପୂରଣ ହେଉଛି। ଏହାକୁ ନଜରରେ ରଖି ଏହି ପୂଜା କମିଟି ଏଥର ଗୋଟିଏ ପାଦ ଆଗକୁ ବଢ଼ିବା ସହ ଚାନ୍ଦିମେଢ଼ ତାଲିକାରେ ସାମିଲ ହେବାକୁ ଯାଉଛି। ପ୍ରଥମଥର ନିମନ୍ତେ ଏଠାରେ ଚମକିବ ଚାନ୍ଦିମେଢ଼। ସହରର ପୁରାତନ ପୂଜା କମିଟିଗୁଡ଼ିକ ମଧ୍ୟରେ ଗଣା ହେଉଥିବା ଏହି କମିଟି ଚଳିତବର୍ଷ ବେଶ୍ ଧୁମ୍‌ଧାମ୍‌ରେ ଦୁର୍ଗାପୂଜା ପାଳନ କରିବ। ବଳଭଦ୍ରପୁର, ଛତ୍ରବଜାର, ମାଲଗୋଦାମ ଓ ପିଲିଗ୍ରୀମ ରୋଡର କିଛି ଅଞ୍ଚଳକୁ ନେଇ ଏହି ପୂଜା କମିଟି ଗଠିତ ହୋଇଛି। ୧୯୧୯ରେ ହରପାର୍ବତୀ ମୂର୍ତ୍ତି ତିଆରି କରାଯାଇ ଉତ୍କଳୀୟ ପରମ୍ପରାରେ ଏଠାରେ ପୂଜା ହେଉଥିଲା। ୨୦୦୦ ଠାରୁ ମା' ଦୁର୍ଗା ଏଠାରେ ପୂଜା ପାଉଛନ୍ତି। ଚଳିତବର୍ଷ ଦେଢ଼ କୁଇଣ୍ଟାଲ ଚାନ୍ଦିରେ କାରିଗର ନନ୍ଦକିଶୋର ପାଲ ଓ ପ୍ରଦୀପ କୁମାର ପୃଷ୍ଟି ମେଢ଼ ନିର୍ମାଣ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୦ପ୍ରତିଶତ ମେଢ଼ ନିର୍ମାଣ ସରିଲାଣି। ମେଢ଼ର ଚଉଡା ୧୪.୫ ଫୁଟ ଓ ଲମ୍ବ ୧୭ ଫୁଟ ରହିଛି।

### ସ୍ୱତନ୍ତ୍ରତା - ନବପତ୍ରିକା ପୂଜା

ଏଠାରେ ଏପରି ପୂଜା ପଦ୍ଧତି ଦେଖିବାକୁ ମିଳେ, ଯାହା ସହରର ଅନ୍ୟ କୌଣସି ମଣ୍ଡପରେ ଦେଖିବାକୁ ମିଳେନି। ମହାସପ୍ତମୀରେ ଏଠାରେ ହୁଏ ନବପତ୍ରିକା ପୂଜା। କଦଳୀଗଛରେ ବେଲ ଓ ବେଲଗଛର ଡାଳକୁ ବ୍ୟବହାର କରାଯାଇ ଏକ ମଣିଷାକୃତି ତିଆରି ହୁଏ। ଏହାକୁ ଶାଢ଼ୀ ପିନ୍ଧାଯାଇ ନବବଧୂର ରୂପ ଦିଆଯାଏ। ଦେବୀ ଦୁର୍ଗା ଭାବେ ପୂଜା କରାଯାଇ ଏହାକୁ ମଣ୍ଡପରେ ରଖାଯାଏ। ନବପତ୍ରିକା ପୂଜା ପୂର୍ବରୁ ମହାଷଷ୍ଠୀରେ ହୁଏ ବିଲ୍ୱବରଣୀ ପୂଜା। ଏକ ବେଲଗଛ ମୂଳରେ ହିଁ ପୂଜାର୍ଚ୍ଚନା କରାଯାଏ।

**ପୂଜା ପ୍ରସ୍ତୁତି:** ଶହେ ବର୍ଷ ପୂରଣ ହେଉଥିବାରୁ ଧୁମଧାମରେ ପୂଜା ପାଳନ ହେବା ନିଶ୍ଚିତ। ଶ୍ରୀକାକୁଲମର ପ୍ରସିଦ୍ଧ ସୀତାରାମ ବ୍ୟାଣ୍ଡ ଏଥର ଭସାଣିରେ ସାମିଲ ହେବ। ଏହାଛଡ଼ା ଭସାଣି ଶୋଭାଯାତ୍ରା ଅଧିକ ସମୟ କରାଯିବାର ଯୋଜନା ରହିଛି। ଏଣୁ ପୂର୍ବବର୍ଷ ତୁଳନାରେ କିଛି ଘଣ୍ଟା ବିଳମ୍ବରେ ମା'ଙ୍କ ମୃଣ୍ମୟୀ ପ୍ରତିମା ବିସର୍ଜନ କରାଯିବ। ପ୍ରଥମଥର ନିମନ୍ତେ ଏହି ପୂଜା କମିଟି ଅଧୀନରେ ତୋରଣ ତିଆରି ହେବାକୁ ଯୋଜନା ରହିଛି। ପୂର୍ବରୁ କେବଳ ଲାଇଟ ଗେଟ୍ ହେଉଥିଲା। ୫ମୀ ତିଥିରେ ଚାନ୍ଦିମେଢ଼ ଉନ୍ମୋଚନ କରାଯିବ। ଏହି ଦିନ ଠାରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି କାର୍ଯ୍ୟକ୍ରମ କରାଯିବ।

### ଏଠାରେ ହୋଇଥିଲା ପ୍ରଥମ ମେଲୋଡି

କଟକରେ ମେଲୋଡ଼ି କାର୍ଯ୍ୟକ୍ରମ ପ୍ରଥମେ ଏହି ପୂଜା କମିଟି ଅଧୀନରେ ହୋଇଥିଲା। ପ୍ରାୟ ୭୦ବର୍ଷ ତଳେ ପୂଜାମଣ୍ଡପ ସମ୍ମୁଖରେ ମେଲୋଡ଼ି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ରହ୍ମପୁରର ଜ୍ୟୋତିବ୍ୟାଣ୍ଡ ଓ କଟକର ହବିବ୍ ମେଲୋଡ଼ି ଲଗାତର ୫୦ବର୍ଷ ଏଠାରେ ମେଲୋଡ଼ି କାର୍ଯ୍ୟକ୍ରମ କରି ନିଆରା ରେକର୍ଡ ସୃଷ୍ଟି କରିଛନ୍ତି।



"ଶାନ୍ତିଶୃଙ୍ଖଳାରେ ପୂଜା ଶେଷ ହେବା ମୁଖ୍ୟ ଟାର୍ଗେଟ ହେଉଛି ଭସାଣି ଯାତ୍ରା। ପ୍ରଥମଥର ଚାନ୍ଦି ମେଢ଼ ହୋଇଥିବାରୁ ଭସାଣି ଯାତ୍ରା ଭଲ ଭାବେ କରାଯିବାକୁ ଯୋଜନା କରାଯାଉଛି। ପୂଜା କମିଟିର ଯୁବକମାନେ ଶାନ୍ତିଶୃଙ୍ଖଳାରେ ସମସ୍ତ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ନିଶାମୁକ୍ତ ଭସାଣି ଯାତ୍ରା କରାଯିବ।

**- ଦେବେନ୍ଦ୍ରନାଥ ସାହୁ, ପୂଜା କମିଟି ସଭାପତି**



"ଚଳିତବର୍ଷ ଆମ ପାଇଁ ଚ୍ୟାଲେଞ୍ଜିଂ ରହିଛି। ଶହେବର୍ଷ ପାଳନ କରିବା ସହଜ ନୁହେଁ। ଏଣୁ ଆମେ ଧୁମ୍‌ଧାମ୍‌ରେ ପାଳନ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ଜାକଜମକରେ ପୂଜା ଶେଷ ହେବ। ଶାନ୍ତିରେ ପୂଜା ଶେଷ କରିବାର ଉଦାହରଣ ଆମର ପୂର୍ବରୁ ରହିଛି।

**- ଧୀରେନ କୁମାର ମହାନ୍ତି, ପୂଜା କମିଟି ସମ୍ପାଦକ**

# ମୋ ସାଥି ମୋବାଇଲ ଆପ୍ ସହ ମିଶିଲା ସହାୟତା ଆପ୍

**ଭୁବନେଶ୍ୱର, ୬।୯(ବ୍ୟୁରୋ):** 'ମୋ ସାଥି' ମୋବାଇଲ ଆପକୁ 'ସହାୟତା' ମୋବାଇଲ ଆପ୍‌ରେ ମିଶ୍ରଣ କରିବା ସହ ମୋ ସାଥି ଆପକୁ ଅଚଳ କରିବାକୁ କମିଶନରେଟ ପୋଲିସ ଶୁକ୍ରବାର ନିଷ୍ପତ୍ତି ନେଇଛି। ସହାୟତା ମୋଇଲ ଆପ୍ ବ୍ୟବହାର କରି ରାଜ୍ୟର ଯେକୌଣସି ସ୍ଥାନରେ ପୋଲିସ ସହାୟତା ନିଆଯାଇପାରିବ। ଏହି ମୋବାଇଲ ଆପକୁ ନିଃଶୁଳ୍କ ଭାବେ ଗୁଗୁଲ ପ୍ଲେ ଷ୍ଟୋରରୁ ଡାଉନଲୋଡ କରାଯାଇପାରିବ। ଏହି ଆପ୍‌ରେ ଏସଓଏସ ବ୍ୟବହାର କଲେ, ଏହା ମ୍ୟାପ୍‌ରୁ ବ୍ୟକ୍ତିଙ୍କ ବର୍ତ୍ତମାନ ସ୍ଥିତି, କେଉଁ ଥାନା ଅଞ୍ଚଳରେ ଅଛନ୍ତି ଓ ଏହି ଥାନାର ଫୋନ ନମ୍ବର ସୂଚିତ କରିବ। ସହାୟତା ମୋବାଇଲ ଆପ୍ ଜରିଆରେ ଓଡିଶା ପୋଲିସ ୧୮ଟି ସେବା ଜନସାଧାରଣଙ୍କୁ ପ୍ରଦାନ କରୁଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ରେଭେନ୍‌ଶା କଲିଜିଏଟ୍ ସ୍କୁଲର ନେତାଜୀ ବିଜ୍ଞାନ ପ୍ରୟୋଗଶାଳା ଓ ପାଠାଗାର ବିଲ୍ଡିଂ ଉଦ୍‌ଘାଟିତ

# 'ସିଡିଏରେ ପାଇପ୍ ଯୋଗେ ରନ୍ଧନ ଗ୍ୟାସ୍ ଯୋଗାଣ ଖୁବ୍‌ଶୀଘ୍ର'

**କଟକ ଅଫିସ, ୬।୯**

ହଜାର ବର୍ଷର ସହର କଟକ। ଏହା ଦେଶର ଅନ୍ୟତମ ସର୍ବପୁରାତନ ସହର ହୋଇଥିଲେ ମଧ୍ୟ ଏଠାରେ ଅନେକ ସମସ୍ୟା ରହିଛି। ତେବେ ସହରକୁ ସରସ ସୁନ୍ଦର କରି ଗଢ଼ି ତୋଳିବାରେ ଯାହା ଆବଶ୍ୟକ ହେବ କେନ୍ଦ୍ର ସରକାର ସେଥିରେ ସହଯୋଗ କରିବେ। ଏଥିଲାଗି ରାଜ୍ୟ ସରକାରଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏଚ୍‌ପିସିଏଲ୍‌ର ୨ କୋଟି ଟଙ୍କା ଅନୁଦାନରେ ରେଭେନ୍‌ଶା କଲିଜିଏଟ୍ ସ୍କୁଲର ବିଜ୍ଞାନ ପ୍ରୟୋଗଶାଳା ଓ ପାଠାଗାର ବିଲ୍ଡିଂ ଉଦ୍‌ଘାଟନ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହା କହିଛନ୍ତି। ସେହିପରି ଏହି ନୂତନ ବିଲ୍ଡିଂରେ ଇ-ଲାଇବ୍ରେରି ପ୍ରତିଷ୍ଠା ଓ ପୁସ୍ତକ ପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉତ୍ସବରେ ଉପସ୍ଥିତ ଏଚ୍‌ପିସିଏଲ୍ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

ଅନ୍ୟପକ୍ଷରେ ନିଜ ବକ୍ତବ୍ୟରେ ମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାର କଟକ ସହର ଉନ୍ନତି ପାଇଁ ଉପେକ୍ଷା କରୁଥିବା ଅଭିଯୋଗ ଆଣିଛନ୍ତି। ସେ କହିଥିଲେ, କଟକରୁ ଆଇଓସିଏଲ୍ ପାଣି ନେବା ପାଇଁ ବିବାଦ ହୋଇଥିଲା। ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ତତ୍କାଳୀନ ବିଚାରପତି ଇନ୍ଦ୍ରଜିତ ମହାନ୍ତି ମାମଲାର ଶୁଣାଣି କରି ଆଇଓସିଏଲ୍ ଲାଗି ୩ଟି ସର୍ତ୍ତ ରଖିଥିଲେ, ଯେଉଁଥିରେ ସହରରେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବା, ଯେଉଁ ସ୍ଥାନରୁ ଆଇଓସିଏଲ୍ ପାଣି ନେବ ସେହି ପଠାରୁ ବାଲି ଖୋଳିବା ଏବଂ ଶିଶୁ ଭବନର ଉନ୍ନତି ପାଇଁ ଅର୍ଥ ପ୍ରଦାନ କରିବାକୁ ନିର୍ଦ୍ଦେଶ ଥିଲା। ଏହି ନିଷ୍ପତ୍ତିକୁ ଆଇଓସିଏଲ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ମନ୍ତ୍ରୀ ପ୍ରଧାନଙ୍କ ଅନୁମତି ମାଗିଥିବାବେଳେ ସେ କୋର୍ଟ ନ ଯାଇ ରାଜ୍ୟ ସରକାରଙ୍କ ସହ ବୁଝାମଣା କରିବାକୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ଆଇଓସିଏଲ୍ ପ୍ରାୟ ୨ଶହ କୋଟିରୁ ଅଧିକ ଅର୍ଥ ଦେଇଥିଲେ ମଧ୍ୟ ସେହି ଅର୍ଥ କିଭଳି ଖର୍ଚ୍ଚ ହୋଇଛି ତାହା ସରକାର ଜାଣିଥିବେ ଏବଂ ଏ ସମ୍ପର୍କରେ ବିଧାନସଭାରେ ପ୍ରଶ୍ନ କରିବାକୁ ମଞ୍ଚରେ ଉପସ୍ଥିତ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କୁ କହିଥିଲେ। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର କଟକ ସିଡିଏ ଅଞ୍ଚଳରେ ପାଇପ ଯୋଗେ ରନ୍ଧନ ଗ୍ୟାସ ଯୋଗାଣ କରାଯିବ ଓ ଏଥିରେ ଅଞ୍ଚଳବାସୀ ସହଯୋଗ କରିବାକୁ ମନ୍ତ୍ରୀ ଅନୁରୋଧ କରିଥିଲେ। ସେ ଦକ୍ଷତା ବିକାଶ ମନ୍ତ୍ରୀ ଥିବାବେଳେ କଟକ ତାରକସି ଶ୍ରମିକଙ୍କ ପାଇଁ ଏକ କମନ ଫାସିଲିଟି ସେଣ୍ଟର ତିଆରି କରିବା ଲାଗି ରାଜ୍ୟ ସରକାରଙ୍କୁ ୭/୮ ହଜାର ବର୍ଗଫୁଟ ଜମି ମାଗିଥିଲେ। ଏଥିପାଇଁ ଅର୍ଥ ବରାଦ କରିଥିଲେ ମଧ୍ୟ ରାଜ୍ୟ ସରକାର ଜମି ନ ଦେବାରୁ ତାହା ହୋଇପାରି ନ ଥିଲା ବୋଲି ସେ କହିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କଟକର ସମସ୍ୟା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇବା ସହ ତାଙ୍କର ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅନୁସ୍ମିତା ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ଏଚ୍‌ପିସିଏଲ୍ ସିଏସ୍‌ଆର୍ ସିଜିଏମ୍ ଏସ୍. ସୁବାରାଓ, ପୁରାତନ ଛାତ୍ର ସଂଘ ସଭାପତି ଡ. ପ୍ରଦୀପ ରାଓ, ଏଚ୍‌ପିସିଏଲ୍ ଡିଜିଏମ୍ ଅଭୟଙ୍କର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।





କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

### ଟ୍ରକ୍ ଧକ୍କାରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଛାତ୍ରୀଛାତ୍ରଙ୍କ ରାସ୍ତାରୋକୋ

**କଟକ ଅଫିସ, ୬।୯**

ଟ୍ରକ ଧକ୍କାରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଉତ୍ତେଜନାମୂଳକ ପରିସ୍ଥିତି ଦେଖାଦେଇଥିଲା। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ ସମ୍ମୁଖ ଦୁଇପାର୍ଶ୍ୱ ରାସ୍ତାରେ ଧାରଣା ଦେଇଥିଲେ। ଏଥିଯୋଗୁ କିଛି ଘଣ୍ଟା ଧରି ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅନ୍ୟପକ୍ଷରେ ମାଲଗୋଦାମ ଥାନା ସମ୍ମୁଖରେ ମଧ୍ୟ ଉତ୍ୟକ୍ତ ଛାତ୍ରମାନେ ବିକ୍ଷୋଭ କରିଥିଲେ। ଖବରପାଇ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ଓ ବରିଷ୍ଠ ପୋଲିସ ଅଧିକାରୀମାନେ ରାସ୍ତାରୋକୋ ସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଧାରଣା ପ୍ରତ୍ୟାହୃତ ହୋଇ ନ ଥିଲା। ପରେ ଅପରାହ୍ନରେ କୁଳପତିଙ୍କ କାର୍ଯ୍ୟାଳୟରେ ଏକ ଜରୁରୀକାଳୀନ ଯୁଗ୍ମ କମିଟି ବୈଠକ ଡକାଯାଇଥିଲା। ଯେଉଁଥିରେ ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ, ଅତିରିକ୍ତ ଡିସିପି ଲକ୍ଷ୍ମୀଧର ମହାପାତ୍ର, ଟ୍ରାଫିକ ଏସିପି ଜତୀନ କୁମାର ପଣ୍ଡା, ଜୋନ-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବିଶ୍ୱବିଦ୍ୟାଳୟ ନିକଟରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଅଣାଯିବା ଓ ମୃତଛାତ୍ରୀଙ୍କ ପରିବାର ଲୋକଙ୍କୁ ଦାବି ମୁତାବକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଥାଉ କି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଗୁରୁବାର ଏକ ଟ୍ରକ ଧକ୍କାରେ ବିଶ୍ୱବିଦ୍ୟାଳୟର ଅର୍ଥଶାସ୍ତ୍ର ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ଅନ୍ନପୂର୍ଣ୍ଣା ଚୌଧୁରୀ(୨୦)ଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଦୁଇଦିନ ଧରି ବିଶ୍ୱବିଦ୍ୟାଳୟରେ ଶୋକାକୁଳ ପରିବେଶ ଲାଗି ରହିବା ସହ ଛାତ୍ରୀଛାତ୍ରଙ୍କ ଭିତରେ ଅସନ୍ତୋଷ ମଧ୍ୟ ଦେଖାଦେଇଛି। କୁଳପତିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି ଯେ, ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଟ୍ରାଫିକ ବ୍ୟବସ୍ଥାରେ ସମସ୍ୟା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦ କରାଯିବ। ସ୍ପିଡ୍‌ବ୍ରେକର, ବ୍ୟାରିକେଡ ଲଗାଯିବା ସହ ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଦ୍ରୁତ ଗତିରେ ଯାତାୟାତକୁ ରୋକାଯିବ। ପୋଲିସର ବାଇକ୍ ପାଟ୍ରୋଲିଂ ଗାଡ଼ି ଓ ଏକ ପିସିଆର ଭ୍ୟାନ୍ ୨୪ ଘଣ୍ଟା ଏଠାରେ ରହିବ। ମୁଖ୍ୟଫାଟକ ନିକଟରେ ୫ଟି ସିସିଟିଭି କ୍ୟାମେରା ଖଞ୍ଜାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଜିଲା ରେଡ୍‌କ୍ରସ ପାଣ୍ଠିରୁ ମୃତା ଛାତ୍ରୀଙ୍କ ପରିବାର ଲୋକଙ୍କୁ ୧୦ହଜାର ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ସରକାର ୫୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଦାବି କରିଥିଲେ। କ୍ଷତିପୂରଣ ବାବଦରେ ଜିଲାପାଳଙ୍କ ନିକଟକୁ ଏକ ଚିଠି ଲେଖିବାକୁ କୁଳପତି ପାତ୍ର ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟଙ୍କୁ ନିବେଦନ କରିଛନ୍ତି। ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମଧ୍ୟ ଜଣାପଡ଼ିଛି।





ମୃତାଛାତ୍ରୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରିଛନ୍ତି।

- ମୁଖ୍ୟ ଫାଟକରେ ଲାଗିବ ସିସିଟିଭି କ୍ୟାମେରା
- ୨୪ ଘଣ୍ଟା ରହିବ ପୋଲିସ ପାଟ୍ରୋଲିଂ ଗାଡ଼ି

### ଦୁର୍ଘଟଣା ଘଟାଇଥିବା ଟ୍ରକ ମଙ୍ଗୁଳିରୁ ଜବତ

ଦୁର୍ଘଟଣାଘଟାଇଥିବା ଟ୍ରକ(ଡବ୍ଲ୍ୟୁବି୩୩ବି-୯୯୦୬)କୁ ମଙ୍ଗୁଳି ନିକଟରୁ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଜବତ କରିଛି। ପଶ୍ଚିମବଙ୍ଗରୁ ଏହି ଟ୍ରକ ଆଳୁ ନେଇ ଛତ୍ରବଜାରକୁ ଆସିଥିଲା। ତେବେ ଟ୍ରକ ଡ୍ରାଇଭର ଜଣଙ୍କ ଫେରାର ଅଛନ୍ତି।

### ଦୁଇ ପୋଲିସ କର୍ମଚାରୀ ନିଲମ୍ବିତ

ଦୁର୍ଘଟଣା ସମୟରେ ବିଶ୍ୱବିଦ୍ୟାଳୟ ନିକଟରେ ଡ୍ୟୁଟି କରୁଥିବା ହାବିଲଦାର ସୂର୍ଯ୍ୟନାରାୟଣ ସାହୁ ଓ କନଷ୍ଟେବଲ ଜଗବନ୍ଧୁ ୱାଡକାଙ୍କୁ ନିଲମ୍ବନ କରାଯାଇଛି। କର୍ତ୍ତବ୍ୟରେ ଅବହେଳା କରିଥିବାରୁ ସେମାନଙ୍କୁ ନିଲମ୍ବନ ଆଦେଶ ମିଳିଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ହୋମଗାର୍ଡ ପ୍ରଫୁଲ୍ଲ ରାଉତରାୟଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି।

### ପୁରୀର ରାଘବ ଦାସ ମଠ ଉଚ୍ଛେଦ ମାମଲା

# ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ ଅଫିସ,୬।୯**

ପୁରୀ ଶ୍ରୀମନ୍ଦିରର ୭୫ମିଟର ଭିତରେ ଥିବା ମଠ ଏବଂ ଅନ୍ୟାନ୍ୟ ନିର୍ମାଣ ଗୃହଗୁଡିକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି। ତେବେ ୭୫ମିଟର ବାହାରେ ଥିବା ରାଘବ ଦାସ ମଠର ଉଚ୍ଛେଦ ଆଶଙ୍କା କରି ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ବିଚାରପତି କୁମାରୀ ସଞ୍ଜୁ ପଣ୍ଡା ଓ ବିଚାରପତି ପ୍ରମଥ କୁମାର ପଟ୍ଟନାୟକଙ୍କ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାର ଶୁଣାଣି କରି ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଏହି ମାମଲା ଶେଷ ହୋଇଛି। ଜିଲା ପ୍ରଶାସନ ମଠଗୁଡିକ ଉଚ୍ଛେଦ ପୂର୍ବରୁ କୌଣସି ନୋଟିସ ଦେଉ ନ ଥିବାରୁ ରାଘବ ଦାସ ମଠ କ୍ଷେତ୍ରରେ ମଧ୍ୟ ଏହା କାର୍ଯ୍ୟକାରୀ କରାଯାଇପାରେ ବୋଲି ଏହି ମଠର ଏକ୍‌ଜିକ୍ୟୁଟିଭ୍ ଅଫିସର ଅନାମ ଚରଣ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ବେଳେ ରାଜ୍ୟ ସରକାର ରାଘବ ଦାସ ମଠ ଭାଙ୍ଗିବାର କୌଣସି ଯୋଜନା ନାହିଁ ବୋଲି ଅଦାଲତଙ୍କୁ ଅବଗତ କରାଇବା ପରେ ମାନ୍ୟବର ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ ଯେ, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ମଠ, ମନ୍ଦିର ଉଚ୍ଛେଦ କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ କରାଯାଉଛି। କିଛିଦିନ ତଳେ ରାଘବ ଦାସ ମଠ ସମେତ ଆହୁରି ୮ଟି ମଠ ଭଙ୍ଗାଯିବ ବୋଲି ଚର୍ଚ୍ଚା ହୋଇଥିଲା। ଉଚ୍ଛେଦ ଆଶଙ୍କା କରି ରାଘବ ଦାସ ମଠର ଏକ୍‌ଜିକ୍ୟୁଟିଭ୍ ଅଫିସର ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ, ରାଘବ ଦାସ ମଠ ୭୫ମିଟର ବାହାରେ ରହିଛି। କିନ୍ତୁ ମଠକୁ ଅସୁରକ୍ଷିତ ଦର୍ଶାଇ ଭାଙ୍ଗିଦେବାକୁ ପ୍ରଶାସନ ଚକ୍ରାନ୍ତ କରିଥାଇ ପାରେ। ପୂର୍ବରୁ ରାଘବ ଦାସ ମଠକୁ ପ୍ରଶାସନ ଅସୁରକ୍ଷିତ ଦର୍ଶାଇ ଭାଙ୍ଗି ଦେବାକୁ ନିଷ୍ପତ୍ତି ନେଇଥିଲା ବେଳେ ମଠ ପକ୍ଷରୁ ଜିଲା ଦୌରାଜଜ୍ଙ୍କ ନିକଟରେ ନିବେଦନ କରାଯାଇଥିଲା। ଜିଲା ଦୌରାଜଜ ମାମଲାର ବିଚାର କରି ଏକ କମିଟି ଗଠନ କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ କମିଟି ଯେଉଁ ନିଷ୍ପତ୍ତି ନେଇଥିଲା ତାହା ଆଜିଯାଏ କାର୍ଯ୍ୟକାରୀ କରାଯାଉ ନ ଥିବା ମଠ ପକ୍ଷରୁ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଜନ ରାୟ ମାମଲା ପରିଚାଳନା କରିଥିଲେ।



ତୁମେ ଅନ୍ୟଠାରୁ ଯେଉଁଭଳି ବ୍ୟବହାର ଆଶା କରୁନାହଁ,
ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ୍।
- କନ୍‌ଫୁସିୟସ



# ନିଦ ହଜାଉଛି ଜରିମାନା

ଭୁବନେଶ୍ୱର ୬।୯(ବ୍ୟୁରୋ): ନୂଆ ମୋଟର ଯାନ ଆଇନ ଆସିବା ପରେ ଜରିମାନା ଆଦାୟରେ ଅନ୍ୟ ରାଜ୍ୟକୁ ପଛରେ ପକାଇଛି ଓଡ଼ିଶା। ମାତ୍ର ୪ଦିନରେ ସାରା ରାଜ୍ୟରୁ ୮୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା ଆଦାୟ ସହ ୧ ନମ୍ବର ସ୍ଥାନରେ ରହି ଓଡ଼ିଶା ରେକର୍ଡ କରିଛି। ଏପଟେ ନୂଆ ଟ୍ରାଫିକ୍ ନିୟମ ଲୋକଙ୍କ ନିଦ ହଜାଇ ଦେଇଛି। ଗାଡ଼ି ଧରି ଘରୁ ବାହାରିବାକୁ ଲୋକ ଭୟ କରୁଥିବାବେଳେ ଟ୍ରାଫିକ୍ ଚେକିଂ କୋକୁଆ ଭୟ ସୃଷ୍ଟି କରିଛି। ନୂଆ ନିୟମ ସପକ୍ଷରେ କିଛି ମତ ବାଢ଼ୁଥିବାବେଳେ ଅଧିକାଂଶ ଏହାକୁ ବିରୋଧ କରିଛନ୍ତି। ଲୋକଙ୍କୁ ସଚେତନ ନ କରି ଓ ସମୟ ନ ଦେଇ ଏଭଳି ଜବରଦସ୍ତି ମୋଟା ଅଙ୍କର ଜରିମାନା ଆଦାୟ କରିବା ସରକାରଙ୍କର ଏକ ଚାଲ୍ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି।



## ହେଲ୍‌ମେଟ୍‌ର ଡିମାଣ୍ଡ

ଛୋଟ ପିଲା ହେଉ କି ପିଲିୟନ୍ ରାଇଡର୍। ନୂଆ ଟ୍ରାଫିକ୍ ନିୟମରେ ସମସ୍ତଙ୍କୁ ଦରକାର ହେଲ୍‌ମେଟ୍। ତେଣୁ ହେଲ୍‌ମେଟ୍ ପାଇଁ ଏବେ କେବଳ ଭୁବନେଶ୍ୱର ନୁହେଁ ସମଗ୍ର ଓଡ଼ିଶାରେ ଡିମାଣ୍ଡ। ରାସ୍ତାକଡ଼ରେ ଥିବା ଯେଉଁ ହେଲ୍‌ମେଟ୍ ଦୋକାନକୁ ଆଗରୁ ଲୋକେ ପଚାରୁ ନ ଥିଲେ ଏବେ ସେଠାରେ ପ୍ରବଳ ଭିଡ଼। କେବଳ ରାସ୍ତାକଡ଼ ନୁହେଁ, ହେଲ୍‌ମେଟ୍ ଶୋ'ରୁମ୍ ଗୁଡ଼ିକରେ ମଧ୍ୟ ଭଲ ବ୍ୟବସାୟ ହେଉଛି। ବିଶେଷକରି ଛୋଟପିଲାଙ୍କ ପାଇଁ ହେଲ୍‌ମେଟ୍ କିଣିବାକୁ ଲୋକେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେହିଭଳି ଗୋଟିଏ ବାଇକ୍ ଚଳାଇଲେ ବି ପିଲିୟନ୍ ରାଇଡର୍ ପାଇଁ ହେଲ୍‌ମେଟ ରଖିବାକୁ ପଡୁଛି। ଯାହାକି ଲୋକଙ୍କୁ ହରଡ଼ଘଣାରେ ପକାଉଛି। ରାଜଧାନୀ ରାଜରାସ୍ତାରେ ଆଉ ବିନା ହେଲ୍‌ମେଟ୍ ପିନ୍ଧା ରାଇଡରଙ୍କୁ ଦେଖିବାକୁ ମିଳୁ ନ ଥିବାବେଳେ ଲୋକେ ଗଳିକନ୍ଦିରେ ମଧ୍ୟ ହେଲ୍‌ମେଟ ପିନ୍ଧି ବୁଲୁଛନ୍ତି।

## ରାସ୍ତାରୁ ଅଟୋ, ବସ୍ ଗାଏବ

ରାଜଧାନୀ ରାଜରାସ୍ତାରୁ ଗାଏବ ହୋଇଯାଇଛି ଅଧିକାଂଶ ଅଟୋ ଓ ଘରୋଇ ବସ୍। ଆବଶ୍ୟକତା ଠାରୁ ଅଧିକ ଅଟୋ ଚଳାଚଳ କରିବାରୁ ଯେଉଁ ରୁଟ୍‌ରେ ଭିଡ଼ ହେଉଥିଲା ଏବେ ତାହା ଫାଙ୍କା ଲାଗୁଛି। ବିଶେଷକରି କଳ୍ପନାରୁ କଟକ ରୋଡ୍, ଜୟଦେବ ବିହାରରୁ ରସୁଲଗଡ଼, ରାଜମହଲରୁ ମାଷ୍ଟରକ୍ୟାଣ୍ଟିନ୍ ଭଳି ରୁଟ୍‌ରେ ଏବେ ଅପେକ୍ଷାକୃତ କମ୍ ଅଟୋ ଦେଖିବାକୁ ମିଳୁଛି। ନୂଆ ମୋଟର ଯାନ ଆଇନ ଆସିବା ପରେ ଜଣେ ଅଟୋଚାଳକଙ୍କଠାରୁ କମିଶନରେଟ୍ ପୋଲିସ ୪୭ ହଜାରରୁ ଅଧିକ ଟଙ୍କାର ଚାଲାଣ କାଟିବା ପରେ ଅଟୋଚାଳକଙ୍କ ମଧ୍ୟରେ ଏହା କୋକୁଆ ଭୟ ସୃଷ୍ଟି କରିଛି। ଫଳରେ ଫିଟ୍‌ନେସ୍, ପଲ୍ୟୁଶନ୍ ସାର୍ଟିଫିକେଟ୍, ରୁଟ୍ ପରମିଟ୍ ନ ଥିବା ଅଧିକାଂଶ ଅଟୋ ଏବେ ରାସ୍ତାରୁ ଗାଏବ ହୋଇଯାଇଛି। ଏପରି କି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଥିବା ଅଟୋ ଡ୍ରାଇଭରମାନେ ଏବେ ଘରେ ବସିବାକୁ ବାଧ୍ୟ ହୋଇଛନ୍ତି। ତେବେ ମାତ୍ରାଧିକ ଜରିମାନା ଆଦାୟକୁ ବିରୋଧ କରି ଏପଟେ ରାସ୍ତାକୁ ଓହ୍ଲାଇବାକୁ ଧମକ ଦେଇଛି ଅଟୋ ମହାସଂଘ। ଏଭଳି ମନଇଚ୍ଛା ଫାଇନକୁ ବରଦାସ୍ତ କରାଯିବନି ବୋଲି ଅଟୋ ମହାସଂଘର ସଭାପତି ନବ ମହାନ୍ତି ଚେତାବନୀ ଦେଇଛନ୍ତି। ଏପରି ଫାଇନ୍ ଆଦାୟ ଜାରି ରହିଲେ ଆଗାମୀ ଦିନରେ ଅଟୋ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ବିରି ମାଡ଼ରେ କୋଳଥ ଚେପା ପରି ଅନେକ ବସ୍ ମଧ୍ୟ ଚଳାଚଳ ବନ୍ଦ ହୋଇଯାଇଛି।

## ଟ୍ରାଫିକ୍ ନିୟମ କଡ଼ାକଡ଼ି ହେଲା ରାସ୍ତା ମରାମତି କେବେ

ଟ୍ରାଫିକ୍ ନିୟମ କଡ଼ାକଡ଼ି ହେବା ପରେ ଗାଡ଼ି ଚାଳକମାନେ ଏବେ ଗାଡ଼ି ନିମିତ୍ତ ସବୁ ପ୍ରକାର କାଗଜପତ୍ର କରିବା ସହ ରାସ୍ତାକୁ ଓହ୍ଲାଉଛନ୍ତି। କାରଣ ଗତ କିଛିଦିନ ହେବ ଟ୍ରାଫିକ୍ ପୋଲିସ ସହ ଆରଟିଓ କର୍ମଚାରୀମାନେ ସହରର ଗଳିକନ୍ଦିରେ ଚେକିଂ ବ୍ଲକିଂ କରୁଛନ୍ତି। ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରିବା ଠିକ୍, କିନ୍ତୁ ରାଜଧାନୀର ରାସ୍ତା ସ୍ଥିତି ଏବେ ଦୟନୀୟ ହୋଇପଡ଼ିଛି। ପୂର୍ତ୍ତ ବିଭାଗ, ବିଏମ୍‌ସି, ସ୍ୱେରେଜ୍ ବୋର୍ଡ, ଓପିଟିସିଏଲ୍, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ଏବେ ରାଜଧାନୀବାସୀ ଦହଗଞ୍ଜ ହେଉଛନ୍ତି। ଗୋଟିଏ ପଟେ ବର୍ଷା ସାଙ୍ଗକୁ ଅନ୍ୟପଟେ ସବୁଆଡ଼େ ରାସ୍ତା ଖୋଳା ଏବେ ନାନା ସମସ୍ୟା ସୃଷ୍ଟି କରିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ ଏବଂ ଅପରିଣାମଦର୍ଶୀ କାମ ଯୋଗୁଁ ଏବେ ରାଜଧାନୀବାସୀଙ୍କ ସମସ୍ୟା କହିଲେ ନ ସରେ। ଅନ୍ୟପଟେ ବିଏମ୍‌ସିରେ କର୍ପୋରେଟରମାନଙ୍କ କାର୍ଯ୍ୟକାଳ ୯ମାସ ହେଲା ସରିଯାଇଥିବାରୁ ଅଧିକାରୀମାନେ ନିଜ ମନଇଚ୍ଛାରେ କାର୍ଯ୍ୟ କରୁଛନ୍ତି। ସବୁ ଅଞ୍ଚଳରେ ରାସ୍ତାରେ ଖାଲ ସୃଷ୍ଟି ହୋଇ ଯାଇଥିବାବେଳେ ଏହାକୁ ମରାମତି କରାଯାଉନି କି ନୂଆ ରାସ୍ତା ନିର୍ମାଣ ହେଉନି। ଏଣେ ସ୍ୱେରେଜ୍ ବୋର୍ଡ ଗଳିକନ୍ଦିରେ ସ୍ୱେରେଜ୍ ଲାଇନ୍ ବିଛାଇବା ପାଇଁ ମାସ ମାସ ଧରି ରାସ୍ତାକୁ ଖୋଳିକି ପକାଇ ଦେଇଛି। ପୂର୍ବତନ କର୍ପୋରେଟର ନା ବିଧାୟକ କେହି ଏନେଇ କିଛି ପାଟି ଫିଟାଉନାହାନ୍ତି। ଫଳରେ ସରକାରଙ୍କ ବିଭିନ୍ନ ସଂସ୍ଥାଙ୍କ ଯାତନାରେ ଲୋକ ପେଷି ହୋଇଗଲେଣି।

## ଫେଲ ମାରିଛି ସ୍ମାର୍ଟ ଟ୍ରାଫିକ୍ ସିଗ୍‌ନାଲ

ହକି ପୁରୁଷ ବିଶ୍ୱକପ୍ ସମୟରେ ସହରର ଅତ୍ୟାଧୁନିକ ଉପକରଣମାନ ଲଗାଗଲା। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ପକ୍ଷରୁ ସହରର ନକ୍ସା ବଦଳାଯାଇଥିଲା। ଏହି ଅବସରରେ ଟ୍ରାଫିକ୍ ପରିଚାଳନା ପାଇଁ ସ୍ମାର୍ଟ ଟ୍ରାଫିକ୍ ସିଗ୍‌ନାଲକୁ ଲଗାଯାଇଥିଲା। ହେଲେ କାମକୁ ବର୍ଷେ ନ ପୁରୁଣୁ ଏବେ ଅସଲ ଅବସ୍ଥା ପଦାରେ ପଡ଼ିଛି। ତେବେ ବାତ୍ୟା 'ଫନୀ' ପରେ ଏଭଳି ସ୍ଥିତି ଉପୁଜିଛି ବୋଲି ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ସଫେଇ ଦେଉଥିବାବେଳେ ଅନେକ ସମୟରେ ଏପରି ସମସ୍ୟା ଦେଖାଦେଉଛି ବୋଲି ଜଣେ ଟ୍ରାଫିକ କର୍ମଚାରୀ କହିଛନ୍ତି। ଏପରି କି ଏନେଇ ଟ୍ରାଫିକ୍ ପୋଲିସ ଦ୍ୱାରା ଅଭିଯୋଗ କଲା ପରେ ବି ନିର୍ଦ୍ଧାରିତ ସମୟ ମଧ୍ୟରେ ତା'ର ମରାମତି କରାଯାଉ ନାହିଁ ବୋଲି ସେମାନେ କହିଛନ୍ତି।

## ପ୍ରଦୂଷଣ ସାର୍ଟିଫିକେଟ୍ ପାଇଁ ଭୋର୍ ୪ରୁ ଧାଡ଼ି

ନୂଆ ମୋଟର ଯାନ ଆଇନରେ ପ୍ରଦୂଷଣ ସାର୍ଟିଫିକେଟ୍ ନିୟମକୁ କଡ଼ାକଡ଼ି କରାଯାଇଥିବାବେଳେ ପ୍ରଦୂଷଣ ସାର୍ଟିଫିକେଟ୍ ଦେଉଥିବା ସଂସ୍ଥା ଓ ଗାଡ଼ି ନିକଟରେ ସକାଳ ନ ହେଉଣୁ ଲାଗୁଛି ଲମ୍ବା ଲାଇନ୍। ପୂର୍ବରୁ ବାଣୀବିହାର ଛକ, ଆପୋଲୋ ହସ୍ପିଟାଲ ଛକ ଭଳି ବିଭିନ୍ନ ସ୍ଥାନରେ ପଲ୍ୟୁଶନ୍ ଟେଷ୍ଟିଂ ଭ୍ୟାନ୍ ଛିଡ଼ା ହେଉଥିବାବେଳେ ଲୋକେ ତାହାକୁ ଅଣଦେଖା କରୁଥିଲେ। କିନ୍ତୁ ଏବେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା। ମାତ୍ର ୪ରୁ ୬ଟି ସଂସ୍ଥା ଏହି ସାର୍ଟିଫିକେଟ୍ ପ୍ରଦାନ କରୁଥିବାବେଳେ ଗ୍ରାହକଙ୍କ ସଂଖ୍ୟା ଲକ୍ଷାଧିକ ହୋଇଯାଉଛି। ଗାଡ଼ି ଆସି ନ ଥିଲେ ମଧ୍ୟ ଭୋର୍ ୪ଟାରୁ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ଲୋକେ ଅପେକ୍ଷା କରୁଛନ୍ତି। ନୂଆ ନିୟମ ଅନୁଯାୟୀ ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ଜରିମାନା ବାବଦକୁ ୧୦ ହଜାର ଟଙ୍କା ଦେବାକୁ ପଡୁଥିବାବେଳେ ଲୋକେ ଏହାକୁ ବେଶି ଡରୁଛନ୍ତି। ଅବଶ୍ୟ ଶୁକ୍ରବାରଠାରୁ ପ୍ରଦୂଷଣ ଚେକିଂ ନିୟମକୁ ମାସେ ପାଇଁ କୋହଳ କରାଯାଇଛି। ତଥାପି ଭୁବନେଶ୍ୱରରେ ଗାଡ଼ି ସଂଖ୍ୟା ଯେତିକି ତାହାର ପ୍ରଦୂଷଣ ସାର୍ଟିଫିକେଟ୍ ବାହାର କରିବାକୁ ମାସେ ସମୟ ବହୁତ କମ୍ ବୋଲି ଅଭିଯୋଗ ହୋଇଛି।

## ସ୍ପିଡ୍ ଡିଟେକ୍ଟର ଅଚଳ

ଭୁବନେଶ୍ୱରର ପ୍ରମୁଖ ରାସ୍ତାରେ ଗାଡ଼ିଟି କେତେ ବେଗରେ ଅଛି ତା'ର ଚାଳକ ଜାଣିବା ଲାଗି ସ୍ପିଡ ଡିଟେକ୍ଟର ଲଗାଯାଇଥିଲା। ତାହା ସାଙ୍ଗକୁ ଉପରେ ଚାରୋଟି ଲେଖାଏଁ କ୍ୟାମେରା ଲଗାଯାଇଥିଲା। ଯିଏ ସହର ମଧ୍ୟରେ ୫୦ରୁ ଅଧିକ ବେଗରେ ଗାଡ଼ିମୋଟର ଚଳାଇବ ତାକୁ ସେହି କ୍ୟାମେରା ମାଧ୍ୟମରେ ଚିହ୍ନଟ କରାଯାଇ ସମନ ଦିଆଯିବ ଓ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ସମୟ ଅନୁସାରେ ସେ ଯୋଜନାର ବି ଫସର ଫାଟିଗଲା। ତେବେ ଯଦି କମିଶନରେଟ୍ ପୋଲିସ୍ ଓ ଟ୍ରାଫିକ୍ ପୋଲିସ ପୂର୍ବ ଯୋଜନାଗୁଡ଼ିକର ସମୀକ୍ଷା କରିବ ଓ ତା'ର ଠିକ୍ ପରିଚାଳନା କରିବ ତା'ହେଲେ ଲୋକେ ନିଶ୍ଚୟ ସଚେତନ ହେବେ ବୋଲି କିଛି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଘଟଣାସ୍ଥଳରେ ଚାଲାଣ କଟାଯାଇପାରିବନି

ଭୁବନେଶ୍ୱର, ୬।୯(ବ୍ୟୁରୋ)

- ଜବରଦସ୍ତି ଗାଡ଼ି ଚାବି ଛଡ଼ାଇ ନେବା ବେଆଇନ
- ୧୨ବର୍ଷରୁ କମ୍ ପିଲା ମା', ବାପାଙ୍କ ସହ ବାଇକ୍‌ରେ ଯାଇପାରିବେ: ସିପି

ସରକାରଙ୍କ ନୂଆ ମୋଟରଯାନ ଆଇନ୍-୨୦୧୯ ସେପ୍ଟେମ୍ବର ୧ରୁ ଲାଗୁ ହେବା ପରେ ଗାଡ଼ି ଚାଳକଙ୍କ ମଧ୍ୟରେ ଛନକା ପଶିଛି। ଆର୍‌ଟିଓ ଏବଂ ଟ୍ରାଫିକ ପୋଲିସ ମନ ଇଚ୍ଛା ବିଭିନ୍ନ ନିୟମ ଉଲ୍ଲଂଘନ ଦେଖାଇ ଫାଇନ୍ କାଟୁଛି। କିନ୍ତୁ ନିୟମରେ ରହିଛି, ଘଟଣାସ୍ଥଳରେ ଟଙ୍କା କିମ୍ବା ଚାଲାଣ କାଟି ପାରିବେନି ପୋଲିସ ଏବଂ ଆରଟିଓ। ଏହାକୁ ଅନେକ ଗାଡ଼ି ଚାଳକ ଜାଣି ନ ଥିବାରୁ ତାଙ୍କ ଉପରେ ଏହି ଦୁଇ ବିଭାଗର କର୍ମଚାରୀ ଜୁଲମ କରୁଛନ୍ତି। ଗାଡ଼ି ପଞ୍ଜୀକରଣ ପ୍ରମାଣପତ୍ର (ଆର୍‌ସି), ଇନସ୍ୟୁରାନ୍ସ, ପ୍ରଦୂଷଣ ପ୍ରମାଣପତ୍ର, ଡ୍ରାଇଭିଂ ଲାଇସେନ୍ସ ଏବଂ ପରମିଟ୍ ପ୍ରମାଣପତ୍ର ନ ଦେଖାଇଲେ ଗାଡ଼ି ଚାଳକଙ୍କୁ ଧରି ସେମାନଙ୍କ ଗାଡ଼ିର ଚାବି ଛଡ଼ାଇ ନେଇଯାଉଛନ୍ତି। ଏପରି କି ଘଟଣାସ୍ଥଳରେ ଚାଲାଣ କାଟିବା ସହ ଫାଇନ ଦେବାକୁ କହୁଛନ୍ତି। ଯଦି କାହା ନିକଟରେ ଟଙ୍କା ନାହିଁ ପୋଲିସ ଅଫିସରମାନେ ତାଙ୍କ ଗାଡ଼ିକୁ ସିଜ୍ କରି ଥାନାକୁ ନେଉଯାଉଛନ୍ତି। କିନ୍ତୁ ତାହା କରିବା ସମ୍ପୂର୍ଣ୍ଣ ଭାବେ ବେଆଇନ। ଯଦି ଜଣେ ଗାଡ଼ିଚାଳକ ସେହି ସମୟରେ ଏହି ସବୁ ପ୍ରମାଣପତ୍ର ଦେଖାଇ ପାରୁନାହାଁନ୍ତି ତାହା ଅପରାଧ ନୁହେଁ।

କେନ୍ଦ୍ରୀୟ ମୋଟରଯାନ ନିୟମ ୧୩୯ରେ ବ୍ୟବସ୍ଥା ରହିଛି ଯେ, ଗାଡ଼ି ଚାଳକଙ୍କୁ କାଗଜପତ୍ର ଦେଖାଇବା ଲାଗି ୧୨ଦିନ ସମୟ ଦିଆଯିବ। ଚାଳକ ଯଦି ୧୫ଦିନ ମଧ୍ୟରେ ଗାଡ଼ିର କାଗଜପତ୍ର ଦେଖାଇବା ଲାଗି ଦାବି କରିବେ ତାହା ହେଲେ ପୋଲିସ କିମ୍ବା ଆରଟିଓ ଚାଲାଣ କାଟିପାରିବେ ନାହିଁ। ଏହାପରେ ୧୫ଦିନ ମଧ୍ୟରେ ଚାଳକଙ୍କୁ ସମସ୍ତ କାଗଜପତ୍ର ଟ୍ରାଫିକ ପୋଲିସ ଅଥବା ଆରଟିଓଙ୍କ ନିକଟରେ ଉପସ୍ଥାପନ କରିବାକୁ ପଡ଼ିବ।

ଏ ନେଇ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସ କହିଛନ୍ତି, ମୋଟର ଯାନ ଆଇନ ୨୦୧୯ ଧାରା ୧୫୮ ଅନୁଯାୟୀ, ଦୁର୍ଘଟଣା ହେବା କିମ୍ବା କୌଣସି ବିଶେଷ ମାମଲାରେ ଗାଡ଼ିର କାଗଜପତ୍ର ଦେଖାଇବାର ସମୟ ୭ ଦିନ ଧାର୍ଯ୍ୟ ରହିଛି। ଯଦି ଗାଡ଼ି ଚାଳକ ଘଟଣାସ୍ଥଳରେ କାଗଜପତ୍ର ଦେଖାଇ ନ ଦେଖାଇ ପାରନ୍ତି ଓ ପୋଲିସ ଚାଲାଣ କାଟନ୍ତି ତେବେ କୋର୍ଟରେ ଏହାକୁ ଖାରଜ କରିବା ଲାଗି ଚାଳକଙ୍କ ନିକଟରେ ବିକଳ୍ପ ରହିଛି। ସେ ଆହୁରି କହିଛନ୍ତି, ଯଦି ଟ୍ରାଫିକ ପୋଲିସ ବେଆଇନ ଭାବେ ଚାଲାଣ କାଟୁଛି, ତେବେ ଚାଳକଙ୍କୁ କେବେ ବି ଚାଲାଣ ଭରିବାକୁ ପଡ଼ିବ ନାହିଁ। ଏହି ଚାଲାଣକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ। ଯଦି କୋର୍ଟ ଜାଣିବାକୁ ପାଇବେ ଚାଳକଙ୍କ ନିକଟରେ ସମସ୍ତ କାଗଜପତ୍ର ରହିଛି ଏବଂ ତାହାକୁ ଦେଖାଇବା ଲାଗି ୧୫ଦିନ ସମୟ ଦିଆଯାଇନାହିଁ ତାହାହେଲେ କୋର୍ଟ ଜରିମାନା ଛାଡ଼ କରିପାରିବେ।

ଅନ୍ୟପକ୍ଷରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ପୋଲିସ ୧ ହଜାର ଟଙ୍କାରୁ ଅଧିକ ଫାଇନ କରୁନାହିଁ। ଯେଉଁ ଅଧିକ ଫାଇନ ହେଉଛି ତାହା ପରିବହନ ବିଭାଗ କରୁଛି। ୧୨ବର୍ଷରୁ କମ୍ ବୟସର ପିଲା ହୋଇଥିଲେ ସେମାନେ ବାପା ମା'ଙ୍କ ସହ ବାଇକରେ ଯାଇପାରିବେ। ସ୍କୁଲ ପିଲା ଗାଡ଼ି ଚଳାଇଲେ ମା, ବାପାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏପରି କି ଯେଉଁ ପିଲା ଧରାପଡ଼ିବେ ତାଙ୍କୁ ୨୫ବର୍ଷ ବୟସ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ଦିଆଯିବ ନାହିଁ। ଆରଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି। ଏଥର କେବଳ ମୁଖ୍ୟ ନିୟମ ଉଲ୍ଲଂଘନ ପାଇଁ ଫାଇନ ଆଦାୟ କରାଯିବ। କାଗଜପତ୍ର ଉପସ୍ଥାପନ ପାଇଁ ୧୦ଦିନ ସମୟ ଦିଆଯିବାର ନିୟମ ରହିଛି।

## କ'ଣ କୁହନ୍ତି ଏମାନେ...

### ଜୁଲମ ପରି ଲାଗୁଛି



"ଦୁର୍ଘଟଣା ରୋକିବାକୁ ସରକାର ନିୟମ କରିଛନ୍ତି, ଠିକ୍ ଅଛି। ହେଲେ ହଠାତ୍ ଏବେ ଦୁଇଗୁଣା ଫାଇନ୍ ଅଟୋ ଚାଳକଙ୍କଠାରୁ ନେବା ଜୁଲମ ପରି ଲାଗୁଛି। ଜଣେ ଅଟୋ ଚାଳକ ମାସକୁ ୧୦ହଜାର ରୋଜଗାର କରୁଥିବା ବେଳେ ଫାଇନରେ ତାକୁ ସବୁଟଙ୍କା ଜରିମାନା ଆକାରରେ ଦେବାକୁ ପଡୁଛି। ଜଣେ ଅଟୋବାଲା ତା'ର ପରିବାର ଚଳାଇବ କିପରି ତାହାକୁ ସରକାର ବୁଝିବା ଆବଶ୍ୟକ।

- ଶତ୍ରୁଘ୍ନ ସାମନ୍ତରାୟ, ଅଟୋ ଡ୍ରାଇଭର

### ଗାଁରେ ଚାଷ କରିବା ଭଲ



"ଯେଉଁ ନିୟମ ହୋଇଛି ତାହା କେବଳ ସରକାରଙ୍କର ରାଜସ୍ୱ ଆଦାୟ କରିବା ମୁଖ୍ୟ ଲକ୍ଷ୍ୟ। ଗୋଟିଏ ଅଟୋରେ ଅତିକମ୍‌ରେ ୩ଜଣ ଯାତ୍ରୀ ସହ ଡ୍ରାଇଭରଙ୍କୁ ମିଶାଇ ୪ଜଣ ଯାଇପାରିବେ। ହେଲେ ବାଣୀବିହାରରୁ ମାଷ୍ଟରକ୍ୟାଣ୍ଟିନ ଗଲେ ମାତ୍ର ୩ଟଙ୍କା ମିଳିବ। ସେଠାରୁ କେହି ଆସିବେ କି ନାହିଁ ତାହା ଠିକ୍ ନାହିଁ। ତେଣୁ ମାସକୁ କେତେ ଟଙ୍କା ଜଣେ ଅଟୋ ଡ୍ରାଇଭର ପାଇବ। ତାହା ଅପେକ୍ଷା ଗାଁକୁ ଚାଲିଯାଇ ଚାଷ କରିବା ଭଲ।

- ରବୀନ୍ଦ୍ର ମହାରଣା, ଅଟୋ ଡ୍ରାଇଭର

### ଗରିବଙ୍କୁ ଲୁଟୁଛନ୍ତି



"ସରକାର କେବଳ ନିୟମ କରି ଗରିବ ଲୋକଙ୍କୁ ଲୁଟୁଛନ୍ତି। କାରଣ ଏକ ଆମ୍ବୁଲାନ୍ସରେ ୮ଜଣ ରୋଗୀଙ୍କୁ ନେଇ ଗଲେ ପୋଲିସ ଧରୁନାହିଁ। କିନ୍ତୁ ଏକ ଅଟୋରେ ରୋଗୀକୁ ବସାଇ ୫ଜଣ ଗଲେ ପୋଲିସ ଧରି ମୋଟା ରକମର ଜରିମାନା କରୁଛି। ଏଇଟା କ'ଣ ଆଇନ। ତେଣୁ ଏହି ଆଇନ୍‌ରେ ପରିବର୍ତ୍ତନ ହେବା ଦରକାର।

- କାର୍ତ୍ତିକ ସେଠୀ, ଡ୍ରାଇଭର

### ସଚେତନ କରିବା ଉଚିତ



"ଲୋକଙ୍କୁ ସଚେତନ କରି ଜରିମାନା ଆଦାୟ କରିବା ଉଚିତ ହୋଇଥାନ୍ତା। ହେଲେ ଏଭଳି ନ କରି ହଠାତ୍ ଜରିମାନା ଆଦାୟ କରିବା ମୋ' ମତରେ ଠିକ୍ ହୋଇନାହିଁ। କାରଣ ବିଭିନ୍ନ ଟ୍ରାଫିକ ଛକରେ ପୋଲିସ ଜାଣିଶୁଣି ବାଇକ ଚାଳକଙ୍କୁ ଅଟକାଇ ଜୁଲମ କରୁଛନ୍ତି। ଜୋରଜବରଦସ୍ତି ବାଇକ ଚାବି ଛଡ଼ାଇ ନେଇ ଫାଇନ୍ କାଟୁଛନ୍ତି।

- କୈଳାସ ଚନ୍ଦ୍ର ବେହେରା, ବାଇକ ଚାଳକ

### ବଡ଼ବଡ଼ିଆଙ୍କୁ ଛାଡ଼ି ଦେଉଛନ୍ତି



"ଟ୍ରାଫିକ ପୋଲିସ ଏବଂ ଆର୍‌ଟିଓ ନଜର କେବଳ ବାଇକ ଚାଳକ ଏବଂ ଅଟୋ ଚାଳକଙ୍କ ଉପରେ। ହେଲେ ବଡ ବଡ ବାବୁମାନଙ୍କୁ ଛାଡ଼ି ଦେଉଛନ୍ତି। ସେମାନେ ବିନା ସିଟ୍‌ବେଲ୍ଟରେ ଗାଡ଼ି ଚଳାଉଥିଲେ ମଧ୍ୟ ସେମାନଙ୍କୁ ଧରାଯାଉନାହିଁ। କେବଳ କେଉଁ ବାଇକ ଚାଳକ ଜେବ୍ରା କ୍ରସିଂ ଡେଇଁଛି ତାକୁ ଧରୁଛନ୍ତି।

- ସମୀର ବାରିକ, ବାଇକ ଚାଳକ

### ତର୍ଜମା ନ କରି ଆଇନ ଲାଗୁ



"ପଶ୍ଚିମବଙ୍ଗ, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଏହି ନିୟମ ଲାଗୁ ହୋଇନାହିଁ। କିନ୍ତୁ ଓଡ଼ିଶା ସରକାର ଏହି ନୂଆ ମୋଟର ଆଇନ ବିଷୟରେ ତର୍ଜମା ନ କରି ତୁରନ୍ତ ଲାଗୁ କଲେ। ଏହା ପୂର୍ବରୁ ବିଜ୍ଞାପନ ଦେଇ ସଚେତନ କଲେନାହିଁ। କେବଳ ଫାଇନ୍ କାଟିବାରେ ବ୍ୟସ୍ତ ଆରଟିଓ ଏବଂ ଟ୍ରାଫିକ ପୋଲିସ।

- ସଞ୍ଜୟ କୁମାର ମଲ୍ଲିକ, ଗାଡ଼ି ଚାଳକ

### ଜରିମାନା ପାଇଁ ବାଧ କରୁଛନ୍ତି



"ପୋଲିସ ଏବଂ ଆର୍‌ଟିଓ ଗାଡ଼ି ଚାଳକଙ୍କୁ ଧରି ତୁରନ୍ତ ଜରିମାନା ଦେବାକୁ ବାଧ କରୁଛନ୍ତି। କିନ୍ତୁ ନୂଆ ମୋଟରଯାନ ଆଇନରେ ଏଭଳି ବ୍ୟବସ୍ଥା ନାହିଁ। ଜଣେ ଗାଡ଼ି ଚାଳକଙ୍କୁ ଧରିଲେ ତାଙ୍କ ନାମରେ ଚାଲାଣ କାଟିବେ। ଏପରି କି ୭ଦିନ ସମୟ ଦେବେ ଗାଡ଼ି କାଗଜପତ୍ର ଦେଖାଇବା ପାଇଁ। ଦେଖାଇ ନ ପାରିଲେ ତାଙ୍କୁ ନୋଟିସ କରାଯାଇ ଫାଇନ କରାଯିବ। କିନ୍ତୁ ଏଠାରେ ତାହା କରାଯାଉନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଖଣି ମାଲିକଙ୍କଠାରୁ ଫାଇନ୍ ଆଦାୟ କରିପାରିଲେନି, କିନ୍ତୁ ନିରୀହ ଗରିବ ଲୋକଙ୍କଠାରୁ ଟ୍ରାଫିକ ଉଲ୍ଲଂଘନ ନାମରେ ଫାଇନ ଆଦାୟରେ ଲାଗିପଡ଼ିଛନ୍ତି।

- ଚିତ୍ତରଞ୍ଜନ ଦାସ, ଆଇନଜୀବୀ

### ଲୋକଙ୍କୁ ହଇରାଣ କରା ନ ଯାଉ



"ସରକାରଙ୍କ ଏଭଳି ନିୟମକୁ ସ୍ୱାଗତ କରୁଛି। କିନ୍ତୁ ଲୋକଙ୍କୁ ଫାଇନ୍ ନାମରେ ହଇରାଣ କରାଯାଉଛି। ରାସ୍ତା ମଝିରୁ ଉଲ୍ଲଂଘନକାରୀଙ୍କୁ ଗୋଡ଼ାଇ ଧରୁଛନ୍ତି ପୋଲିସ କର୍ମଚାରୀ। ଯାହାଦ୍ୱାରା ଅନ୍ୟମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଭଳି କରା ନ ଯାଉ। ଯେଉଁମାନେ ନିୟମ ଭାଙ୍ଗୁଛନ୍ତି ସେମାନଙ୍କୁ ରାସ୍ତାକଡ଼ରେ ଅଟକାନ୍ତୁ। ଏଭଳି ରାସ୍ତା ମଝିରେ ନୁହେଁ।

- ରୋମାଲି ନାୟକ, ଯାତ୍ରୀ

### ପ୍ରଥମେ ରାସ୍ତା ମରାମତି ହେଉ



"ସରକାର ନିୟମ ଉଲ୍ଲଂଘନକାରୀଙ୍କୁ ଜରିମାନା କରିବା ଠିକ୍ ଅଛି। କିନ୍ତୁ ପ୍ରଥମେ ରାସ୍ତା ଗୁଡ଼ିକୁ ମରାମତି କରାଯାଉ। କିନ୍ତୁ ତାହା କରା ନ ଯାଇ ଲୋକଙ୍କ ଉପରେ ଜୁଲମ ଚାଲିଛି। ଜରିମାନା ଆଦାୟ ପୂର୍ବରୁ ରାସ୍ତାଗୁଡ଼ିକ ମରାମତି ହେବା ଉଚିତ।

- ନର୍ମଦା ନାୟକ, ଯାତ୍ରୀ

ରିପୋର୍ଟ: ସସ୍ମିତା ପାଇକରାୟ, ତ୍ରିନାଥ ମହାନ୍ତି, ସ୍ଥିତପ୍ରଜ୍ଞ ମିଶ୍ର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


ବିଜୟ


ସ୍ୱାତୀ


ପ୍ରତୀକ୍ଷା


ସତ୍ୟଜିତ୍


ଅକ୍ଷୟ


ବିଭୂତି


ସାଜିଦ୍


ଧନଞ୍ଜୟ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ନିର୍ଭିକ ଲୋକ ହିଁ ସୁଯୋଗ ପାଇଲେ ଶିଖର ଦେଶରେ ପହଞ୍ଚିଯାଏ।
- ସେକ୍ସପିଅର



ଉଚ୍ଛେଦ ପରେ ଶ୍ରୀମନ୍ଦିର ସିଂହଦ୍ୱାରର ଦୃଶ୍ୟ। (ଫଟୋ- ଅନିଲ କୁମାର ସାହୁ)

# ଲୋକାଭିମୁଖୀ ହେବ ଶ୍ରୀଜଗନ୍ନାଥ ସଂସ୍କୃତି

**ପୁରୀ ଅଫିସ, ୬।୯**

- **ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ପ୍ରକାଶନ, ପ୍ରସାର ଉପ ସମିତି ବୈଠକ**
- **ଗଠନ ହେଲା ୬ ସବ୍ କମିଟି**

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଅଭିଯାନ ଆରମ୍ଭ ହୋଇଛି। ଏଥିଲାଗି ଶୁକ୍ରବାର ଶ୍ରୀନଅରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ପ୍ରକାଶନ ଓ ପ୍ରସାର ଉପ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କିପରି ଆହୁରି ଅଧିକ ମାତ୍ରାରେ ହୋଇପାରିବ ଏବଂ ଠିକ୍ ଢଙ୍ଗରେ ହେବ ସେଥିଲାଗି ୬ଟି ସବ୍ କମିଟି ଗଠନ କରାଯାଇଛି। ଏହି ସବ୍ କମିଟିଗୁଡ଼ିକ ହେଲା ଐକ୍ୟ ସ୍ଥାପନା, ପ୍ରକାଶନୀ, ଅଡିଓ ଭିଡ଼ିଓ, ସ୍ୱାଧ୍ୟାୟ, ଲୀଳାକ୍ଷେତ୍ର ଓ ସଦ୍‌ଗ୍ରନ୍ଥ।

ମହାପ୍ରଭୁଙ୍କ ବିଭିନ୍ନ ସ୍ଥାନରେ ଲୀଳାକ୍ଷେତ୍ର ରହିଛି। ଯେଉଁଠିକୁ ବିଭିନ୍ନ ସମୟରେ ମହାପ୍ରଭୁ ଯାଇଥିଲେ। ସେହି ସ୍ଥାନଗୁଡ଼ିକର କିପରି ବିକାଶ ହୋଇପାରିବ ଏବଂ ଲୋକମାନେ ଏହି ଲୀଳାକ୍ଷେତ୍ର ସମ୍ପର୍କରେ ସବିଶେଷ ଧାରଣା ପାଇବେ ସେଥିଲାଗି ଲୀଳାକ୍ଷେତ୍ର ସବ୍ କମିଟି କାମ କରିବ। ସେହିପରି ଶ୍ରୀମନ୍ଦିର ନିକଟରେ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଭାବ ଧାରାରେ ଉଦ୍‌ବୁଦ୍ଧ କରିବା ଲାଗି ପ୍ରତିଦିନ ବେଦପାଠ ଓ ପ୍ରବଚନ କାର୍ଯ୍ୟକ୍ରମ ହେବ। ଏଥିଲାଗି ସ୍ୱାଧ୍ୟାୟ କମିଟି କାର୍ଯ୍ୟ କରିବ। ଅଡିଓ ଭିଡ଼ିଓ ସବ୍ କମିଟି ପାରମ୍ପରିକ ଭଜନ, ଜଣାଣ ଓ ମହାପ୍ରଭୁଙ୍କ ବିଭିନ୍ନ ଲୀଳା, କାହାଣୀ ପାଇଁ କାମ କରିବ। ଏଥିରେ ରେକର୍ଡିଂ ମଧ୍ୟ କରାଯିବ। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରା ସମ୍ପର୍କୀତ ବିଭିନ୍ନ ପୁସ୍ତକ ଓ ପତ୍ରପତ୍ରିକା ଲାଗି ପ୍ରକାଶନୀ ସବ୍ କମିଟି ଗଠନ କରାଯାଇଛି। ଏହାର ସଦସ୍ୟମାନେ ଯେପରି ନିର୍ଭୁଲ ଭାବେ ପୁସ୍ତକ ଏବଂ ପତ୍ରପତ୍ରିକା ପ୍ରକାଶ କରାଯିବ ତାହା ଉପରେ ଗୁରୁତ୍ୱ ଦେବେ। ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା, ଶ୍ରୀମନ୍ଦିର ସମ୍ପର୍କୀତ ବିଭିନ୍ନ ପୁସ୍ତକକୁ ନେଇ ଲାଇବ୍ରେରୀକୁ ସମୃଦ୍ଧ କରାଯିବ। ସଦ୍‌ଗ୍ରନ୍ଥ ସବ୍ କମିଟି ଏହାର ଦାୟିତ୍ୱରେ ରହିବ। ତେବେ ଐକ୍ୟ ସ୍ଥାପନା ସବ୍ କମିଟିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ବିଭିନ୍ନ ସ୍ଥାନରେ ଅଦିନରେ ରଥଯାତ୍ରା କରାଯାଉଛି। ସେହିପରି ଅନ୍ୟାନ୍ୟ ସ୍ଥାନରେ ଠାକୁରଙ୍କ ବେଶ, ସେବାପୂଜା କରାଯାଉଥିବା ବେଳେ ବିଧି ମୁତାବକ କରାଯାଉ ନାହିଁ। ତେଣୁ ମହାପ୍ରଭୁଙ୍କ ସେବାପୂଜା ଠିକ୍ ପ୍ରକାରେ ପରମ୍ପରା ଅନୁଯାୟୀ ଏବଂ ବିଧି ମୁତାବକ କିପରି ସର୍ବତ୍ର କରାଯିବ ତାହା ଉପରେ ଐକ୍ୟ ସ୍ଥାପନା କମିଟି ଫୋକସ ରଖିବ। ଲୁଧିଆନାରେ ଗତବର୍ଷ ଅଦିନରେ ରଥଯାତ୍ରା କରାଯାଇଥିଲା। ଏ ନେଇ ସମ୍ପୃକ୍ତ ମନ୍ଦିର କମିଟିକୁ ଅବଗତ କରାଯାଇଥିଲା। ହେଲେ ଚଳିତବର୍ଷ ମଧ୍ୟ ସେମାନେ ଅଦିନରେ ରଥଯାତ୍ରା କରିଛନ୍ତି। ତେଣୁ ଏହାର କିପରି ପୁନରାବୃତ୍ତି ନ ହେବ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ରଥଯାତ୍ରାକୁ ବିଧି ମୁତାବକ ନିର୍ଦ୍ଦିଷ୍ଟ ଦିନରେ କରିବା ଲାଗି ଏହି ସବ୍ କମିଟି କାମ କରିବ ବୋଲି ବୈଠକରେ ଆଲୋଚନା କରାଯାଇଛି।

୨/୩ ବର୍ଷ ଧରି ଏହା ପରିକଳ୍ପନା କରାଯାଇଥିଲା। କିନ୍ତୁ ଏହା ଅଗ୍ରଗତି କରିପାରି ନ ଥିଲା। ତେଣୁ ଏହାକୁ ତ୍ୱରାନ୍ୱିତ କରିବା ଲାଗି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ମୁକ୍ତି ମଣ୍ଡପ ପଣ୍ଡିତ, ଗବେଷକ, ପ୍ରଫେସର, ବୁଦ୍ଧିଜୀବୀ, ମଠ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ସବ୍ କମିଟରେ ୩ରୁ ୫ ଜଣଙ୍କୁ ସଦସ୍ୟ ରଖାଯାଇଛି।

ବିଜୁ ପଟ୍ଟନାୟକଙ୍କ ସମାଧି ସ୍ଥଳ ଉଚ୍ଛେଦ ଦାବି

# କଳିଙ୍ଗ ସେନାର ସମୁଦ୍ରକୂଳ ଥାନାରେ ଏତଲା

**ପୁରୀ ଅଫିସ, ୬।୯**

ଶ୍ରୀମନ୍ଦିର ସୁରକ୍ଷା ଲାଗି ରାଜ୍ୟ ସରକାର ନେଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ କଳିଙ୍ଗ ସେନା ସ୍ୱାଗତ କରିଛି। ତେବେ ମହାପ୍ରଭୁଙ୍କ ସୁରକ୍ଷା ଶ୍ରୀକ୍ଷେତ୍ରର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ପୁରୀବାସୀଙ୍କୁ ତ୍ୟାଗ ଲାଗି ଆହ୍ୱାନ ଦେଇଛନ୍ତି। ଶ୍ରୀମନ୍ଦିର ସୁରକ୍ଷା ଲାଗି ପୁରୀବାସୀ ଦୀର୍ଘ ବର୍ଷ ଧରି ତ୍ୟାଗ କରି ଆସିଛନ୍ତି। ଶ୍ରୀମନ୍ଦିର ମେଘନାଦ ପାଚେରି ଚାରିପଟୁ ୭୫ପରିଧିରେ ଆସୁଥିବା କୋଠା, ମଠ ଉଚ୍ଛେଦ ଚାଲିଛି। ହିନ୍ଦୁ ଧର୍ମର ପ୍ରତୀକ ମଠ ସଂସ୍କୃତିକୁ ନଷ୍ଟ କରିବାକୁ ବସିଛନ୍ତି। ଯଦି ପୁରୀବାସୀ ତ୍ୟାଗ କରିବେ, ତେବେ ମୁଖ୍ୟମନ୍ତ୍ରୀ ମଧ୍ୟ ତ୍ୟାଗ କରନ୍ତୁ। ସ୍ୱର୍ଗଦ୍ୱାର ଜମିରେ ୬୪ ଡେସିମିଲ ଜାଗାରେ ବିଜୁବାବୁଙ୍କ ସମାଧି ରହିଛି। ବୃହତର ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜମିକୁ ମୁକ୍ତ କରି ନିଜେ ତ୍ୟାଗର ମୂଲ୍ୟ ରଖନ୍ତୁ ବୋଲି କଳିଙ୍ଗ ସେନା ଉପସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି। ଏହି ଜବରଦଖଲ ଜମି ଉଚ୍ଛେଦ ପ୍ରତିବାଦରେ ଶୁକ୍ରବାର ସମୁଦ୍ରକୂଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କଳିଙ୍ଗ ସେନା ଏଥିରେ ମୁଖ୍ୟମନ୍ତ୍ରୀ ଏବଂ ଜିଲାପାଳଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ ଲାଗି ଦାବି କରିଛି। ଏହି ଦାବି ପତ୍ର ପ୍ରଦାନ ବେଳେ ସମ୍ପାଦକ ବିଜୟ ରାଜ, ସ୍ୱାତିଶ ରଞ୍ଜନ ସାହୁ, ସଙ୍ଗଠନ ସମ୍ପାଦକ ଭକ୍ତଶେଖର ରାୟ, ସମ୍ପାଦକ ଅବଦୁଲ୍ କୟୁମ୍ ଖାନ, ପ୍ରଦୀପ ସାହୁ ଓ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସବ୍ୟସାଚୀ ମହାପାତ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ରାଜ୍ୟ ସରକାର ସଂସ୍କୃତି ଉପରେ କୁଠାରଘାତ କରିଛନ୍ତି। ମଠ ହେଉଛି ସାଧନାର କେନ୍ଦ୍ର। ଯଦି ମଠ ସଂସ୍କୃତି ନଷ୍ଟ ହୋଇଯିବ, ତେବେ କେଉଁ ଐତିହ୍ୟକୁ ନେଇ ରାଜ୍ୟ ସରକାର ବିଶ୍ୱ ସ୍ତରର ସହର ଭାବେ ଗଢିବେ ବୋଲି ସେ ପ୍ରଶ୍ନ କରିଛନ୍ତି।



କଳିଙ୍ଗ ସେନା ପକ୍ଷରୁ ସମୁଦ୍ରକୂଳ ଥାନାରେ ଏତଲା ଦିଆଯାଉଛି।

## ସଂକ୍ଷେପରେ

### ଚୁଙ୍ଗ୍‌ଜୁ ବିଶ୍ୱ ମାର୍ଶାଲ ଆର୍ଟସ୍ ମାଷ୍ଟରଶିପ୍-୨୦୧୯ ବ୍ରୋଞ୍ଜ ପଦକ ଜିତିଲେ ଅନୁପମା



**ଭୁବନେଶ୍ୱର, ୬।୯(ବ୍ୟୁରୋ):** ଦକ୍ଷିଣ କୋରିଆରେ ଅନୁଷ୍ଠିତ 'ଚୁଙ୍ଗ୍‌ଜୁ ବିଶ୍ୱ ମାର୍ଶାଲ ଆର୍ଟସ୍ ମାଷ୍ଟରଶିପ୍-୨୦୧୯'ରେ ଭୁବନେଶ୍ୱରର ମହିଳା କନଷ୍ଟେବଲ ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ ଜିତି ଦେଶ ତଥା ରାଜ୍ୟ ପୋଲିସ ପାଇଁ ଗୌରବ ଆଣିଛନ୍ତି। ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ଗୁରୁବାର କମିଶନରେଟ ମୁଖ୍ୟାଳୟରେ ତାଙ୍କୁ ପୁଷ୍ପଗୁଚ୍ଛ ସହ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଅନୁପମାଙ୍କ ସଫଳତା ରାଜ୍ୟ ପୋଲିସର ଅନ୍ୟ କର୍ମଚାରୀଙ୍କୁ ପ୍ରେରଣା ଯୋଗାଇବ ବୋଲି କମିଶନର କହିଛନ୍ତି। ଭୁବନେଶ୍ୱର ସହରାଞ୍ଚଳ ପୋଲିସରେ କାର୍ଯ୍ୟରତ ଅନୁପମାଙ୍କୁ ଏଥିପାଇଁ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ଅନୁପମା କହିଛନ୍ତି, ମାର୍ଶାଲ ଆର୍ଟସ ମାଷ୍ଟରଶିପରେ ଭାଗ ନେବାକୁ ସେ ଯାତ୍ରା ଆରମ୍ଭ କଲା ବେଳେ ବେଶ୍ ଉତ୍ସାହିତ ଥିଲେ। ପ୍ରଥମେ ଦକ୍ଷିଣ କୋରିଆର ଭାଷାକୁ ନେଇ ଚିନ୍ତିତ ହୋଇପଡ଼ିଥିଲେ। ମାତ୍ର ତାଙ୍କର ଦୃଢ ଇଚ୍ଛା ଶକ୍ତି ଓ ଲକ୍ଷ୍ୟ ଆଗରେ ସେହି ଚିନ୍ତା ଫିକା ପଡ଼ିଯାଇଥିଲା। ଦେଶ ପାଇଁ ସେ ନିଶ୍ଚିତ ଭାବେ ପଦକ ଜିତିବାକୁ ମନରେ ସ୍ଥିର କରି ଯାତ୍ରା ଆରମ୍ଭ କରିଥିଲେ। ସେ ୨୦୨୨ ଏସିଆନ କ୍ରୀଡ଼ା ପାଇଁ କଠିନ ପରିଶ୍ରମ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

### କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

**ଯାଁଳା,୬।୯(ଡି.ଏନ.ଏ.):** ଯାଁଳା ଫାଣ୍ଡି ଅନ୍ତର୍ଗତ ଉତ୍ତର ମୁଣ୍ଡମୁହାଣ ରାଉତସାହିରେ ନୟନା ରାଉତ(୭୦) ଶୁକ୍ରବାର ସକାଳେ କୂଅରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ସକାଳ ପ୍ରାୟ ୮ଟାରେ ଘର କୂଅରୁ ନୟନା ପାଣି କାଢ଼ିବାକୁ ଯାଇଥିଲେ। ତେବେ ଫେରିବାରେ ବିଳମ୍ବ ହେବାରୁ ଘର ଲୋକେ ଚାରିଆଡ଼େ ଖୋଜାଖୋଜି କରିଥିଲେ। ସନ୍ଦେହରେ କୂଅରେ ପଶି ଦେଖିବା ପରେ ନୟନାଙ୍କ ମୃତଦେହ ଦେଖିବାକୁ ପାଇଥିଲେ।

■ 'ଗ୍ରାଣ୍ଡପାସ୍ କିଚେନ୍' ପୁସ୍ତକ ଲୋକାର୍ପିତ

## ମିଳିବ ଓଡ଼ିଆ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ



ଲୋକାର୍ପଣ ଉତ୍ସବରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଲେଖିକା ସୁଚିତ୍ରା ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଖାଦ୍ୟପ୍ରେମୀଙ୍କ ପାଇଁ ଉପଯୁକ୍ତ ପୁସ୍ତକ 'ଗ୍ରାଣ୍ଡପାସ୍ କିଚେନ୍' ଲୋକାର୍ପିତ ହୋଇଛି। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ପୁସ୍ତକରେ ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀକୁ ସ୍ଥାନିତ କରାଯାଇଛି। ଏହାକୁ ଦେଖିବା ପରେ ଲୋକମାନେ ପୁଣିଥରେ ପୁରୁଣା ପାରମ୍ପରିକ ଭୋଜନ ପ୍ରତି ମନବଳାଇବେ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ପୁସ୍ତକରେ ୧୨୭ ପ୍ରକାରର ଓଡ଼ିଆ ଖାଦ୍ୟ, ମିଷ୍ଟାନ ଓ ପିଠାପଣା ପ୍ରସ୍ତୁତି ପ୍ରଣାଳୀକୁ ସ୍ଥାନିତ କରାଯାଇଛି। ୧୫୨ ପୃଷ୍ଠାର ଏହି ପୁସ୍ତକକୁ ଖାଦ୍ୟପ୍ରେମୀ ନିଶ୍ଚୟ ଆଦୃତ କରିବେ ବୋଲି ପୁସ୍ତକ ରଚୟିତା ସୁଚିତ୍ରା ପ୍ରଧାନ ଆଶବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ନମ୍ରତା ଚଢା, ଲେଖିକା ଇତି ସାମନ୍ତ, ସୁଚନା ଓ ଲେକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ମହିଳାଙ୍କଠାରୁ ସୁନାଚେନ ଲୁଟ୍, ଜଣେ ଗିରଫ

**କଟକ ରୋଡ,୬।୯(ଡି.ଏନ୍.ଏ):** ଜଣେ ମହିଳାଙ୍କ ସୁନା ଚେନ ଲୁଟ୍ ଅଭିଯୋଗରେ ବଡ଼ଗଡ଼ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଧୀନ ଚିନ୍ତାମଣିଶ୍ୱର ଅଞ୍ଚଳରେ ରହୁଥିବା ଶରତ ଚନ୍ଦ୍ର ମହାନ୍ତି। ଏହା ସହ ତାଙ୍କ ନିକଟରୁ ଲୁଟ୍ ଚେନ ଜବତ ହୋଇଥିବା ପୋଲିସ କହିଛି। ଗୁରୁବାର ଅପରାହ୍ନରେ ବଡ଼ଗଡ଼ ଅଞ୍ଚଳର ବିଷ୍ଣୁପ୍ରିୟା ସାହୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଏକ ବାଇକରେ ଆସି ମହିଳାଙ୍କଠାରୁ ସୁନା ଚେନ ଲୁଟି ନେଇଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଛି।

## ଟ୍ରେନ୍ ଧକ୍କାରେ ରେଳ ଫାଟକ ଜଗୁଆଳି ମୃତ

**ଡେଲାଙ୍ଗ,୬।୯(ଡି.ଏନ୍.ଏ.):** ଡେଲାଙ୍ଗ ରେଳ ଷ୍ଟେଶନର ନିକଟସ୍ଥ ବେରବୋଇ ଲେବଲ୍ କ୍ରସିଂଠାରେ ଏକ ଟ୍ରେନ ଧକ୍କାରେ ଗୁରୁବାର ଜଣେ ରେଳ ଫାଟକ ଜଗୁଆଳିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ଥାନା କୁସୁମାଟି ଗ୍ରାମର ଧନେଶ୍ୱର ଦଳେଇ (୫୫)। ସାକ୍ଷୀଗୋପାଳ ଜିଆର୍‌ପି ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ପାତ୍ର ପହଞ୍ଚି ତାଙ୍କ ଖଣ୍ଡବିଖଣ୍ଡିତ ଶରୀର ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛନ୍ତି। ୭୦/୧୯ନଂରେ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ଅପରାହ୍ନ ୩ଟା ୩୦ରେ ପ୍ରବଳ ବର୍ଷା ସହ ବଜ୍ରପାତ ହେଉଥିବାରୁ ଗୋଟିଏ ହାତରେ ଛତା ଓ ଅନ୍ୟ ହାତରେ ନାଲି ଓ ନୀଳ ଧଣ୍ଡି ଧରି ଧନେଶ୍ୱର ଗେଟ୍ ପାଖରେ ଠିଆ ହୋଇଥିଲେ। ସାନ୍ତାରାଗାଛି-ପୁରୀ ପାସେଞ୍ଜର ଟ୍ରେନ ଟ୍ରେନ୍ ଆସୁଥିବାରୁ ଫାଟକ ବନ୍ଦ କରିଥିଲେ। ସ୍ଥାନୀୟ ଲୋକ କହିବା ଅନୁସାରେ ହଠାତ୍ ପ୍ରଚଣ୍ଡ ଘଡ଼ଘଡ଼ି ଶବ୍ଦ ଶୁଣି ଧନେଶ୍ୱର ଚମକି ପଡ଼ି ରେଳ ଧାରଣା ଉପରକୁ ବିକଳରେ ପଳାଇ ଆସିଥିଲେ। ଏହି ସମୟରେ ଟ୍ରେନ୍‌ଟି ଆସି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଧନେଶ୍ୱରଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ଦେଖିଥିବା ପାସେଞ୍ଜର ଟ୍ରେନ୍‌ର ଡ୍ରାଇଭର ସାକ୍ଷୀଗୋପାଳ ଜିଆର୍‌ପି ଥାନାରେ ଜଣାଇଥିଲେ।

# ପୋଲିଓ ଖାଇ ଶିଶୁକନ୍ୟାର ମୃତ୍ୟୁ ଅଭିଯୋଗ

**ବ୍ରହ୍ମଗିରି,୬।୯(ଡି.ଏନ୍.ଏ.)**



- **ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମୃତଦେହ ରଖି ପରିବାର ଲୋକଙ୍କ ଧାରଣା**
- **ବ୍ୟବଚ୍ଛେଦ ପାଇଁ ଝିଅକୁ ବାଇକ୍‌ରେ ନେଲେ ବାପା**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ନରଣପୁର ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଅଢ଼େଇ ମାସର ଶିଶୁକନ୍ୟା ପୋଲିଓ ବୁନ୍ଦା ଖାଇ ଅସୁସ୍ଥ ହେବା ପରେ ଗୁରୁବାର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ପୋଲିଓ ଖାଇବାରୁ ଝିଅର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଶୁକ୍ରବାର ସକାଳୁ ଉକ୍ତ ଗ୍ରାମର ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରାୟ ୪ଘଣ୍ଟା ପରେ ଖବରପାଇ ପୋଲିସ ଓ ବ୍ରହ୍ମଗିରି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ ଘଟଣାସ୍ଥଳରେ ପହଞ୍ଚି ବହୁ ବୁଝାଶୁଝା ପରେ ଧାରଣାରୁ ଉଠିଥିଲେ। ପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବାକୁ କହି ସେଠାରୁ ଚାଲିଯାଇଥିଲେ। କିନ୍ତୁ ବିଡ଼ମ୍ବନାର କଥା ଯେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନା ପୋଲିସ ଜିମା ନେଲା ନା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟିତ୍ୱ ନେଲେ। ଶେଷରେ ମୃତ ଶିଶୁକନ୍ୟାଙ୍କ ବାପା ଓ ତାଙ୍କ ଜେଜେ ଏକ ବାଇକ୍ ଯୋଗେ ଝିଅର ମୃତଦେହକୁ ପୁରୀ ଚିକିତ୍ସାଳୟକୁ ନେଇଥିଲେ। ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

ମିଳିଥିବା ଖବର ମୁତାବକ, ଗ୍ରାମର ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ଝିଅ ପ୍ରିୟଙ୍କା ପ୍ରିୟଦର୍ଶିନୀ ଗତ ବୁଧବାର ବ୍ରହ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପୋଲିଓ ବୁନ୍ଦା ଖାଇଥିଲେ। ଏହି ପୋଲିଓ ବୁନ୍ଦା ଖାଇବା ପରେ ଶିଶୁକନ୍ୟାକୁ ଜ୍ୱର ହୋଇଥିଲା। ଏ ନେଇ ପରିବାର ଲୋକେ ଆଶାକର୍ମୀଙ୍କ ସହିତ ଯୋଗାଯୋଗ କରିଥିଲେ। ପୋଲିଓ ଖାଇବା ପରେ ଜ୍ୱର ହେବ ବୋଲି ସମ୍ପୃକ୍ତ ଆଶାକର୍ମୀ କହିଥିଲେ। କିନ୍ତୁ ଗୁରୁବାର ରାତିରେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ କେହି ଡାକ୍ତର ନ ଥିବାବେଳେ ଜଣେ ଫାର୍ମାସିଷ୍ଟ ଡ୍ୟୁଟିରେ ଥିଲେ। କାର୍ଯ୍ୟରତ ଫାର୍ମାସିଷ୍ଟ ଶିଶୁଟିକୁ ଦେଖିବା ପରେ ମୃତ ଘୋଷଣା କରିଥିଲେ। ତେବେ ଏ ନେଇ ପରିବାର ପକ୍ଷରୁ ଶୁକ୍ରବାର ଥାନାରେ ଏକ ଅଭିଯୋଗ କରିବା ସହ ମୃତଦେହକୁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ଆଗରେ ରଖି ଧାରଣାରେ ବସିଥିଲେ। ସକାଳ ୯ଟାରୁ ବସିଥିଲେ ମଧ୍ୟ ପ୍ରାୟ ୧୧ଟାବେଳେ ପୋଲିସ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପହଞ୍ଚି ପରିବାରବର୍ଗଙ୍କୁ ବୁଝାଶୁଝା କରିବାରୁ ଧାରଣାରୁ ଉଠିଥିଲେ। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପୂର୍ଣ୍ଣ କୁହନ୍ତି, ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏ ସମ୍ପର୍କରେ ଜନୈକ ପୋଲିସ ଅଧିକାରୀଙ୍କୁ ପଚାରିବାରୁ କଥାକୁ ଏଡାଇ ଦେଇ ଚାଲିଯାଇଥିଲେ।

# ଯୋଗାଣ ନିଗମ ପକ୍ଷରୁ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର, ୬।୯**

ଯୋଗାଣ ନିଗମ ପକ୍ଷରୁ ୪୦ ତମ ପ୍ରତିଷ୍ଠା ଦିବସ ଏହାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯୋଗାଣ ନିଗମର ଅର୍ଥ ପରାମର୍ଶଦାତା ଏଥିରେ ସଭାପତିତ୍ୱ କରିଥିଲେ। ଯୋଗାଣ ନିଗମ ବୋର୍ଡର ସଦସ୍ୟ ରାଜୀବ ଶେଖର ସାହୁ ଏଥିରେ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ନିକଟରେ ପହଞ୍ଚିବା ସହ ଅଗ୍ରଣୀ ନିଗମ ଭାବେ ପରିଚୟ ଲାଭ କରିଥିବା ଏଠାରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମ ଅବସରରେ ଜେନେରାଲ ମ୍ୟାନେଜର ସନ୍ତୋଷ କୁମାର ଦାସ, ଲିଙ୍ଗରାଜ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ।

# 'ଦୋଳଗୋବିନ୍ଦ ଥିଲେ କଟକର ଦ୍ୱିତୀୟ ସୁଭାଷ ଚନ୍ଦ୍ର'

**କଟକ ସଦର, ୬।୯(ଡି.ଏନ୍.ଏ.)**

ସମାଜ ପାଇଁ ମହାପୁରୁଷମାନେ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି। ସେହିପରି ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ ମଧ୍ୟ ଲୋକଙ୍କ ପାଇଁ ଜୀବନକୁ ଉତ୍ସର୍ଗ କରିଥିଲେ। ସେଥିପାଇଁ ସେ କଟକର ଦ୍ୱିତୀୟ ସୁଭାଷ ଚନ୍ଦ୍ର ବୋଷ ବୋଲି ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ଡିହସାହି(ଗତିରାଉତପାଟଣା)ରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଦୋଳଗୋବିନ୍ଦ ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ପ୍ରଫେସର ଲାଲ ଯୋଗଦେଇ ଏହା କହିଥିଲେ। ଭୁବନେଶ୍ୱରସ୍ଥିତ ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ ନ୍ୟାସ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପ୍ରତିଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି ବୁଦ୍ଧଦେବ ମିଶ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିଭାବେ ପୂର୍ବତନ ପୋଲିସ ଡିଜି ପ୍ରକାଶ ମିଶ୍ର ପ୍ରଧାନଙ୍କୁ ଜଣେ ଜଣାଶୁଣା ଲୋକପ୍ରତିନିଧି ବୋଲି କହିଥିଲେ। ପ୍ରଧାନଙ୍କ ଗାନ୍ଧୀ ନୀତି ଆଗାମୀ ଯୁବପିଢ଼ିଙ୍କୁ ଅନୁପ୍ରାଣିତ କରିବ ବୋଲି ଉତ୍ସବରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ଅବସରରେ ପୁସ୍ତକ 'ଗାନ୍ଧୀ ମଣିଷ ଦୋଳଗୋବିନ୍ଦ'ର ଉନ୍ମୋଚନ କରାଯାଇଥିଲା। ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ ନ୍ୟାସର ସଭାପତି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଉତ୍ସବକୁ ପରିଚାଳନା କରିଥିଲେ। ଏହି ଉତ୍ସବରେ ବିଜୟ କୁମାର ପ୍ରଧାନ, ଦେବରାଜ ପ୍ରଧାନ, ପୁଷ୍ପରାଜ ପ୍ରଧାନ, ସଞ୍ଜୟ କୁମାର ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ, ପ୍ରଜ୍ଞାରାଜ ପ୍ରଧାନ, ଝିଅ ଡଲି, ଲିଲିଙ୍କ ସମେତ କଟକ ଓ ଜଗତ୍‌ସିଂହପୁର ଜିଲାର ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ରାଜନେତା ଓ ପ୍ରଶାସକ ଯୋଗଦେଇଥିଲେ।



ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।



ପରର ମଙ୍ଗଳ କରିବା ସବୁଠୁ ବଡ ଧର୍ମ, ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ହତ୍ୟା ଘଟଣା: ସ୍ୱାମୀ ଗିରଫ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ଯୌତୁକ ପାଇଁ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ଶୁକ୍ରବାର ଶହୀଦନଗର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ଜିଲା ସିଡିଏ କେଶୁରା ଅଞ୍ଚଳର ଉମାକାନ୍ତ ନାୟକ (୩୯)। ସୂଚନା ମୁତାବକ, ଅସୀମା ପ୍ରିୟଦର୍ଶିନୀଙ୍କୁ ଉମାକାନ୍ତ ବିବାହ କରିବା ପରେ ଯୌତୁକ ପାଇଁ ତିକ୍ତତା ଲାଗି ରହିଥିଲା। ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଉଭୟ ଅଲଗା ଶୋଇଥିଲେ। ସକାଳୁ ଉଠିଲା ବେଳକୁ ଅସୀମା ଫ୍ୟାନରେ ଝୁଲୁଥିବା ଉମାକାନ୍ତ ଦେଖି ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପ୍ରଥମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ତାଙ୍କ ଝିଅକୁ ଉମାକାନ୍ତ ହତ୍ୟା କରିଥିବା ନେଇ ବାପା ଚିତ୍ତରଞ୍ଜନ ନାୟକ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ. ୪୧୧/୧୯) ରୁଜୁ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୬।୯(ବ୍ୟୁରୋ):** ଅତିବଡ଼ୀ ଜଗନ୍ନାଥ ଦାସ ଭାଗବତର ଅମୃତ ବାଣୀକୁ ସାବଲୀଳ ଢଙ୍ଗରେ ଘରେ ଘରେ ପହଞ୍ଚାଇ ଭାଷା ସଂସ୍କୃତିର ଯେଉଁ ପ୍ରଦୀପ ପ୍ରଜ୍ୱଳନ କରିଛନ୍ତି ତାହା ତାଙ୍କୁ ଅମର ରଖିବ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଜୟଭାରତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅତିବଡ଼ିଙ୍କ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ବକ୍ତା ଏହି ମତ ପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଡ. ରମଣ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ପ୍ରଭାକର ମହାପାତ୍ର, ସମ୍ମାନିତ ଅତିଥି ଡ. ଦେବାଶିଷ ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ତ୍ରୈମାସିକ ମୁଖପତ୍ର 'ଦିଗ ଓ ଦିଗନ୍ତ' ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମଟି ଡ. ସନ୍ତୋଷ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ନାରାୟଣ ସାଓ୍ୱତୱାଲ ନାରାୟଣ ନାୟକ ସଂଯୋଜନା କରିଥିଲେ। ଅନ୍ୟ ଅତିଥି ମଧ୍ୟରେ ଡ. ବସନ୍ତ ପଣ୍ଡା, ନାରାୟଣ ମହାନ୍ତି, ଭ୍ରମରବର ସାହୁ, ପତ୍ରିକାର ସମ୍ପାଦିକା ପ୍ରତିଭା ପ୍ରିୟଦର୍ଶିନୀ, ଡ. ସଂଘମିତ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

**ନରାଜ,୬।୯(ଡି.ଏନ୍.ଏ.):** ବାରଙ୍ଗ ଶିକ୍ଷାମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ନରଣପୁର ପରିସରରେ ଗୁରୁଦିବସ ଅବସରରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ନରେନ୍ଦ୍ର ବେହେରାଙ୍କ ପୌରହିତରେ ବାରଙ୍ଗ ବ୍ଲକରେ ଶିକ୍ଷାର ବିଭିନ୍ନ ଦିଗକୁ ଆଧାର କରି ୮ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ପ୍ରଭାକର ସାହୁ, ପ୍ରତିମା ମହାନ୍ତି, ପ୍ରତାପ ଚନ୍ଦ୍ର ମହାପାତ୍ର, ଜ୍ୟୋତ୍ସ୍ନାମୟୀ ସ୍ୱାଇଁ, ପ୍ରଭାତ ରଥ, କମଳା ଓଝା, ବିଜୟ ଦାସ ଓ ଗୁରୁଭା ସିଂହ। ବ୍ଲକର ଦୁଇ ସହଶିକ୍ଷା ଅଧିକାରୀ ଭାରତୀ ଆଚାର୍ଯ୍ୟ ଓ ସରୋଜିନୀ ସାହୁ ପୃଷ୍ଠପୋଷକ ଦାୟିତ୍ୱ ନିର୍ବାହ କରିଥିଲେ। ସମସ୍ତ ସିଆରସିସି ସମେତ ସିଟି ସଂଘର ସମ୍ପାଦକ ମନୋଜ କୁମାର ସ୍ୱାଇଁ ଉପସ୍ଥିତ ଥିଲେ।

## ନୂଆ ମୋଟର ଆଇନ ଲାଗୁ ପରେ ମଦ ବ୍ୟବସାୟ ମାନ୍ଦା

# କମିଛି ୨୫% ବ୍ୟବସାୟ, ଚିନ୍ତାରେ ମାଲିକ

### ରାଜଧାନୀରୁ ଆଦାୟ ୪ ଲକ୍ଷ ୧୦ ହଜାର ୫ ଶହ ଟଙ୍କା

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ନୂଆ ମୋଟରଯାନ ଆଇନ-୨୦୧୯ ସେପ୍ଟେମ୍ବର ପହିଲାରୁ ଲାଗୁ ହେବା ପରେ ଏହାର ପ୍ରଭାବ ମଦ ବ୍ୟବସାୟ ଉପରେ ପଡ଼ିଛି। କାରଣ ଏହି ଆଇନ ଅନୁଯାୟୀ, ଜଣେ ଗାଡ଼ି ଚାଳକ ମଦ ପିଇ ଗାଡ଼ି ଚଲାଉଥିଲେ ପ୍ରଥମ ଥର ଧରାପଡ଼ିଲେ ୧୦ ହଜାର ଟଙ୍କା ଜରିମାନା ଦେବେ। ଦ୍ୱିତୀୟ ଥର ଧରାପଡ଼ିଲେ ୧୫ହଜାର ଟଙ୍କା ଜରିମାନା ସହ ୨ବର୍ଷ ଜେଲ ଦଣ୍ଡ ଭୋଗିବାର ନିୟମ ରହିଛି। ବିଶେଷ କରି ମଧ୍ୟବିତ୍ତ ଶ୍ରେଣୀର ଲୋକେ ଦୋକାନ ଯାଇ ମଦ କିଣି ପିଉଥିଲେ। ହେଲେ ମଦ ପିଇ ଗାଡ଼ି ଚଲାଇ ଧରାପଡ଼ିଲେ ଏତେ ଟଙ୍କା ଜରିମାନା ଆକାରରେ ଦେବାକୁ ହେବ ଭାବି ଅନେକ ମଦ ଦୋକାନ ମାଟି ମାଡୁନାହାନ୍ତି। ଯଦି କେହି କାଁ ଭାଁ ଯାଉଛନ୍ତି ସେମାନେ ମଦ ଆଣି ସାଥିରେ ଘରକୁ ଯାଉଛନ୍ତି। ଘରେ ପିଇ ଶୋଇ ପଡୁଥିବା ଅନେକ ବ୍ୟକ୍ତି କହିଛନ୍ତି।

ସେହିପରି ମଦ ବ୍ୟବସାୟୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଏକାଧିକ ମଦ ଦୋକାନୀ ମାଲିକ ନିଜ ବେପାର ଏବେ ମାନ୍ଦାରେ ଚାଲିଥିବା କହିଛନ୍ତି। ପାଖାପାଖି ୨୫ପ୍ରତିଶତ ମଦ ବ୍ୟବସାୟରେ କ୍ଷତି ହୋଇଥିବା ଅଧିକାଂଶ ମାଲିକ କହିଛନ୍ତି। ବାର୍ ମାଲିକ ଶିବ ପ୍ରସାଦ ମହାନ୍ତି କହିଛନ୍ତି, ଆଗରୁ ପ୍ରତିଦିନ ୧୦୦ରୁ ଅଧିକ ଲୋକେ ବାର୍‌କୁ ଆସୁଥିଲେ। ହେଲେ ନିୟମ ଲାଗୁ ହେବା ପରେ ଏବେ ବାର୍‌କୁ ୩୦ରୁ ୪୦ ଜଣ ବ୍ୟକ୍ତି ଆସୁଛନ୍ତି। ମଦ ଦୋକାନୀ ବିଜୟ ସାହୁ କହିଛନ୍ତି, ଟ୍ରାଫିକ ନିୟମ ଲାଗୁ ପରେ ଏବେ ମଦ ବେପାର ମାନ୍ଦା ଚାଲିଛି। ଆଗଭଳି ଆଉ ଗ୍ରାହକ ଆସୁନାହାନ୍ତି। ତେଣୁ ମଦ ବ୍ୟବସାୟ ୨୫ ପ୍ରତିଶତ କମିଛି।

### ବିକ୍ଷୋଭ ପାଇଁ ଅଟୋ ମହାସଂଘର ସଜବାଜ

ନୂଆ ନିୟମ ଲାଗୁ ଯୋଗୁ ବିଶେଷଭାବେ ପ୍ରଭାବିତ ହୋଇଛନ୍ତି ଅଟୋ ଚାଳକ। ସେମାନଙ୍କୁ ବିଭିନ୍ନ କାଗଜପତ୍ର ଦେଖାଇବାକୁ କହି ଆରଟିଓ ଏବଂ ଟ୍ରାଫିକ ପୋଲିସ ମୋଟା ରକମର ଜରିମାନା ଆଦାୟ କରୁଛି। ଜଣେ ଅଟୋ ଡ୍ରାଇଭର ମାସକୁ ୭ ହଜାର ଟଙ୍କା ରୋଜଗାର କରୁଥିବା ବେଳେ ଫାଇନ୍ ୪୦ ହଜାର ଦେଲେ ତା'ର ପରିବାର ଚଳିବେ କିପରି ବୋଲି ରାଜଧାନୀ ଅଟୋ ମହାସଂଘ ପ୍ରଶ୍ନ କରିଛି। ଏଭଳି ବର୍ଦ୍ଧିତ ଫାଇନ୍ ଆଦାୟକୁ ନେଇ ରାଜଧାନୀ ଅଟୋ ମହାସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଛି। ନିକଟରେ ଆଚାର୍ଯ୍ୟ ବିହାର ଛକରେ ଜଣେ ଅଟୋ ଚାଳକଙ୍କଠାରୁ ୪୭ହଜାର ଓ ବାଣୀବିହାର ଓଭରବ୍ରିଜ୍ ଉପରେ ଆଉ ଜଣେ ଅଟୋ ଚାଳକଙ୍କଠାରୁ ୨୭ ହଜାର ୫ଶହ ଟଙ୍କା ଜରିମାନା ହୋଇଥିଲା। ରାଜଧାନୀ ଅଟୋ ମହାସଂଘ ସଭାପତି ନବ ମହାନ୍ତି କହିଛନ୍ତି, ଏ ନେଇ ମହାସଂଘ ରାଜରାସ୍ତାକୁ ଓହ୍ଲାଇବ। ଆଗାମୀ ଦିନରେ ବୈଠକ ବସି ନିଷ୍ପତ୍ତି ନିଆଯିବ।

ସେହିପରି ଶୁକ୍ରବାର ଭୁବନେଶ୍ୱରରେ ୪୪୪ଜଣ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୪ଲକ୍ଷ ୧୦ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ବିନା ହେଲମେଟରେ ୨୦୪ ଜଣ ଧରାପଡିଥିବା ବେଳେ ସିଟ୍‌ବେଲ୍ଟ ବାନ୍ଧି ନ ଥିବା-୧୪୧, ରଙ୍ଗରୁଟ୍-୧, ସିଗନାଲ ନ ମାନିବା-୫, ୩ଜଣ ବାଇକରେ ଯିବା-୩୦, ଗାଡ଼ି ଚଲାଇବା ବେଳେ ମୋବାଇଲ୍‌ରେ ଗପିବା-୧, ବିନା ନମ୍ବର ପ୍ଲେଟରେ ଯିବା-୧୪, ଓଭରଲୋଡିଂ-୨, ଗାଡ଼ି କାଗଜପତ୍ର ନ ଥିବା-୨, ବେଆଇନ୍ ପାର୍କିଂ-୭, ଆର୍‌ସି ଓ ଡିଏଲ୍ ନ ଥିବା-୨୪ ଏବଂ ନୋ ଏଣ୍ଟ୍ରିରେ ପଶି ଜଣେ ଧରାପଡ଼ିଛନ୍ତି।



ଟିସିଏସ୍ ଆଇଟି ୱିଜ୍-୨୦୧୯ ଭୁବନେଶ୍ୱର ସଂସ୍କରଣର ବିଜେତା ଡିଏଭି ପବ୍ଲିକ୍ ସ୍କୁଲ ପୋଖରୀପୁଟ (ଡାହାଣ) ଏବଂ ରନର୍ସ ଅପ୍ ଫ୍ୟୁଚର ଭୁବନେଶ୍ୱର ସ୍କୁଲକୁ ରାଜ୍ୟ ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଟିସିଏସ୍ ଭୁବନେଶ୍ୱର ସେଣ୍ଟର ମୁଖ୍ୟ ମନୋଜ କୁମାର ପଣ୍ଡା ପୁରସ୍କୃତ କରୁଛନ୍ତି।

## ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହରୁ ବୃଷଭ ମୂର୍ତ୍ତି ଗାଏବ ପ୍ରସଙ୍ଗ

# ପୁଣି ସ୍ଥାପନ ପାଇଁ ଗଣାଯାଉଛି ଦିନ

**ପୁରୁଣା ଭୁବନେଶ୍ୱର,୬।୯(ଡି.ଏନ.ଏ.)**

ଐତିହ୍ୟ ସ୍ଥଳଗୁଡିକରେ ଥିବା ପୁରାତନ କୀର୍ତ୍ତିରାଜିଗୁଡ଼ିକର ଅବକ୍ଷୟ ହେଉଛି। ଏଭଳି ଏକ ଘଟଣା ମାସକ ତଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ଘଟିଥିଲା, ଯାହାକୁ ଅଦ୍ୟାବଧି ଏଏସଆଇ ସମ୍ପୂର୍ଣ୍ଣ କରି ନ ପାରିବାରୁ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଆଡ କାଠ ନିକଟରେ ରହିଥିଲା ପ୍ରାଚୀନ ବୃଷଭ ମୂର୍ତ୍ତି। ମୂର୍ତ୍ତିଟି କାଳକ୍ରମେ ବିଭିନ୍ନ କାରଣରୁ ଅବକ୍ଷୟ ହୋଇ ଚଟାଣରୁ ଛାଡ଼ି ଯାଇଥିଲା। ମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବା ଏଏସଆଇ କର୍ତ୍ତୃପକ୍ଷ ଏଥିରେ ହସ୍ତକ୍ଷେପ କରିବା ପୂର୍ବରୁ ଜନୈକ ସେବାୟତ ବୃଷଭ ମୂର୍ତ୍ତିଟିକୁ ଟେକି ଆଣି ବାହାରେ ଫିଙ୍ଗି ଦେଇଥିଲେ। ଘଟଣା ଜାଣିବା ପରେ ଏଏସଆଇର ଏକ ସ୍ୱତନ୍ତ୍ର ଟିମ୍ ପ୍ରସ୍ତରରେ ଲୋପନ ପାଇଁ ସ୍ୱତନ୍ତ୍ର ଅଠା ଏବଂ ଅନ୍ୟ ସରଞ୍ଜାମ ସହ ମନ୍ଦିରରେ ପହଞ୍ଚିଥିଲେ। ମାତ୍ର ବୃଷଭ ପଡି ଜଣେ ଶ୍ରଦ୍ଧାଳୁଙ୍କ ରକ୍ତ ଛିଟା ପଡିଥିବାରୁ ଏହାକୁ ନୀତି ନିର୍ଘଣ୍ଟ ପୂର୍ବକ ପ୍ରତିଷ୍ଠା ପାଇଁ କେତେକ ସେବାୟତ ଅଡ଼ି ବସିଥିଲେ। ସେତେବେଳେ ମନ୍ଦିର ପ୍ରଶାସନର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୁପସ୍ଥିତ ରହିଥିଲେ। ତେଣୁ ଏଏସଆଇର ଟିମ୍ ଘଟଣାସ୍ଥଳରୁ ଫେରି ଆସିଥିଲେ। ଇତି ମଧ୍ୟରେ ଦିନ ପରେ ଦିନ ଗଡୁଥିଲେ ହେଁ କାହା ପକ୍ଷରୁ ଉକ୍ତ ପୁରାତନ ବୃଷଭ ପ୍ରତିମୂର୍ତ୍ତିକୁ ପୁଣି ସ୍ଥାପନ ପାଇଁ ଉତ୍ସୁକତା ନ ଥିବା ଭଳି ମନେହୁଏ। ତୁରନ୍ତ ବୃଷଭ ପ୍ରତିମୂର୍ତ୍ତିଟିକୁ ଠିକଣା ଜାଗାରେ ପ୍ରତିଷ୍ଠା କରାଇ ପୂର୍ବବତ୍ ପୂଜାର୍ଚ୍ଚନା କରିବାକୁ ଭକ୍ତ ମହଲରେ ଦାବି ହେଉଛି। ଏ ନେଇ ଏଏସଆଇର ଆଡ଼ମିନିଷ୍ଟ୍ରେଟିଭ ଅଫିସର ବିଜୟ କୁମାର ଦାସଙ୍କୁ ପଚାରିବାରେ ବୃଷଭ ମୂର୍ତ୍ତି ବସେଇବାକୁ ଯାଇଥିଲେ ହେଁ ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତି ଏବଂ ସେବାୟତଙ୍କ ସମର୍ଥନ ନ ମିଳିବାରୁ ଆମେ ଫେରି ଆସିଥିଲୁ।ଏ ସମ୍ପର୍କରେ ଏଏସଆଇ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦୃଷ୍ଟିକୁ ଆଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ସୂଚନା ଭବନରେ ଶୁକ୍ରବାର ଫିଲ୍ମ ଜର୍ନାଲିଷ୍ଟ ଓ କୌସ୍ତୁଭ ଡ୍ରିମ ୱାର୍କରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଫିଲ୍ମ 'ଭକ୍ତ ସାଲବେଗ'ର ଏକ ଦୃଶ୍ୟ।

### ଜବରଦଖଲ ଉଚ୍ଛେଦ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱରର ଦୁଇଟି ସ୍ଥାନରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଓ କମିଶନରେଟ ପୋଲିସ୍‌ର ମିଳିତ ସ୍କ୍ୱାଡ୍ ପକ୍ଷରୁ ଖଣ୍ଡଗିରି ଥାନା ଅଧୀନ ଘାଟିକିଆ ଓ ଚନ୍ଦ୍ରଶେଖରପୁର ଥାନା ଅଧୀନ ପଟିଆ ଅଞ୍ଚଳରେ ଏହି ଉଚ୍ଛେଦ ହୋଇଥିଲା। ସକାଳ ୧୦ଟା ୩୦ରୁ ଅପରାହ୍ନ ୫ଟା ଯାଏ ଉଚ୍ଛେଦ ଚାଲିଥିଲା। ଘାଟିକିଆ ଅଞ୍ଚଳରେ ୧୦୦ ଫୁଟ ରାସ୍ତା ଉପରୁ ଜବରଦଖଲ ହଟିଥିଲା। ସେହିପରି ପଟିଆ ଅଞ୍ଚଳରେ ୪୦ ଟିଣଘର ଓ ୨୪ ଘରକୁ ଭଙ୍ଗା ଯାଇଛି।

### ରାଷ୍ଟ୍ରୀୟ ଏକତାରେ ସଂରକ୍ଷଣ ଆଇନର ପ୍ରଭାବ

**ଭୁବନେଶ୍ୱର,୬।୯(ବ୍ୟୁରୋ)**

ରାଷ୍ଟ୍ରୋତ୍କର୍ଷ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ରେଡକ୍ରସ ଭବନରେ 'ରାଷ୍ଟ୍ରୀୟ ଏକତା ଓ ସଂରକ୍ଷଣ' ପ୍ରସଙ୍ଗରେ ଏକ ବିଚାର ସଂଗୋଷ୍ଠୀ ଆୟୋଜିତ ହୋଇଯାଇଛି। ଏଥିରେ ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥା ଜାତୀୟ ସଂହତି ଓ ରାଷ୍ଟ୍ରୀୟ ଏକତାକୁ କିଭଳି ପ୍ରଭାବିତ କରୁଛି ସେ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୩ଟି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଆଲୋଚନା ସଭାରେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ଦୀନବନ୍ଧୁ ଷଡଙ୍ଗୀ, ଅଲେଖ ଚନ୍ଦ୍ର ମଲ୍ଲିକ, ବିଶ୍ୱରଞ୍ଜନ ଫତେସିଂ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ସଂଘମିତ୍ରା ରାଜଗୁରୁ ଓ ଅଞ୍ଜନ ଦେବତା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ୱାର୍ଡ ଅଧିକାରୀଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

ଗତ ସ୍ୱାୟତ୍ତ ଶାସନ ଦିବସଠାରୁ ଆରମ୍ଭ ହୋଇଥିବା ୱାର୍ଡ କାର୍ଯ୍ୟାଳୟଗୁଡ଼ିକରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ତା'ର ଉନ୍ନତ ପରିଚାଳନା ଉପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଗୁରୁତ୍ୱାରୋପ କରିଛି। ଏ ନେଇ ୱାର୍ଡ ଅଫିସରମାନଙ୍କର ଏକ ଦକ୍ଷତା ବିକାଶ କର୍ମଶାଳା ଶୁକ୍ରବାର 'ରାଜ୍ୟ ସହରାଞ୍ଚଳ ଉନ୍ନୟନ ସଂସ୍ଥା (ସୁଡା)' ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ୬୭ଟି ୱାର୍ଡର ୱାର୍ଡ ଅଧିକାରୀ ଏବଂ ୨୩ଜଣ ଗୋଷ୍ଠୀ ସଙ୍ଗଠିକାସଙ୍ଗଠକଙ୍କୁ ନେଇ ଏହି କର୍ମଶାଳା ଆୟୋଜିତ ହୋଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ '୫-ଟି'ର ମୂଲ୍ୟବୋଧକୁ ଆଚରଣଗତ ପରିବର୍ତ୍ତନରେ ଲଗାଇ ନାଗରିକଙ୍କୁ ସମୟ ଉପଯୋଗୀ ସେବା ଦେବାର ଆଭିମୁଖ୍ୟ ଉପରେ ଉପସ୍ଥିତ ପ୍ରଶିକ୍ଷକମାନେ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ସମସ୍ତ ସହରାଞ୍ଚଳରେ ୱାର୍ଡ କାର୍ଯ୍ୟାଳୟର ପ୍ରଚଳନକୁ ଏକ ବିକେନ୍ଦ୍ରୀକରଣ ତୃଣମୂଳ ସେବା ଯୋଗାଣ ଭାବେ ଗ୍ରହଣ କରିଛନ୍ତି। ଯାହା ସମସ୍ୟା ସମାଧାନ ଦିଗରେ ସହାୟକ ହୋଇ ନାଗରିକ ଅଭିମୁଖୀ ପ୍ରଗତିକୁ ଆଗେଇ ନେବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକ ତଥା ବିଏମ୍‌ସିର ପ୍ରଶାସକ ସଂଗ୍ରାମଜିତ ନାୟକ କହିଛନ୍ତି।

ଉପରସ୍ତରରୁ ତଳସ୍ତର ବଦଳରେ ତଳସ୍ତରରୁ ଉପରସ୍ତର କାର୍ଯ୍ୟାନ୍ୱୟନ କେବଳ ୱାର୍ଡ କାର୍ଯ୍ୟାଳୟର ପ୍ରତିଷ୍ଠା ଓ କାର୍ଯ୍ୟକାରିତା ଦ୍ୱାରା ସମ୍ଭବ ହୋଇପାରିବ ଏବଂ ବିଏମ୍‌ସି ଏ ଦିଗରେ ତତ୍ପରତାର ସହିତ କାର୍ଯ୍ୟ କରୁଛି ବୋଲି ବିଏମ୍‌ସି ଆୟୁକ୍ତ ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ୱାର୍ଡ ସ୍ତରରେ ଉପୁଜୁଥିବା ସମସ୍ୟାର ପରିଚାଳନା ଏବଂ ଆବଶ୍ୟକ ସୂଚନା ମିଳିବା ସହଜ ହେବ ଯଦ୍ୱାରା ସମାଧାନ ତୁରନ୍ତ ହୋଇପାରିବ ବୋଲି ସେ କହିଥିଲେ। ବିଏମ୍‌ସିର ଅତିରିକ୍ତ ଆୟୁକ୍ତ ସୁରଥ ଚନ୍ଦ୍ର ମଲ୍ଲିକ୍ ଶିବିର ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ବିଏମ୍‌ସିର ସିଟି ଇଞ୍ଜିନିୟର ଦେବ ସୁନ୍ଦର ମହାପାତ୍ର, ମୁଖ୍ୟ ବିତ୍ତ ଅଧିକାରୀ ଲାବଣ୍ୟ ଶବର, ଅତିରିକ୍ତ ଆୟୁକ୍ତ ଅବନୀକାନ୍ତ ପଟ୍ଟନାୟକ, ଉପଆୟୁକ୍ତ ଶ୍ରୀମନ୍ତ ମିଶ୍ର, ଉପଆୟୁକ୍ତ ଶୁଭେନ୍ଦୁ ସାହୁ, ଉପଆୟୁକ୍ତ ସଂଘମିତ୍ରା ବେହେରା, ଉପଆୟୁକ୍ତ ଶ୍ୟାମ ସୁନ୍ଦର ସେଠୀ ଏବଂ ଅଶୋକ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉପଆୟୁକ୍ତ ସରିତା ଧନୱାର୍ କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ।

## ଭୁବନେଶ୍ୱରରେ ବିପିୟୁଟିର ସ୍ଥାୟୀ କ୍ୟାମ୍ପ ପ୍ରତିଷ୍ଠା ଦାବି

**ଭୁବନେଶ୍ୱର, ୬।୯(ବ୍ୟୁରୋ)**



ବିପିୟୁଟି ଛାତ୍ର ସଙ୍ଗଠନ ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣାରତ ଛାତ୍ରମାନେ।

ରାଜ୍ୟରେ ରହିଥିବା ଇଞ୍ଜିନିୟରିଂ କଲେଜ ସଂଖ୍ୟା ମଧ୍ୟରୁ ସର୍ବାଧିକ ୭୦ରୁ ୮୦ ପ୍ରତିଶତ କଲେଜ ଉପକୂଳ ଓଡ଼ିଶାରେ ରହିଛି। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ବିଭାଗ ଏବଂ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଏପରିକି ଡିଜିଙ୍କ କ୍ୟାମ୍ପ ଅଫିସ୍ ଭୁବନେଶ୍ୱରରେ ରହିଥିବାରୁ ଜନସାଧାରଣ ଉପକୃତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଭୁବେନଶ୍ୱରଠାରେ ବିପିୟୁଟିର ଏକ ସ୍ଥାୟୀ କ୍ୟାମ୍ପ ଅଫିସ୍ ପ୍ରତିଷ୍ଠା ନିତ୍ୟାନ୍ତ ଜରୁରୀ ବୋଲି ବିପିୟୁଟି ଛାତ୍ର ସଙ୍ଗଠନ ଦାବି କରିଛି। ଶୁକ୍ରବାର ରାଜଭବନ ସମ୍ମୁଖରେ ବିପିୟୁଟି ଛାତ୍ର ସଂଗଠନ ପକ୍ଷରୁ ଦିଆଯାଇଥିବା ଧାରଣାରେ ଏହି ଦାବି ଉଠିଥିବା ବେଳେ କାର୍ଯ୍ୟକାରୀ ସଭାପତି ଅବିନାଶ ସ୍ୱାଇଁ କହିଛନ୍ତି, ବହୁ ଅନ୍ୟାୟ କାର୍ଯ୍ୟ ବିପିୟୁଟି କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଉଛି। ଏ ନେଇ ବହୁ ସମୟରେ ଅଭିଯୋଗ ହେଲେ ମଧ୍ୟ ଏହାର କିଛି ସ୍ଥାୟୀ ସମାଧାନ କରାଯାଉନାହିଁ। ଏପରି କି ଛାତ୍ରୀଛାତ୍ରଙ୍କ କୌଣସି ସମସ୍ୟା ସମାଧାନ ପାଇଁ ଭୁବନେଶ୍ୱରରୁ ଅନ୍ୟୁନ ୪୦୦ କିଲୋମିଟରରୁ ଊର୍ଦ୍ଧ୍ୱ ରାଉରକେଲାରେ ଥିବା ବିପିୟୁଟିର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ସମ୍ଭବପର ହେଉନାହିଁ। କେବେ ବି ବିପିୟୁଟି କଲେଜ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଫଳରେ ଓଡ଼ିଶାରେ ବୈଷୟିକ ଶିକ୍ଷା ପଢିବା ପାଇଁ ଛାତ୍ରଛାତ୍ରୀଙ୍କ ଆଗ୍ରହ କମିବା ଦେଖିବାକୁ ମିଳୁଛି। ଏଥିପାଇଁ ରାଜ୍ୟ ସରକାର ଭୁବେନଶ୍ୱରଠାରେ ବିପିୟୁଟିର ଏକ ସ୍ଥାୟୀ କ୍ୟାମ୍ପ ଅଫିସ୍ ପ୍ରତିଷ୍ଠା କରିବା ଏବେ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମାନସ ରଞ୍ଜନ ସ୍ୱାଇଁ, ପୂର୍ବତନ ସଭାପତି ଅଭିଷେକ ଚମ୍ପତିରାୟ, କର୍ମକର୍ତ୍ତା ସୁଜିତ ରାଉତରାୟ, ସାବ୍ୟସାଚୀ ସାହୁ, ଅମୂଲ୍ୟ କର, ଅମର ସେଠୀ, ନିତିଶ ନାୟକ, ପବିତ୍ର ନାୟକ, ବିଚିତ୍ର ସେଠ୍, ତ୍ରିଗତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୟା ନଦୀ ତାରକେଶ୍ୱର ଘାଟରେ ପଡୁଛି ମୂର୍ତ୍ତି

**ପୁରୁଣା ଭୁବନେଶ୍ୱର, ୬।୯ (ଡି.ଏନ.ଏ.)**

ଆରମ୍ଭ ହୋଇଛି ପାର୍ବଣ ଋତୁ। ଏ ନେଇ ଗଜାନନଙ୍କ ପୂଜା ଶେଷ ପରେ ଏବେ ଚାଲିଛି ବିସର୍ଜନ ପର୍ବ। ମୂର୍ତ୍ତିରୁ ବ୍ୟବହୃତ ହୋଇଥିବା ରାସାୟନିକ କେମିକାଲରେ ନଦୀରେ ଜଳ ପ୍ରଦୂଷଣକୁ ଆଖି ଆଗରେ ରଖି ଗତବର୍ଷ ଭଳି ଚଳିତବର୍ଷ ଦୟାନଦୀ କୂଳରେ ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ପୋଖରୀ ଖନନ କରାଯାଇଛି। ହେଲେ ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା କୋହଳ ଏବଂ ସଚେତନତା ଅଭାବରୁ ଅସ୍ଥାୟୀ ପୋଖରୀ ଛାଡି ବିଭିନ୍ନ ମଣ୍ଡପର ମୂର୍ତ୍ତି ନିକଟସ୍ଥ ଶ୍ରୀତାରକେଶ୍ୱର ମନ୍ଦିର ନଦୀ ଘାଟରେ ବିସର୍ଜନ କରାଯାଉଛି। ସିଧାସଳଖ ନଦୀରେ ପକାଯାଉଛି। ପୂର୍ବରୁ ନଦୀ ବଢି ହୋଇଥିବାରୁ ପାଣି ଗୋଳିଆ ଥିବାବେଳେ ଏଭଳି ସମୟରେ ସିଧାସଳଖ ମୂର୍ତ୍ତିଗୁଡିକ ବିସର୍ଜନ କରାଯିବାକୁ ନେଇ



ନଦୀ ଘାଟରେ ପିଲାମାନେ ମୂର୍ତ୍ତି ପକାଉଛନ୍ତି।

### ସଂକ୍ରମଣକୁ ନେଇ ନଦୀକୂଳିଆ ବାସିନ୍ଦା ଛାନିଆ

ଅଞ୍ଚଳବାସୀ ସଂକ୍ରମଣ ଆଶଙ୍କାରେ ପ୍ରକାଶ କରୁଛନ୍ତି। ବିଶେଷକରି ନୂଆଗାଁ, ଇଟିପୁର, ନାଥପୁର, ଲିଙ୍ଗିପୁର, କୁକୁଡ଼ାଘାଇ, ପାଟଣା, ଟିକରପଡ଼ା, ବିକିପୁର, ବସନ୍ତପୁର ଆଦି ନଦୀ କୂଳିଆ ବାସିନ୍ଦା ଘରେ ନଳକୂପ ସତ୍ତ୍ୱେ ଅନେକ ଲୋକେ ନଈ ଉପରେ ନିର୍ଭରଶୀଳ। ବିଏମ୍‌ସି ପକ୍ଷରୁ ଅସ୍ଥାୟୀ ପୋଖରୀ ନାମକୁ ମାତ୍ର କରାଯାଇଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଅନେକେ ଦୟା ବ୍ରିଜ୍ ଉପରୁ ମୂର୍ତ୍ତିଗୁଡ଼ିକୁ ନଦୀକୁ ପକାଉଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଧଉଳି ଥାନା ଆଇଆଇସି ବିଶ୍ୱଜିତ୍ ଜୟଦୀପ କୁହନ୍ତି, ଆମ୍ଭେ ଅସ୍ଥାୟୀ ପୋଖରୀ ସ୍ଥଳରେ ପୋଲିସ ପାଟ୍ରୋଲିଂ କରୁଛୁ ତଥାପି ଘାଟରେ ପୋଲିସ ମୁତୟନ ପାଇଁ ନଜର ଦେଉଛୁ।

## ଟ୍ରାଫିକ ସମନ୍ୱୟ ବୈଠକ

# ଜାତୀୟ ରାଜପଥରେ ଲେନ୍ ବ୍ୟବସ୍ଥା ହେବ

**ଭୁବନେଶ୍ୱର, ୬।୯(ବ୍ୟୁରୋ)**

### ରସୁଲଗଡ଼-ମଧୁପାଟଣା ରାସ୍ତା ମରାମତି ପାଇଁ ଏନ୍‌ଏଚ୍‌ଏଆଇକୁ ପ୍ରସ୍ତାବ



ରାସ୍ତା ସମସ୍ୟା ଓ ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବା ନିମନ୍ତେ ଶୁକ୍ରବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସିପି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟତଃ ଜାତୀୟ ରାଜପଥରେ ଟ୍ରାଫିକ ବ୍ୟବସ୍ଥା ସୁଧାରିବା ନେଇ ଆଲୋଚନା କରାଯାଇଥିଲା। ଜାତୀୟ ରାଜପଥରେ ବାଇକ ଚାଳକ ଓ କାର୍ ଚାଳକଙ୍କ ପାଇଁ ଲେନ୍ ବ୍ୟବସ୍ଥା କରାଯାଇ ସୂଚନା ଫଳକ ଲଗାଯିବାକୁ ବୈଠକରେ ଆଲୋଚନା ହୋଇଛି। ଏହାସହ ରସୁଲଗଡ ରାସ୍ତାର ଅନେକ ସ୍ଥାନରେ ଖାଲଖମା ରହିଛି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ଲାଗିରହିଛି। ତେଣୁ ରସୁଲଗଡ଼ ଏବଂ ମଧୁପାଟଣା ରାସ୍ତାର ମରାମତି ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହି ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ରାଜଧାନୀ ରାସ୍ତାରେ ପାର୍କିଂ ଓ ଅଣ ପାର୍କିଂ ସୂଚନା ଫଳକ ଲଗାଇବା ଓ ରାସ୍ତା ଚିହ୍ନଟ କରିବା ପାଇଁ ପୂର୍ତ୍ତ ବିଭାଗକୁ କମିଶନରେଟ ପୋଲିସ ଅନୁରୋଧ କରିଛି। ରାଜମହଲ ଛକ ଓ ଏଜି ଛକ ମଧ୍ୟରେ ରାସ୍ତାକୁ ଅବରୋଧମୁକ୍ତ କରାଯିବା, ରାସ୍ତା ଉପରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବା ନେଇ ଆଲୋଚନା ହୋଇଥିଲା। ଅନେକ ଟ୍ରାଫିକ ଛକରେ ଜେବ୍ରା କ୍ରସିଂଗୁଡିକ ଠିକ୍ ରୂପେ ଦେଖାଯାଉ ନ ଥିବା ବେଳେ ଅନେକ ସ୍ଥାନରେ ଦୁଇଟି ଜେବ୍ରା କ୍ରସିଂ ରହିଛି। ଯାହାକୁ ନେଇ ଗାଡି ଚାଳକ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏହି ଜେବ୍ରା କ୍ରସିଂ ତୁରନ୍ତ ନୂଆ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏ ସଂକ୍ରାନ୍ତ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଛି।

ଏହି ବୈଠକରେ ଅତିରିକ୍ତ ପୋଲିସ କମିଶନର ସଞ୍ଜୟ ସିଂ, ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ୍ ଡିସିପି ସାଗରିକା ନାଥ, ଅତିରିକ୍ତ ଟ୍ରାଫିକ ଡିସିପି ଅମରେଶ ପଣ୍ଡା, ଏଡିଏମ୍ ଅରୁଣ କୁମାର ବେହେରା, ଏନ୍‌ଏଚ୍‌ଏଆଇ ପିଡି ଦେବପ୍ରସାଦ ସାହୁ, ଆରଟିଓ-୧ ପ୍ରଦୀପ କୁମାର ମହାନ୍ତି, ଆରଟିଓ-୨ ସଞ୍ଜୟ ବେହେରା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ମିଶ୍ର, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ-୨ ଜଗବନ୍ଧୁ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ପଦୋନ୍ନତି ଚାହୁଁଥିଲେ...



କ୍ୟାରିୟରରେ ଅନେକଥର ଆମେ ସମୟଠାରୁ ଅନେକ ପଛରେ ପଡିଯାଉ। ଅନେକ ସମୟରେ ଏଭଳି ମନେ ହୁଏ ଯେ, ସବୁକିଛି ଠିକ୍ ଅଛି, ଅଥଚ କେଉଁଠି କିଛି ଅଭାବ ରହିଯାଇଛି। ଯେଉଁ ସମୟରେ ଯେଉଁ ସ୍ଥାନରେ ରହିବା କଥା, ସେହି ସ୍ଥାନରେ ପହଞ୍ଚି ପାରି ନ ଥିଲେ ଧରିବାକୁ ହେବ ଯେ ପଦନ୍ନୋତି କ୍ଷେତ୍ରରେ ଆପଣ ପଛରେ ପଡିଯାଇଛନ୍ତି। ତେବେ କେତେକ ଦିଗ ପ୍ରତି ଧ୍ୟାନ ଦେଲେ ପଦୋନ୍ନତି ନ ମିଳିବାର ଦୁର୍ଭାଗ୍ୟକୁ ଦୂର କରାଯାଇପାରିବ।

### ଉତ୍କର୍ଷତା ଜରୁରୀ

ବେଳେ ବେଳେ ମନେ ହୋଇପାରେ ଯେ, ଅଫିସ୍‌ରେ ଅନ୍ୟମାନଙ୍କ ଅପେକ୍ଷା ଆପଣ ଅଧିକ ଯୋଗ୍ୟତାସମ୍ପନ୍ନ। ପାଣ୍ଡିତ୍ୟ ଦୃଷ୍ଟିରୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଦୃଢ଼। ତେବେ କାମରେ ଉତ୍କର୍ଷତା ଆଣିପାରୁ ନ ଥିଲେ ସବୁ ବେକାର। ପାଠ୍ୟପୁସ୍ତକ ଜ୍ଞାନରୁ ବାହାରି ଆସି ନିଜ ଫିଲ୍ଡ ଓ ପ୍ରୋଫାଇଲ ଅନୁସାରେ ନିଜକୁ ଅଧିକ ଦକ୍ଷ କରିବାକୁ ହେବ। ଏହାଦ୍ୱାରା ନିଜ କ୍ଷେତ୍ରରେ ଆଗକୁ ବଢ଼ିବା ସହଜ ହୋଇଯିବ।

### ସଚ୍ଚୋଟ ହୁଅନ୍ତୁ

ନିଜର କ୍ୟାରିୟର ପ୍ରତି ସଚ୍ଚୋଟ ହେବା ଅତ୍ୟନ୍ତ ଜରୁରୀ। କେବେ ହେଲେ ନିଜ କାମର ଡିଣ୍ଡିମ ପିଟିବେନି। ଏହାଦ୍ୱାରା ଅନ୍ୟ ସହକର୍ମୀ ଅଥବା ବସ୍‌ଙ୍କର ଆପଣଙ୍କ ପ୍ରତି ଆଶା ଅଧିକ ବଢ଼ିଯିବ। ଯଦି ଆପଣ ଆଶାଠାରୁ କମ୍ କାମ କରୁଛନ୍ତି, ତେବେ ସମସ୍ତଙ୍କର ଆପଣଙ୍କ ପ୍ରତି ଥିବା ବିଶ୍ୱାସ ଭାଙ୍ଗିଯିବ, ଯାହା କି ଆପଣଙ୍କ ପାଇଁ ଶୁଭଙ୍କର ନୁହେଁ। ତେଣୁ କରି ପାଟିବୁପ୍ କରି କାମ କରିଯାଆନ୍ତୁ। ଦିନ ଆସିବ ଆପଣଙ୍କ କାମ କଥା କହିବ।

### ଅଧିକ ଉଚ୍ଚାଭିଳାଷୀ ହୁଅନ୍ତୁ ନାହିଁ

ଉଚ୍ଚାଭିଳାଷୀ ହେବା ଉଚିତ। କିନ୍ତୁ ଅଧିକ ଉଚ୍ଚାଭିଳାଷୀ ହେବା ଠିକ୍ ନୁହେଁ। ଏହାକୁ ଆଳ କରି ଯଦି ଅନ୍ୟ ସହକର୍ମୀଙ୍କୁ ଅଣଦେଖା କରିବା ବିପଜ୍ଜନକ। ଏହାଦ୍ୱାରା କିଛି ସମୟ ପାଇଁ ଆପଣଙ୍କୁ ଆଶ୍ୱସ୍ତି ମିଳିପାରେ ସତ, କିନ୍ତୁ କ୍ୟାରିୟର ଆଗେଇ ପାରିବ ନାହିଁ ଏହା ନିଶ୍ଚିତ। ଉଚ୍ଚାଭିଳାଷ ପୂରଣ ପାଇଁ ରାଜନୀତି ଆପଣାଇ, ଅନ୍ୟର ଗୋଡ ଟାଣି ଆଗକୁ ବଢ଼ିବା ଠିକ୍ ନୁହେଁ। ସବୁକିଛି ଏକ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ଘଟିଥାଏ। ନିଜର ଉଚ୍ଚାଭିଳାଷ ପୂରଣ କରିବାକୁ ଚାହୁଁଥିଲେ ଖୁବ୍ ପରିଶ୍ରମ କରନ୍ତୁ। ଦେଖିବେ ଫଳ ଆପେ ଆପେ ମିଳିଯିବ।

# କ୍ୟାରିୟର ସହ ସଉକ ପୂରା କରିବ ମ୍ୟୁଜିୟମ

**ସଂସ୍କୃତି ଏବଂ ଅଭିନବ ସଭ୍ୟତା ତଥା ବିବିଧତା ଭରା ଶିଳ୍ପକଳା କାରଣରୁ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। କଳାର ଏହି ଅଭୂତପୂର୍ବ ଐତିହ୍ୟକୁ ସଂରକ୍ଷିତ କରିବା ତଥା ଏହାକୁ ଜୀବନ୍ତ ଭାବେ ତୋଳିଧରିବା ଲାଗି ଆଜିକାଲି କଳା ଓ ସଂସ୍କୃତି ସଂରକ୍ଷଣ ସହ ଜଡ଼ିତ ପାଠ୍ୟକ୍ରମ ଉପରେ ବିଶେଷ ଭାବେ ଧ୍ୟାନ ଦିଆଯାଉଛି। କଳା ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଦେଖି ସଂଗ୍ରହାଳୟ ଅର୍ଥାତ୍ ମ୍ୟୁଜିୟମରେ ଅମୂଲ୍ୟ ସମ୍ପଦର ବ୍ୟାପକ ହାରରେ ତଦାରଖ ଓ ଦେଖାଶୁଣା କରିବାକୁ ପଡୁଛି। ଏଥିପାଇଁ ପ୍ରଶିକ୍ଷଣପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଣ ଆଜିକାଲି ସରକାରଙ୍କ ବ୍ୟତୀତ ଘରୋଇ ସଂଗ୍ରହାଳୟ ପ୍ରଚଳନ ବ୍ୟାପକ ହାରରେ ଆରମ୍ଭ ହୋଇଛି। ଏଣୁ ଶିଳ୍ପକଳା ପ୍ରତି ରୁଚି ରଖୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ମ୍ୟୁଜିଓଲୋଜି (ମ୍ୟୁଜିୟମ ରକ୍ଷଣାବେକ୍ଷଣ ବିଜ୍ଞାନ) ଏକ ସୁନ୍ଦର କ୍ୟାରିୟର ହୋଇପାରିବ। ଏହାରି ମାଧ୍ୟମରେ ଶିଳ୍ପକଳା ସହ ନିଜକୁ ଯୋଡି ରଖି ଆୟର ଏକ ବିକଳ୍ପ ହାତପାଆନ୍ତାକୁ ଆସିଯିବ।**



ମ୍ୟୁଜିୟମ ଏପରି ଏକ ସ୍ଥାନ ଯେଉଁଠି ଆମେ ଅତୀତକୁ ସାଇତି ରଖିଥାଉ। ଅତୀତର ଐତିହ୍ୟ, ଶିଳ୍ପକଳା, ବାସ୍ତୁ ସମ୍ପର୍କିତ ସାମଗ୍ରୀଗୁଡ଼ିକୁ ଅତି ଯତ୍ନ ସହକାରେ ରଖାଯାଇଥାଏ। ଅତୀତ ସମ୍ପର୍କରେ ଜାଣିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ, ଗବେଷକମାନଙ୍କ ପାଇଁ ସଂଗ୍ରହାଳୟ ବା ମ୍ୟୁଜିୟମ ଏକ ମନ୍ଦିର କହିଲେ ଅତ୍ୟୁକ୍ତି ହେବ ନାହିଁ। ଛାତ୍ରୀଛାତ୍ର ଚାହିଁଲେ ନିଜ ସଉକ ପୂରା କରିବା ସହ ମ୍ୟୁଜିଓଲୋଜିରେ କ୍ୟାରିୟର କରି ନିଜର ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିପାରିବେ। ବର୍ତ୍ତମାନ ସମୟରେ ସଂଗ୍ରହାଳୟ ବିଜ୍ଞାନ ବା ମ୍ୟୁଜିଓଲୋଜି ଦ୍ରୁତଗତିରେ ଆଗକୁ ବଢୁଛି।

ପାଶ୍ଚାତ୍ୟ ଦେଶରେ ସଂଗ୍ରହାଳୟ ବିଜ୍ଞାନ ବା ମ୍ୟୁଜିଓଲୋଜି ବହୁ ଦିନ ହେବ ବେଶ ଲୋକପ୍ରିୟତା ହାସଲ କରିଛି। କିନ୍ତୁ ଭାରତରେ ପାଠ୍ୟକ୍ରମ ଦୃଷ୍ଟିରୁ ଏକ ବିଷୟ ଭାବେ ଏହାର ମହତ୍ତ୍ୱ ବଢ଼ିବାରେ ଲାଗିଛି। ରାଷ୍ଟ୍ରୀୟ ସଂଗ୍ରହାଳୟର ସଂଗ୍ରହାଳୟ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ମାନ୍ୱି ସେଠଙ୍କ କହିବାନୁଯାୟୀ, ମ୍ୟୁଜିୟମ ପ୍ରତିଷ୍ଠା କରିବାର ବିଚାର ପାଶ୍ଚାତ୍ୟ ଦେଶରୁ ଆସିଛି। ଏହି କାରଣରୁ ସେଠାରେ ମ୍ୟୁଜିୟମ ଅଧ୍ୟୟନ ଭାରତ ତୁଳନାରେ ଅଧିକ ଲୋକପ୍ରିୟ। କିନ୍ତୁ ଗତକିଛି ବର୍ଷ ହେଲା ଭାରତରେ ମଧ୍ୟ ଏହାର ଚାହିଦା ବଢ଼ିବାରେ ଲାଗିଛି। ଦେଶ ଭିତରେ ଅନେକ ଘରୋଇ ଆର୍ଟ ଗ୍ୟାଲେରୀ ପ୍ରତିଷ୍ଠା କରାଯାଇଛି। ଅନ୍ୟପକ୍ଷରେ ସରକାର ମଧ୍ୟ ରାଷ୍ଟ୍ରୀୟ ଐତିହ୍ୟର ସଂରକ୍ଷଣ ଉପରେ ଏବେ ଅଧିକ ଜୋର୍ ଦେଉଛନ୍ତି। ମ୍ୟୁଜିୟମ ବିଜ୍ଞାନ ଫିଲ୍ଡରେ କ୍ୟାରିୟର କରିବାକୁ ଚାହିଁଲେ ଏକାଧିକ ବିକଳ୍ପ ରହିଛି। ସେଗୁଡ଼ିକ ହେଲା ମ୍ୟୁଜିୟମ ଡାଇରେକ୍ଟର, କ୍ୟୁରେଟର, ଏଜୁକେଟର, ଏକ୍‌ଜିବିଟ୍ ଡିଜାଇନର, ଆର୍କିଭିଷ୍ଟ ଏବଂ କଞ୍ଜରଭେଶନ ସ୍ପେଶାଲିଷ୍ଟ।

### କିଭଳି ପାଠ ପଢ଼ାଯାଏ

ମ୍ୟୁଜିଓଲୋଜି କୋର୍ସ ଅଧୀନରେ ବିଦ୍ୟାର୍ଥୀଙ୍କୁ ସଂଗ୍ରହାଳୟ ଦର୍ଶନ ଓ ପରିବର୍ତ୍ତିତ ସମୟ ଅନୁସାରେ ମ୍ୟୁଜିୟମରେ ଆସୁଥିବା ପରିବର୍ତ୍ତନ ଆଦି ସଂକ୍ରାନ୍ତରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥାଏ। ଏଥିସହିତ ଆର୍ଟ ଗ୍ୟାଲେରୀ ବିସ୍ଥାପନ, ଦେଖାଶୁଣା କରିବା, ଶିଳ୍ପକଳାଗୁଡ଼ିକର ପ୍ରସ୍ତୁତିକରଣ, ସଂରକ୍ଷଣ, ପ୍ରଦର୍ଶିତ ଶିଳ୍ପକଳା ଏବଂ ଐତିହ୍ୟ ସାମଗ୍ରୀଗୁଡ଼ିକର ତଥ୍ୟ ପ୍ରସ୍ତୁତ କରିବା, ସଂଗ୍ରହ, ଡିଜାଇନ କରିବା, ଡକ୍ୟୁମେଣ୍ଟେଶନ ଆଦି ସମ୍ପର୍କରେ ପାଠ ପଢ଼ାଯାଇଥାଏ। ଏହାବ୍ୟତୀତ ବିଷୟ ସହ ଜଡ଼ିତ ମାର୍କେଟିଂ ତଥ୍ୟ ସମ୍ପର୍କରେ ମଧ୍ୟ ଜଣାଇ ଦିଆଯାଇଥାଏ। ଏହାଦ୍ୱାରା ବିଦ୍ୟାର୍ଥୀ ମାର୍କେଟରେ ନିଜର ସ୍ଥାନ ପକ୍କା କରିପାରେ।

### କୋର୍ସ ପାଇଁ ଶିକ୍ଷାଗତ ଯୋଗ୍ୟତା

ଯେକୌଣସି ଉପଯୁକ୍ତ ବିଷୟ ଥାଇ ଗ୍ରାଜୁଏଟ ଡିଗ୍ରୀ ପରେ ଜଣେ ଛାତ୍ରୀଛାତ୍ର ମ୍ୟୁଜିୟମ ବିଜ୍ଞାନ ବା ମ୍ୟୁଜିଓଲୋଜି କୋର୍ସ କରିପାରିବେ। ଏପରିକି ଆନ୍ଥ୍ରୋପୋଲୋଜି, ଆର୍ଟ ହିଷ୍ଟ୍ରି, ବଟନି, କେମିଷ୍ଟ୍ରି, କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରୋନିକ୍ସ, ଜିଓଲୋଜି, ହିଷ୍ଟ୍ରି, ଫିଜିକ୍ସ, ଭିଜୁଆଲ ଆର୍ଟ, ଜୁଲୋଜି, ମେକାନିକାଲ, ଇସିଇ, ସିଏସ୍‌ଇ ଆଦିରେ ବିଇ/ବିଟେକ ପରେ ମ୍ୟୁଜିଓଲୋଜି କୋର୍ସ କଲେ ଅଧିକ ଭଲ ହେବ।

### ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ

କେତେକ ବିଶ୍ୱବିଦ୍ୟାଳୟରେ ପିଜି ସ୍ତରରେ ମୁଖ୍ୟ ରୂପରେ ମ୍ୟୁଜିଓଲୋଜି କୋର୍ସ ଅଫର କରାଯାଉଛି। ସେମାନଙ୍କ ମଧ୍ୟରେ ଏମ୍‌ଏସ୍ ୟୁନିଭର୍ସିଟି ଅଫ୍ ବରୋଦା, ବନାରସ ହିନ୍ଦୁ ୟୁନିଭର୍ସିଟି(ବିଏଚ୍‌ୟୁ), ୟୁନିଭର୍ସିଟି ଅଫ୍ କୋଲକାତା, ନ୍ୟାଶନାଲ ମ୍ୟୁଜିୟମ ଇନ୍‌ଷ୍ଟିଚ୍ୟୁଟ୍, ଆଲିଗଡ ମୁସ୍‌ଲିମ ୟୁନିଭର୍ସିଟି, ରବୀନ୍ଦ୍ର ଭାରତୀ ୟୁନିଭର୍ସିଟି(ସେଲ୍‌ଫ ଫାଇନାନ୍ସ), ଦିଲ୍ଲୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେରିଟେଜ ରିସର୍ଚ୍ଚ ଆଣ୍ଡ ମ୍ୟାନେଜମେଣ୍ଟ ସାମିଲ ରହିଛି। ଏହାବ୍ୟତୀତ କେତେକ ୟୁନିଭର୍ସିଟିରେ ସେଣ୍ଟର୍ସ ଅଫ୍ ମ୍ୟୁଜିଓଲୋଜି ବିଭାଗ ରହିଛି। ଯେପରିକି ଜମ୍ମୁ ୟୁନିଭର୍ସିଟି(ସିବିସିଏସ୍ ଅଧୀନରେ ମ୍ୟୁଜିଓଲୋଜିର ଅପଶନାଲ ପେପର), ରାଜସ୍ଥାନ ୟୁନିଭର୍ସିଟି, ଆସାମ ୟୁନିଭର୍ସିଟି(ସିଲଚର୍ କ୍ୟାମ୍ପସ) ଆଦି ରହିଛି।

### ନିଯୁକ୍ତି ସମ୍ଭାବନା

କୋର୍ସ ଶେଷ ହେବା ପରେ ରାଷ୍ଟ୍ରୀୟ ସଂଗ୍ରହାଳୟ, ଆର୍କିଓଲୋଜିକାଲ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ ଆଦିରେ ନିଯୁକ୍ତି ମିଳିଯିବ। ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର କ୍ୟୁରେଟର, ଡେପୁଟି କ୍ୟୁରେଟର, ରିସର୍ଚ୍ଚ ଆସୋସିଏଟ, ମ୍ୟାନେଜର ଆଦି ରୂପରେ ନିଯୁକ୍ତି ପାଇପାରିବେ। ଏହାବ୍ୟତୀତ ଘରୋଇ କ୍ଷେତ୍ରରେ ମଧ୍ୟ ଅନେକ ରୋଜଗାର ସୁଯୋଗ ରହିଛି।

### ବେତନ

ମ୍ୟୁଜିଓଲୋଜିର ଡିଗ୍ରୀଧାରୀଙ୍କ ଦରମା ୨୫ ହଜାରରୁ ଆରମ୍ଭ କରି ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଅଭିଜ୍ଞତା ଭିତ୍ତିରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ମିଳିପାରେ।



# ଇଣ୍ଟରଭ୍ୟୁରେ ସଫଳତାର ରହସ୍ୟ



ଚାକିରି କରିବା ପୂର୍ବରୁ ଇଣ୍ଟରଭ୍ୟୁରେ ସଫଳ ହେବାକୁ ପଡିବ। ବସ୍ ଅଥବା ମାଲିକଙ୍କ ପସନ୍ଦରେ ଜଣେ ବ୍ୟକ୍ତି ନିଯୁକ୍ତି ପାଇଥାଏ। ତେବେ ଇଣ୍ଟରଭ୍ୟୁ ବା ସାକ୍ଷାତକାରର ସମ୍ମୁଖୀନ ହେବା ବେଳେ କେତେକ ଦିଗ ଉପରେ ନଜର ଦେବାକୁ ପଡିବ। ଏଥିପାଇଁ ପୂର୍ବ ପ୍ରସ୍ତୁତି କରିଥିଲେ ସାକ୍ଷାତକାରରେ ସଫଳତା ମିଳିବା ନିଶ୍ଚିତ।

ଚୂଡ଼ାନ୍ତ ଇଣ୍ଟରଭ୍ୟୁ ପୂର୍ବରୁ ପ୍ରଥମେ କମ୍ପାନୀର ହ୍ୟୁମାନ ରିସୋର୍ସ(ଏଚ୍‌ଆର୍) ବା ମାନବସମ୍ବଳ ଅଧିକାରୀ ଏବଂ ରିପୋର୍ଟିଂ ମ୍ୟାନେଜରଙ୍କ ପ୍ରଥମ ବାଧାର ସମ୍ମୁଖୀନ ହେବାକୁ ପଡିବ। ଇଣ୍ଟରଭ୍ୟୁର ପାଟର୍ନ ପୂର୍ବ ନିର୍ଦ୍ଧାରିତ ଥିଲେ କମ୍ପାନୀ, ନିଯୁକ୍ତିଦାତାଙ୍କ ଠାରୁ ସେମାନଙ୍କର ଫର୍ମାଟ ଓ କଣ୍ଟେଣ୍ଟ ସମ୍ପର୍କରେ ପଚାରି ବୁଝି ହେବ। ତେବେ ନିର୍ଦ୍ଧାରିତ ପାଟର୍ନ ନ ଥିଲେ ନିଜ ସମ୍ପର୍କରେ ଜଣାଇବାର ଅନେକ ସୁଯୋଗ ମିଳିବ।

ତେବେ ଇଣ୍ଟରଭ୍ୟୁ ପ୍ୟାନେଲରେ ଏକାଧିକ ବ୍ୟକ୍ତି ବସିଥିଲେ ତେବେ ପ୍ରାୟ ସମସ୍ତେ ପ୍ରଶ୍ନ ପଚାରିବା ସ୍ୱାଭାବିକ। ଜବାବ ଦେବା ବେଳେ ପ୍ରଶ୍ନ ପଚାରିଥିବା ବ୍ୟକ୍ତିଙ୍କ ବ୍ୟତୀତ ବସିଥିବା ଅନ୍ୟମାନଙ୍କ ଆଡେ ନଜର ଦେବା ଆବଶ୍ୟକ। ଏହାଦ୍ୱାରା ସେମାନଙ୍କର ଧ୍ୟାନ ଆପଣଙ୍କ ଉପରେ ବଜାୟ ରହିବ। ଏଭଳି ସାକ୍ଷାତକାରରେ ଗୋଟିଏ ପ୍ରକାର ପ୍ରଶ୍ନ ପଚରା ଯାଏନାହିଁ। ସାକ୍ଷାତକାର ନେଉଥିବା ପ୍ରତ୍ୟେକ ସଦସ୍ୟଙ୍କୁ ଅଲଗା ଅଲଗା ଦାୟିତ୍ୱ ଦିଆଯାଇଥାଏ। ସେମାନେ ନିଜ ହିସାବରେ ପ୍ରାର୍ଥୀଙ୍କୁ ପରଖିଥାନ୍ତି।

ଏବେ ଫୋନରେ ଇଣ୍ଟରଭ୍ୟୁ ନେବାର ବ୍ୟବସ୍ଥା ବଢ଼ିବାରେ ଲାଗିଛି। ପ୍ରାର୍ଥୀଙ୍କ ସହ ସାମ୍ନାସାମ୍ନି ଆଲୋଚନା କରିବା ପୂର୍ବରୁ ଫୋନ ଯୋଗେ ସାକ୍ଷାତକାର ନେଇ ପ୍ରାର୍ଥୀଙ୍କ ସମ୍ପର୍କରେ ତଥ୍ୟ ଯୋଗାଡ କରାଯାଏ। ଏଭଳି ସାକ୍ଷାତକାର ମାଧ୍ୟମରେ ପ୍ରାର୍ଥୀ ଚୟନ ପ୍ରକ୍ରିୟାକୁ ସଂକୁଚିତ କରି ସମ୍ଭାବ୍ୟ ଶ୍ରେଷ୍ଠ ପ୍ରାର୍ଥୀଙ୍କୁ ଚୂଡ଼ାନ୍ତ ସାକ୍ଷାତକାର ଲାଗି ଡକାଯାଇଥାଏ। ତେବେ ଫୋନ୍ ମାଧ୍ୟମରେ ଇଣ୍ଟରଭ୍ୟୁ ଦେବା ବେଳେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡେ। କାରଣ ଫୋନରେ ବଡି ଲାଙ୍ଗୁଏଜ ଓ ମୁହଁର ହାବଭାବ ପ୍ରଦର୍ଶନ କରିବାର ବା ପ୍ରଭାବିତ କରିବାର ସୁଯୋଗ ନ ଥାଏ। ଏଣୁ ଫୋନ ମାଧ୍ୟମରେ ସାକ୍ଷାତକାର ଦେବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ସହିତ ଏକ ଶାନ୍ତ ସ୍ଥାନ ଚୟନ କରିବା ନିହାତି ଆବଶ୍ୟକ। ଫର୍ମାଲ ଡ୍ରେସ୍ ପିନ୍ଧି ଫୋନରେ ଇଣ୍ଟରଭ୍ୟୁ ଦିଆଯାଇପାରେ। ଫୋନରେ ସାକ୍ଷାତକାର ବେଳେ କୌଣସି ପ୍ରଶ୍ନ ବୁଝି ନ ପାରିଲେ ଅଥବା ଭଲ ଭାବେ ଶୁଣାଯାଉ ନ ଥିଲେ ପୁନର୍ବାର ପଚାରି ନେବା ଉଚିତ। ପଚରାଯାଇଥିବା ପ୍ରଶ୍ନକୁ ନୋଟ୍ କରିନେବା ସହ ନିଜର ପଏଣ୍ଟକୁ ଲେଖିଅନ୍ତୁ। ଫୋନ ଇଣ୍ଟରଭ୍ୟୁ ବେଳେ ନିଜର ରିଜ୍ୟୁମକୁ ପାଖରେ ରଖିବା ଭଲ।

ଏବେ ମଡର୍ନ ଯୁଗରେ ଭିଡ଼ିଓ କନ୍‌ଫରେନ୍ସି ଅଥବା ଭିଡିଓ ରେକର୍ଡିଂ ମାଧ୍ୟମରେ ହେବାର ପ୍ରଥା ଆରମ୍ଭ ହୋଇଛି। କ୍ୟାମେରା ସମ୍ମୁଖରେ ଇଣ୍ଟରଭ୍ୟୁ ଦେବା ବେଳେ କେତେକ ଦିଗ ପ୍ରତି ଯତ୍ନଶୀଳ ହେବାକୁ ପଡିବ। ସାକ୍ଷାତକାର ପୂର୍ବରୁ ଭିଡିଓ କ୍ୟାମେରାକୁ କିପରି ସମ୍ମୁଖୀନ ହେବାକୁ ପଡେ ସେ ସମ୍ପର୍କରେ ଅଭ୍ୟାସ କରିବାକୁ ପଡିବ। ରେକର୍ଡିଂ ଦେଖି ନିଜର ମୁହଁର ହାବଭାବ, ଭିଜୁଆଲ ଇଫେକ୍ଟସ, ଉପସ୍ଥିତ ବୁଦ୍ଧିର ବିଶ୍ଳେଷଣ କରି ସେଥିରେ ସୁଧାର କରିବାର ସୁଯୋଗ ମିଳିଥାଏ। ସାକ୍ଷାତକାର ରେକର୍ଡିଂ କରି ପଠାଇବାକୁ ପଡୁଥିଲେ ନିଜ ବନ୍ଧୁ ତଥା ସହକର୍ମୀଙ୍କୁ ଦେଖାଇବାର ସୁଯୋଗ ମିଳିବ। ଭିଡିଓରେ ତ୍ରୁଟିବିଚ୍ୟୁତି ଥିବା ଧରାପଡିଲେ ଏହାକୁ ସଂଶୋଧନ କରିପାରିବେ। ଭିଡିଓ ଇଣ୍ଟରଭ୍ୟୁ ଫର୍ମାଲ ହେଉଥିବାରୁ ଆପଣଙ୍କ ଡ୍ରେସ୍ ମଧ୍ୟ ଫର୍ମାଲ ହେବା ଆବଶ୍ୟକ।


**ଚେନ୍ନାଇ ପାଇଁ ଆବଶ୍ୟକ**
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117

**CLOTHES CARE LAUNDRY**
ଦୋକାନ ପାଇଁ ପିଲା ଆବଶ୍ୟକ, ବୟସ-18+, ସ୍ଥାନ-ସତ୍ୟବିହାର, ରସୁଲଗଡ଼, ଭୁବନେଶ୍ୱର
8249233993
8895200115

**WANTED**
COMPUTER OPERATOR FOR HOTEL AT TALCHER
CONTACT : 9776331667

**WALK-IN-INTERVIEW**
Field verification Executives required for location BBSR, Jajpur Road, Anandpur, Keonjhar, Talcher, Dhenkanal, Joda, Barbil. 307 Nirmala Plaza, Forest Park, BBSR.
Contact: 0674-2595911
Mob : 7504008200

**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
1. BLOCK CO-ORDINATOR
Qual : 10th/+2 : Sal - 12000/-
2. DISTRICT CO-ORDINATOR
Qual : +3/Above : Sal - 16000/-
ନିଜ ନିଜ ଜିଲ୍ଲାରେ ଏବଂ ବ୍ଲକରେ ଚାକିରି ପାଇଁ ଯୋଗାଯୋଗ କରନ୍ତୁ।
M : 7327065424 / 8895725158

**Urgent Required**

| | | | |
|---|---|---|---|
| 1. | Diploma (Civil) | - | 20 Nos. |
| 2. | Matric to Graduate | - | 50 Nos. |
| 3. | Autocad (Civil) | - | 5 Nos. |

Contact : 7873563668
9556880775

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**ଲଣ୍ଡ୍ରି କମ୍ପାନୀ ନିମନ୍ତେ**
1. SUPERVISOR
2. ଅଟୋ ଡ୍ରାଇଭର
3. ଡେଲିଭରି ବୟ
(ମହିଳା ଏବଂ ପୁରୁଷ)
8280082800, 7609893102

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

**REQUIRED**
TECHNICIANS - (Welder, Foreman, Rigger) FITTER & Mill Write Fitter with 6 to 15 yrs experience in maintenance Sinter Plant & Blast Furnace for TATA Projects at Angul.
Interview at
Hotel Suraj Palace, Infocity Road, Patia, BBSR On Date 07.09.2019
Contact: 0674-2361130
Mail : recruitment@planetsolutions4u.com

**WALK-IN-INTERVIEW**
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପରେ ତେଲ ପକାଇବା ନିମନ୍ତେ ବ୍ୟକ୍ତି ଆବଶ୍ୟକ। ଦରମା - ମୋଟ ୧୨,୨୦୦/- ମାସିକ
ଯୋଗାଯୋଗ ସ୍ଥାନ - Indian Oil Petrol Pump, ଡମଣା ଛକ ଓ ପଟିଆ ଛକ ମଧ୍ୟରେ, (ଦିବା ୧୨ ରୁ ସନ୍ଧ୍ୟା ୬ ମଧ୍ୟରେ) ଯୋଗାଯୋଗ ବ୍ୟକ୍ତି - ଶ୍ରୀ ପ୍ରଦୀପ କୁମାର ନାୟକ ଓ ପ୍ରଶାନ୍ତ କୁମାର ଜେନା

ଘରକାମ/ରୋଷେଇ/ଛୋଟପିଲା ଏବଂ ରୋଗୀଙ୍କ ଯତ୍ନ ପାଇଁ ମହିଳା, ପୁରୁଷ ଆବଶ୍ୟକ।
ଦରମା-୬,୦୦୦/୧୨,୦୦୦
9090909300
7381222430

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact : 9938414918

SEE COLOR DISPLAY CLASSIFIED ON EVERY TUESDAY & FRIDAY

**PARADIP PORT TRUST**
PARADIP - 754142, ODISHA (INDIA)
MEDICAL DEPARTMENT
SAGARMALA
No. CMO/OE/A/GL-302/2018/1603 Dated, the 29th Aug, 2019
**ADVERTISEMENT**
Paradip Port Trust, an autonomous body under Ministry of Shipping invites applications from Indian Nationals for filling up the following vacancies through Direct Recruitment.

| Sl. No. | Post / scale of pay | Vacancy | Age | Essential qualification & experience |
|---|---|---|---|---|
| 01 | Staff Nurse ₹27,400 - 70,500/- (Class - III) | 01 (UR) | 32 years | Diploma in Nursing and Midwifery from institute recognized by Indian Nursing Council with 3 years experience / B.Sc Nursing from Institute of Nursing recognized by INC with 3 years experience as Staff Nurse in Govt. / PSU / Corporate Govt. Recognized Hospital. |
| 02 | Laboratory Technician ₹27,400 - 70,500/- (Class - III) | 01 (UR) | 32 years | Diploma in Laboratory Technician course from Govt. recognized Institute with at least 3 years works experience OR Degree in Lab. Tech. course from Govt. / Govt. recognized institute with 1 year experience in Govt. / Semi Govt. / reputed Hospital. |

**GENERAL CONDITIONS**
Application complete in all respects including all the information, Present / Permanent Address, E-mail, Mob No., Qualification, Caste etc. and all the self attested testimonials with two latest passport size photographs may be submitted to Chief Medical Officer, Paradip Port Trust Hospital, Dist - Jagatsinghpur, Odisha - 754142 by **30.09.2019**. The candidates already in service may submit their application through proper channel. The cutoff date for determining the age is 01.08.2019. Upper age limit and TA/DA to the SC/ST candidates will be decided as per Govt. guideline. The age limit of the candidates enlisted under compassionate appointment scheme, contract workers working under PPT will be decided as per office order No. AD/RR/II/18/2013/1914, dated 15.06.2019 for which they have to submit the application through proper channel. Decision of the Appointing Authority would be final and PPT reserves the right to cancel and modify the advertisement / vacancies without any notice.
CHIEF MEDICAL OFFICER
Paradip Port Hospital
PPT/PR/312/19-20 Dt.31.08.2019

**ଭୁବନେଶ୍ୱରରେ ଲ୍ୟାଣ୍ଡ ଅଫିସର**
ଆବଶ୍ୟକ ଏକ ବିଖ୍ୟାତ ସଂସ୍ଥା ପାଇଁ।
ଲ୍ୟାଣ୍ଡ ସେଟେଲ୍‌ମେଣ୍ଟ କିମ୍ବା ତହସିଲ୍ ଅଫିସ୍‌ରେ କାମ କରିଥିବା ଅଭିଜ୍ଞ ପ୍ରାର୍ଥୀ ଆବଶ୍ୟକ। ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ରିଅଲ୍ ଇଷ୍ଟେଟ୍‌ରେ କାମ କରିଥିବା ପ୍ରାର୍ଥୀଙ୍କୁ ମଧ୍ୟ ନିଆଯିବ। ପ୍ରାର୍ଥୀ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସକ୍ଷମ ଥିବା ଜରୁରୀ।
ଭଲ ଦରମା + ପ୍ରୋତ୍ସାହନ ଭତ୍ତା + ଅନ୍ୟାନ୍ୟ ସୁବିଧା ସୁଯୋଗ ଉପଲବ୍ଧ।
ଇଚ୍ଛୁକ ପ୍ରାର୍ଥୀ ନିଜର ବାୟୋଡାଟା ୭ ଦିନ ଭିତରେ recruitment@gift.edu.in ଇ-ମେଲ୍‌ରେ ପଠାନ୍ତୁ।
7873008194, 8249893003

**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
**WALK-IN-INTERVIEW**
No. Estt-II / 1395 (Pt.) / 2498 / 2019 Dated: 6.09.2019
Interested candidates having Masters Degree in Psychology & B.Ed. or P.G. Diploma in early childhood education may attend the walk-in-interview on 16.09.2019 at 11.00 AM in the Psychology Deptt. of Utkal University for engagement of one Asst. Teacher in the Remedial School (DARCEE) under P.G.Deptt. of Psychology, Utkal University with a consolidated remuneration of ₹ 13,500/- per month. The engagement is purely temporary for a period of one year or till the post is filled up in regular manner whichever is earlier. Candidates are required to come with their Bio-data along with self attested copies of certificates and original certificates for verification at the time of interview. No TA /DA will be paid for the purpose.
Sd/- REGISTRAR


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

“ ୫ଜି ଲାଗୁ କଲା ବେଳେ ଦେଶର ସୁରକ୍ଷା ପ୍ରତି ଥିବା ବିପଦ ଏକ ବଡ଼ ପ୍ରସଙ୍ଗ ହେବ। ହୁଆଇକୁ ଅନୁମତି ଦେବା ପୂର୍ବରୁ ସବୁ ଦିଗ ବିଚାର କରାଯିବ।
– ଲେ.ଜେନେରାଲ ଡ. ରାଜେଶ ପନ୍ତ, ଜାତୀୟ ସାଇବର ସୁରକ୍ଷା ସଂଯୋଜକ



“ କର୍ପୋରେଟ ପ୍ରଶାସନ କ୍ଷେତ୍ରରେ ଆଇନ ଲାଗୁ କରିବା ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ, ଏହା କର୍ପୋରେଟ ଦୁର୍ନୀତି ବୃଦ୍ଧିରୁ ପ୍ରମାଣିତ ହୋଇଛି।
– ଅନୁରାଗ ଠାକୁର, କେନ୍ଦ୍ର ଅର୍ଥ ଓ କର୍ପୋରେଟ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଫେମା ଆଇନ ଉଲ୍ଲଂଘନ ଅଭିଯୋଗ
## ନରେଶ ଗୋୟଲଙ୍କୁ ଇଡିର ଜେରା



**ନୂଆଦିଲ୍ଲୀ,୬-୯:** ବୈଦେଶିକ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶୁକ୍ରବାର ବନ୍ଦ ହୋଇଯାଇଥିବା ଏୟାରଲାଇନ୍ କମ୍ପାନୀ ଜେଟ୍ ଏୟାରୱେଜ୍‌ର ପ୍ରତିଷ୍ଠାତା ନରେଶ ଗୋୟଲଙ୍କୁ ଜେରା କରିଛି। ଇଡିର ମୁମ୍ବାଇ ମୁଖ୍ୟାଳୟରେ ଏହି ଜେରା କରାଯାଇଛି। ଏଥିପୂର୍ବରୁ ଇଡି ପକ୍ଷରୁ ଗୋୟଲ ଓ ତାଙ୍କ ସହଯୋଗୀଙ୍କ ୧୦ ଠିକଣାରେ ଚଢ଼ାଉ କରାଯାଇଥିଲା। ଫେମା ଆଇନ ଉଲ୍ଲଂଘନ ମାମଲାରେ ତାଙ୍କୁ ପ୍ରଥମଥର ଇଡି ଜେରା କରିଛି। ସୂଚନାଥାଉ କି, ଗୋୟଲ ଦେଶ ତଥା ବିଦେଶରେ ନିଜର ଏକାଧିକ କମ୍ପାନୀ ପ୍ରତିଷ୍ଠା କରି ଟିକସ ଫାଙ୍କିବା ଲାଗି ଅନେକ ଯୋଜନା ପ୍ରସ୍ତୁତ କରିଥିଲେ ବୋଲି ଇଡି ପକ୍ଷରୁ ପୂର୍ବରୁ ଅଭିଯୋଗ କରାଯାଇଛି। ଏହି ଯୋଜନା ମାଧମରେ ସଞ୍ଚିତ ଅର୍ଥକୁ ସେ ବିଦେଶକୁ ସ୍ଥାନାନ୍ତର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ କେତେ ମାତ୍ରାରେ ଅର୍ଥ ବିଦେଶକୁ ଯାଇଛି ତାହା ଇଡି ସ୍ପଷ୍ଟ କରିନାହିଁ। ତେବେ ଗୋୟଲ ବହୁ ବିଲିୟନ ଡଲାର ବିଦେଶକୁ ସ୍ଥାନାନ୍ତର କରିଛନ୍ତି ବୋଲି ମନେ କରାଯାଉଛି। ଚଢ଼ାଉ ବେଳେ ବେଆଇନ କାରବାର ସମ୍ପର୍କିତ ବହୁ କାଗଜପତ୍ର ଧରାପଡିଛି ବୋଲି ଇଡି କହିସାରିଛି।

## ରପ୍ତାନି ବୃଦ୍ଧି ନେଇ ଖୁବ୍‌ଶୀଘ୍ର ଘୋଷଣା ହେବ ପ୍ୟାକେଜ



**ନୂଆଦିଲ୍ଲୀ,୬-୯:** ଦେଶର ରପ୍ତାନି ବୃଦ୍ଧିକରିବା ଲାଗି କେନ୍ଦ୍ର ସରକାର ଦିନେ ଦୁଇଦିନ ଭିତରେ ଏକ ପ୍ରୋତ୍ସାହନ ପ୍ୟାକେଜ ଘୋଷଣା କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତରେ ସୂଚନା ଦେଇ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ପ୍ୟାକେଜ ସ୍ଥିର କରିବା ନେଇ ଇତିମଧରେ ଅର୍ଥ ଓ ବାଣିଜ୍ୟ ମନ୍ତ୍ରଣାଳୟ ମଧରେ ଏକାଧିକ ଥର ଆଲୋଚନା ହୋଇସାରି ଛି। ଘୋଷିତ ହେବାକୁ ଥିବା ପ୍ୟାକେଜରେ ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର(ଏସ୍‌ଇଜେଡ୍)ରେ କାର୍ଯ୍ୟରତ କମ୍ପାନୀଗୁଡ଼ିକ ପାଇଁ ଟିକସ ଲାଭକୁ ପ୍ରତ୍ୟାହାର କରିବାର ସମୟସୀମା ବୃଦ୍ଧି କରାଯାଇପାରେ ବୋଲି ସେ କହିଛନ୍ତି। ସୂଚନାଥାଉ କି, ୨୦୧୬-୧୭ ସାଧାରଣ ବଜେଟରେ ଘୋଷଣା କରାଯାଇଥିଲା ଯେ, ୨୦୨୦ ମାର୍ଚ୍ଚ ୩୧ ପୂର୍ବରୁ ଏସ୍‌ଇଜେଡ୍‌ରେ କାର୍ଯ୍ୟାରମ୍ଭ କରିଥିବା ରପ୍ତାନିକାରୀଙ୍କୁ ଆୟକର ସମ୍ପର୍କିତ ଲାଭ ଦିଆଯିବ। ରତ୍ନ ଏବଂ ଗହଣା କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଯାଇ ସରକାର ରଙ୍ଗିନ ରତ୍ନ ଓ ପଲିଶ୍ ହୋଇଥିବା ହୀରା ଉପରେ ଆମଦାନୀ ଶୁଳ୍କ ହ୍ରାସ କରିପାରନ୍ତି। ବର୍ତ୍ତମାନ ଏହି ଶୁଳ୍କ ହାର ୭.୫% ରହିଛି। ଅନ୍ୟପକ୍ଷରେ ସରକାର ଭାରତୀୟ ରପ୍ତାନି ଋଣ ଗ୍ୟାରେଣ୍ଟି ନିଗମ ପକ୍ଷରୁ ପ୍ରଦାନ କରୁଥିବା ରପ୍ତାନି ଋଣ ବୀମା କଭରକୁ ୬୦ ପ୍ରତିଶତରୁ ୯୦ ପ୍ରତିଶତକୁ ବୃଦ୍ଧି କରିପାରନ୍ତି।

# ଆର୍‌ବିଆଇ ନିର୍ଦ୍ଦେଶ ସତ୍ତ୍ୱେ ଶସ୍ତା ହେବନି ଋଣ



**ନୂଆଦିଲ୍ଲୀ,୬-୯**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ରେପୋ ରେଟ ଭଳି ବାହ୍ୟ ବେଞ୍ଚ ମାର୍କ ରେଟ୍ ସହ ସମସ୍ତ ପ୍ରକାର ରିଟେଲ ଋଣକୁ ଯୋଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ରିଟେଲ ଋଣ ସୁଧ ହାର ଶସ୍ତା ହେବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନାଦାୟ ଋଣ(ଏନ୍‌ପିଏ) ବୋଝ ତଳେ ଦବି ରହିଥିବା ବ୍ୟାଙ୍କଗୁଡ଼ିକ ବେଞ୍ଚମାର୍କ ରେଟ୍ ଉପରେ ଅଧିକ ବିସ୍ତାର ଦର୍ଶାଇ ନିଜ ଲାଭକୁ ବଞ୍ଚାଇବାକୁ ଚେଷ୍ଟା କରିବା ଯୋଗୁ ଋଣ ସୁଧ ହାର ଶସ୍ତା ହେବ ନାହିଁ ବୋଲି କୁହାଯାଉଛି।

ବ୍ୟାଙ୍କ ବିଶେଷଜ୍ଞ ଏବଂ ବିଶ୍ଳେଷକମାନେ କହିଛନ୍ତି ଯେ, ଆର୍‌ବିଆଇର ସଦ୍ୟତମ ପଦକ୍ଷେପ ଯୋଗୁ ବ୍ୟାଙ୍କଗୁଡ଼ିକର ନେଟ୍ ଇଣ୍ଟ୍ରେଷ୍ଟ ମାର୍ଜିନ ବା ସୁଧ ବାବଦ ଲାଭ ଚାପଗ୍ରସ୍ତ ହୋଇପାରେ। ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧ ହାର ସ୍ଥିର କଲା ବେଳେ ବର୍ତ୍ତମାନର ଫର୍ମୁଲା ଛାଡ଼ି ମାର୍କେଟ ଆଧାରିତ ବେଞ୍ଚମାର୍କ ଫର୍ମୁଲା ଆପଣାଇବାକୁ ଆର୍‌ବିଆଇ ନିର୍ଦ୍ଦେଶ ଦେଇଛି।

### ସ୍ୱଳ୍ପ ଅବଧିରେ ବଢ଼ିପାରେ ସୁଧ ହାର

କେତେକ ବ୍ୟାଙ୍କ ମୁଖ୍ୟ ଏବଂ ବିଶ୍ଳେଷକଙ୍କ କହିବାନୁଯାୟୀ ସ୍ୱଳ୍ପ ଅବଧିରେ ସୁଧ ହାର ବଢ଼ିପାରେ ଅଥବା ବର୍ତ୍ତମାନର ସ୍ତରରେ ରହିପାରେ। କାରଣ ବ୍ୟାଙ୍କଗୁଡ଼ିକର ପାଣ୍ଠି ଯୋଗାଡ କରିବାର ଖର୍ଚ୍ଚ ଜମା ସୁଧ ହାର ସହ ଯୋଡି ହୋଇ ରହିଛି। ଏହା କୌଣସି ବେଞ୍ଚମାର୍କ ସୁଧ ହାର ସହ ଯୋଡି ହୋଇନାହିଁ।

### ଇଏମ୍‌ଆଇରେ ଅସ୍ଥିରତା

ଏସ୍‌ବିଆଇ ସିଏଫ୍‌ଓ ପ୍ରଶାନ୍ତ କୁମାର କହିଛନ୍ତି ଯେ, ସମସ୍ତ ନୂଆ ରିଟେଲ ଋଣକୁ ବାହ୍ୟ ବେଞ୍ଚମାର୍କ ସହ ଯୋଡିବା ଦ୍ୱାରା ଗ୍ରାହକଙ୍କ ଲାଗି ଇଏମ୍‌ଆଇରେ ଅସ୍ଥିରତା ଲାଗିରହିବ। କାରଣ ସୁଧ ହାର ପ୍ରତି ୩ ମାସରେ ପୁନର୍ଗଠିତ ହେବ। ରିଟେଲ ଋଣଗ୍ରହୀତା ଇଏମ୍‌ଆଇରେ ସ୍ଥିରତା ପାଇବେ ନାହିଁ। ଏହା ଗାଏବ ହୋଇଯିବ।

### ଲାଭ ସହ ହୋଇପାରେ ସାଲିସ୍

ବ୍ୟାଙ୍କ ନିଜର ଜମା ଖର୍ଚ୍ଚକୁ ଉଠାଇବାକୁ ଯାଇ ଅଧିକ ବିପଦପୂର୍ଣ୍ଣ ପ୍ରିମିୟମ ଚାର୍ଜ କରିବା ଆରମ୍ଭ କରିପାରେ। ଜମା ହାରରେ ପରିବର୍ତ୍ତନ ରେପୋ ରେଟ୍ ଅଥବା ଟ୍ରେଜେରି ବିଲ୍ ଭଳି କୌଣସି ବାହ୍ୟ ବେଞ୍ଚମାର୍କ ମୁତାବକ ହୋଇପାରିବ ନାହିଁ ଯାହା ସମ୍ପର୍କରେ ଆର୍‌ବିଆଇ ପ୍ରସ୍ତାବ ଦେଇଛି। ଯଦି ବ୍ୟାଙ୍କ ଜମା ସୁଧ ହାର ନ ବଢ଼ାଇବେ ତେବେ ସେମାନଙ୍କୁ ଲାଭ ସହ ସାଲିସ୍ କରିବାକୁ ହେବ।

## ଡିଲରଙ୍କୁ ସମ୍ମାନିତ କଲା ସାମ୍‌ସଙ୍ଗ




**ଭୁବନେଶ୍ୱର, ୬-୯(ବ୍ୟୁରୋ)**

ସାମ୍‌ସଙ୍ଗ ଇଣ୍ଡିଆ ପକ୍ଷରୁ ଏହାର ଡିଲରମାନଙ୍କୁ ସ୍ଥାନୀୟ ଏକ ହୋଟେଲରେ ସମ୍ମାନିତ କରାଯାଇଛି। କମ୍ପାନୀ ଆଣିଥିବା ନୂଆ ଗାଲାକ୍ସି ନୋଟ-୧୦ର ସଫଳ ବିକ୍ରି କ୍ଷେତ୍ରରେ ଯୋଗଦାନ ରଖିଥିବା ଡିଲରଙ୍କ ଲାଗି କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ୨୨ ଡିଲରଙ୍କୁ ଏଥିରେ ସମ୍ମାନିତ କରାଯିବା ସହ ଭୁବନେଶ୍ୱରର ଏକ ତାରକା ହୋଟେଲରେ ସେମାନଙ୍କ ପରିବାର ସହ ଗୋଟିଏ ଦିନ ରହିବାର ସୁଯୋଗ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ଡିଲର ସମ୍ମିଳନୀରେ ଓଡ଼ିଆ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଏବଂ ସାମସଙ୍ଗର ଜାତୀୟ ବିତରକ ପପୁ ହଂସ ଯୋଗ ଦେଇଥିଲେ। କମ୍ପାନୀର ଗାଲାକ୍ସି ନୋଟ-୧୦ ମଡେଲଟିର ବଜାର ଦର ୬୯,୯୯୯ ଟଙ୍କା ଥିବା ବେଳେ ଗାଲାକ୍ସି ନୋଟ-୧୦ ପ୍ଲସ ବଜାର ଦର ୮୯,୯୯୯ ଟଙ୍କା ରହିଛି। ଏହି ମଡେଲ ଦ୍ୱୟ ବଜାରରେ ଅଗଷ୍ଟ ୨୩ରୁ ଉପଲବ୍ଧ ହେଉଥିବା ଜାତୀୟ ବିତରକ ପପୁ ହଂସ କହିଛନ୍ତି।

# ଓରିଏଣ୍ଟାଲ ବ୍ୟାଙ୍କ ଦୁର୍ନୀତିରେ ସାମିଲ ଥିଲେ ନୀରବ ମୋଦି-ମେହୁଲ ଚୋକ୍‌ସି



**ନୂଆଦିଲ୍ଲୀ,୬-୯**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ଋଣ ଦୁର୍ନୀତିରେ ସାମିଲ ଥିବା ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ମେହୁଲ ଚୋକ୍‌ସି ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି)ରୁ ବଡ଼ ଧରଣର ଋଣ ଠକେଇ କରିଛନ୍ତି ବୋଲି ବ୍ୟାଙ୍କ ପକ୍ଷରୁ ବିଳମ୍ବରେ ସ୍ୱୀକାର କରାଯାଇଛି। ନୀରବ ଓ ମେହୁଲ ଏବଂ ତାଙ୍କ କମ୍ପାନୀ ୨୮୮.୬୪ କୋଟି ଟଙ୍କାର ଋଣ ନେଇ ଆଉ ପରିଶୋଧ କରିନାହାନ୍ତି ବୋଲି ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ଶୁକ୍ରବାର ପ୍ରକାଶ କରିଛି। ବ୍ୟାଙ୍କ ପକ୍ଷରୁ କୁହାଯାଇଛି ଯେ, ନୀରବ ମୋଦିଙ୍କ କମ୍ପାନୀ ଫାୟାରଷ୍ଟାର ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡ୍ ୬୦.୪୧ କୋଟି ଟଙ୍କାର ଋଣ ନେଇ ଆଉ ଫେରସ୍ତ କରିନାହିଁ। ସେହିପରି ମୋଦିଙ୍କ ଆଉ ଏକ କମ୍ପାନୀ ଫାୟାରଷ୍ଟାର ଡାଏମଣ୍ଡ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡ ୩୨.୨୫ କୋଟି ଟଙ୍କାର ଋଣ ନେଇଥିଲା। ଅନୁରୂପ ଭାବେ ମେହୁଲ ଚୋକ୍‌ସିଙ୍କ କମ୍ପାନୀ ଗୀତାଞ୍ଜଳି ଜେମ୍ସ ଲିମିଟେଡ ଓବିସିରୁ ୧୩୬.୪୫ କୋଟି ଟଙ୍କା ଋଣ ନେଇ ଆଉ ଫେରସ୍ତ କରିନାହିଁ। ଏଥିସହିତ ଚୋକ୍‌ସିଙ୍କ ଆଉ ଏକ କମ୍ପାନୀ ନକ୍ଷତ୍ର ୱାର୍ଲ୍ଡ ଲିମିଟେଡ ମଧ ଓବିସିରୁ ୫୯.୫୩ କୋଟି ଟଙ୍କାର ଋଣ ନେଇଥିଲା। ଗତବର୍ଷ ଫେବୃୟାରୀରେ ପିଏନ୍‌ବି ମହାଦୁର୍ନୀତି ଧରାପଡିବା ପରେ ସେହିବର୍ଷ ମାର୍ଚ୍ଚ ୨୧ରେ ଓବିସି ଉକ୍ତ ଆକାଉଣ୍ଟଗୁଡ଼ିକୁ ଅନାଦାୟ ଋଣ(ଏନ୍‌ପିଏ) ଭାବେ ଘୋଷଣା କରିଥିଲା। ମେହୁଲ ଚୋକ୍‌ସି ଓ ତାଙ୍କ ପରିବାର ଏସ୍‌ବିଆଇରୁ ୪୦୫ କୋଟି ଟଙ୍କା ଋଣ ନେଇଥିବା ସାମ୍ନାକୁ ଆସିଥିଲା। ଉଲ୍ଲେଖଥାଉ କି, ବ୍ରିଟେନର ଜେଲ୍‌ରେ ନୀରବ ମୋଦି ବନ୍ଦି ଥିବା ବେଳେ ମେହୁଲ ଚୋକ୍‌ସି ଏବେ ଆଣ୍ଟିଗୁଆରେ ବସବାସ କରୁଛନ୍ତି। ତାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଯଥାସାଧ ପ୍ରୟାସ ଚାଲିଛି।

## ବନ୍ୟା ପ୍ରଭାବିତଙ୍କୁ ହିରୋର ସ୍ୱତନ୍ତ୍ର ଗ୍ରାହକ ଯୋଜନା

**ଭୁବନେଶ୍ୱର, ୬-୯**

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳରେ ପ୍ରଭାବିତ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। କେରଳ, ଉତ୍ତର କର୍ନାଟକ ଏବଂ ଦକ୍ଷିଣ ମହାରାଷ୍ଟ୍ର ଲାଗି ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଅଞ୍ଚଳଗୁଡିକରେ ଥଇଥାନ ଯୋଜନା ଅନ୍ତର୍ଗତ ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ସୁବିଧା ସୁଯୋଗ ଉପଲବ୍ଧ ରହିଛି। ଏହି ଅବସରରେ ବିନା ଲେବର ଚାର୍ଜରେ ସର୍ଭିସ ସୁବିଧା ଯୋଗାଣ କରାଯିବ। ପାର୍ଟସ ଉପରେ ୩୦% ରିହାତି ପ୍ରଦାନ କରାଯିବ। ସମସ୍ତ ଯାନର ମାଗଣା ଚେକ୍ ଅପ୍ କରାଯିବା ସହିତ ପ୍ରକୃତ ପାର୍ଟସ ଦିଆଯିବ। ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ହିରୋ ମୋଟୋକର୍ପ ବିତରକ ଏବଂ ସ୍ୱୀକୃତିପ୍ରାପ୍ତ ସର୍ଭିସ କେନ୍ଦ୍ରରେ ଏଭଳି ସୁବିଧା ଗ୍ରାହକ ପାଇବେ। ୨୦୧୯ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଏହା ଉପଲବ୍ଧ ହେବ। ଏସବୁ ଅଞ୍ଚଳରେ ସ୍ଥିତି ଆକଳନ କରି ଗ୍ରାହକଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବାକୁ ନିଷ୍ପତ୍ତି ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଟୟୋଟା ଆଣିଲା ନୂଆ ୟାରିସ




**ଭୁବନେଶ୍ୱର, ୬-୯**

ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ନୂଆ ୟାରିସର ବଜାର ପ୍ରବେଶ ହୋଇଛି। ଏହା ଏମ୍‌ଟି ଏବଂ ସିଭିଟି ଭାରିଆଣ୍ଟରେ ଆସିଛି। ଏହାର ବଜାର ଦର ୮.୭୬ ଲକ୍ଷ ଟଙ୍କାରୁ ୧୩.୧୭ ଲକ୍ଷ ଟଙ୍କା ରହିଛି। ୱାଇଲ୍ଡ ଫାୟାର ରେଡ, ଫ୍ୟାଣ୍ଟମ ବ୍ରାଉନ, ପର୍ଲ ହ୍ୱାଇଟ, ସିଲଭର ଏବଂ ଗ୍ରେ ଭଳି ୬ ରଙ୍ଗରେ ଏହା ଉପଲବ୍ଧ। ଏହାର ବୁକିଂ ଟୟୋଟାର ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଲରଶିପରେ ହୋଇ ପାରୁଛି। ଏହା ଗୁଣବତ୍ତା, ସ୍ଥାୟିତ୍ୱ ଏବଂ ଭରସା ଆଦି ଗୁଣ ସହିତ ବଜାରକୁ ଆସିଛି। ସୁରକ୍ଷା ବ୍ୟବସ୍ଥାକୁ ଯାନଟିରେ ସ୍ଥାନିତ କରାଯାଇଛି। ଯୁବବର୍ଗଙ୍କୁ ଧ୍ୟାନରେ ରଖି ଯାନଟିକୁ ପ୍ରସ୍ତୁତ କରାଯାଇଛି। ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ଏଭଳି ମଡେଲ ପ୍ରସ୍ତୁତ କରାଯାଇଥିବା ଟୟୋଟା କିର୍ଲୋସ୍କର ମୋଟର୍ସର ସହକାରୀ ପରିଚାଳନା ନିର୍ଦ୍ଦେଶକ ଏନ୍.ରାଜା କହିଛନ୍ତି। ଟୟୋଟା ନିରନ୍ତର ଭାବେ ଗ୍ରାହକଙ୍କ ବିଶ୍ୱାସ ଜିତିବାକୁ ସକ୍ଷମ ହୋଇଥିବା ଟୟୋଟାର ଏମ୍‌ଡି ଆକିତୋ ତାଚିବାନା କହିଛନ୍ତି।

# ୨୪ରେ ୪ ଟ୍ରେଡ ୟୁନିୟନର ଧର୍ମଘଟ ଡାକରା

**କୋଲକାତା,୬-୯**

କେନ୍ଦ୍ର ସରକାର କୋଇଲ ଖଣି ସେକ୍ଟରରେ ୧୦୦ ପ୍ରତିଶତ ଫରେନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ (ଏଫ୍‌ଡିଆଇ) ବା ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ କରାଯିବାକୁ ଘୋଷଣା କରିଛନ୍ତି। ଏହାକୁ ଦେଶର ୫ ବୃହତ ଟ୍ରେଡ ୟୁନିୟନ ବିରୋଧ କରିଛନ୍ତି। ଚଳିତମାସ ୨୪ରେ ସେମାନେ ଦିନିକିଆ ଧର୍ମଘଟ ଡାକରା ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି କୋଇଲା ସେକ୍ଟର ପାଇଁ କ୍ଷତିକାରକ ହେବ ବୋଲି ୟୁନିୟନଗୁଡ଼ିକ ପକ୍ଷରୁ ଯୁକ୍ତି ଦର୍ଶାଯାଇଛି। ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଟୁ ଓ ଏଆଇସିସିଟିୟୁ ପକ୍ଷରୁ ଧର୍ମଘଟ ଡାକରା ଦିଆଯାଇ ସରକାରଙ୍କୁ ନୋଟିସ ଜାରି କରାଯାଇଛି। ସେମାନେ କୋଇଲା ସେକ୍ଟରରେ ୧୦୦ ପ୍ରତିଶତ ଏଫ୍‌ଡିଆଇ ପ୍ରତ୍ୟାହାର ସହ ଅନ୍ୟ ୩ ଦାବି କେନ୍ଦ୍ର ସରକାରଙ୍କ ନିକଟରେ କରିଛନ୍ତି। ରାଞ୍ଚି ଅଧିବେଶନରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇଥିବା ସେମାନେ କହିଛନ୍ତି।

### କୋଇଲାରେ ୧୦୦% ଏଫ୍‌ଡିଆଇକୁ ବିରୋଧ

ଅଲ୍ ଇଣ୍ଡିଆ କୋଲ୍ ୱାର୍କର୍ସ ଫେଡେରେଶନର ସାଧାରଣ ସମ୍ପାଦକ ଡି.ଡି.ରାମନନ୍ଦନ କହିଛନ୍ତି ଯେ, ଭାଜପା ସମର୍ଥିତ ବିଏମ୍‌ଏସ୍‌କୁ ଛାଡ଼ି ଦେଲେ ସମସ୍ତ ଟ୍ରେଡ ୟୁନିୟନ ଉକ୍ତ ଦିନ ଧର୍ମଘଟରେ ସାମିଲ ହେବେ। ଇସିଏଲ୍, ବିସିସିଏଲ୍, ସିସିଏଲ୍, ସିଏମ୍‌ପିଡିଏଲ୍, ଏସ୍‌ଇସିଏଲ୍ ଓ ଏମ୍‌ସିଏଲ୍‌କୁ କୋଲ୍ ଇଣ୍ଡିଆ ଲିମିଟେଡ ସହ ମିଶାଇ ଦେବା ଲାଗି ସେମାନେ ଦାବି ଜଣାଇଛନ୍ତି। ଏହି ସହାୟକ କମ୍ପାନୀଗୁଡ଼ିକୁ କୋଲ୍ ଇଣ୍ଡିଆରୁ ବାଦ୍ ଦେଇ ସ୍ୱତନ୍ତ୍ର କମ୍ପାନୀ ଭାବେ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ବିଚାର କରୁଛନ୍ତି ବୋଲି ସ୍ପଷ୍ଟ ହୋଇଛି। ସେହିପରି ନିଯୁକ୍ତି ଉପରେ ଲାଗିଥିବା କଟକଣାକୁ ପ୍ରତ୍ୟାହାର କରିବାକୁ ଦାବିପତ୍ରରେ କୁହାଯାଇଛି। ଦାବି ଗୁଡ଼ିକୁ ସରକାର ନ ମାନିଲେ ଅନିର୍ଦ୍ଦିଷ୍ଟ କାଳ ଲାଗି ଧର୍ମଘଟ ଜାରି ରଖାଯିବ।

## ଋଣ ଖିଲାପକାରୀଙ୍କ ବିରୋଧରେ ଓବିସିର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୬-୯**

ଋଣ ଖିଲାପକାରୀଙ୍କ ବିରୋଧରେ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ(ଓବିସି) ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକସ୍ଥିତ ବ୍ୟାଙ୍କଶାଖାରୁ ଋଣ ନେଇ ପରିଶୋଧ କରି ନ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମେ ଡିଆର୍‌ଟି କଟକ କୋର୍ଟରେ ମାମଲା ଦାଏର ହୋଇଥିଲା। ମକଦ୍ଦମା ଶୁଣାଣି ବେଳେ ବ୍ୟାଙ୍କର ଶାଖା ପ୍ରବନ୍ଧକ ପଞ୍ଚାନନ ସାହୁ, ଅଫିସର କୈଳାସ ଚନ୍ଦ୍ର ବେହେରା ଏବଂ ବ୍ୟାଙ୍କ ଆଡଭୋକେଟ ସବିତା ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ମାମଲାରେ କୋର୍ଟ ଜନୈକ ଋଣ ଖିଲାପକାରୀ ବ୍ୟକ୍ତିଙ୍କୁ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି।

# ସାଧାରଣ ବୀମା କମ୍ପାନୀଙ୍କୁ ମିଳିବ ୧୨ ହଜାର କୋଟି ପୁଞ୍ଜି

**ନୂଆଦିଲ୍ଲୀ,୬-୯**



ବ୍ୟାଙ୍କ ଓ ଅଟୋ ଶିଳ୍ପକୁ ସହାୟତା ପ୍ରଦାନ ପରେ କେନ୍ଦ୍ର ସରକାର ଏଣିକି ରାଷ୍ଟ୍ରାୟତ୍ତ ସାଧାରଣ ବୀମା କମ୍ପାନୀଗୁଡ଼ିକୁ ପୁଞ୍ଜି ଦେବାକୁ ଯାଉଛନ୍ତି। ତିନୋଟି କମ୍ପାନୀ ନ୍ୟାଶନାଲ ଇନ୍‌ସୁ୍ୟରାନ୍ସ କମ୍ପାନୀ, ଓରିଏଣ୍ଟାଲ ଇଣ୍ଡିଆ ଇନ୍‌ସୁ୍ୟରାନ୍ସ ଏବଂ ୟୁନାଇଟେଡ ଇଣ୍ଡିଆ ଇନ୍‌ସୁ୍ୟରାନ୍ସକୁ ପ୍ରାୟ ୧୨ ହଜାର କୋଟି ଟଙ୍କାର ସହାୟତା ମିଳିବ। ନିୟାମକୀୟ ନିୟମ ପାଳନ ଏବଂ ଜମା ପୁଞ୍ଜି ବୃଦ୍ଧି ଉଦ୍ଦେଶ୍ୟରେ ଏହି ଅର୍ଥ ପ୍ରଦାନ କରାଯିବ। ଏଥିଲାଗି ଡିପାର୍ଟମେଣ୍ଟ ଅଫ୍ ଫାଇନାନ୍ସିଆଲ ସର୍ଭିସେସ୍(ଡିଏଫ୍‌ଏସ୍) ମଞ୍ଜୁରି ପ୍ରଦାନ କରିଛି। ସରକାରଙ୍କ ଆର୍ଥିକ ସହାୟତା ମିଳିବା ପରେ ଖରାପ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ଉକ୍ତ ୩ ବୀମା କମ୍ପାନୀଙ୍କ ସ୍ଥିତି ଅନେକାଂଶରେ ସୁଧୁରିଯିବ। ସେମାନଙ୍କୁ ମିଶାଇ ଦେବା ପରେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କରାଯିବ ବୋଲି ଗତବର୍ଷ ବଜେଟରେ ଘୋଷଣା କରାଯାଇଥିଲା। ତେବେ ତାଲିକାଭୁକ୍ତ ହେବା ଲାଗି ଋଣ ପରିଶୋଧ କ୍ଷମତା(ସଲ୍‌ଭେନ୍ସି) ଅନୁପାତ ୧.୫ ଗୁଣାରୁ ଅଧିକ ହେବା ଆବଶ୍ୟକ ରହିଛି। ବୀମା ନିୟାମକ ଓ ଉନ୍ନୟନ କର୍ତ୍ତୃପକ୍ଷ(ଆଇଆର୍‌ଡିଏ)ର ସଲ୍‌ଭେନ୍ସି ରେସିଓ ନିୟମ ୧.୫ ଅନୁଯାୟୀ, ନ୍ୟାଶନାଲ ଇନ୍‌ସୁ୍ୟରାନ୍ସର ଅନୁପାତ ୧.୫ ରହିଥିବା ବେଳେ ଅନ୍ୟ ଦୁଇ ବୀମା କମ୍ପାନୀଙ୍କର ୧.୨୧ ରହିଛି। ସରକାରଙ୍କ ଠାରୁ ପୁଞ୍ଜି ମିଳିବା ପରେ ହିଁ ଉକ୍ତ ବୀମା କମ୍ପାନୀଙ୍କ ମିଶ୍ରଣ ଏବଂ ତାଲିକାଭୁକ୍ତ ପ୍ରକ୍ରିୟା ଶେଷ ହେବ। ମିଶ୍ରଣ ପରେ ନବଗଠିତ ବୀମା କମ୍ପାନୀ ଦେଶର ସର୍ବବୃହତ ସ୍ଥାନ ହାସଲ କରିବ। ମିଶ୍ରଣ ପାଇଁ ସରକାରଙ୍କ ପକ୍ଷରୁ ୟର୍ନେଷ୍ଟ ଆଣ୍ଡ ୟଙ୍ଗ୍‌କୁ ପରାମର୍ଶଦାତା ଭାବେ ନିଯୁକ୍ତ କରାଯାଇଛି। ୨୦୧୭ରେ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଏବଂ ଜେନେରାଲ ଇନ୍‌ସୁ୍ୟରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ହୋଇଛି। ସରକାର ଏହାର ଶେୟାର ବିକ୍ରି କରି ଭଲ ଆୟ କରିଛନ୍ତି। ସୂଚନାଥାଉ କି, ସରକାର ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାରରୁ ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ କରିବାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି।

# ଅନ୍‌ଲାଇନ ମୋଟର ବୀମା କାରବାର ବୃଦ୍ଧି

**ନୂଆଦିଲ୍ଲୀ,୬-୯**



ଗାଡ଼ି ଜରିମାନା ଡର

ଦେଶରେ ଏବେ ନୂଆ ମୋଟର ଯାନ ନିୟମ ଲାଗୁ ହେବା ପରେ ପୋଲିସ ପକ୍ଷରୁ ବ୍ୟାପକ ଭାବେ ଧରପଗଡ଼ ଆରମ୍ଭ ହୋଇଛି। ଜଣେ ସ୍କୁଟି ଚାଳକଙ୍କଠାରୁ ୨୩ ହଜାର ଟଙ୍କା ଆଦାୟ କରାଯାଇଥିବା ବେଳେ ଅଟୋ ଚାଳକଙ୍କଠାରୁ ୪୭,୫୦୦ ଏବଂ ଟ୍ରକ୍ ଚାଳକଙ୍କଠାରୁ ସର୍ବାଧିକ ୫୯ ହଜାର ଟଙ୍କା ଆଦାୟ କରାଯାଇଥିବାର ନଜିର ସାମ୍ନାକୁ ଆସିଛି। ଟ୍ରାଫିକ ନିୟମ ଉଲ୍ଲଂଘନ ଯୋଗୁ ଭାରି ଜରିମାନା ଦେବା ଭୟ ଏବେ ଗାଡ଼ି ଚାଳକଙ୍କୁ ଛାନିଆ କରିଛି। ସେମାନେ ଏବେ ରାଷ୍ଟ୍ରାୟତ୍ତ, ଘରୋଇ ବୀମା କମ୍ପାନୀ ଅଫିସ ଆଗରେ ଲାଇନ ଲଗାଉଥିବା ଦେଖାଯାଇଛି। ତେବେ ଅନ୍‌ଲାଇନରେ ଗାଡ଼ି ବୀମା ନେବା ଲାଗି ଗାଡ଼ି ଚାଳକଙ୍କ ଆଗ୍ରହ ବୃଦ୍ଧି ପାଇଛି। କାରଣ ଅନ୍‌ଲାଇନରେ ବୀମା ହାସଲ କରିବା ସହଜ ହେଉଛି ବୋଲି ଅନ୍‌ଲାଇନ ବୀମା ସେବା ଯୋଗାଉଥିବା କମ୍ପାନୀ ପଲିସିବାଜାର ଡଟ୍ କମ୍ ପକ୍ଷରୁ କୁହାଯାଇଛି। ଚଳିତ ସପ୍ତାହରେ ଅନ୍‌ଲାଇନ ମୋଟର ବୀମା କାରବାର ବହୁ ଗୁଣ ବଢ଼ିଛି ବୋଲି କମ୍ପାନୀ କହିଛି। ତେବେ ପୂର୍ବରୁ ବୀମା ଅବଧି ଶେଷ ହୋଇଥିବା କ୍ଷେତ୍ରରେ ଲୋକେ ପୁନର୍ବାର ବୀମା କିଣୁଥିବା ଦେଖାଯାଇଛି। କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଗତ ତିନି ଦିନରେ ଏଭଳି ବୀମା ସଂଖ୍ୟା ୯୦% ରହିଛି। କମ୍ପାନୀର ମୁଖ୍ୟ କାରବାର ଅଧିକାରୀ(ସାଧାରଣ ବୀମା) ତରୁଣ ମାଥୁର କହିଛନ୍ତି ଯେ, ନୂଆ ଆଇନ ଲାଗୁ ହେବା ପର ଠାରୁ କମ୍ପାନୀ ଦୈନିକ ୩୦ ହଜାର ଗାଡ଼ି ବୀମା ବିକ୍ରି କରୁଛି। ପୂର୍ବାପେକ୍ଷା ଏହା ଦୁଇଗୁଣ ଅଧିକ। ବୈଧତା ଶେଷ ହୋଇଥିବା ବୀମାର ନବୀକରଣ ସର୍ବାଧିକ ହୋଇଛି। ବୀମା ଆବେଦନରୁ ଜଣାପଡିଛି ଯେ, ଗାଡ଼ି ଚାଳକଙ୍କ ମଧ୍ୟରେ ଜରିମାନାକୁ ନେଇ ଭୟ ଘାରିଛି। ସେମାନେ ଏହାକୁ ନେଇ ସତର୍କ ହେଲେଣି। ଏକ ଆକଳନ ଅନୁଯାୟୀ ଅଦ୍ୟାବଧି ୧୯ କୋଟି ପଞ୍ଜୀକୃତ ଗାଡ଼ି ମଧ୍ୟରୁ ମାତ୍ର ୮.୨୬ କୋଟିର ବୀମା ହୋଇଛି।

## କାର୍ତ୍ତିକଙ୍କୁ କାରଣ ଦର୍ଶାଅ ନୋଟିସ

ନୂଆଦିଲ୍ଲୀ, ୬।୯ (ପି.ଟି.)- ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟର ଦୀନେଶ କାର୍ତ୍ତିକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଦୀନେଶ ବଲିଉଡ ସୁପର ଷ୍ଟାର ଶାହରୁଖ ଖାଁଙ୍କ ମାଲିକାନାରେ କ୍ୟାରିବିୟନ ସୁପର ଲିଗ୍ (ସିପିଏଲ୍) ଫ୍ରାଞ୍ଚାଇଜ୍ ତ୍ରିନିଦାଦ୍ ନାଇଟ ରାଇଡର୍ସର ଏକ ପ୍ରମୋଶନାଲ ଇଭେଣ୍ଟରେ ଯୋଗଦେଇଥିବାରୁ ତାଙ୍କୁ ଏହି ପରିସ୍ଥିତିର ସାମ୍ନା ହେବାକୁ ପଡ଼ିଛି। ୩୪ ବର୍ଷୀୟ କାର୍ତ୍ତିକଙ୍କୁ ଭାରତର ବିଶ୍ୱକପ୍ ଦଳରେ ସ୍ଥାନ ମିଳିବା ବିବାଦୀୟ ଥିଲା। ତାଙ୍କୁ ତ୍ରିନ୍‌ବାଗୋ ନାଇଟ୍ ରାଇଡର୍ସ ଡ୍ରେସିଂ ରୁମ୍‌ରେ ଦେଖିବାକୁ ମିଳିଥିଲା। ଏହି ଦଳ ପୋର୍ଟ ଅଫ୍ ସ୍ପେନ୍‌ଠାରେ ସେଣ୍ଟ କିଟ୍ସ ଆଣ୍ଡ୍ ନେଭିସ ବିପକ୍ଷ ସିପିଏଲ ମ୍ୟାଚ ଖେଳୁଥିଲା। କାର୍ତ୍ତିକ ଭାରତ ତରଫରୁ ୨୬ ଟେଷ୍ଟ, ୯୪ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୨ ଟି୨୦ ମ୍ୟାଚ ଖେଳିଛନ୍ତି। ସେ ତ୍ରିନବାଗୋ ନାଇଟ୍ ରାଇଡର୍ସ ଜର୍ସି ପରିଧାନ କରିବା ସହ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ସହିତ ହାଲ୍‌କା ମୁହୂର୍ତ୍ତରେ ଥିଲେ। କାର୍ତ୍ତିକ ଶାହରୁଖ ଖାଁଙ୍କ ଆଇପିଏଲ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସର ଅଧିନାୟକ। ବିସିସିଆଇର ବିନା ଅନୁମତିରେ ସେ ୱେଷ୍ଟଇଣ୍ଡିଜରେ ଏକ ଇଭେଣ୍ଟରେ ଭାଗ ନେଇଛନ୍ତି। ଏହା ଦ୍ୱାରା ସେ ବୋର୍ଡ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ନିୟମ ଉଲ୍ଲଂଘନ କରିଛନ୍ତି।

## ଈଶ୍ୱରନଙ୍କ ଶତକ

ବେଙ୍ଗାଲୁରୁ,୬।୯(ପି.ଟି.): ବେଙ୍ଗଲ ଡାହାଣହାତୀ ବ୍ୟାଟ୍ସମ୍ୟାନ ଅଭିମନ୍ୟୁ ଈଶ୍ୱରନଙ୍କ ଦମ୍‌ଦାର ଶତକ ସହାୟତାରେ ଇଣ୍ଡିଆ ଗ୍ରୀନ୍ ବିପକ୍ଷ ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଇଣ୍ଡିଆ ରେଡ୍ ତା'ର ସ୍ଥିତି ଦୃଢ଼ କରିଛି। ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଚାଲିଥିବା ଦୁଲୀପ ଟ୍ରଫି ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ଗ୍ରୀନ୍ ପ୍ରଥମ ଇନିଂସରେ ୭୨.୧ ଓଭରରେ ୨୩୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ରେଡ୍ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୧୧୬ ଓଭରରେ ୬ ଉଇକେଟ ହରାଇ ୩୪୫ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ରେଡ୍ ୪ ଉଇକେଟ ବାକି ରଖି ୧୧୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଆଦିତ୍ୟ ସରବତେ ୩୦ ଓ ଜୟଦେବ ଉନାଡ଼କଟ୍ ୧୦ ରନ କରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭୫/୨ରୁ ରେଡ୍ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଓଭର ନାଇଟ ବ୍ୟାଟ୍ସମ୍ୟାନ ଈଶ୍ୱରନ ଅପରାଜିତ ସ୍କୋର ୧୦୨ରୁ ଖେଳ ଆରମ୍ଭ କରି ଆଉ ଅଧିକ ୫୧ ରନ୍ ସଂଗ୍ରହ କରିଥିଲେ ଓ ୧୫୩ ରନର ବୃହତ୍ ଶତକୀୟ ପାଳି ଖେଳି ତନବୀର ଉଲ ହକଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ।

“ ଭାରତୀୟ ମୋଟର ସ୍ପୋର୍ଟ୍ସର ପ୍ରଥମ ବ୍ୟକ୍ତିତ୍ୱ ଭାବେ ଅର୍ଜୁନ ପୁରସ୍କାର ପାଇବା ପରେ ମୁଁ ଉତ୍ସାହିତ। ରାଲି ଅଫ୍ ତୁର୍କୀରେ ଟପ୍ ଫାଇଭ୍ ଫିନିଶ ମୋର ଲକ୍ଷ୍ୟ।
—ଗୌରବ ଗିଲ୍, ମୋଟର ସ୍ପୋର୍ଟ୍ସ ଡ୍ରାଇଭର



“ ଭାରତୀୟ କ୍ରିକେଟ ଦଳର ଦିନିକିଆରେ ମିଡଲ ଅର୍ଡର ଏବଂ ଟେଷ୍ଟରେ ଓପନିଂ ଯୋଡ଼ିର ପ୍ରଦର୍ଶନ ଚିନ୍ତାର ବିଷୟ। ଏଥିରେ ସୁଧାର ଆଣିବାକୁ ପଡ଼ିବ।
—ବିକ୍ରମ ରାଠୋର, ବ୍ୟାଟିଂ କୋଚ୍





ମାଞ୍ଚେଷ୍ଟରଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ କ୍ରିକେଟ ଟେଷ୍ଟର ତୃତୀୟ ଦିବସରେ ଏକ ବାଉନ୍ସର ବଲକୁ ଏଡ଼ାଇ ଯାଉଛନ୍ତି ଇଂଲଣ୍ଡର ରୋରି ବର୍ନ୍ସ।

# ବର୍ନ୍ସ, ରୁଟ୍‌ଙ୍କ ଅର୍ଦ୍ଧଶତକ

**ଆଶେସ ଚତୁର୍ଥ ଟେଷ୍ଟ**

ମାଞ୍ଚେଷ୍ଟର,୬।୯

ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଆଶେସ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ସଂଘର୍ଷ ଜାରି ରଖିଛି। ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍‌ଙ୍କ ୨୧୧ ରନର ଦ୍ୱିଶତକୀୟ ପାଳି ସହ ୧୨୬ ଓଭରରେ ୮ ଉଇକେଟ ହରାଇ ୪୯୭ ରନ ସଂଗ୍ରହ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୭୪ ଓଭରରେ ୫ ଉଇଇକେଟ ହରାଇ ୨୦୦ ରନ ସଂଗ୍ରହ କରିଛି। ଫଳରେ ଇଂଲଣ୍ଡ ୫ ଉଇକେଟ ହାତରେ ରଖି ଏବେ ୨୯୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଇନ୍‌ଫର୍ମ ବେନ୍ ଷ୍ଟୋକ୍ସ ୭ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜନି ବେୟାରଷ୍ଟୋ ୨ ରନ କରି ଅପରାଜିତ ରହିଛନ୍ତି।

୨୫ ରନରେ ୨ ଉଇକେଟ ହରାଇ ଇଂଲଣ୍ଡ ଆରମ୍ଭରୁ ଝଟ୍‌କା ଖାଇଥିଲା। ଓପନର ଜୋ ଡେନଲି ୪ ରନ କରି ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଶର୍ଟ ଲେଗ୍‌ରେ ମାଥ୍ୟୁ ୱେଡଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ବ୍ୟାଟିଂ କରିବାକୁ ଆସିଥିବା କ୍ରେଗ୍ ଓଭରଟନ ୫ ରନ କରିଥିବା ବେଳେ ଦ୍ୱିତୀୟ ସ୍ଲିପ୍‌ରେ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଓପନର ରୋରି ବର୍ନ୍ସ ୮୧ ଓ ଅଧିନାୟକ ଜୋ ରୁଟ ୭୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୧୪୧ ରନ କରି ସ୍ଥିତି ସମ୍ଭାଳିବାକୁ ପ୍ରୟାସ କରିଥିଲେ। ଶେଷରେ ଜାସନ ରୟ ୨୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଓଭରଟନଙ୍କ ସମେତ ବର୍ନ୍ସ, ରୁଟ ଓ ରୟ ଜୋଶ ହାଜେଲଉଡଙ୍କ ଶିକାର ହୋଇଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ହାଜେଲଉଡ ୪ ଓ ପ୍ୟାଟ କୁମିନ୍ସ ଗୋଟିଏ ଉଇକେଟ ହାସଲ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩/୧ରୁ ଇଂଲଣ୍ଡ ଶୁକ୍ରବାର ଖେଳ ଆରମ୍ଭ କରିଥିଲା। ଓଭର ନାଇଟ୍ ସ୍କୋର ୧୫ରୁ ଖେଳ ଆରମ୍ଭ କରି ବର୍ନ୍ସ ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ୩ ରନରୁ ଖେଳ ଆରମ୍ଭ କରି ଆଉ ମାତ୍ର ୨ ରନ ଅଧିକ ସଂଗ୍ରହ କରି ଓଭରଟନ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଦିବସରେ ମଧ୍ୟ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହୋଇଥିଲା ଓ ଓଦା ଗ୍ରାଉଣ୍ଡ ଯୋଗୁ ଖେଳ ଆରମ୍ଭରେ ବିଳମ୍ବ ହୋଇଥିଲା। ଲଞ୍ଚ୍ ପର୍ଯ୍ୟନ୍ତ ଖେଳ ସମ୍ଭବପର ହୋଇ ନ ଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ- ୧୨୬ ଓଭରରେ ୪୯୭/୮ ଇନିଂସ ଘୋଷଣା(ଷ୍ଟିଭ୍ ସ୍ମିଥ୍- ୨୧୧, ମାର୍ନସ ଲାବୁସ୍କାନ- ୬୭, ଟିମ୍ ପେନ- ୫୮, ଷ୍ଟୁଆର୍ଟ ବ୍ରଡ- ୩/୯୭, ଜ୍ୟାକ ଲିଚ୍- ୨/୮୩, କ୍ରେଗ ଓଭରଟନ- ୨/୮୫)।

ଇଂଲଣ୍ଡ ପ୍ରଥମ ଇନିଂସ- ୭୪ ଓଭରରେ ୨୦୦/୫(ରୋରି ବର୍ନ୍ସ- ୮୧, ଜୋ ରୁଟ- ୭୧, ଜୋଶ ହାଜେଲଉଡ- ୪/୪୮, ପ୍ୟାଟ୍ କୁମିନ୍ସ- ୧/୩୭ )।

# ଆଶେସ ଦେଖିବା ଲାଗି ୧୨ ବର୍ଷୀୟ ବାଳକଙ୍କ ଅଭିନବ ପ୍ରୟାସ

ମାଞ୍ଚେଷ୍ଟର ୬।୯ (ପି.ଟି.)

ଇଂଲଣ୍ଡରେ ଆଶେସ ଦେଖିବା ଲାଗି ଅଷ୍ଟ୍ରେଲିଆର ଜଣେ ୧୨ ବର୍ଷୀୟ ବାଳକ ଯାହା କରିଛନ୍ତି, ସେଭଳି ଦୃଷ୍ଟାନ୍ତ କହିବାକୁ ଗଲେ ଦେଖାଯାଏନି। ନିଜର ଅଭିଳାଷ ପୂରଣ କରିବା ଲାଗି ମାକ୍ସ ୱେଟ୍ ନାମକ ଏହି ବାଳକଙ୍କୁ ୪ବର୍ଷ ଧରି ପଡୋଶୀଙ୍କ ଆବର୍ଜନା ବୁହାଇବାକୁ ପଡ଼ିଥିଲା। ମାକ୍ସ ୨୦୧୫ରେ ଘରୋଇ ମାଟିରେ ଅଷ୍ଟ୍ରେଲିଆର ବିଶ୍ୱକପ୍ ବିଜୟ ଦେଖିବା ପରେ ଏହାର ୪ ବର୍ଷ ପରେ ଇଂଲଣ୍ଡରେ ଆଇକନିକ ଆଶେସ ସିରିଜ ଦେଖିବାକୁ ମନ ବଳାଇଥିଲେ। ବାପା ଡେମିନ୍ ୱେଟ୍ ବାଳକଟିକୁ କହିଥିଲେ, ଯଦି ସେ ୧,୫୦୦ ଅଷ୍ଟ୍ରେଲୀୟ ଡଲାର ଉପାର୍ଜନ କରିପାରିବ ତା'ହେଲେ ନିଜେ ୟୁନାଇଟେଡ କିଙ୍ଗଡମ୍(ୟୁକେ) ନେବାର ବ୍ୟବସ୍ଥା କରିଦେବେ। ମାକ୍ସ ଏବଂ ତାଙ୍କ ମା'ଙ୍କ ମୁଣ୍ଡକୁ ଏକ ବୁଦ୍ଧି ଜୁଟିଲା। କିଛି ପାରିଶ୍ରମିକ ବଦଳରେ ପ୍ରତି ରବିବାର ପଡୋଶୀଙ୍କ ଆବର୍ଜନା ବୁହାଇ ଅର୍ଥ ସଞ୍ଚୟ କରିବା ଲାଗି ସ୍ଥିର କରିଥିଲେ। ଘର ପିଛା ୧ ଅଷ୍ଟ୍ରେଲୀୟ ଡଲାର ନେବାକୁ ସ୍ଥିର କଲେ। ଶେଷରେ ମାକ୍ସ ଆବଶ୍ୟକ ଅର୍ଥ ସଂଗ୍ରହ କରିବାରେ ସମର୍ଥ ହେଲା। ବାପା ଡେମିନ୍‌ଙ୍କୁ ଏ ବିଷୟରେ ଜଣାଇଲା। ଡେମିନ୍ ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡଠାରେ ଚାଲିଥିବା ଚତୁର୍ଥ ଟେଷ୍ଟ ଲାଗି ପରିବାରର ସମସ୍ତ ସଦସ୍ୟଙ୍କ ଲାଗି ଟିକେଟ କ୍ରୟ କରିବା ସହ ଇଂଲଣ୍ଡ ଗସ୍ତର ବ୍ୟବସ୍ଥା କରିଥିଲେ। ମ୍ୟାଚ ଦେଖିବା ବ୍ୟତୀତ ମାକ୍ସ ସେଠାରେ କେତେଜଣ କ୍ରିକେଟ ବ୍ୟକ୍ତିତ୍ୱଙ୍କୁ ଭେଟିପାରିଛି। ଷ୍ଟିଭ ୱା, ଜଷ୍ଟିନ ଲାଙ୍ଗର ଏବଂ ନାଥାନ ଲିଅନଙ୍କ ନିକଟରେ ବସିବାର ସୁଯୋଗ ପାଇଛି। ସେମାନଙ୍କ ସହିତ କଥା ମଧ୍ୟ ହୋଇପାରିଥିବା ମାକ୍ସ କହିଛି। ଷ୍ଟିଭ ସ୍ମିଥ୍ ଓ ପ୍ୟାଟ୍ କୁମିନ୍ସ ହେଉଛି ମୋର ଦୁଇ ଜଣ ଫେଭରାଇଟ୍ ଖେଳାଳି। ସେମାନଙ୍କ ସହିତ ମଧ୍ୟ ବାର୍ତ୍ତାଳାପର ସୁଯୋଗ ପାଇଛି। ଗେମ୍ ପାଇଁ ସେମାନେ କିଭଳି ନିଜକୁ ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ମୁଁ ଉଭୟଙ୍କ ସହିତ କଥା ହୋଇଛି। ବାସ୍ତବିକ ଏହା ଉପଭୋଗ୍ୟ ଥିଲା। ଦ୍ୱିତୀୟ ଦିବସ ଖେଳ ମଧ୍ୟାହ୍ନଭୋଜନ ବେଳେ ଅଷ୍ଟ୍ରେଲୀୟ ସ୍ପିଡ୍‌ଷ୍ଟର ଜେମ୍ସ ପ୍ୟାଟିନସନ ମାକ୍ସକୁ ଏକ ଜର୍ସି ଉପହାର ଦେଇଥିଲେ, ଯେଉଁଥିରେ ଦଳର ସମସ୍ତ ସଦସ୍ୟଙ୍କ ଦସ୍ତଖତ ରହିଥିଲା।



ମାକ୍ସ ୱେଟ୍‌ଙ୍କୁ ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଖେଳାଳିମାନଙ୍କ ଦସ୍ତଖତ ସମ୍ବଳିତ ଏକ ଜର୍ସି ପ୍ରଦାନ କରୁଛନ୍ତି ସ୍ପିଡ୍ ଷ୍ଟର ଜେମ୍ସ ପ୍ୟାଟିନସନ।

## ଟେଷ୍ଟରୁ ନବୀଙ୍କ ଅବସର ଘୋଷଣା

ଚିଟାଗଙ୍ଗ, ୬।୯

ଚଳିତ ବାଂଲାଦେଶ ବିପକ୍ଷ ଟେଷ୍ଟ ମ୍ୟାଚ୍ ପରେ ଆଫଗାନିସ୍ତାନ ଅଲରାଉଣ୍ଡର ମହମ୍ମଦ ନବୀ ଲମ୍ବା ଫର୍ମାଟରୁ ଅବସର ନେବେ। ଏ ନେଇ ଆଫଗାନିସ୍ତାନ ଟିମ୍ ମ୍ୟାନେଜର ନାଜିମ ଜର ଅବଦୁରାହିମଜାଇ ସ୍ପଷ୍ଟ କରିଛନ୍ତି। ଧଳା ବଲ କ୍ରିକେଟରେ ଅଧିକ ସକ୍ରିୟ ରହିବା ପାଇଁ ନବୀ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ଟେଷ୍ଟକୁ ମିଶାଇଲେ ୩୪ ବର୍ଷୀୟ ଅଲରାଉଣ୍ଡର କେବଳ ୩ ମ୍ୟାଚ୍ ଖେଳିଛନ୍ତି। ଆଫଗାନିସ୍ତାନ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ସଦସ୍ୟ ନୁହେଁ। ଶୀର୍ଷ ୯ ର୍ୟାଙ୍କଧାରୀ ଦଳ ପରସ୍ପର ମଧ୍ୟରେ ୭୧ ଟେଷ୍ଟ ଖେଳିବେ। ଦୁଇ ବର୍ଷ ମଧ୍ୟରେ ୨୭ ଦ୍ୱିପାକ୍ଷିକ ସିରିଜ ଅନୁଷ୍ଠିତ ହେବ। ରସିଦ ଖାନ୍‌ଙ୍କ ଦଳ ନଭେମ୍ବର ୨୭ ତାରିଖରେ ଡେରାଡୁନ୍‌ରେ ହେବାକୁ ଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ଭେଟିବ। ଡାହାଣ ହାତୀ ବ୍ୟାଟ୍ସମ୍ୟାନ ସାଙ୍ଗକୁ ଦକ୍ଷ ଅଫ୍ ସ୍ପିନର ଟି୨୦ କ୍ରିକେଟରେ ଜଣେ ସ୍ପେଶାଲିଷ୍ଟ। ଆଗାମୀ ବର୍ଷ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ସେ ଆଫଗାନିସ୍ତାନ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

# ଦକ୍ଷିଣ ଆଫ୍ରିକାରେ ମହିଳା ଟି୨୦ ସୁପର ଲିଗ୍ ଆରମ୍ଭ

ଜୋହାନ୍ସବର୍ଗ,୬।୯

ଆଗାମୀ ବର୍ଷ ହେବାକୁ ମହିଳା ଟି୨୦ ବିଶ୍ୱକପ୍ ପୂର୍ବରୁ ଦଳ ପ୍ରସ୍ତୁତ କରିବା ପାଇଁ କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍‌ଏ) ଟକ୍ସ କ୍ରିକେଟ କ୍ଲବହାଉସଠାରେ ମହିଳା ଟି୨୦ ସୁପର ଲିଗ୍ ଆରମ୍ଭ କରିଛି। ୪ ଦଳକୁ ନେଇ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଲିଗ୍ ୩ ଦିନ ଧରି ଚାଲିବ। ଏହା ଲିଗ୍‌ର ପ୍ରଥମ ପର୍ଯ୍ୟାୟ। ପ୍ରତିଯୋଗିତାର ଦ୍ୱିତୀୟ ଲେଗ୍ ଡିସେମ୍ବରରେ କେପ୍‌ଟାଉନଠାରେ ଅନୁଷ୍ଠିତ ହେବ। କ୍ୱାଲିଟି ମହିଳା ଖେଳାଳି ବାହାର କରିବା ଲାଗି ଆମେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଯୋଗାଇବାକୁ ଉଦ୍ୟମ କରୁଛୁ। ଲିଗ୍ ଦ୍ୱାରା ଜାତୀୟ ଦଳର ଖେଳାଳିଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ବୋଲି ସିଏସ୍‌ଏ ମୁଖ୍ୟ ପାଥୱେଜ ଏଡ୍‌ୱାର୍ଡ ଖୋଜା କହିଛନ୍ତି।

# ଲୋୟରପୁଲ ସେମିରେ ବାଳିକା ଦଳ

**ଜାତୀୟ ସବ୍‌ଜୁନିୟର ବାସ୍କେଟବଲ୍**

କଟକ ଅଫିସ, ୬।୯

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପରୁ ଓଡ଼ିଶା ବାଳକ ଦଳ ବାଦ ପଡ଼ିଛି। ଶୁକ୍ରବାର ଅନୁଷ୍ଠିତ ଲୋୟର ପୁଲର କ୍ୱାର୍ଟର ଫାଇନାଲ ମ୍ୟାଚରେ ବାଳକ ଦଳ ମଣିପୁରଠାରୁ ପରାସ୍ତ ହୋଇଛି। ଅନ୍ୟପକ୍ଷରେ ବାଳିକା ବର୍ଗର ଲୋୟରପୁଲ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୩୬-୩୧ ପଏଣ୍ଟରେ ଆନ୍ଧ୍ରପ୍ରଦେଶକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଏତଦ୍‌ବ୍ୟତୀତ ଅପରପୁଲ୍‌ର ଉଭୟ ବାଳିକା ଓ ବାଳକ ବର୍ଗର କ୍ୱାର୍ଟର ଫାଇନାଲ ତାଲିକା ଚୂଡ଼ାନ୍ତ ହୋଇଛି। ବାଳକ ବର୍ଗରେ ହରିୟାଣା, ତାମିଲନାଡୁ, ଛତିଶଗଡ଼, ରାଜସ୍ଥାନ, ମହାରାଷ୍ଟ୍ର, ପଞ୍ଜାବ, ବାଳିକା ବର୍ଗରେ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ରାଜସ୍ଥାନ, ଦିଲ୍ଲୀ ଓ କେରଳ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ଶୁକ୍ରବାର ଅନୁଷ୍ଠିତ ଅପରପୁଲ୍ ବାଳିକା ବର୍ଗର ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ମହାରାଷ୍ଟ୍ର ୭୦-୪୭ ପଏଣ୍ଟରେ କେରଳକୁ, ହିମାଚଳପ୍ରଦେଶ ୩୯-୫ ପଏଣ୍ଟରେ ମଣିପୁରକୁ, ଚଣ୍ଡିଗଡ଼ ୧୯-୮ ପଏଣ୍ଟରେ ଗୋଆକୁ, ଉତ୍ତରପ୍ରଦେଶ ୬୮-୪୫ ପଏଣ୍ଟରେ ଛତିଶଗଡ଼କୁ, ଦିଲ୍ଲୀ ୬୦-୪୫ ପଏଣ୍ଟରେ ଉତ୍ତରପ୍ରଦେଶକୁ, କେରଳ ୬୫-୬୦ ପଏଣ୍ଟରେ ପଞ୍ଜାବକୁ ପରାସ୍ତ କରିଥିଲା। ବାଳକ ବର୍ଗର ଲିଗ୍ ପର୍ଯ୍ୟାୟ ମ୍ୟାଚରେ ହରିୟାଣା ୭୬-୨୫ ପଏଣ୍ଟରେ ଉତ୍ତରପ୍ରଦେଶକୁ, ମହାରାଷ୍ଟ୍ର ୭୧-୬୧ ପଏଣ୍ଟରେ ପଞ୍ଜାବକୁ, ରାଜସ୍ଥାନ ୮୮-୩୮ ପଏଣ୍ଟରେ ବିହାରକୁ, ତାମିଲନାଡୁ ୬୧-୪୯ ପଏଣ୍ଟରେ ଛତିଶଗଡ଼କୁ, ପଶ୍ଚିମବଙ୍ଗ ୬୭-୨୮ ପଏଣ୍ଟରେ ଗୋଆକୁ ହରାଇଥିଲା। ଲୋୟରପୁଲ୍‌ର ଅନୁଷ୍ଠିତ ବାଳିକା ବର୍ଗ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ତେଲେଙ୍ଗାନା ୫୬-୩୪ ପଏଣ୍ଟରେ ଗୁଜରାଟକୁ, ମଧ୍ୟପ୍ରଦେଶ ୮୨-୫୩ ପଏଣ୍ଟରେ ପଶ୍ଚିମବଙ୍ଗକୁ ହରାଇଥିବା ବେଳେ ବାଳକ ବର୍ଗରେ ମିଜୋରାମ ୫୪-୨୬ ପଏଣ୍ଟରେ ତେଲେଙ୍ଗାନାକୁ, ମଧ୍ୟପ୍ରଦେଶ ୧୦୪-୭୩ପଏଣ୍ଟରେ ଚଣ୍ଡିଗଡ଼କୁ ପରାସ୍ତ କରିଛି।



ଦିଲ୍ଲୀ ଓ ଉତ୍ତର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ବାଳିକା ବିଭାଗ ମ୍ୟାଚ୍।

## ଭାରତ 'ଏ' ୪-୧ରେ ସିରିଜ ଜିତିଲା

ଥିରୁଭାନନ୍ତପୁରମ, ୬।୯(ପି.ଟି.)

ଶୁକ୍ରବାର ଏଠାରେ ଅନୁଷ୍ଠିତ ୫ମ ତଥା ଅନ୍ତିମ ଅନଅଫିସିଆଲ ଏକଦିବସୀୟ କ୍ରିକେଟ ମ୍ୟାଚରେ ଭାରତ 'ଏ' ୩୬ ରନରେ ଦକ୍ଷିଣ ଆଫ୍ରିକା 'ଏ'କୁ ପରାସ୍ତ କରିଛି। ଫଳରେ ୫ ମ୍ୟାଚବିଶିଷ୍ଟ ସିରିଜରେ ଭାରତ ୪-୧ରେ ବିଜୟୀ ହୋଇଛି।

ବର୍ଷା ଯୋଗୁ ମ୍ୟାଚକୁ ୨୦ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓପନର ପ୍ରଶାନ୍ତ ଚୋପ୍ରା(୨) ବିଫଳ ହୋଇଥିଲେ ହେଁ ଧାୱନ ଓ ସାମସନ ଦ୍ୱିତୀୟ ଉଇକେଟ ଯୋଡ଼ିରେ ୧୩୫ ରନର ଭାଗୀଦାରି ଗଢ଼ି ଭାରତକୁ ମଜଭୁତ ସ୍ଥିତିରେ ପହଞ୍ଚାଇ ଦେଇଥିଲେ। ଧାୱନ ୩୬ ବଲ୍‌ରୁ ୫ ଚୌକା ଓ ୨ ଛକା ସହାୟତାରେ ୫୧ ରନ କରିଥିବାବେଳେ ସାମସନ ୪୮ ବଲ୍‌ରୁ ୬ ଚୌକା ଏବଂ ୭ ଛକା ସହ ସର୍ବାଧିକ ୯୧ ରନ ସ୍କୋର କରିଥିଲେ। ଅଧିନାୟକ ଶ୍ରେୟାସ ଆୟାର ୩୬ (୧୯ ବଲ, ୫ ଚୌକା, ୧ ଛକା) ରନର ଉପଯୋଗୀ ଇନିଂସ ଖେଳିବାରୁ ଭାରତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୪ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା 'ଏ' ପୂରା ୨୦ ଓଭର ଖେଳି ୧୬୮ ରନରେ ଅଲଆଉଟ ହୋଇ ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ 'ଏ' ୨୦ ଓଭରରେ ୨୦୪/୪(ସଞ୍ଜୁ ସାମସନ-୯୧, ଶିଖର ଧାୱନ-୫୧, ଶ୍ରେୟାସ ଆୟାର-୩୬, ବେଉରନ ହେଣ୍ଡ୍ରିକ୍ସ-୨/୨୯, ଜର୍ଜ ଲିନ୍‌ଡେ-୨/୪୩)। ଦକ୍ଷିଣ ଆଫ୍ରିକା 'ଏ' ୨୦ଓଭରରେ ୧୬୮/ଅଲଆଉଟ(ରିଜା ହେଣ୍ଡ୍ରିକ୍ସ-୫୯, କାଏଲ ଭେରିନେ-୪୪, ଶାର୍ଦ୍ଦୁଳ ଠାକୁର-୩/୯, ୱାଶିଂଟନ ସୁନ୍ଦର-୨/୩୯)।

# ରସିଦଙ୍କ ଅଲରାଉଣ୍ଡ ପ୍ରଦର୍ଶନ

ଚିଟାଗଙ୍ଗ,୬।୯(ଏଏଫ୍‌ପି)

ତାରକା ଅଲରାଉଣ୍ଡର ରସିଦ ଖାଁ ଉଭୟ ବୋଲିଂ ଓ ବ୍ୟାଟିଂରେ ଦମ୍‌ଦାର ପ୍ରଦର୍ଶନ କରି ବାଂଲାଦେଶ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଆଫଗାନିସ୍ତାନକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଛନ୍ତି। ରସିଦ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିବା ସହ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରି ଦଳର ସ୍ଥିତି ଦୃଢ଼ କରିଛନ୍ତି।

ସ୍ଥାନୀୟ ଜହୁର ଅହମ୍ମଦ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଏହି ମୁକାବିଲାରେ ଆଫଗାନିସ୍ତାନ ଟସ୍ ଜିତି ପ୍ରଥମ ଇନିଂସରେ ୧୧୭ ଓଭରରେ ୩୪୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ୬୭ ଓଭରରେ ୮ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରିଛି। ଫଳରେ ୨ ଉଇକେଟ ବାକି ରଖି ବାଂଲାଦେଶ ଏବେ ୧୪୮ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ମୋସାଡେକ ହୋସେନ ୪୪ ଓ ତାଇଜୁଲ ଇସ୍‌ଲାମ ୧୪ ରନ କରି ଅପରାଜିତ ରହିଛନ୍ତି। ବାଂଲାଦେଶ ତରଫରୁ ମଧ୍ୟରେ ମୋମିନୁଲ ହକ୍ ୫୨, ଲିଟନ ଦାସ ୩୩, ସୌମ୍ୟ ସରକାର ୧୭, ଅଧିନାୟକ ସାକବ ଅଲ ହାସନ ୧୧, ମେହିଦି ହାସନ ମିରାଜ ୧୧ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ରସିଦ ସର୍ବାଧିକ ୪, ମହମ୍ମଦ ନବୀ ୨, ୟାମିନ ଅହମ୍ମଦ ଜାଇ ଓ କ୍ୱାଇସ୍ ଅହମ୍ମଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୧/୫ରୁ ଆଫଗାଗିସ୍ତାନ ଖେଳ ଆରମ୍ଭ କରି ଶୁକ୍ରବାର ଅଲ୍‌ଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଅସଘର ଆଫଗାନ ୮୮ରୁ ଖେଳ ଆରମ୍ଭ କରି ୯୨ ରନର ପାଳି ଖେଳି ଆଉଟ ହୋଇଥିଲେ। ସେହିପରି ଓଭରନାଇଟ ସ୍କୋର ୩୫ ରନରୁ ଖେଳ ଆରମ୍ଭ କରି ଉଇକେଟକିପର ବ୍ୟାଟ୍ସମ୍ୟାନ ଅଫ୍‌ସର ଜଜାଇ ୪୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ରସିଦ ଖାଁ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ବାକି ଟେଲ ଏଣ୍ଡରମାନେ ବିଫଳ ହୋଇଥିଲେ ମଧ୍ୟ ଦଳ ସମ୍ମାନଜନକ ସ୍କୋର ହାସଲ କରିଥିଲା। ତାରକା ବ୍ୟାଟ୍ସମ୍ୟାନ ରହମତ ଶାହ ୧୦୨ ରନର ଲଢୁଆ ଶତକୀୟ ପାଳି ଖେଳିଥିଲେ। ବୋଲିଂରେ ବାଂଲଦେଶ ତରଫରୁ ତାଇଜୁଲ ଇସ୍‌ଲାମ ୪, ସାକିବ ଓ ନଇମ ହାସନ ଦୁଇଟି ଲେଖାଏ, ମିରାଜ ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଆଫଗାନିସ୍ତାନ ପ୍ରଥମ ଇନିଂସ- ୧୧୭ ଓଭରରେ ୩୪୨ ଅଲ୍‌ଆଉଟ (ରହମତ ଶାହ- ୧୦୨, ଅସଘର ଆଫଗାନ- ୯୨, ରସିଦ ଖାଁ- ୫୧, ଅଫସର ଜଜାଇ- ୪୧, ତାଇଜୁଲ ଇସ୍‌ଲାମ- ୪/୧୧୬, ସାକିବ ଅଲ ହାସନ- ୨/୬୪, ନୟିମ ହାସନ ୨/୪୩)।

ବାଂଲାଦେଶ ପ୍ରଥମ ଇନିଂସ- ୬୭ ଓଭରରେ ୧୯୪/୮ (ମୋମିନୁଲ ହକ- ୫୨, ଲିଟନ ଦାସ-୩୩, ମୋସାଡେକ ହୋସେନ- ୪୪*, ରସିଦ ଖାଁ- ୪/୪୭, ମହମ୍ମଦ ନବୀ- ୨/୫୩)।



ଉଇକେଟ ନେବା ପରେ ରସିଦ ଖାଁ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ।

## ସଂକ୍ଷେପରେ

### ଡୋପିଂ: ଡିସ୍କସ୍ ଥ୍ରୋଅ୍ୟର ସସ୍‌ପେଣ୍ଡ

ପ୍ୟାରିସ, ୬।୯ (ଏଏଫ୍‌ପି)- ଡୋପିଂ ଅଭିଯୋଗରେ ବ୍ରାଜିଲର ମହିଳା ଡିସ୍କସ୍ ଥ୍ରୋଅ୍ୟର ଆଣ୍ଡ୍ରେସା ଡି' ମୋରେଜ୍ ସାମୟିକ ସସ୍‌ପେଣ୍ଡ ହୋଇଛନ୍ତି। ସେପ୍ଟେମ୍ବର ୨୭ରୁ ଦୋହାରେ ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁଥିବାବେଳେ ଏହା ପୂର୍ବରୁ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି। ବିଶ୍ୱ ର୍‍ୟାଙ୍କିଂରେ ୨୮ ବର୍ଷୀୟା ଡି' ମୋରେଜ ୬ଷ୍ଠ ସ୍ଥାନରେ ଅଛନ୍ତି। ଡୋପ୍ ଟେଷ୍ଟ ବେଳେ ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଆନାବୋଲିକ୍ ଷ୍ଟେରଏଡ୍‌ର ମାତ୍ରା ଠାବ କରାଯାଇଛି। ବ୍ରାଜିଲର ଏହି ଆଥଲେଟ ଅଗଷ୍ଟରେ ଲିମାଠାରେ ଅନୁଷ୍ଠିତ ପାନ୍ ଆମେରିକାନ ଗେମ୍ସରେ ୬୫.୯୮ ମିଟର ଡିସ୍କସ୍ ଫିଙ୍ଗି ତାଙ୍କ ସାଉଥ ଆମେରିକାନ ରେକର୍ଡରେ ଉନ୍ନତି ଆଣିଛନ୍ତି। କାତାର ବିଶ୍ୱ ଚାମ୍ପିୟନଶିପ୍ ଲାଗି ତାଙ୍କୁ ଅନ୍ୟତମ ପଦକ ଦାବିଦାର ବିବେଚନା କରାଯାଉଥିଲା।

### ଫୁଟ୍‌ବଲ ଖେଳିବେ ସିମେନ୍ୟା

ଜୋହାନ୍ସବର୍ଗ ୬।୯ (ଏଏଫ୍‌ପି)-ଦୁଇ ଥର ଅଲିମ୍ପିକ ୮୦୦ ମିଟର ସ୍ୱର୍ଣ୍ଣ ବିଜୟିନୀ କାଷ୍ଟର ସିମେନ୍ୟା ଦକ୍ଷିଣ ଆଫ୍ରିକାର ଏକ ମହିଳା ଫୁଟ୍‌ବଲ ଟିମ୍‌ରେ ଯୋଗ ଦେଇଛନ୍ତି। ଆଥଲେଟିକ୍ସ ଗଭର୍ଣ୍ଣିଂବଡ଼ି ଆଇଏଏଏଫ୍ ହାର ନିୟମରେ ପରିବର୍ତ୍ତନ ପରେ ୨୮ ବର୍ଷୀୟା ସିମେନ୍ୟା ଚାହିଁଥିଲେ ଶରୀରରୁ ଟେଷ୍ଟୋଷ୍ଟେରନର ମାତ୍ରା ହ୍ରାସ କରି ପୁନର୍ବାର ଆଥଲେଟିକ୍ସରେ ଭାଗ ନେଇ ପାରିଥାନ୍ତେ। ମାତ୍ର ସେ ତାହା କରିନାହାନ୍ତି। ଫଳତଃ ଦୋହାଠାରେ ସେ ତାଙ୍କ ୮୦୦ ମିଟର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିପାରିବେ ନାହିଁ। ବର୍ତ୍ତମାନ ସେ ଗଟେଙ୍ଗସ୍ଥିତ ମହିଳା ଫୁଟ୍‌ବଲ କ୍ଲବ ଜେଭିଡବ୍ଲ୍ୟୁରେ ଟ୍ରେନିଂ ନେଉଛନ୍ତି। ଦକ୍ଷିଣ ଆଫ୍ରିକା ମହିଳା ଫୁଟ୍‌ବଲ ଦଳର ବର୍ତ୍ତମାନ ଅଧିନାୟିକା ଜେନିନ୍ ଭାନ୍ ୱିକ୍ ୨୦୧୩ରେ ଜେଭିଡବ୍ଲ୍ୟୁ ଫୁଟ୍‌ବଲ କ୍ଲବ ଗଠନ କରିଛନ୍ତି। ପ୍ରତିଭା ସମ୍ପନ୍ନ ମହିଳା ଫୁଟବଲ ଖେଳାଳିଙ୍କୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ବିକଶିତ କରିବା ସହ ଦକ୍ଷତା ପ୍ରତିପାଦନର ସୁଯୋଗ ପ୍ରଦାନ ହେଉଛି କ୍ଲବର ମୁଖ୍ୟ ଉଦ୍ଦେଶ୍ୟ।

### ୧୦୦ ଉଇକେଟ ନେବାରେ ମାଲିଙ୍ଗା ପ୍ରଥମ

କାଣ୍ଡି (ଶ୍ରୀଲଙ୍କା), ୬।୯ (ଏଏଫ୍‌ପି)- ଶ୍ରୀଲଙ୍କାର ଲସିଥ ମାଲିଙ୍ଗା ବୋଲର ଭାବେ ଅନ୍ତର୍ଜାତୀୟ ଟି୨୦ରେ ୧୦୦ ଉଇକେଟ ହାସଲ କରିବାରେ ପ୍ରଥମ ବୋଲର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ମ୍ୟାଚରେ ସେ ଏହି ସଫଳତା ହାସଲ କରିଛନ୍ତି। ଗତ ରବିବାର ସେ ଶାହିଦ ଆଫ୍ରିଦିଙ୍କ ୯୭ ଉଇକେଟ ସଫଳତାକୁ ଅତିକ୍ରମ କରି ଟି୨୦ରେ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ଶୁକ୍ରବାର କଲିନ୍ ମୁନ୍‌ରୋଙ୍କୁ ବୋଲ୍ଡ କରି ସେ ଉଇକେଟ ହାସଲରେ ଶତକ ପୂରଣ କରିଛନ୍ତି। ଏହାଥିଲା ତାଙ୍କର ୭୬ତମ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ। ୩୬ ବର୍ଷୀୟ ସ୍ପିଡ୍‌ଷ୍ଟର ୪ଟି ବଲ୍‌ରେ ୪ ଉଇକେଟ ଅକ୍ତିଆର କରିବା ସହ ଏକ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ସେ ପ୍ରଥମେ କ୍ରମାଗତ ହାମିଶ ରଥରଫୋର୍ଡ, କଲିନ ଡି' ଗ୍ରାଣ୍ଡହୋମ୍ ଏବଂ ରସ୍ ଟେଲରଙ୍କୁ ଏବଂ ପରେ ମୁନ୍‌ରୋଙ୍କୁ ଆଉଟ୍ କରି ପ୍ୟାଭିଲିୟନ ପଠାଇ ଦେଇଥିଲେ।



> ଏଥର ଆମର ସବୁବିଭାଗକୁ ଶକ୍ତିଶାଳୀ କରାଯାଇଛି। ଭଲ ପ୍ରଦର୍ଶନ ଯୋଗୁ ପ୍ରୋ-କବାଡ଼ି ଟାଇଟଲ ଜିତିପାରିବୁ ବୋଲି ମନରେ ଦୃଢ ବିଶ୍ୱାସ ସୃଷ୍ଟି ହୋଇଛି।
> —ବିସି ରମେଶ, ବେଙ୍ଗଲ ୱାରିୟର୍ସ କୋଚ୍

> ମୁଁ ପ୍ରତ୍ୟେକ ଟେଷ୍ଟକୁ ମୋ ଅନ୍ତିମ ମ୍ୟାଚ ବୋଲି ବିବେଚନା କରି ଖେଳୁଥିବାରୁ ଏହା ଭଲ ପ୍ରଦର୍ଶନ କରିବାରେ ସହାୟକ ହୋଇଥାଏ।
> —ହନୁମା ବିହାରୀ, ଭାରତୀୟ ବ୍ୟାଟ୍ସମ୍ୟାନ



# ସିଓଏର ଘୋଷଣା ପରେ ଅଡୁଆରେ ଓସିଏ

**କଟକ ଅଫିସ,୬।୯**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ସୁପ୍ରିମକୋର୍ଟଦ୍ୱାରା ନିୟୋଜିତ କମିଟିଅଫ ଆଡମିନିଷ୍ଟ୍ରେଟର(ସିଓଏ) ଶୁକ୍ରବାର ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି। ଘୋଷଣା ଏହା ଯେ, ସେପ୍ଟେମ୍ବର ୨୮ ତାରିଖ ସୁଦ୍ଧା ସମସ୍ତ ରାଜ୍ୟ ସଂଘ କର୍ମକର୍ତ୍ତା ନିର୍ବାଚନ କରିବାକୁ ବାଧ୍ୟ। ପୂର୍ବରୁ ଏହି ଅବଧି ସେପ୍ଟେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ଥିଲା। ଏବେ ଅଧିକ ୧୪ ଦିନ ଅବଧି ବୃଦ୍ଧି କରାଯାଇ ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ଶେଷ କରିବା ସହ ଅକ୍ଟୋବର ୨୨ରେ ହେବାକୁ ଥିବା ବିସିସିଆଇ ନିର୍ବାଚନରେ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛି ସିଓଏ। ଏହି ଘୋଷଣା ପରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଆସନ୍ତା ଅକ୍ଟୋବର ୨୦ ତାରିଖ ମଧ୍ୟରେ ଓସିଏର କର୍ମକର୍ତ୍ତା ନିର୍ବାଚନ ହେବ ବୋଲି ଗତ ଅଗଷ୍ଟ ୨୯ରେ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଘୋଷଣା କରିଥିଲେ। ଫଳସ୍ୱରୂପ ସିଓଏର ନିର୍ଦ୍ଦେଶକୁ ମାନି ଆସନ୍ତା ୨୮ ତାରିଖ ମଧ୍ୟରେ ନିର୍ବାଚନ କରିବା ନିମନ୍ତେ ପ୍ରସ୍ତୁତ ହେବା ଓସିଏ ପାଇଁ କଷ୍ଟକର ହେବ। ଅନ୍ୟପକ୍ଷରେ ଅକ୍ଟୋବର ପ୍ରଥମ ସପ୍ତାହରେ ଓସିଏ ନିର୍ବାଚନ କରିବାକୁ ଚେଷ୍ଟା କରିବ। ଏ ଦିଗରେ ଦୃଷ୍ଟି ଦେବାକୁ ସିଓଏକୁ ଓସିଏ ପକ୍ଷରୁ ଏକ ଚିଠି ଲେଖାଯାଇଥିବା ଜଣାପଡ଼ିଛି।

ଶୁକ୍ରବାର ପ୍ରକାଶ ପାଇଥିବା ସିଓଏର ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି ଯେ, ସେପ୍ଟେମ୍ବର ୧୨ ତାରିଖ ମଧ୍ୟରେ ରାଜ୍ୟ ସଂଘଗୁଡ଼ିକ ନିର୍ବାଚନ ନେଇ ବଳକା କାର୍ଯ୍ୟ ଶେଷ କରିବା ଉଚିତ। ସମ୍ବିଧାନ ସଂଶୋଧନ ରିପୋର୍ଟ ଦାଖଲ, ନିର୍ବାଚନ ଅଧିକାରୀ ନିଯୁକ୍ତି ଓ ନିର୍ବାଚନ ନେଇ ଦିନ ଘୋଷଣା କରିବା ଆବଶ୍ୟକ। ଏହି ତାରିଖ ମଧ୍ୟରେ ଉପରୋକ୍ତ ୩ଟି କାର୍ଯ୍ୟ ନ ସରିଲେ ସେମାନେ ନିର୍ବାଚନରେ ଭାଗ ନେଇପାରିବେ ନାହିଁ କିମ୍ବା ସେମାନଙ୍କ ନିବେଦନ ଗ୍ରହଣ କରାଯିବ ନାହିଁ। ଉପରୋକ୍ତ ୩ଟି ଯାକ କାର୍ଯ୍ୟ ଓସିଏ ଶେଷ କରିସାରିଛି। ଗତ ଜୁଲାଇ ମାସରେ ଓସିଏ ଚୂଡ଼ାନ୍ତ ସମ୍ବିଧାନ ସଂଶୋଧନ ରିପୋର୍ଟ ଦାଖଲ କରିଥିଲା। ଗତ ଅଗଷ୍ଟ ୨୬ ତାରିଖରେ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହୋଇଥିଲେ ମାଖନଲାଲ ମଜୁମଦାର। ପରେ ଅଗଷ୍ଟ ୨୯ରେ ନିର୍ବାଚନ ନେଇ ଘୋଷଣା ମଧ୍ୟ ହୋଇଛି। ସିଓଏର ଏହି ଘୋଷଣା ପରେ ଓସିଏ ପରବର୍ତ୍ତୀ ପଦକ୍ଷେପ ଏବେ କଣ ନେବ ତାହାକୁ ଅପେକ୍ଷା ରହିଛି।

## ଅଭିଯୁକ୍ତ କୋଚ୍‌ଙ୍କୁ ବାସନ୍ଦ କଲା ଏସ୍‌ଏଫ୍‌ଆଇ

**ନୂଆଦିଲ୍ଲୀ,୬।୯(ପିଟି)**

ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ) ଶୁକ୍ରବାର ଗୋଆ ଆସୋସିଏଶନ ଦ୍ୱାରା ବିଦା ହୋଇଥିବା କୋଚ୍ ସୁରଜିତ ଗାଙ୍ଗୁଲିଙ୍କୁ ବାସନ୍ଦ କରିଛି। ଗୋଆ ସୁଇମିଂ ଆସୋସିଏଶନ (ଜିଏସ୍‌ଏ)ରେ କୋଚ୍ ଭାବେ କାର୍ଯ୍ୟ କରୁଥିବା ଗାଙ୍ଗୁଲି ତାଙ୍କ ନିକଟରେ ଟ୍ରେନିଂ ନେଉଥିବା ୧୫ ବର୍ଷୀୟା ନାବାଳିକାକୁ ବଳାତ୍କାର କରିଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହୋଇଯିବା ପରେ ତାଙ୍କ ଚୁକ୍ତିକୁ ଜିଏସ୍‌ଏ ବାତିଲ କରିବା ସହ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛି। ଗୋଆ ଶାଖାଠାରୁ ପ୍ରମାଣ ମିଳିବା ପରେ ଏସ୍‌ଏଫ୍‌ଆଇ ଏହି ଘଟଣାକୁ ନିନ୍ଦା କରିଛି। ଏଥିସହ ଅମାନବୀୟ କାର୍ଯ୍ୟ ପାଇଁ ତାଙ୍କୁ ଦେଶରେ କୌଣସି ପ୍ରକାର କୋଚିଂ ଏବଂ କ୍ରୀଡ଼ା ସମ୍ପର୍କିତ ଅନ୍ୟାନ୍ୟ କାର୍ଯ୍ୟକଳାପରୁ ବାସନ୍ଦ କରିଛି। ଏହା ସମସ୍ତ ୨୯ ରାଜ୍ୟରେ କାର୍ଯ୍ୟକାରୀ ହେବ।







ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ସେମିଫାଇନାଲ ଅବସରରେ ଶଟ୍ ଖେଳୁଛନ୍ତି କାନାଡ଼ାର ବାଏଙ୍କା ଆଣ୍ଡ୍ରେସ୍କୁ। ମ୍ୟାଚ୍ ଜିତିବା ପରେ ଆମେରିକାର ସେରେନା ୱିଲିୟମ୍ସଙ୍କ ପ୍ରତିକ୍ରିୟା।

# ସେରେନା-ଆଣ୍ଡ୍ରେସ୍କୁ ଫାଇନାଲ

**ନ୍ୟୁୟର୍କ, ୬।୯ (ଏଏଫ୍‌ପି)**





ଚଳିତ ବର୍ଷର ୟୁଏସ ଓପନ ଟେନିସ ପ୍ରତିଯୋଗିତାର ମହିଳା ସିଙ୍ଗଲ୍ସ ମ୍ୟାଚ କାନାଡାର ସ୍ୱଳ୍ପ ବୟସ୍କା ବାଏଙ୍କା ଆଣ୍ଡ୍ରେସ୍କୁ ଏବଂ ୨୩ ଗ୍ରାଣ୍ଡସ୍ଲାମ ବିଜୟିନୀ ଆମେରିକାର ସେରେନା ୱିଲିୟମ୍ସଙ୍କ ମଧ୍ୟରେ ହେବ। ଆଣ୍ଡ୍ରେସ୍କୁ ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ବେଲିଣ୍ଡା ବେନସିକ୍‌ଙ୍କୁ ୭-୬ (୭/୩), ୭-୫ ସେଟରେ ହରାଇ ଦେଇଛନ୍ତି। ୨୦୧୪ରେ ୱିମ୍ବଲଡନଠାରେ ଇଜେନି ବୁଚାର୍ଡଙ୍କ ପରେ ୧୯ ବର୍ଷୀୟା ଆଣ୍ଡ୍ରେସ୍କୁ ହେଉଛନ୍ତି କାନାଡାର ଦ୍ୱିତୀୟ ମହିଳା ଗ୍ରାଣ୍ଡସ୍ଲାମ ଫାଇନାଲିଷ୍ଟ। ୨୦୦୬ରେ ଫ୍ଲସିଂ ମିଡୋଜଠାରେ ମାରିଆ ଶାରାପୋଭାଙ୍କ ପରେ ପ୍ରଥମ ସ୍ୱଳ୍ପ ବୟସ୍କା ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହେବା ସୁଯୋଗ ସେ ପାଇଛନ୍ତି। ଆଣ୍ଡ୍ରେସ୍କୁ କହିଛନ୍ତି ସେରେନା ହେଉଛନ୍ତି ମୋ ଆଦର୍ଶ। ୟୁଏସ ଓପନରେ ତାଙ୍କ ସହିତ ଫାଇନାଲ ଖେଳିବା ଦ୍ୱାରା ମୋର ଏକ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଆଣ୍ଡ୍ରେସ୍କୁ ପ୍ରଥମ ଥର ୟୁଏସ ଓପନ ମୁଖ୍ୟ ଡ୍ରରେ ଖେଳିବା ସୁଯୋଗ ପାଇଛନ୍ତି। ପୂର୍ବରୁ ଗତ ମାସରେ ଟରଣ୍ଟୋ ଫାଇନାଲରେ ତାଙ୍କର ୩୭ ବର୍ଷୀୟା ସେରେନାଙ୍କ ସହିତ ମୁକାବିଲା ହୋଇଥିଲା। ମାତ୍ର ପିଠିରେ ଇଞ୍ଜୁରି ଯୋଗୁ ସେରେନା ଏହି ମ୍ୟାଚ ଶେଷ ନ ହେବା ପୂର୍ବରୁ ଓହରିଯାଇଥିଲେ। ଅନ୍ୟପରେ ସେରେନା ମହିଳା ସିଙ୍ଗଲ୍ସର ଅନ୍ୟ ସେମିଫାଇନାଲରେ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କୁ ୬-୩, ୬-୧ ସେଟ୍‌ରେ ସହଜରେ ପରାସ୍ତ କରିଛନ୍ତି। ଆମେରିକାର ଏହି ଷ୍ଟାର ଖେଳାଳି ଏଠାରେ ତାଙ୍କ ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ସହ ମାର୍ଗାରେଟ୍ କୋର୍ଟଙ୍କ ରେକର୍ଡ ସମକକ୍ଷ ହେବା ଲକ୍ଷ୍ୟରେ ଅଛନ୍ତି। ମହିଳା ସିଙ୍ଗଲ୍ସ ଫାଇନାଲ ଶନିବାର ଖେଳାଯିବ।

### ଫାଇନାଲ ପଥରେ..

**■ ସେରେନା ୱିଲିୟମ୍ସ**

ପ୍ରଥମ ରାଉଣ୍ଡ: ମାରିଆ ଶାରାପୋଭା ୬-୧, ୬-୧
ଦ୍ୱିତୀୟ ରାଉଣ୍ଡ: କାଥେରିନ ମ୍ୟାକନାଲେ ୫-୭, ୬-୩, ୬-୧
ତୃତୀୟ ରାଉଣ୍ଡ: କାରୋଲିନା ମୁଚୋଭା ୬-୩, ୬-୨
ଚତୁର୍ଥ ରାଉଣ୍ଡ: ପେତ୍ରା ମାର୍ଟିକ ୬-୩, ୬-୪
କ୍ୱାର୍ଟର ଫାଇନାଲ: ୱାଙ୍ଗ୍ କ୍ୱିଆଙ୍ଗ ୬-୧, ୬-୦
ସେମିଫାଇନାଲ: ଏଲିନା ସ୍ୱିତୋଲିନା ୬-୩, ୬-୧

**■ ବାଏଙ୍କା ଆଣ୍ଡ୍ରେସ୍କୁ**

ପ୍ରଥମ ରାଉଣ୍ଡ: କାଟେ ଭୋଲିନେଟ୍ସ ୬-୨, ୬-୪
ଦ୍ୱିତୀୟ ରାଉଣ୍ଡ: କିର୍ଷ୍ଟେନ ଫ୍ଲିପ୍‌କେନ୍ସ ୬-୩, ୭-୫
ତୃତୀୟ ରାଉଣ୍ଡ: କାରୋଲିନ ଓଜନିଆକି ୬-୪, ୬-୪
ଚତୁର୍ଥ ରାଉଣ୍ଡ: ଟେଲର ଟାଉନସେଣ୍ଡ ୬-୧, ୪-୬, ୬-୨
କ୍ୱାର୍ଟର ଫାଇନାଲ: ଏଲିସ ମେର୍ଟେନ୍ସ ୩-୬, ୬-୨, ୬-୩
ସେମିଫାଇନାଲ: ବେଲିଣ୍ଡା ବେନ୍‌ସିକ୍ ୭-୬(୭/୩), ୭-୫

# ମାଲିଙ୍ଗା ମ୍ୟାଜିକ୍: ଶ୍ରୀଲଙ୍କା ବିଜୟୀ

**ପାଲିକେଲ,୬।୯**

ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କା ୩୭ ରନରେ ବିଜୟୀ ହୋଇଛି। ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇ ସିରିଜ ହାତଛଡ଼ା କରିଥିବା ଶ୍ରୀଲଙ୍କା ଏହି ମୁକାବିଲା ଜିତି ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୨୫ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୬ ଓଭରରେ ୮୮ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ପରାଜୟ ସତ୍ତ୍ୱେ ନ୍ୟୁଜିଲାଣ୍ଡ ୨-୧ରେ ସିରିଜ ବିଜୟୀ ହୋଇଛି। ହ୍ୟାଟ୍ରିକ ନେବା ସହ ମାତ୍ର ୬ ରନରେ ୫ ଉଇକେଟ ଅକ୍ତିଆର କରିଥିବା ଶ୍ରୀଲଙ୍କ ଅଭିଜ୍ଞ ଦ୍ରୁତ ବୋଲର ଲସିଥ୍ ମାଲିଙ୍ଗା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ମାଲିଙ୍ଗାଙ୍କ ପ୍ରଦର୍ଶନ ଐତିହାସିକ ଥିଲା।



ଲସିଥ୍ ମାଲିଙ୍ଗା

ନ୍ୟୁଜିଲାଣ୍ଡର ୪ଜଣ ବ୍ୟାଟ୍ସମ୍ୟାନ ହାମିଶ ରଦର୍ଫୋଡ, କଲିନ୍ ଡି ଗ୍ରାଣ୍ଡହୋମ, ଅଭିଜ୍ଞ ରସ୍ ଟେଲର ଓ ସ୍କଟ କୁଗେଲେଜିନ୍ ଖାତା ଖୋଲିପାରି ନ ଥିଲେ। ଓପନର କଲିନ୍ ମୁନରୋ ୧୨, ମିଚେଲ ସାଣ୍ଟନର ୧୬ ରନ କରିଥିବା ବେଳେ ଅଧିନାୟକ ଟିମ ସୌଦି ୨୮ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଅନ୍ତିମ ଉଇକେଟରେ ସୌଦି ଓ ସେଠ ରାନ୍ସ ୩୬ ବଲରୁ ୩୬ ରନକରି ଲଢ଼େଇ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ବୋଲିଂରେ ଶ୍ରୀଲଙ୍କା ତରଫରୁ ଅଭିଜ୍ଞ ଲସିଥ ମାଲିଙ୍ଗା ସର୍ବାଧିକ ୫, ଅକିଲ ଦନଞ୍ଜୟ ୨, ଲକ୍ଷନ ସନ୍ଦକାନ ଓ ୱାନିନ୍ଦୁ ହସରଙ୍ଗା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ତରଫରୁ ଦନୁଷ୍କା ଗୁଣତିଲକା ସର୍ବାଧିକ ୩୦, ନିରୋଶାନ ଡିକ୍‌ୱେଲା ୨୪, ଲାହିରୁ ମଦୁସନ୍‌କା ୨୦ ରନ କରି ଆଉଟ ହୋଇଥିଲେ। ୱାନିନ୍ଦୁ ହାସରଙ୍ଗା ୧୪ ରନ କରି ଅପରାଜିତ ରହିଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ମିଚେଲ ସାଣ୍ଟନର ଓ ଟୋଡ ଆଶଲେ ୩ଟି ଲେଖାଏ ଏବଂ ସ୍କଟ୍ କୁଗେଲେଜିନ୍ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୨୫/୮ (ଗୁଣତିଲକା- ୩୦, ଡିକ୍‌ୱେଲା- ୨୪, ମଦୁସନକା- ୨୦, ସାଣ୍ଟନର- ୩/୧୨, ଆଶଲେ- ୩/୨୮)। ନ୍ୟୁଜିଲାଣ୍ଡ ୧୬ ଓଭରରେ ୮୮ ଅଲଆଉଟ୍ (ସୌଦି- ୨୮*, ସାଣ୍ଟନର- ୧୬, ମୁନ୍‌ରୋ- ୧୨, ମାଲିଙ୍ଗା- ୫/୬, ଦନଞ୍ଜୟ- ୨/୨୮, ସନ୍ଦକାନ- ୧/୩୩, ହାସରଙ୍ଗା- ୧/୧୨)।

## ଶ୍ୟାମ, ଉଭାସଙ୍କ ପ୍ରଭାବୀ ପ୍ରଦର୍ଶନ

**ଇଷ୍ଟ ଜୋନ୍ ସ୍ନୁକର**

**ଭୁବନେଶ୍ୱର, ୬।୯(କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ପଟିଆସ୍ଥିତ ୬ ପକେଟ୍ସଠାରେ ଚାଲିଥିବା ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଶ୍ୟାମ ଅଗ୍ରୱାଲ ଓ ଉଭାସ ମହାପାତ୍ର ପ୍ରଭାବୀ ପ୍ରଦର୍ଶନ କରି ବିଜୟୀ ହୋଇଛନ୍ତି। ଦ୍ୱିତୀୟ ଦିବସର ମ୍ୟାଚ ଗୁଡ଼ିକ ମଧ୍ୟରେ ଅଶ୍ୱିନ ପଟ୍ଟନାୟକ ୩-୧ରେ ଅର୍ପିତ ଅଗ୍ରୱାଲ, ଖାଲିଦ ସୁଲତାନ ୩-୦ରେ ରାହୁଲ ନାଏକ, ମହମ୍ମଦ ରାଜା ୩-୦ରେ ତରୁଣ ପଟ୍ଟନାୟକ, ଶ୍ୟାମ ଅଗ୍ରୱାଲ ୩-୦ରେ ହର୍ଷ ଲାମ୍ବା, ଉଭାସ ମହାପାତ୍ର ୩-୦ରେ କୁନାଲ ଅଗ୍ରୱାଲ, ଚନ୍ଦ୍ର ମହାନ୍ତି ୩-୧ ଫ୍ରେମ୍‌ରେ ସମୀର ଅଲୀଙ୍କୁ ପରାସ୍ତ କରିଛନ୍ତି। ସେହିପରି ଶ୍ୟାମ ଅଗ୍ରୱାଲ ୩-୦ରେ ହର୍ଷିତ କାମୱାନିଙ୍କୁ ଏବଂ ଚେତନ ଆନନ୍ଦ ୩-୦ ଫ୍ରେମ୍‌ରେ ଅକ୍ଷୟ ସେଠ୍‌ଙ୍କୁ ହରାଇ ଆଗକୁ ବଢ଼ିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ସତ୍ୟକାମ ମହାପାତ୍ର ୩-୦ରେ ଇନ୍ଦ୍ରଜିତ ଷଡ଼ଙ୍ଗୀ, ହର୍ଷିତ କାମୱାନି ୩-୧ରେ ହରିହର ଗୁରୁ, ମିଶାଲ ସ୍ୱାଇଁ ୩-୦ରେ ଅନୁଭବ ଅଗ୍ରୱାଲ ଓ ରୁମିତ ଗୁପ୍ତା ୩-୨ ଫ୍ରେମ୍‌ରେ ସୁମନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ।



ଶ୍ୟାମ ଅଗ୍ରୱାଲ ଓ ଉଭାସ ମହାପାତ୍ର।

# କିମ୍ବଦନ୍ତୀ ସ୍ପିନର କାଦିରଙ୍କ ଦେହାନ୍ତ

**କରାଚୀ/ନୂଆଦିଲ୍ଲୀ, ୬।୯ (ପି.ଟି.)**

ପାକିସ୍ତାନର ପୂର୍ବତନ ମହାନ ସ୍ପିନର ଅବ୍ଦୁଲ କାଦିରଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୬୩ ବର୍ଷ ହୋଇଥିଲା। ତାଙ୍କର ୪ ପୁଅ ଏବଂ ଏକମାତ୍ର ଝିଅ ପାକିସ୍ତାନର ବର୍ତ୍ତମାନ ଷ୍ଟାର ବ୍ୟାଟ୍ସମ୍ୟାନ ଉମର ଅକମଲଙ୍କୁ ବିବାହ କରିଛନ୍ତି। କାଦିର ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୬୭ ଟେଷ୍ଟ, ୧୦୪ ଅନ୍ତର୍ଜାତୀୟ ଦିନିକିଆ ଖେଳି ମୋଟ ୩୬୮ ଉଇକେଟ ଅକ୍ତିଆର କରିଛନ୍ତି। ସେପ୍ଟେମ୍ବର ୧୫ରେ ସେ ତାଙ୍କ ୬୪ତମ ଜନ୍ମ ଦିବସ ପାଳନ କରିଥାନ୍ତେ। ଭିନ୍ନ ଅଜବ ଷ୍ଟାଇଲ ବୋଲିଂ ପାଇଁ କାଦିର ଦେଶ ଓ ବିଦେଶରେ ତାଙ୍କର ଅନେକ ପ୍ରଶଂସକ ସୃଷ୍ଟି କରିପାରିଥିଲେ। ଏହି ମହାନ ବୋଲରଙ୍କ କ୍ୟାରିୟର ସହିତ ଅନେକ ସ୍ମରଣୀୟ ଘଟଣା ଯୋଡ଼ି ହୋଇଯାଇଛି। ବ୍ୟାଟିଂ ଆଇକନ ସଚିନ ତେନ୍ଦୁଲକରଙ୍କୁ ଯେତେବେଳେ ମାତ୍ର ୧୬ବର୍ଷ ବୟସ ହୋଇଥିଲା ସେତେବେଳେ ଏକ ପ୍ରଦର୍ଶନୀ ମ୍ୟାଚରେ କାଦିରଙ୍କ ଭଳି ବୋଲରଙ୍କ ବୋଲିଂରେ ୪ଟି ଛକା ମାରିଥିଲେ। ମ୍ୟାଚ ବେଳେ କାଦିର ତେନ୍ଦୁଲକରଙ୍କୁ ସ୍ଲେଜିଂ କରିଥାନ୍ତି। ମ୍ୟାଚ ପରେ କହିଥାନ୍ତି ଏହା ହେଉଛି ଗେମ୍‌ର ଏକ ଅଂଶବିଶେଷ। ମ୍ୟାଚ ପରେ ଏସବୁ ଭୁଲିଯିବା ଉଚିତ୍। କାଦିର ଅତୀତରେ ଭାରତ ଗଣମାଧ୍ୟମର ଅନ୍ୟତମ ଫେଭରାଇଟ୍ ଥିଲେ। ଅନେକ ଚ୍ୟାନେଲର କ୍ରିକେଟ ସମୀକ୍ଷକ ଭାବେ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ୮୦ ଦଶକରେ ଭାରତ ଓ ପାକିସ୍ତାନ ମଧ୍ୟରେ ବାରମ୍ବାର ଦ୍ୱିପାକ୍ଷିକ ମ୍ୟାଚ ଖେଳାଯାଇଛି। କାଦିର ଏହାର ସୁନ୍ଦର ବିଶ୍ଳେଷଣ କରିଛନ୍ତି। ଏହି ମହାନ ସ୍ପିନ ବୋଲର ଜଣକ ଶେଷପର୍ଯ୍ୟନ୍ତ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ନୀତିକୁ ସମାଲୋଚନା କରିଆସୁଥିଲେ। ସେ ୨୦୦୯ରେ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ମନୋନୀତ ଦଳ ଇଂଲଣ୍ଡରେ ଆଇସିସି ଟି୨୦ ବିଶ୍ୱକପ୍ ଜିତିଥିଲା।





### ସଂକ୍ଷେପରେ କାଦିର

ନାମ: ଅବଦୁଲ କାଦିର ଖାଁ
ଜନ୍ମ: ୧୯୫୫ ସେପ୍ଟେମ୍ବର ୧୫
ବୋଲିଂ: ଡାହାଣହାତୀ ଲେଗ୍‌ସ୍ପିନ
ବ୍ୟାଟିଂ: ଡାହାଣହାତୀ ବ୍ୟାଟ୍ସମ୍ୟାନ
ଟେଷ୍ଟ ପଦାର୍ପଣ: ୧୯୭୭ ଡିସେମ୍ବର ୧୪, ବନାମ ଇଂଲଣ୍ଡ। ଶେଷ ଟେଷ୍ଟ: ୧୯୯୦ ଡିସେମ୍ବର ୬, ବନାମ ୱେଷ୍ଟଇଣ୍ଡିଜ। ଦିନିକିଆ ପଦାର୍ପଣ: ୧୯୮୩ ଜୁନ ୧୧, ବନାମ ୱେଷ୍ଟଇଣ୍ଡିଜ। ଶେଷ ଦିନିକିଆ: ୧୯୯୩ ନଭେମ୍ବର ୨, ବନାମ ଶ୍ରୀଲଙ୍କା

**କ୍ୟାରିୟର**

ଟେଷ୍ଟ: ମ୍ୟାଚ-୬୭, ରନ-୧୦୨୯, ଟପ୍ ସ୍କୋର-୬୧, ବଲ୍ ବୋଲିଂ-୧୭୧୨୬, ଉଇକେଟ ୨୩୬, ଗୋଟିଏ ଇନିଂସରେ ୫ ଉଇକେଟ-୧୫ ଥର, ମ୍ୟାଚରେ ୧୦ ଉଇକେଟ, ୫ ଥର, ଶ୍ରେଷ୍ଠ ବୋଲିଂ: ୯/୫୬।
ଦିନିକିଆ: ମ୍ୟାଚ-୧୦୪, ରନ-୬୪୧, ଟପ୍ ସ୍କୋର-୪୧*, ବଲ୍ ବୋଲିଂ-୫୧୦୦, ଉଇକେଟ-୧୩୨, ଗୋଟିଏ ଇନିଂସରେ ୫ ଉଇକେଟ-୨ ଥର, ଶ୍ରେଷ୍ଠ ବୋଲିଂ-୫/୪୪।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା ଶ୍ରୀମତୀ ପ୍ରୀତିଲତା ପଟ୍ଟନାୟକ**
ଶିକ୍ଷୟିତ୍ରୀ, କେନ୍ଦ୍ରୀୟ ବିଦ୍ୟାଳୟ ନଂ.୧, ଭୁବନେଶ୍ୱର
ଆବିର୍ଭାବ: ୩୦।୦୩।୧୯୬୨
ତିରୋଧାନ: ୨୮।୦୮।୨୦୧୯
ତୁମ ଅବର୍ତ୍ତମାନରେ ଆମେ ପ୍ରତି ମୁହୂର୍ତ୍ତରେ ଶୂନ୍ୟତାର ଅନୁଭବ କରୁଛୁ। ତୁମର ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହୁ। ତୁମେ ଯେଉଁଠି ଥାଅ ଭଲରେ ଥାଇ ଆମକୁ ଆଶୀର୍ବାଦ କରୁଥାଅ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଈଶ୍ୱରଙ୍କ ପାଖରେ ଆରାଧନା।
**ଶ୍ରଦ୍ଧାଞ୍ଜଳି ସହ:**
ସ୍ୱାମୀ: ମନୋଜ କୁମାର ପଟ୍ଟନାୟକ, ପୁତ୍ର: ଆଶୀର୍ବାଦ ପଟ୍ଟନାୟକ, ପୁତ୍ରବଧୂ: ଇଲା ସାହୁ, ଝିଅ: ଆରାଧନା ପଟ୍ଟନାୟକ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୬୭୧୦୧

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଭଞ୍ଜ**
କୁଲେଇପଦା, ଆରଡ଼ି, ଭଦ୍ରକ
କାଲି ପରି ଲାଗେ ବରଷଟେ ବିତିଗଲାଣି। ତୁମର ସ୍ନେହ ବୋଳା କଥା ଡାକ ଆଉ ଶୁଭୁନି। ଯେଉଁଠି ଥାଅ ଭଲରେ ଥାଅ, ବାବାମଣିଙ୍କ ପାଖରେ ଏତିକି ପ୍ରାର୍ଥନା।
**ହତଭାଗ୍ୟ:**
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ।
ଧ-୧୪୨୪୩

**ଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ**
ପ୍ରଥମଖଣ୍ଡି, ବୀରରାମଚନ୍ଦ୍ରପୁର, ସତ୍ୟବାଦୀ
ଆବିର୍ଭାବ: ୨୩।୧୦।୧୯୪୫
ତିରୋଧାନ: ୨୯।୦୮।୨୦୧୯
ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଗୋପୀନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
ଆତ୍ମୀୟସ୍ୱଜନ, ପରିବାର ଓ ବନ୍ଧୁବର୍ଗ
ଧ-୬୭୬୦୩

**ଏକାଦଶାହ ଉପଲକ୍ଷେ**



**୰ ଯିତେନ୍ଦ୍ର ଜେନା (ଜିତୁ)**
ବର୍ମ୍ମକୁଦ, ଫୁଲନଖରା, କଟକ
ଆବିର୍ଭାବ : ତା.୦୨/୦୫/୧୯୮୨
ତିରୋଧାନ : ତା.୨୮/୦୮/୨୦୧୯
ତୋ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
*ଶୋକସନ୍ତପ୍ତ ପରିବାର :*
ବାପା-କ୍ଷିରୋଦ ଚନ୍ଦ୍ର ଜେନା, ମା-ରୀନାବାଳା, ସାନଭାଇ-ଧର୍ମେନ୍ଦ୍ର (ସିତୁ), ସ୍ତ୍ରୀ, ପୁଅ, ଭଉଣୀ, ଆତ୍ମୀୟସ୍ୱଜନ
ଧ-୧୪୨୪୭

# ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ

ପୁରୀ ଅଫିସ,୬।୯



■ ସଂଶୋଧିତ ହେବ ସେବାୟତ ପିଲାଙ୍କ ଛାତ୍ରବୃତ୍ତି ଯୋଜନା

■ ପରିଚାଳନା କମିଟି ବୈଠକରେ ଡିଜାଇନ ଉପସ୍ଥାପନ ହେବ

ସେବାୟତ ପରିବାରର ପିଲାଙ୍କ ପାଇଁ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ଯୋଜନା କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ଏହାର କାମ ଆରମ୍ଭ କରାଯାଇ ନାହିଁ। ଖୁବ୍‌ଶୀଘ୍ର ଏହାକୁ କିପରି କାର୍ଯ୍ୟକ୍ଷମ କରାଯିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର। ଶୁକ୍ରବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକ ଶେଷରେ ମୁଖ୍ୟ ପ୍ରଶାସକ କହିଥିଲେ, ୧୦ରୁ ୧୨ ଏକର ଜମିରେ ଆଦର୍ଶ ଗୁରୁକୁଳର ଢାଞ୍ଚା ପ୍ରସ୍ତୁତ କରାଯାଇ ଆସନ୍ତା ପରିଚାଳନା କମିଟି ବୈଠକରେ ଏହାର ଡିଜାଇନ ଉପସ୍ଥାପନ କରାଯିବ। ଏଥିପାଇଁ ଥିବା ସବ୍‌କମିଟିକୁ ଏହାର ଦାୟିତ୍ୱ ଦିଆଯାଇଛି।

ମହାପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା ଓ ନୀତିକାନ୍ତି ଠିକ୍ ସମୟରେ ସମ୍ପନ୍ନ ଲାଗି ଆଦର୍ଶ ସେବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଦର୍ଶ ସେବକ ଗଢିବାକୁ ହେଲେ ସେମାନଙ୍କ ବ୍ୟକ୍ତିତ୍ୱ, ସାମର୍ଥ୍ୟ, ସାମାଜିକ ଓ ଅର୍ଥନୈତିକ ସ୍ତରରେ ଗୁଣାତ୍ମକ ପରିବର୍ତ୍ତନ ଅଣାଯିବା ଦରକାର। ବସ୍ତୁତଃ ମହାପ୍ରଭୁଙ୍କ ନୀତି ସମ୍ପନ୍ନ କରୁଥିବା ବହୁସଂଖ୍ୟକ ସେବକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେମାନେ ସେମାନଙ୍କ ପିଲାଙ୍କୁ ଭଲ ବିଦ୍ୟାଳୟରେ ପଢାଇବାରେ ଓ ସମୁଚିତ ଜୀବିକା ଦେବାରେ ସମର୍ଥ ହେଉନାହାନ୍ତି। ତେଣୁ ସେବକମାନଙ୍କ ପିଲାଙ୍କ ପାଠ ପଢିବା ଲାଗି ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳର ପରିକଳ୍ପନା କରାଯାଇଥିଲା। ହେଲେ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଆଦର୍ଶ ଗୁରୁକୁଳ କାମ ଆରମ୍ଭ ହୋଇପାରି ନାହିଁ। ଶ୍ରୀମନ୍ଦିର ବଜେଟରେ ଏଥିପାଇଁ ବ୍ୟୟ ଅଟକଳ କରାଯାଉଛି। କିନ୍ତୁ ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା ଗଡି ଗଡି ଚାଲିଛି।

ସମଙ୍ଗ ମୌଜାରେ ଶ୍ରୀମନ୍ଦିର ପ୍ରଶାସନର ଥିବା ୮ ଏକର ଜମି ଗୁରୁକୁଳ ପାଇଁ ଚିହ୍ନଟ କରାଯାଇ ତାହା ଚାରିପଟେ ପାଚେରି କରାଯାଇଥିଲା। ଗତ ବାତ୍ୟାରେ ଏହାର ପାଚେରି ଭାଙ୍ଗି ଯାଇଥିଲା। ତେବେ ଆବଶ୍ୟକ ପଡିଲେ ଏହା ପାଖାପାଖି ଆଉ ଜମି କ୍ରୟ କରାଯାଇ ଏହାକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ସେବାପୂଜା ନିମନ୍ତେ ଏକ ନୂତନ ପିଢିର ଉନ୍ନତ ସେବକ ସମାଜ ଗଠନ କରିବା ଏହାର ଲକ୍ଷ୍ୟ ରହିଛି। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଏହା ଏକ ସହଶିକ୍ଷାମୂଳକ ଇଂଲିଶ ମାଧ୍ୟମ ସିବିଏସ୍‌ଇ ସ୍କୁଲ ହେବ। ପାଠ୍ୟକ୍ରମର ସମୟ ୮ ଘଣ୍ଟା ମଧ୍ୟରୁ ୨ ଘଣ୍ଟା ଶାସ୍ତ୍ରୀୟ ଓ ଧର୍ମୀୟ ଶିକ୍ଷା ଦିଆଯିବ। ଗୁରୁକୁଳରେ କେବଳ ପ୍ରଥମରୁ ପଞ୍ଚମ ଶ୍ରେଣୀ ପିଲାମାନଙ୍କ ପାଇଁ ଡେ ବୋର୍ଡିଂର ବ୍ୟବସ୍ଥା ରହିବ। ପ୍ରାରମ୍ଭରୁ ଗୁରୁକୁଳରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାମାନଙ୍କର ଆଡମିଶନ କରାଯିବ। ପରେ ପ୍ରତ୍ୟେକ ବର୍ଷ କେବଳ ପ୍ରଥମ ଶ୍ରେଣୀରେ ନୂଆ ଆଡମିଶନ ହେବ। ଷଷ୍ଠ ଶ୍ରେଣୀ ଉପରକୁ ସାଧାରଣ ବର୍ଗର ପିଲାମାନଙ୍କ ପାଇଁ ଡେ ବୋର୍ଡିଂର ବ୍ୟବସ୍ଥା ରହିବ। କେବଳ ସେବକ ପିଲାମାନେ ଗୁରୁକୁଳ ହତା ଭିତରେ ଥିବା ହଷ୍ଟେଲରେ ରହିବେ ଓ ସକାଳ ସନ୍ଧ୍ୟାରେ ଅନୁଷ୍ଠିତ ହେଉଥିବା ଆଧ୍ୟାତ୍ମିକ ଓ ଧର୍ମୀୟ ଶିକ୍ଷା ପ୍ରଶିକ୍ଷଣ ପ୍ରାପ୍ତ କରିବେ। ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ କ୍ୟାରିୟର କାଉନ୍‌ସେଲିଂ ଓ ଧନ୍ଦାମୂଳକ ଶିକ୍ଷା ଦିଆଯିବ। ମେଡିସିନ, ଇଞ୍ଜିନିୟରିଂ, ଆଇନ ପ୍ରଭୃତି ଶିକ୍ଷାର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରାଯିବ। ଶ୍ରୀମନ୍ଦିର ସେବକ ପିଲାମାନଙ୍କ ପାଇଁ ସର୍ବନିମ୍ନ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିବ। ଏମିତି ଆଦର୍ଶ ଗୁରୁକୁଳ ପାଇଁ ଅନେକ ପରିକଳ୍ପନା କରାଯାଇଛି। ସେବାୟତ ଘରର ପିଲାମାନେ ବିଭିନ୍ନ ସ୍କୁଲ, କଲେଜରେ ପାଠ ପଢୁଛନ୍ତି। ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ପ୍ରୋତ୍ସାହନ ଦେବା ଲାଗି ସ୍କଲାରଶିପ୍ (ଛାତ୍ରବୃତ୍ତି)ଯୋଜନା ରହିଛି। ଏହାକୁ ସଂଶୋଧନ ବା ଆହୁରି ଉନ୍ନତ କରାଯିବ। କପିରି ପିଲାମାନଙ୍କୁ ଭଲ ବୃତ୍ତି ଦିଆଯାଇପାରିବ ସେ ନେଇ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ସେବାୟତ ଘରର ପିଲାମାନେ ଭଲ କଲେଜରେ ପାଠ ପଢିପାରିବେ। ଏହି ସ୍କଲାରଶିପର ଗାଇଡ୍ ଲାଇନ ପ୍ରସ୍ତୁତ କରାଯାଇ ଆସନ୍ତା ବୈଠକରେ ଉପସ୍ଥାପନ ହେବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।




ଚନ୍ଦ୍ରୟାନ-୨ର ସଫଳ ଅବତରଣ କାମନା କରି ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# ଶାଶ୍ୱତ ଯୋଶୀଙ୍କ ବିରୋଧରେ ସୋସିଆଲ ମିଡିଆରେ ଅଭିଯୋଗ ଆଣିଲେ ଶିଷ୍ୟା

ଭୁବନେଶ୍ୱର ୬।୯(ବ୍ୟୁରୋ)

**ଥାନାରେ ପାଲଟା ଅଭିଯୋଗ ଆଣିଲେ ଶାଶ୍ୱତ**

ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି ତାଙ୍କର ଜଣେ ଶିଷ୍ୟା। ଗୁରୁ ଶାଶ୍ୱତ ଦୁର୍ବ୍ୟବହାର କରିବା ସହ ଯୌନ ନିର୍ଯାତନା ଦେଉଥିବା ନେଇ ଗୁରୁଦିବସ ଦିନ ସୋସିଆଲ ମିଡିଆରେ ଶିଷ୍ୟା ଜଣକ ଏକ ପୋଷ୍ଟ କରି ଅଭିଯୋଗ ଆଣିଛନ୍ତି। ଏହାସହ ଶାଶ୍ୱତ ଗୁରୁ ହେବାର ଯୋଗ୍ୟ ନୁହନ୍ତି ବୋଲି ମଧ୍ୟ ସେ ସୋସିଆଲ ମିଡିଆରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ଶାଶ୍ୱତଙ୍କ କେତେଜଣ ଛାତ୍ରୀଛାତ୍ର ତାଙ୍କ ସମର୍ଥନରେ ମଧ୍ୟ କହିଛନ୍ତି। ସେହିପରି ସୋସିଆଲ ମିଡିଆରେ ତାଙ୍କୁ ବଦନାମ କରିବା ପାଇଁ ତାଙ୍କର କେତେଜଣ ଶିଷ୍ୟା ଏଭଳି ଷଡ଼ଯନ୍ତ୍ର ରଚିଥିବା ଶାଶ୍ୱତ ଅଭିଯୋଗ ଆଣି ସେମାନଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ଯେ, ଗତ ଜୁଲାଇରେ ତାଙ୍କର ଆମେରିକାରେ ଦେଢ଼ମାସର କାର୍ଯ୍ୟକ୍ରମ ଥିଲା। ସେ ପୁରୁଣା ପିଲାଙ୍କୁ ନ ନେଇ କେତେଜଣ ନୂଆ ପିଲାଙ୍କୁ ସେଠାକୁ ନେଇଥିଲେ। ଫଳରେ ପୁରୁଣା ପିଲା କ୍ରୋଧାନ୍ୱିତ ହୋଇ ଏଭଳି ମିଥ୍ୟା ଅଭିଯୋଗ ଆଣି ସୋସିଆଲ ମିଡିଆରେ ଅପପ୍ରଚାର କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଲିଙ୍ଗରାଜ ଥାନା ଅଧିକାରୀ ଶରତଚନ୍ଦ୍ର ପାତ୍ର କହିଛନ୍ତି ଯେ, ଏ ବାବଦରେ ଶିଷ୍ୟାଙ୍କ ପକ୍ଷରୁ କୌଣସି ଅଭିଯୋଗ ଆସିନାହିଁ। କେବଳ ଶାଶ୍ୱତ ଏକ ଅଭିଯୋଗ କରିଛନ୍ତି। ତାଙ୍କର ପୁରୁଣା ଶିଷ୍ୟା ଉଦ୍ଦେଶ୍ୟମୂଳକଭାବେ ସୋସିଆଲ ମିଡିଆରେ ତାଙ୍କୁ ଗାଳିଗୁଲଜ କରିବା ସହ ନିନ୍ଦା କରିଛନ୍ତି। ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ। କେବଳ ଷ୍ଟେଶନ ଡାଏରୀ କରାଯାଇଛି।

# ଆଜି ଓଡ଼ିଶା ପହଞ୍ଚିବେ ଜଗା-କାଳିଆ



ମା’ ବାପାଙ୍କ ସହ ଟ୍ରେନ୍‌ରେ ଫେରୁଛନ୍ତି ଜଗା- କାଳିଆ।

ଭୁବନେଶ୍ୱର/ କଟକ ଅଫିସ୍, ୬।୯(ବ୍ୟୁରୋ)

କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ ଶନିବାର ଓଡ଼ିଶା ପହଞ୍ଚିବେ। ଶୁକ୍ରବାର ଜଗା-କାଳିଆଙ୍କୁ ଦିଲ୍ଲୀ ଏମ୍ସରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ରେଳ ଷ୍ଟେଶନକୁ ନିଆଯାଇଥିଲା। ସେଠାରୁ ସେମାନେ ସନ୍ଧ୍ୟାରେ ରାଜଧାନୀ ଏକ୍ସପ୍ରେସରେ ଓଡ଼ିଶା ଆସୁଛନ୍ତି। ଜରୁରିକାଳୀନ ସେବା ଲାଗି ଟ୍ରେନ୍‌ରେ ଅକ୍ସିଜେନ ସହ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ସହିତ ଦିଲ୍ଲୀ ଏମ୍ସ ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ଡା. ଦୀପକ ଗୁପ୍ତା, ନ୍ୟୁରୋ ଆନାସ୍ଥେସିଆ ମୁଖ୍ୟ ଡା. ଗିରିଜା ରଥଙ୍କ ସମେତ ଏମ୍ସର ୪ଜଣିଆ ଟିମ୍ ଏବଂ ଓଡ଼ିଶାରୁ ଯାଇଥିବା ଦୁଇ ଡାକ୍ତର ମଧ୍ୟ ରହିଛନ୍ତି। ଜଗା-କାଳିଆଙ୍କ ଅସ୍ତ୍ରୋପଚାର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅଭୁତପୂର୍ବ ସଫଳତା ବୋଲି ଶୁକ୍ରବାର ଏମ୍ସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି। ଏହି ଅସ୍ତ୍ରୋପଚାର ‘ଦିଲ୍ଲୀ ଏମ୍ସ ଜଗା କାଳିଆ ସର୍ଜରୀ’ ଭାବେ ଜଣାଯିବା ଉଚିତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ସେପଟେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଡା. ପ୍ରମୋଦ ମେହେର୍ଦ୍ଦା ଶୁକ୍ରବାର କଟକ ଏସ୍‌ସିବିରେ ଦୁଇ ଭାଇଙ୍କ ଚିକିତ୍ସା ପାଇଁ ହୋଇଥିବା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଜଗା-କାଳିଆଙ୍କ ଚିକିତ୍ସା ପାଇଁ କଟକ ଏସସିବିର ଟ୍ରମା ଆଇସିୟୁ ଓ ସର୍ଜରୀ ବିଭାଗର କ୍ୟାବିନ୍ ନମ୍ବର ୨ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ ନ୍ୟୁରୋସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ସୁଧାଂଶୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ରେ ନ୍ୟୁରୋସର୍ଜରୀ ପ୍ରଫେସର ଡା. ସଞ୍ଜୀବ ମିଶ୍ର, ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଶିଶୁରୋଗ ଚିକିତ୍ସା ପ୍ରତିଷ୍ଠାନର ପ୍ରଫେସର ଡା, ସରୋଜ କୁମାର ଶତପଥୀ, ଶିଶୁରୋଗ ସର୍ଜରୀ ବିଭାଗୀୟ ମୁଖ୍ୟ, ଏସସିବି ଶିଶୁରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଜୟନ୍ତ ବେହେରା, ନ୍ୟୁରୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ ମଲ୍ଲିକ, ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର କୈଳାଶଚନ୍ଦ୍ର ମହାପାତ୍ର, ସର୍ଜରୀ ଜିଏଲ ବିଭାଗୀୟ ମୁଖ୍ୟ ଡା. ଶରତ ଜୟସିଂହ, ନିଶ୍ଚେତକ ବିଭାଗୀୟ ମୁଖ୍ୟ ପ୍ରଫେସର ଦୈତାରି ରାଉତରାୟ, ଏସସିବି ଷ୍ଟୋର ମେଡିକାଲ ଅଫିସର, ହସ୍ପିଟାଲ ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ, ନ୍ୟୁରୋଲୋଜି ଫିଜିଓଥେରାପିଷ୍ଟ ଅମିତ ନନ୍ଦ, ସୂର୍ଯ୍ୟଭାନୁ ମହାରଥୀ ପ୍ରମୁଖ ରହିଛନ୍ତି। ଏହାସହ ଦିଲ୍ଲୀ ଏମ୍ସରେ ଜଗା-କାଳିଆଙ୍କ ଚିକିତ୍ସା କିପରି କରାଯାଇଥିଲା, ସେ ସମ୍ପର୍କରେ ବିସ୍ତୃତ ଡାକ୍ତରୀ ରିପୋର୍ଟ ପ୍ରଦାନ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍ସ କର୍ତ୍ତୃପକ୍ଷଙ୍କୁ ଚିଠି ଦିଆଯାଇଛି। ସୂଚନାଯୋଗ୍ୟ, କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଦିଲ୍ଲୀ ଏମ୍ସରେ ୨୦୧୭ରେ ସଫଳ ଅସ୍ତ୍ରୋପଚାର କରାଯାଇଥିଲା। ସେତେବେଳର ଏମ୍ସ ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଡା. ଅଶୋକ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଭୟଙ୍କୁ ସଫଳତାର ସହ ପୃଥକ୍ କରାଯାଇଥିଲା। ତେବେ ଦିଲ୍ଲୀ ଏମ୍ସରୁ ଆସିବା ପରେ ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ଅଣାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେବା ପରେ ଏସସିବିରେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇଥିଲା।

# ଦିଲ୍ଲୀ ପ୍ରଦୂଷଣକୁ ନେଇ ଫିଲ୍ମ ହେବ

ଭୁବନେଶ୍ୱର,୬।୯(ବ୍ୟୁରୋ)

**ଜଳବାୟୁ ପରିବର୍ତ୍ତନ ଚିନ୍ତା**

■ ଏକାଠି ହେବେ ୧୧ ଦେଶର ଫିଲ୍ମ ନିର୍ମାତା

■ ଭାରତରୁ ପ୍ରତିନିଧିତ୍ୱ କରିବେ ନୀଳମାଧବ ପଣ୍ଡା

ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଚିନ୍ତା ଏବେ ସମଗ୍ର ବିଶ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ଏଭଳି ଏକ ଗମ୍ଭୀର ସମସ୍ୟାର ସମାଧାନ ଦିଗରେ ସ୍ୱର ଉତ୍ତୋଳନ କରିବାକୁ ଏକାଠି ହୋଇଛନ୍ତି ଅନ୍ତର୍ଜାତୀୟସ୍ତରୀୟ ଖ୍ୟାତନାମା ଚଳଚ୍ଚିତ୍ର ନିର୍ମାତା ସମୂହ। ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କ ନିକଟରେ ଜଳବାୟୁ ପରିବର୍ତ୍ତନର ଭୟାବହତାକୁ ପହଞ୍ଚାଇବାକୁ ପ୍ରସ୍ତୁତ ହୋଇଛନ୍ତି ବିଶ୍ୱର ୧୧ଜଣ ବିଶିଷ୍ଟ ଫିଲ୍ମମେକର। ତେବେ ବଡ଼କଥା ହେଲା ଏହି ୧୧ଜଣ ନିର୍ମାତାଙ୍କ ମଧ୍ୟରେ ରହିଛନ୍ତି ଓଡ଼ିଶାଜନ୍ମିତ ଅନ୍ତର୍ଜାତୀୟସ୍ତରୀୟ ଲୋକପ୍ରିୟ ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ନୀଳମାଧବ ପଣ୍ଡା। ଭାରତରୁ ଏକମାତ୍ର ଫିଲ୍ମମେକର୍‌ଭାବେ ଶ୍ରୀ ପଣ୍ଡା ଏଥିରେ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି।ପାଣିପାଗର ପରିବର୍ତ୍ତନ ହେତୁ ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ଆଧାରକରି ଏହି ଚଳଚ୍ଚିତ୍ର ନିର୍ମାତାମାନେ ୫ ରୁ ୯ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଯେଉଁଥିରେ ଡକ୍ୟୁ-ଫିକ୍ସନ, ଡକ୍ୟୁ-ଡ୍ରାମା, କମେଡି, ସାଇନ୍ସ ଫିକ୍ସନ ଓ ଭିଡ଼ିଓ ଆର୍ଟ ଭଳି କନ୍‌ସେପ୍ଟ ରହିଛି। ପୃଥିବୀକୁ ପ୍ରଦୂଷଣମୁକ୍ତ କରିବା ତଥା ଆମ ପ୍ରାକୃତିକ ସମ୍ପଦର ସୁରକ୍ଷା କରିବା ପାଇଁ ବିଶ୍ୱବାସୀଙ୍କୁ ସଚେତନତ କରିବା ଏହି ଫିଲ୍ମଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଫ୍ରାନ୍ସ, ଆଇସଲାଣ୍ଡ୍, ପର୍ତ୍ତୁଗାଲ, ସ୍ୱିଜରଲାଣ୍ଡ୍, ଆଫଗାନିସ୍ତାନ, ଛାଦ୍, ଚୀନ୍, ଭାରତ, ବ୍ରାଜିଲ, ଇଟାଲୀ ଏବଂ ନ୍ୟୁଜିଲାଣ୍ଡ୍ ଭଳି ଦେଶର ଫିଲ୍ମ ନିର୍ମାତାମାନେ ନିଜ ନିଜର ଆଞ୍ଚଳିକ ଭାଷାରେ ଏହି ଫିଲ୍ମ ପ୍ରସ୍ତୁତ କରିବେ। ୧୧ଟି ଦେଶ ସହ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଏହି ଫିଲ୍ମର ସୁଟିଂ କରାଯିବ। ଏହାପରେ ସମସ୍ତ ୧୧ଟି ଯାକ ଫିଲ୍ମକୁ ଏକାଠି କରି ୧ଘଣ୍ଟା ୩୦ ମିନିଟର ଏକ ଲମ୍ବା ଫିଚର ଫିଲ୍ମ ପ୍ରସ୍ତୁତ କରାଯିବ। ଯେଉଁଥିରେ ଇଂଲିଶ, ଫ୍ରେଞ୍ଚ୍ ଏବଂ ଇଟାଲିଆନ୍ ସବ୍‌ଟାଇଟଲ୍ ରହିବ। ତେବେ ନୀଳମାଧବ ପଣ୍ଡା ‘ଦିଲ୍ଲୀ ପ୍ରଦୂଷଣ’କୁ ଆଧାରକରି ‘ମେଘାସ୍ ଡିଭୋସ୍’ ନାମରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିବେ। ଦିଲ୍ଲୀରେ ବଢୁଥିବା ପରିବେଶ ପ୍ରଦୂଷଣକୁ ସେ ନିଜ ଫିଲ୍ମର ମୁଖ୍ୟ ଖଳନାୟକଭାବେ ଉପସ୍ଥାପନ କରିବେ। ପୂର୍ବରୁ ଜଳବାୟୁ ପରିବର୍ତ୍ତନ ଉପରେ ନୀଳମାଧବ ପଣ୍ଡା ଏକାଧିକ ଫିଲ୍ମ କରିଥିବାବେଳେ ତାଙ୍କର ‘କଡବୀ ହାୱା’ ଏବଂ ‘କୌନ୍ କିତ୍‌ନେ ପାନି ମେଁ’ ଫିଲ୍ମ ବିଶେଷ ଲୋକପ୍ରିୟତା ହାସଲ କରିଥିଲା। ଆସନ୍ତା ୨୦୧୯ ଅକ୍ଟୋବର ୨୨ରେ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ରୋମ୍‌ରେ ଏହି ଫିଲ୍ମର ୱାର୍ଲଡ ପ୍ରିମିୟର୍ ଅନୁଷ୍ଠିତ ହେବ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ପରର ମଙ୍ଗଳ କରିବା ସବୁଠୁ ବଡ ଧର୍ମ, ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଅଜଣା ମୃତଦେହ ଜବତ

**ମାହାଙ୍ଗା,୬।୯(ସ୍ୱ.ପ୍ର.):** ମାହାଙ୍ଗା ଥାନା ପୋଲିସ ଶୁକ୍ରବାର ଏକ ଅଜଣା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ନଂ-୧୩/୧୯ରୁଜୁ ହୋଇଛି। ଗୁରୁବାର ରାତିରେ ଅଞ୍ଚଳର ପଙ୍ଖାମୁଣ୍ଡାଇ କେନାଲ କୁସୁପୁର ପୋଲ ନିକଟରେ ଏହି ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ମୃତଦେହର ଆନୁମାନିକ ବୟସ (୪୦ରୁ ୪୫) ହେବ। ସେହିପରି ଶୁକ୍ରବାର ସନ୍ଧ୍ୟାରେ ମୁଗଲ ପାଟଣା ପୋଲ ନିକଟ ଗୋବରୀ ନଦୀରେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଖବର ଲେଖା ହେବା ବେଳକୁ ମୃତଦେହକୁ ପୋଲିସ ଜବତ କରି ନ ଥିଲା କିମ୍ବା ମୃତକଙ୍କ ପରିଚୟ ମିଳି ପାରି ନ ଥିଲା।

### ଜଳିଗଲା ଗୁହାଳ ସହ ଦୁଇ ବଖରା: ଗାଈ ଦଗ୍ଧ

**ମାହାଙ୍ଗା,୬।୯(ସ୍ୱ.ପ୍ର.):** ମାହାଙ୍ଗା ତହସିଲ ଅନ୍ତର୍ଗତ କୁସୁପୁର ଗ୍ରାମରେ ଗୁରୁବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ପଞ୍ଚୁ ପାତ୍ରଙ୍କ ୨ ବଖରା ଘରସହ ଏକ ଗୁହାଳ ଜଳିଯାଇଛି। ଫଳରେ ଘରେ ଥିବା ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିବେଳେ ଗୁହାଳେ ଥିବା ୧ ଗାଈ ଦଗ୍ଧ ହୋଇଛି। ଅନ୍ୟ ୩ଟି ଅର୍ଦ୍ଧଦଗ୍ଧ ଗୁରୁତର ହୋଇଛନ୍ତି। ମଶା ଧୂପ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଖବର ପାଇ କୁଆଁପାଳ ଦମକଳବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାର ଗରିବ ଶ୍ରେଣୀର ହୋଇଥିଲେ ମଧ ତାଙ୍କୁ କୌଣସି ସରକାରୀ ସହାୟତା ମିଳିପାରି ନାହିଁ। ଏପରି କି ତହସିଲ ପକ୍ଷରୁ ପଲିଥିନ ଖଣ୍ଡେ ମିଳିନାହିଁ। ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମର ଅମରେନ୍ଦ୍ର ସିଂହ, ପ୍ରଶନ୍ନ ବେହେରା ଓ ବୀରକିଶୋର ଦାସ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ଭୋଟର ପରିଚୟପତ୍ର ସଂଶୋଧନ ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

**କଟକ ଅଫିସ,୬।୯:** କଟକ ଜିଲାର ୩୭୩ ପଞ୍ଚାୟତ ଏବଂ ମ୍ୟୁନିସପାଲଟିରେ ଥିବା ଜନସେବା କେନ୍ଦ୍ରରେ ଶୁକ୍ରବାରଠାରୁ ଭୋଟ ପରିଚୟପତ୍ର ସଂଶୋଧନ ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ପୋର୍ଟାଲ ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ(ସଦର)ଶୁଭ୍ରାଂଶୁ ମିଶ୍ର, ସହକାରୀ ଜିଲାପାଳ କ୍ଷେତ୍ରମୋହନ ସାହୁ, ଜିଲା ଜନସେବାକେନ୍ଦ୍ର ପରିଚାଳକ ଜ୍ୟୋତି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ପୋର୍ଟାଲକୁ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଜନସେବା କେନ୍ଦ୍ରର ପରିଚାଳକମାନେ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଭୋଟ ପରିଚୟପତ୍ର ଜନସେବା କେନ୍ଦ୍ରରେ ହୋଇପାରିବ ଓ ଏହାର ସୁବିଧା ନେବା ପାଇଁ ଜିଲାପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

### ବିଦ୍ୟାଳୟରେ ଚାରାରୋପଣ



**ବାଙ୍କୀ,୬।୯(ବି.ପ୍ର.):** ସ୍ଥାନୀୟ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କୁସୁନ୍ଦା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସରେ ଚାରାରୋପଣ କରାଯାଇଛି। ଅତିଥି, ବିଦ୍ୟାର୍ଥୀ ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ପ୍ରଧାନଶିକ୍ଷକ ସଞ୍ଜୟ ତ୍ରିପାଠୀଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଚାରାରୋପଣ ସମ୍ପର୍କିତ ଆଲୋଚନା କରାଯାଇଥିଲା। ସହକାରୀ ଶିକ୍ଷକ ବିଦ୍ୟାଧର ଖଟୁଆ ବୃକ୍ଷକୁ ଗୁରୁ ସହିତ ତୁଳନା କରି ବୃକ୍ଷର ସୁରକ୍ଷା ଓ ପୂଜନ ବାଞ୍ଛନୀୟ ବୋଲି କହିଥିଲେ। ସହକାରୀ ଶିକ୍ଷକ ରବୀନ୍ଦ୍ର ପାଲ୍, ବିପିନି ବିହାରୀ ପରିଡା, ସୁନୀତା ରାଉତ, ଦ୍ରୌପଦୀ ସାହୁ, ସୁଷମା ରଣା ଓ ଖୁଲଣା ରାଉତ ପ୍ରମୁଖ ସହଯୋଗ କରିଥିଲେ।

■ ମରାମତି ହେଉନି ବାଙ୍କୀ-ଭୁବନେଶ୍ୱର ମୁଖ୍ୟ ରାସ୍ତା

# ପାର୍ବଣ ଆସିଲେ ତାଳିପଡୁଛି

■ଯାତାୟାତ ବାଧାପ୍ରାପ୍ତ

■ ରାସ୍ତାରେ ବିଭିନ୍ନ ସ୍ଥାନରେ ଶହ ଶହ ଗର୍ତ୍ତ

■ ଟେଣ୍ଡର ହୋଇଥିଲେ ବି କାମ ହେଉନି

**ବାଙ୍କୀ,୬।୯(ସ୍ୱ.ପ୍ର.)**

ସରକାର ସମସ୍ତ ଜିଲା ସବ୍‌ଡିଭିଜନରେ ୪ଥାକିଆ ରାସ୍ତା ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ କଟକ ଜିଲାର ବାଙ୍କୀ ସବ୍ ଡିଭିଜନ ମାନ୍ୟତା ପାଇଥିଲେ ମଧ ଏଠାରେ ଏପର୍ଯ୍ୟନ୍ତ ୪ଥାକିଆ ରାସ୍ତା ନିର୍ମାଣ ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ। ଏଠାରୁ ଦୈନିକ କଟକ ଓ ଭୁବନେଶ୍ୱରକୁ ପର୍ଯ୍ୟାପ୍ତ ପରିମାଣର ପରିବା ଯାଉଛି। ଫଳରେ ଶହଶହ ଗାଡ଼ିମୋଟର ଅଞ୍ଚଳକୁ ଯାତାୟାତ କରୁଛି। ଏସବୁ ଗାଡ଼ିଗୁଡ଼ିକ ବାଙ୍କୀ-ଭୁବନେଶ୍ୱର ମୁଖ୍ୟରାସ୍ତାରେ ଯାତାୟାତ କରୁଥିବାବେଳେ ତାହା ଏବେ ମରଣଯନ୍ତା ପାଲଟିଛି। ହେଲେ ଏହାର ମରାମତି ପ୍ରତି କାହାର ଦୃଷ୍ଟି ପଡୁନାହିଁ। କେବଳ ପାର୍ବଣ ଆସିଲେ ପୂର୍ତ୍ତ ବିଭାଗ ତାଳି ପକାଇ କାମ ଚଳାଇ ଦେଇଥାଏ। ପରବର୍ତ୍ତୀ ସମୟରେ ଏହାର ମରାମତି ହୁଏନାହିଁ।

ସୂଚନା ଅନୁସାରେ, ବାଙ୍କୀ-କଟକ ରାସ୍ତାର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସୁଉଚ୍ଚ ଏବଂ ଉନ୍ନତମାନର କରାଯାଇଥିଲା। କିନ୍ତୁ ବିଭାଗୀୟ ଉଦାସୀନତା ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ଅଭାବ ଯୋଗୁ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଉକ୍ତ ରାସ୍ତାଦେଇ ୫ଟି ପଞ୍ଚାୟତ ସମେତ ଖୋର୍ଦ୍ଧା, ବେଗୁନିଆ ଏବଂ ନୟାଗଡ଼କୁ ଯାତାୟାତ ସୁବିଧା ରହିଛି। ହେଲେ ରାସ୍ତାର ରାସ୍ତାର ଦୟନୀୟ ସ୍ଥିତି ନେଇ ଅଞ୍ଚଳବାସୀ ସ୍ୱର ଉଠାଇଛନ୍ତି। ସେହିପରି ବାଙ୍କୀ-ଭୁବନେଶ୍ୱରର ରାସ୍ତାର ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ତୁଳସୀପୁର ପୂର୍ତ୍ତ ବିଭାଗ ସୀମାରେଖା ପର୍ଯ୍ୟନ୍ତ ରାସ୍ତା ତମାମ୍ ଶହଶହ ଗର୍ତ୍ତ ସୃଷ୍ଟି ହୋଇଛି। ଏପରି କି ବିଭିନ୍ନ ସମୟରେ ରାସ୍ତା ଉପରେ ବର୍ଷା ପାଣି ଜମା ହୋଇ ରହୁଥିବା ହେତୁ ପଥଚାରୀ ଖାଲଖମା ଜାଣି ନ ପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ଉକ୍ତ ରାସ୍ତାଦେଇ ଲୋକେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବାଙ୍କୀ ଡମପଡ଼ା ବ୍ଲକ, ବାଙ୍କୀ ମହାବିଦ୍ୟାଳୟ, ରାଣୀଶୁକଦେଈ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନକୁ ଯାତାୟାତ କରିଥାନ୍ତି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଥିଲେ, ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଛି। ଠିକାଦାର ଏଗ୍ରିମେଣ୍ଟ କଲାପରେ କାର୍ଯ୍ୟ ଆରମ୍ଭ କରାଯିବ। ଠିକାଦାର ଏଗ୍ରିମେଣ୍ଟ କରୁ ନ ଥିବାରୁ ରାସ୍ତା କାର୍ଯ୍ୟ ଆଗେଇ ପାରୁନାହିଁ। ଆବଶ୍ୟକ ସ୍ଥଳେ ପାର୍ବଣ ସମୟରେ ତାଳି ପକାଯାଇ କାମ ଚଳାଯାଉଛି।



ବାଙ୍କୀ-ଭୁବନେଶ୍ୱର ମୁଖ୍ୟ ରାସ୍ତା ଖାଲଖମାରେ ପୂର୍ଣ୍ଣ।

## ଭାସିଗଲା ୧୦ ଲକ୍ଷ ଟଙ୍କାର ଜାଲ

### କ୍ଷତିପୂରଣ ପାଇଁ ବିଡିଓଙ୍କୁ ଭେଟିଲେ ୧୫ ମତ୍ସ୍ୟଜୀବୀ

**ନରସିଂହପୁର,୬।୯(ଡି.ଏନ.ଏ.):**

ମହାନଦୀରେ ମାଛ ଧରିବା ଲାଗି ନରସିଂହପୁର ବ୍ଲକ ବାଲିଖାରୀ ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ୧୫ ମତ୍ସ୍ୟଜୀବୀ ଜାଲ ବାନ୍ଧିଥିଲେ। ହେଲେ ହଠାତ୍ ନଦୀ ସ୍ରୋତ ଅଧିକ ହେବାରୁ ସମସ୍ତ ମତ୍ସ୍ୟଜୀବୀଙ୍କ ଜାଲ ଭାସି ଯାଇଥିଲା। ସେମାନେ ଚେଷ୍ଟା କରି ମଧ ଜାଲକୁ ଅଟକାଇ ପାରି ନ ଥିଲେ। ମାଛ ଧରି ପରିବାର ଚଳାଉଥିବାରୁ ଏବେ ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ସେମାନେ ନରସିଂହପୁର ବିଡିଓଙ୍କୁ ଭେଟି କ୍ଷତିପୂରଣ ଦବାକୁ ନିବଦେନ କରିଛନ୍ତି। କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀଙ୍କ ମଧରେ ମନୁ ଦଳେଇ, ଜାଗର ବେହେରା, ବିଚିତ୍ର ମାଝୀ, ତ୍ରିନାଥ ଦଳେଇ, ଗୋପୀ ଦଳେଇ ମନୋଜ ଦଳେଇ, ରବୀନ୍ଦ୍ର ଦଳେଇ ପ୍ରମୁଖ ରହିଛନ୍ତି। ଘଟଣା ସମ୍ପର୍କରେ ବିଡିଓ ପ୍ରଶାନ୍ତ ତରାଇଙ୍କୁ ପଚାରିବାରେ ସେ କହିଥିଲେ, ବ୍ଲକ ମତ୍ସ୍ୟ ବିଭାବ ପକ୍ଷରୁ ଏହାର ଦଦନ୍ତ କରାଯିବ। ଏହାପରେ ସରକାରୀ ନିୟମ ଅନୁସାରେ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ଦିଆଯିବ।

## କେନ୍ଦ୍ରମନ୍ତ୍ରୀଙ୍କ ସାଲେପୁର ଗସ୍ତ

**ସାଲେପୁର,୬।୯(ଡି.ଏନ.ଏ.)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସାଲେପୁର ବ୍ଲକ ଅଞ୍ଚଳଗସ୍ତ କରିଛନ୍ତି। ସେ ମାହାଙ୍ଗାକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବାବେଳେ ଏହି ବ୍ଲକ ଗସ୍ତ କରିଥିଲେ। ଦଳୀୟ ନେତା ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମନ୍ତ୍ରୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପ୍ରଥମେ ମନ୍ତ୍ରୀ ପୀରବଜାରଠାରେ ଥିବା ତ୍ରିରଙ୍ଗା କ୍ଲବ ପରିଦର୍ଶନ କରିଥିଲେ। କ୍ଲବ ସଭାପତି ହେମନ୍ତ ବେହେରାଙ୍କ ସମେତ କର୍ମକର୍ତ୍ତା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ପଦ୍ମପୁରଠାରେ ନୂତନକରି ୟଙ୍ଗଷ୍ଟାର୍ କ୍ଲବ୍‌କୁ ଉଦ୍‌ଘାଟନ କରିବା ସହ କିଛି ସମୟ ସେଠାରେ ବିତାଇଥିଲେ। କ୍ଲବ ସଭାପତି ନିରଞ୍ଜନ ସାହୁ ଓ ଅନ୍ୟମାନେ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପାଗାବଜାରଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ମାଲ୍ୟାର୍ପଣ କରିଥିଲେ। ପରେ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ସାଲେପୁର ଅଣାଯାଇଥିବାବେଳେ ହଠାତ୍ ମନ୍ତ୍ରୀ ବ୍ଲକ ଅଧକ୍ଷା ମମତା ରାଉତଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କିଛି ସମୟ ରହିବା ପରେ ସାଲେପୁର ବଜାରଯାଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଶୋଭାଯାତ୍ରାରେ ରାଇସୁଙ୍ଗୁଡ଼ା ବଜାର ପରିକ୍ରମା କରିବା ସହ ଧର୍ମାଗତପୁର ଦେଇ ମାହାଙ୍ଗା ଯାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବେହେରା, ପୂର୍ବତନ ମନ୍ତ୍ରୀ ସମୀର ଦେ, ଭାଜପା କଟକ ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ଦିଲୀପ ମଲିକ, ସରପଞ୍ଚ ପ୍ରିୟରଞ୍ଜନ ମହାପାତ୍ର, ନିକୁଞ୍ଜ ବିହାରୀ ମଲ୍ଲ, ବସନ୍ତ ଭୂୟାଁ ଓ ରବୀନ୍ଦ୍ର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ନରସିଂହପୁରରେ ଲାଗୁ ହେବ ନୂଆ ଟ୍ରାଫିକ ନିୟମ

**ନରସିଂହପୁର,୬।୯(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ନୂଆ ମୋଟର ଯାନ ଆଇନକୁ ନେଇ ଏବେ ଦେଶବ୍ୟାପୀ ଚର୍ଚ୍ଚା ଲାଗି ରହିଛି। ଏହି ଆଇନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇ ନ ଥିବାରୁ ଅନେକଙ୍କ ମଧରେ ଅସନ୍ତୋଷ ସୃଷ୍ଟି ହୋଇଛି। କଟକ ଜିଲା ନରସିଂହପୁର ବ୍ଲକ ଅଞ୍ଚଳରେ ବହୁ ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ବର୍ତ୍ତମାନ ସୁଦ୍ଧା ନିୟମ ପାଳନ କରୁନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଶନିବାରଠାରୁ ଅଞ୍ଚଳରେ ନୂଆ ଟ୍ରାଫିକ୍ ନିୟମ ଲାଗୁ କରାଯିବ ବୋଲି ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି। ଅଞ୍ଚଳରେ ବହୁ ନାବାଳକ, ସ୍କୁଲ, କଲେଜ ଛାତ୍ରୀଛାତ୍ର ଗାଡ଼ି ଚଳାଉଥିବା ଦେଖାଯାଇଛି। ନରସିଂହପୁର ଅଞ୍ଚଳକୁ ଅନୁଗୋଳ, ନୟାଗଡ଼, କଟକ ଓ ଭୁବନେଶ୍ୱରରୁ ସିଧାସଳଖ ଯୋଗାଯୋଗ ରହିଛି। ଫଳରେ ପ୍ରତ୍ୟହ ଶହଶହ ଗାଡି ମଟର ସହିତ ବାଇକ, ସ୍କୁଟି ଚଳପ୍ରଚଳ ହେଉଛି। ବହୁ ଚାଳକଙ୍କ ଲାଇସେନସ ନଥିବାବେଳେ ଗାଡ଼ି ଇନସ୍ୟୁରାନ୍ସ ମଧ ନାହିଁ। ହେଲେମେଟର ବ୍ୟବହରା ବିଲ୍‌କୁଲ ହେଉନାହିଁ। ଯଦ୍ୱାରା ଦୈନିକ ଛୋଟ ବଡ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ବର୍ତ୍ତମାନ ଥାନା ଅଞ୍ଚଳରେ ଥିବା ବହୁ ଶିକ୍ଷକ, ତହସିଲ, ବ୍ଲକ କର୍ମଚାରୀ ହେଲମେଟ ନ ଲାଗଇ ଗାଲି ଚଳାଉଥିବା ଦେଖିବାକୁ ମିଳିଛି। ଏପରି କି ବହୁ କର୍ମଚାରୀ, କନିଷ୍ଠଯନ୍ତ୍ରୀ ମଧ ଟ୍ରାଫିକ ନିୟମ ପ୍ରତି ସଚେତନ ନାହାନ୍ତି। ଏ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ଶିଶିରକାନ୍ତ ମିଶ୍ର କୁହନ୍ତି, ନୂଆ ଟ୍ରାଫିକ ନିୟମ ଆରମ୍ଭ ପୂର୍ବରୁ ଗ୍ରାମାଞ୍ଚଳରେ ଏମଭିଆଇ ପକ୍ଷରୁ ସଚେତନତା କରାଯିବାର ଆବଶ୍ୟକତା ଥିଲା। ଯଦ୍ୱାରା ବୋହୁ ଲୋକ ଡ୍ରାଇଭିଂ ଲାଇସେନ୍ସ, ଇନ୍‌ସୁରାନସ୍ କରି ପାରିଥାନ୍ତେ। ତେଣୁ ଏଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ସେ ଦାବି କରଛନ୍ତି।

## ସାପ କାମୁଡ଼ାରେ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ

**ସାଲେପୁର,୬।୯(ଡି.ଏନ.ଏ.)**

ସାପ କାମୁଡ଼ାରେ ଜଣେ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସାଲେପୁର ବ୍ଲକ ଅଧୀନ ବାରିଗୋଳ ପଞ୍ଚାୟତ ସୁନାଖଣ୍ଡି ଗ୍ରାମର ଗୋବିନ୍ଦ ବେହେରାଙ୍କ ଝିଅ ଧରିତ୍ରୀ(୧୩)। ଗୁରୁବାର ରାତିରେ ମା'ଙ୍କ ନିକଟରେ ଶୋଇଥିବାବେଳେ ଏକ ବିଷଧର ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ଫଳରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେସଙ୍ଗେ ସାଲେପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେ କୁଳିଆସ୍ଥିତ ମୁକ୍ତେଶ୍ୱର ବିଦ୍ୟାପୀଠରେ ଅଷ୍ଟମ ଶ୍ରେଣୀରେ ଅଧୟନ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ସମେତ ବିଦ୍ୟାଳୟରେ ଶୋକରଛାୟା ଖେଳିଯାଇଛି। କଂଗ୍ରେସ ନେତା ରବୀନ୍ଦ୍ରନାଥ କର, ଶିବୁ ବେହେରା, ବୁଟୁକର, ଗୋପୀନାଥ ସାହୁ, ବିଜ୍ଞାନ ଭୂୟାଁ, ବିନୋଦ ପ୍ରଧାନ ଓ ନୀଳମଣି ବେହେରା ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## କଂଗ୍ରେସ ସରପଞ୍ଚଙ୍କ ବିଜେଡିରେ ଯୋଗଦାନ



ବିଜେଡିରେ ଯୋଗଦେଇଥିବା କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

**ବାଙ୍କୀ,୬।୯(ସ୍ୱ.ପ୍ର./ବି.ପ୍ର.)**

ବାଙ୍କୀ ନିର୍ବାଚନମଣ୍ଡଳୀ ଅଧୀନ ଶିମିଳିପୁର ପଞ୍ଚାୟତର କଂଗ୍ରେସ ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ଓ ତାଙ୍କ ସମର୍ଥକ ଶୁକ୍ରବାର ଦଳ ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି। ବାଙ୍କୀ ବିଜେଡି କାର୍ଯ୍ୟାଳୟଠାରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଉପସ୍ଥିତିରେ ସେମାନେ ସାମିଲ ହୋଇଛନ୍ତି। ବିଧାୟକ ତ୍ରିପାଠୀ ସରପଞ୍ଚ ସାହୁ ଓ ତାଙ୍କ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଜୋନ ଜିଲା ପରିଷଦ ସଭ୍ୟ ତ୍ରିଲୋଚନ ରାଉତ, ଜିଲା ପରିଷଦ ସଭ୍ୟ ପୁଷ୍ପଲତା ପ୍ରଧାନ, ଡମପଡ଼ା ବ୍ଲକ ଉପାଧକ୍ଷ ରେବତୀ ଜେନା, ବାଙ୍କୀ ବିଜେଡି ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ସମିତିସଭ୍ୟ ସୂର୍ଯ୍ୟନାରାୟଣ ପାତ୍ର, ସରପଞ୍ଚ ଅଦ୍ୱୈତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କ୍ରିକେଟ୍ ଖେଳାଳି ଚୟନ ଶିବିର




କ୍ରିକେଟ ଖେଳାଳି ଚୟନ ଶିବିରରେ ଯୋଗଦେଇଥିବା ଅତିଥି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ର।

**ବାଙ୍କୀ,୬।୯(ସ୍ୱ.ପ୍ର.)**

ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଡମପଡ଼ା-ବାଙ୍କୀ ମଣ୍ଡଳସ୍ତରୀୟ କ୍ରିକେଟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଙ୍କୀ-ଡମପଡ଼ା ବ୍ଲକ ଅଧୀନ ୧୪ ଉଚ୍ଚ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦୟାନିଧି ମହାପାତ୍ର ଶିବିରର ଆଭିମୁଖ୍ୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ କୃପାସିନ୍ଧୁ ପ୍ରଧାନ, ଆଶିଷ ବେଉରା, ବିପିନ ବିହାରୀ ରାଉତ, ଶିକ୍ଷୟିତ୍ରୀ ମିତୁ ପ୍ରଧାନ ପ୍ରମୁଖ ଖେଳାଳି ଚୟନ କରିଥିଲେ। ଉକ୍ତ ଖେଳାଳିଙ୍କୁ ନେଇ ଗଠିତ ଦଳ ଜିଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି। ଶେଷର ନିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସାଲେପୁର ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ଜୋରଦାର

**ସାଲେପୁର,୬।୯(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ନୂଆ ମୋଟର ଯାନ ଆଇନକୁ କଡ଼ାକଡ଼ି ପାଳନ ପାଇଁ ପୋଲିସ ଓ ଆର୍‌ଟିଓ ପକ୍ଷରୁ ଯାଞ୍ଚ କରାଯାଉଛି। ଏହିକ୍ରମରେ ସାଲେପୁର ଅଞ୍ଚଳରେ ଥାନା ଅଧିକାରୀ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ୪ଦିନ ହେବ ଜୋରଦାର ଯାଞ୍ଚ ଚାଲିଛି। ଶୁକ୍ରବାର ସାଲେପୁର ସହରର ବ୍ୟାରେଜ୍ ଛକ, ବୋଦାମୁଣ୍ଡାଇ, କେନ୍ଦୁପାଟଣା, ନାନ୍ଦୋଳଗଡ଼ା, ନାଳିଆ ମୁହଁଆଦି ଛକରେ ଗାଡ଼ି ଯାଞ୍ଚ କରାଯାଇଛି। ତେବେ ଏହି ଯାଞ୍ଚ ଯୋଗୁ ଆବଶ୍ୟକ କାଗଜ ପତ୍ର ନ ଥିବା ଲୋକେ ଗାଡ଼ି ଧରି ବାହାରୁ ନ ଥିବା ଦେଖିବାକୁ ମିଳିଛି।

### ପୂର୍ବ ଶତ୍ରୁତାରୁ ଦୋକାନୀଙ୍କୁ ହତ୍ୟା ଘଟଣା

## ମୁଖ୍ୟ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଖୁଣ୍ଟୁଣୀ, ୬।୯(ଡି.ଏନ୍.ଏ.)**

ପୂର୍ବଶତ୍ରୁତାରୁ ଚୌଦ୍ୱାର ଥାନା ମାହାଳପଡ଼ା ଗ୍ରାମର ଗୋଲକ ପ୍ରଧାନ(୪୯)ଙ୍କୁ ଗତ ମଙ୍ଗଳବାର ନିଧିପୁର ଛକରେ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାର ୪ଦିନ ପରେ ବି ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ଟେର୍ ପାଉ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ଚାପରେ ବିଳମ୍ବ କରୁଥିବାରୁ ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ଶୁକ୍ରବାର ମୃତ ଗୋଲକଙ୍କ ଭାଇ ବନମାଳୀ ଓ ପୁଅ ସନ୍ତୋଷ କହିଛନ୍ତି। ଏ ନେଇ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ ଅଭିଯୁକ୍ତଙ୍କୁ ଧରିବା ଦିଗରେ ଗୋଲକ ପରିବାର ସଦସ୍ୟଙ୍କ ସହାୟତା ଆବଶ୍ୟକ ବୋଲି କହିଛନ୍ତି। ଗତ ଏକ ମାସ ପୂର୍ବେ ଗୋଲକଙ୍କ ସାନପୁଅ ସୁନୀଲ ଓ ତା' ସାଙ୍ଗମାନଙ୍କ ସହ ଘଣ୍ଟିଖାଲର ଏକ ହୋଟେଲରେ କୌଣସି କାରଣକୁ ନେଇ ଅଭିଯୁକ୍ତଙ୍କ ବଚସା ହୋଇଥିଲା। ୧୫ଦିନ ପୂର୍ବେ ସୁନୀଲ ଦୋକାନରେ ଥିବା ବେଳେ ଘଣ୍ଟିଖାଲର ଏହି ଅଭିଯୁକ୍ତ ତାଙ୍କ ଦୋକାନରୁ ପାଣି ପାଉଚ୍ କିଣିଥିଲେ। ଅଧିକା ଦାମ୍ ନେଉଥିବା କହିବା ସହ ତାଙ୍କ ସହ ଯୁକ୍ତିତର୍କ କରି ପଳାଇଥିଲେ। ଅପରାହ୍ନ ୩ଟାରେ ଗୋଲକ ଝିଅଘର ନିଧିପୁରରୁ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତମାନେ ନିଧିପୁର ଛକରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାଧବପୁରସ୍ଥିତ ଜିମ୍‌ସାର ମେଡିକାଲକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଆଠଗଡ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଅଭିଯୋଗକ୍ରମେ ଖୁଣ୍ଟୁଣୀ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୧/୧୯)ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୯ଜଣଙ୍କୁ ପୋଲିସ ଧରିପାରୁ ନ ଥିବା ନେଇ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ସମ୍ପର୍କରେ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ ମଲ୍ଲ କୁହନ୍ତି, ଅଭିଯୁକ୍ତଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

■ ପୋଡ଼ାମରାଇ ଗଣେଶ ପୂଜା କମିଟିର ରୌପ୍ୟଜୟନ୍ତୀ ସମାରୋହ

# ସମ୍ବର୍ଦ୍ଧିତ ହେଲେ ବିଭିନ୍ନ ବର୍ଗର ୨୫ ପ୍ରତିଭା

**ଲଳିତଗିରି,୬।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ପୋଡ଼ାମରାଇ ଗଣେଶ ପୂଜା କମିଟିର ରୌପ୍ୟ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବର୍ଗର ୨୫ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ ରାଉତଙ୍କ ସଭାପତିତ୍ୱ ଓ ଭାଜପା ନେତା ତଥା ପୂଜା କମିଟି ଅଧକ୍ଷ ସାରଦା ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ପ୍ରାକ୍ତନ ବିଧାୟକ ପ୍ରକାଶ ବେହେରା, ପୂର୍ବତନ ମନ୍ତ୍ରୀ ସମୀର ଦେ, କଟକ ଜିଲା ଭାଜପା ସଭାପତି ଚୌଧୁରୀ ହେମନ୍ତ ସାହୁ, କଟକ ସଦର ଭାଜପା ନେତା ଦିଲୀପ ମଲ୍ଲିକ, ବଡ଼ଚଣା ନେତା ଅମର ନାୟକ, ବିଶ୍ୱ ମଲ୍ଲିକ, ଜିଲା ଭାଜପା ମହିଳା ସଭାନେତ୍ରୀ ଯାଜ୍ଞସେନୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସ୍ୱନାମ ଅର୍ଜନ କରିଥିବା ପଣ୍ଡିତ ପ୍ରଭୋଧ ମିଶ୍ର, ପୂର୍ବତନ ପ୍ରଶାସକ ଅଶୋକ ପଣ୍ଡା, ଡା. କେଶବ ଚନ୍ଦ୍ର ମହାନ୍ତି, ବଂଶୀଧର ସାମଲ, ମାଧବ ଚନ୍ଦ୍ର ପଣ୍ଡା, ଭିକାରୀ ଚରଣ ସାହୁ, ପ୍ରସ୍ତର ଶିଳ୍ପୀ କଳ୍ପତରୁ ମହାରଣା, ଖବରଦାତା ସୁମନ୍ତ ଜେନା, ଶିଶୁ ସାହିତ୍ୟିକ ଭକ୍ତ ଚରଣ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ଦିବାକର ପାଣ୍ଡେ, ସଂକୀର୍ତ୍ତନ କଳାକାର ବନ୍ଧୁ ରାଉତ ଓ ଧୀରେନ୍ଦ୍ର ସେନ, ସମବାୟବିତ କାମିନୀକାନ୍ତ ମହାନ୍ତିଙ୍କ ସମେତ ୨୫ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କମିଟି ପକ୍ଷରୁ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ କୁଳମଣି ବରାଳ ଓ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ ମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଏବଂ ଅଶୋକ ସିଂହଙ୍କ ଦ୍ୱାରା ପ୍ରସ୍ତର ନିର୍ମିତ ଗଣେଶ ମୂର୍ତ୍ତି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସରପଞ୍ଚ କିଶୋର ରାଉତ, ଅଞ୍ଜନ ମିଶ୍ର, ଯୁବନେତା ଶ୍ରୀକାନ୍ତ ରାଉତ, ସମିତିସଭ୍ୟ ରମାକାନ୍ତ ବରାଳ, ଭାଗିରଥି ପ୍ରଧାନ, ରଞ୍ଜିତ ସାହୁ, ନିର୍ମଳ ରାଉତ ଓ ବିପିନ ବିହାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଞ୍ଚରେ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।



ପରର ମଙ୍ଗଳ କରିବା ସବୁଠୁ ବଡ ଧର୍ମ, ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### କନ୍ଦରପୁର ସଫେଇ ନାଳରେ ଆବର୍ଜନା

**କଟକ ସଦର,୬।୯(ଡି.ଏନ୍.ଏ.):** ତାଳଦଣ୍ଡା କେନାଲର କନ୍ଦରପୁରଠାରେ ଥିବା ସାଇଫନ ସଫେଇ ନାଳ ଆବର୍ଜନାରେ ଭରି ରହିଛି। ଫଳରେ ନିମେଇଶାପୁର ଗହୀରରୁ ବର୍ଷାଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫନୀ ପରେ ଉକ୍ତ ନାଳର ଅବସ୍ଥା ଶୋଚନୀୟ ହୋଇପଡିଛି। ବଡ ବଡ ଗଛ ଓ ବାଉଁଶ ନାଳକୁ ଆଚ୍ଛାଦିତ କରିବା ଦ୍ୱାରା କଳିକତି ଦଳ ଜମାଟ ବାନ୍ଧିଛି। ସେଥିପାଇଁ ବର୍ଷାପାଣି ସୁରୁଖୁରୁରେ ହଂସୁଆ ନଦୀକୁ ନିଷ୍କାସିତ ହୋଇପାରୁନାହିଁ। ବିଶେଷକରି ଆୟଉପୁର ଓ ନିମେଇଶାପୁର ଅଞ୍ଚଳର ବହୁ ଚାଷଜମି ବର୍ଷର ଅଧିକାଂଶ ସମୟ ବର୍ଷାପାଣିରେ ବୁଡ଼ି ରହୁଛି। କଟକ ଡ୍ରେନେଜ ଡିଭିଜନ ଏଥିପ୍ରତି ଦୃଷ୍ଟି ଦେଇ ସଫେଇ ନାଳକୁ ଦଳ ଓ ଆବର୍ଜନାମୁକ୍ତ କରିବା ପାଇଁ ଦାବି ହେଉଛି।

### ଚାରାରୋପଣ କାର୍ଯ୍ୟକ୍ରମ, ବୈଠକ

**କଟକ ଅଫିସ, ୬।୯:** ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ ପକ୍ଷରୁ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ ସଭାପତି ରଞ୍ଜନ କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମ ଯୋଗଦେଇ ମାସିକ ଆୟବ୍ୟୟ ବିବରଣୀ ପାଠ କରିଥିଲେ। ବୈଠକରେ କୃଷ୍ଣଚନ୍ଦ୍ର ମହାନ୍ତି, ଦେବେନ୍ଦ୍ର ସାହୁ, ଜର୍ମାନ ରାୟ, ବିଷ୍ଣୁ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଉପାଧ୍ୟକ୍ଷ ଡ. ଗଦାଧର ରାଉତଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଟକ ଅଫିସ, ୬।୯:** ଖ୍ରୀଷ୍ଟ କଲେଜ ଉପାଧ୍ୟକ୍ଷ ଡ. ଗଦାଧର ରାଉତଙ୍କୁ ଶୁକ୍ରବାର କଲେଜ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ଜେହେରା ଜବିନ ମାନପତ୍ର ପାଠ କରିଥିଲେ। ଡ. ମୋହିନ ମହମ୍ମଦ, ପ୍ରଜ୍ଞା ସାମନ୍ତରାୟ, ବିଜୟିନୀ ମହାପାତ୍ର, ଆଲୋକ ମିଶ୍ର, ଦୈତାରି ଶୁକ୍ଳ ଓ ଡ. ସଞ୍ଜିତ ବିଶ୍ୱାସ ପ୍ରମୁଖ ଯୋଗଦେଇ ଡ. ଗଦାଧରଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଅଧାପକ ଶୋଭନ ପଣ୍ଡା ଧନ୍ୟବାଦ ଦେଇଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଚୌଦ୍ୱାର, ୬।୯(ଡି.ଏନ୍.ଏ.):** ଚୌଦ୍ୱାର ଗାନ୍ଧୀଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦିଗମ୍ବର ବିଶ୍ୱାଳ ଶୁକ୍ରବାର ଅବସର ଗ୍ରହଣ କରିଛନ୍ତି। ଏ ନେଇ ବିଦ୍ୟାଳୟ ପରିସରରେ ପରିଚାଳନା ସମିତି ସଭାପତି ପରମାନନ୍ଦ ସାହୁଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଇଙ୍ଫାର ଜନସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ଯୋଗଦେଇଥିଲେ। ଚୌଦ୍ୱାର ପ୍ରେସ କ୍ଲବ ସଭାପତି ରମେଶ ଚନ୍ଦ୍ର ସାମଲ ଅତିଥିଭାବେ ଯୋଗଦେଇଥିଲେ। ପରିଚାଳନା ସମିତି ସମ୍ପାଦକ ରବୀନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ଚରଣ ତରାଇ, ଅମର ଚୌଧୁରୀ ଓ ଶିବ ଶଙ୍କର ସାହୁ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ। ଉପଦେଷ୍ଟା ମଣ୍ଡଳୀର ଅକ୍ଷୟ ସାହୁ, ଜିତେନ୍ଦ୍ର ସାହୁ ଓ କବିତା ଜେନା ସଭା ପରିଚାଳନା କରିଥିଲେ। ଆଚାର୍ଯ୍ୟ ବାଣୀ ଭୂଷଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଓଏଚ୍‌ଆରସି ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କଟକ ଅଫିସ,୬।୯:** ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆରସି) ଅଧ୍ୟକ୍ଷ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବି.ପି. ଦାସ। ଏହି ପରିପ୍ରେକ୍ଷୀରେ କଟକ ବସ୍ତିବାସିନ୍ଦା ମିଳିତ ମଞ୍ଚ, ମହାନଗର ନାଗରିକ ମଞ୍ଚ, ସଂପୂର୍ଣ୍ଣକ୍ରାନ୍ତି ଅଭିଯାନ, ଅଖିଳ ଭାରତ ଖାଉଟୀ ପରିଷଦ, ଆଦର୍ଶନଗର ଆବାସିକ ସଂଘ, କୃଷକ ଶକ୍ତି ଜଳ ସୁରକ୍ଷା ଜନମଞ୍ଚ ଆଦି ସଙ୍ଗଠନର କର୍ମକର୍ତ୍ତାମାନେ ବି.ପି ଦାସଙ୍କୁ କଟକସ୍ଥିତ ତାଙ୍କ ବାସଭବନରେ ସାକ୍ଷାତକରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ସଂପୂର୍ଣ୍ଣକ୍ରାନ୍ତି ମଞ୍ଚର ସଭାପତି ଶିଶିର ଦାସ, ଖାଉଟୀ ସଂସ୍ଥାର ଅଖିଳ ଭାରତ ଉପସଭାପତି ପ୍ରଶାନ୍ତ ପଣ୍ଡା, ଅଧାପକ ଅକ୍ଷୟ ଦାସ, ପ୍ରଫୁଲ୍ଲ ମିଶ୍ର, ଏନାମୂଲ ହକ୍ ଓ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

■ ପୂର୍ବ ଶତ୍ରୁତାରୁ ଦୋକାନୀଙ୍କୁ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣା ଦେବାକୁ ଚେତାବନୀ**

**ଖୁଣ୍ଟୁଣୀ, ୬।୯(ଡି.ଏନ୍.ଏ.)**

ପୂର୍ବ ଶତ୍ରୁତାରୁ ଚୌଦ୍ୱାର ଥାନା ଅନ୍ତର୍ଗତ ମାହାଳପଡ଼ା ଗ୍ରାମର ଗୋଲକ ପ୍ରଧାନ(୪୯)ଙ୍କୁ ଗତ ମଙ୍ଗଳବାର ନିଧିପୁର ଛକରେ ସଂଘବଦ୍ଧଭାବେ ପିଟିପିଟି ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ୪ଦିନ ପରେ ବି ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ଟେର୍ ପାଉ ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ଚାପରେ ବିଳମ୍ବ କରୁଥିବାରୁ ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ଶୁକ୍ରବାର ମୃତ ଗୋଲକଙ୍କ ଭାଇ ବନମାଳୀ ପ୍ରଧାନ ଓ ପୁଅ ସନ୍ତୋଷ ପ୍ରଧାନ କହିଛନ୍ତି। ଏ ନେଇ ଖୁଣ୍ଟୁଣୀ ଥାନା ଅଧିକାରୀ ସୁଚିତ୍ର ବୀର୍ଯ୍ୟ ଦାସ କହିଛନ୍ତି, ଅଭିଯୁକ୍ତମାନଙ୍କୁ ଧରିବା ଦିଗରେ ଗୋଲକ ପରିବାର ସଦସ୍ୟଙ୍କ ସହାୟତା ଲୋଡାଯାଇଛି।

ସୂଚନାଥାଉ କି, ଗତ ଏକ ମାସ ପୂର୍ବେ ଗୋଲକଙ୍କ ସାନପୁଅ ସୁନୀଲ ଓ ତା' ସାଙ୍ଗମାନଙ୍କ ସହ ଘଣ୍ଟିଖାଲର ଏକ ହୋଟେଲରେ କୌଣସି କାରଣକୁ ନେଇ ଅଭିଯୁକ୍ତମାନଙ୍କ ବଚସା ହୋଇଥିଲା। ପୁଣି ୧୫ଦିନ ପୂର୍ବେ ସୁନୀଲ ଦୋକାନରେ ଥିବା ବେଳେ ଘଣ୍ଟିଖାଲର ଏହି ଅଭିଯୁକ୍ତମାନେ ତାଙ୍କ ଦୋକାନରୁ ପାଣି ପାଉଚ୍ କିଣିଥିଲେ। ଅଧିକା ଦାମ୍ ନେଉଥିବା କହିବା ସହ ତାଙ୍କ ସହ ଯୁକ୍ତିତର୍କ କରି ପଳାଇଥିଲେ। ଅପରାହ୍ନ ୩ଟାରେ ଗୋଲକ ଝିଅଘର ନିଧିପୁରରୁ ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଉକ୍ତ ଅଭିଯୁକ୍ତମାନେ ନିଧିପୁର ଛକରେ ତାଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମାଧବପୁରସ୍ଥିତ ଜିମ୍‌ସାର ମେଡିକାଲକୁ ନେଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଆଠଗଡ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ସରସ୍ୱତୀଙ୍କ ଅଭିଯୋଗକ୍ରମେ ଖୁଣ୍ଟୁଣୀ ପୋଲିସ ଏକ ହତ୍ୟା ମାମଲା (ନଂ.୧୦୧/୧୯)ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୪ ଦିନ ପରେ ବି ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୯ଜଣଙ୍କୁ ପୋଲିସ ଧରିପାରୁ ନ ଥିବା ନେଇ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏ ସମ୍ପର୍କରେ ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ କୁହନ୍ତି, ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏହି ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ବୋଲି କହିଥିଲେ।




ସମ୍ମାନିତାର ସମ୍ପାଦିକା ବର୍ଷା ପ୍ରିୟଦର୍ଶିନୀ ମୁଖ୍ୟମନ୍ତ୍ରୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

## ଫନୀ ବିପନ୍ନଙ୍କ ପାଇଁ ସମ୍ମାନିତା ପକ୍ଷରୁ ସହାୟତା

**କଟକ ଅଫିସ,୬।୯**

ଫନୀ ବିପନ୍ନଙ୍କ ପାଇଁ କଟକର ସାମାଜିକ ଅନୁଷ୍ଠାନ 'ସମ୍ମାନିତା' ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୭୬ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦିକା ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଏହି ଅର୍ଥରାଶିର ଚେକ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଅନୁଷ୍ଠାନର ପରାମର୍ଶଦାତା ତଥା ସିଏମ୍‌ସି ସ୍ୱାସ୍ଥ୍ୟ କମିଟିର ପୂର୍ବତନ ଅଧ୍ୟକ୍ଷ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ।




ବାରଙ୍ଗ ବ୍ଲକରେ ପ୍ରଶାସନିକ ଅସ୍ଥିରତା ଓ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ପ୍ରତିବାଦରେ ଶୁକ୍ରବାର ବାଙ୍କୀ ବାରଙ୍ଗ ଯୁବକ ସଂଘ ପକ୍ଷରୁ କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**କଟକ ଅଫିସ, ୬।୯:**

ଗତିରାଉତପାଟଣା ସରସ୍ୱତୀ ବିଦ୍ୟାମନ୍ଦିରରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡ. କିଶୋର ଚନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ବିଭୂତି ଭୂଷଣ ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲର ବିଜ୍ଞାନ ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ମିଶ୍ର, ମଧୁସୂଦନ ବାରିକ ଉପସ୍ଥିତ ଥିଲେ। ଏହି ମେଳାରେ ସ୍କୁଲର ୧୯୨ଜଣ ଛାତ୍ରୀଛାତ୍ର ଭାଗନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଭୋଟ ପରିଚୟପତ୍ର ସଂଶୋଧନ ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ

### ଜିଲାର ସମସ୍ତ ଜନସେବା କେନ୍ଦ୍ରରେ ସେବା ଉପଲବ୍ଧ

**କଟକ ଅଫିସ,୬।୯**

କଟକ ଜିଲାର ୩୭୩ ପଞ୍ଚାୟତ ଏବଂ ମ୍ୟୁନିସିପାଲିଟିରେ ଥିବା ଜନସେବା କେନ୍ଦ୍ରରେ ଶୁକ୍ରବାରଠାରୁ ଭୋଟ ପରିଚୟପତ୍ର ସଂଶୋଧନ ଓ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଶୁକ୍ରବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ପୋର୍ଟାଲ ଉଦ୍‌ଘାଟିତ ହୋଇଯାଇଛି। ଉପଜିଲାପାଳ(ସଦର)ଶୁଭ୍ରାଂଶୁ ମିଶ୍ର, ସହକାରୀ ଜିଲାପାଳ କ୍ଷେତ୍ରମୋହନ ସାହୁ, ଜିଲା ଜନସେବାକେନ୍ଦ୍ର ପରିଚାଳକ ଜ୍ୟୋତି ଗଡ଼ନାୟକ ପ୍ରମୁଖ ଉପସ୍ଥିତ ରହି ଏହି ପୋର୍ଟାଲକୁ ଉନ୍ମୋଚିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଜନସେବା କେନ୍ଦ୍ରର ପରିଚାଳକମାନେ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ୧୫ ପର୍ଯ୍ୟନ୍ତ ଭୋଟ ପରିଚୟପତ୍ର ଜନସେବା କେନ୍ଦ୍ରରେ ହୋଇପାରିବ ଓ ଏହାର ସୁବିଧା ନେବା ପାଇଁ ଜିଲାପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**କଟକ ଅଫିସ, ୬।୯**

ସମାଜବାଦୀ ପାର୍ଟି କଟକ ଜିଲା ସଭାପତି ଦୀପ୍ତି ରଞ୍ଜନ ପଣ୍ଡା ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଶସ୍ତାରେ ବିଜୁଳି ଉତ୍ପାଦନ ହେଉଛି। ଦିଲ୍ଲୀ ଓଡ଼ିଶାରୁ ବିଜୁଳି କିଣୁଥିବା ବେଳେ ଦିଲ୍ଲୀର ଉପଭୋକ୍ତା ଶସ୍ତାରେ ବିଜୁଳିର ସୁବିଧା ପାଉଛନ୍ତି। ଦିଲ୍ଲୀରେ ଉପଭୋକ୍ତା ୪ଶହ ୟୁନିଟ ପ୍ରତି ୨୫୦ ଟଙ୍କା ଦେଉଥିବା ବେଳେ ଓଡ଼ିଶାରେ ୪ଶହ ୟୁନିଟ ପାଇଁ ୧୯୬୦ଟଙ୍କା ଦେବାକୁ ପଡୁଛି। ରାଜ୍ୟରେ ତୁରନ୍ତ ଦିଲ୍ଲୀର ବିଦ୍ୟୁତ୍ ଦର ଲାଗୁ କରାଯାଉ, ଚାଷୀଙ୍କୁ ପଞ୍ଜାବ ଭଳି ମାଗଣାରେ ବିଜୁଳି ଯୋଗାଇ ଦିଆଯାଉ, ବିଜୁଳି ବିଭାଗର ଚୋରିକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଅଡିଟ୍ ଟିମ ଗଠନ ଆଦି ଦାବି ଏହି ସ୍ମାରକପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଯଦି କୌଣସି ପଦକ୍ଷେପ ନ ନିଅନ୍ତି ସମାଜବାଦୀ ପାର୍ଟି କଟକ ଶାଖା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦିପ୍ତୀ ରଞ୍ଜନ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସମାଜବାଦୀ ପାର୍ଟି ପକ୍ଷରୁ ଛାତ୍ର ନେତା ବଳରାମ ସାହୁ, ଯୁବନେତା ପ୍ରଦୀପ ବେହେରା, ଦିଲ୍ଲୀପ ବିଶ୍ୱାଳ, ସୁରେନ୍ଦ୍ର ସ୍ୱାଇଁ, ମିର୍ଜା ଆଫତର ପ୍ରମୁଖ ଉପସ୍ଥିତ ଥିଲେ।

### ମା' ତାରିଣୀ ଯୁବକ ସଂଘର ବାର୍ଷିକୋତ୍ସବ

**ଚୌଦ୍ୱାର,୬।୯(ଡି.ଏନ୍.ଏ.)**

ଚୌଦ୍ୱାର ପୌରପାଳିକା ଓଟିଏମ୍ କଲୋନୀସ୍ଥିତ ମା' ତାରିଣୀ ଯୁବକ ସଂଘର ଚତୁର୍ଥ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଆଲୋକ ନାୟକଙ୍କ ପୌରୋହିତ୍ୟରେ ଚଳଚ୍ଚିତ୍ର ଅଭିନେତା ମିହିର ଦାସ ଅତିଥିଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଚଳଚ୍ଚିତ୍ର ପ୍ରଯୋଜକ ଯତିନ୍ ନାୟକ, ତ୍ରିପତି ଆଚାର୍ଯ୍ୟ, ସତ୍ୟବ୍ରତ ମନ୍ତ୍ରୀ, ସସ୍ମିତା ଦାସ, ସୁବ୍ରତ ସାମଲ, ନରୋତ୍ତମ ଦାସ ପ୍ରମୁଖ ଯୋଗଦେଇଥିଲେ। କମଳାକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

## ରହସ୍ୟ ଘେରରେ କୁକୁଡ଼ା ଫାର୍ମ ଅଗ୍ନିକାଣ୍ଡ ଘଟଣା

**କଟକ ସଦର,୬।୯(ଡି.ଏନ୍.ଏ.)**

୪୨ ମୌଜା ଫାଣ୍ଡି ଅଧୀନ ଝାରକଟା ଗ୍ରାମର ଏକ କୁକୁଡା ଫାର୍ମରେ ରଖାଯାଇଥିବା ଟ୍ରାକ୍ଟରରେ ଦୁର୍ବୃତ୍ତମାନେ ଗତ ୩ ତାରିଖ ରାତିରେ ନିଆଁ ଲଗାଇ ଦେଇଥିଲେ। ଅଗ୍ନିକାଣ୍ଡରେ ଟ୍ରାକ୍ଟର(ଓଡି୦୫ଏ-୦୯୦୫)ର ଡାହାଣପଟ ପଛଚକା ପୋଡି ଯାଇଥିବା ନେଇ ମାଲିକ ଲକ୍ଷ୍ମୀଧର ଜେନା ଫାଣ୍ଡିରେ ଏତଲା ଦେଇଥିଲେ। ସେହିପରି ୨ ତାରିଖ ରାତିରେ ପଟଣା ଗ୍ରାମର ବିକ୍ରମ ଦାସଙ୍କ କୁକୁଡା ଫାର୍ମରେ ଦୁର୍ବୃତ୍ତମାନେ ନିଆଁ ଲଗାଇ ଦେଇଥିଲେ। ଉକ୍ତ ଅଗ୍ନିକାଣ୍ଡ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ନାମ ଏତଲାରେ ଦର୍ଶାଯାଇଛି। ଉଭୟ ଫାର୍ମ ଝାରକଟା ଗ୍ରାମରେ ଥିବାରୁ ନାନା କଥା ଶୁଣିବାକୁ ମିଳୁଛି। ୧ରେ ଘଟିଥିବା ଦୁଇ ଯୁବଗୋଷ୍ଠୀ ମାରପିଟ ଘଟଣା ସହ ଅଗ୍ନିକାଣ୍ଡର ସମ୍ପର୍କ ରହିଛି ବୋଲି ଆଲୋଚନା ହେଉଛି। ତେଣୁ ପୋଲିସ ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ଜୋର ଧରିଛି। ନଚେତ ରକ୍ତାକ୍ତ ସଂଘର୍ଷ ଭଳି ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା କୁହନ୍ତି, ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଚଢାଉ ଜାରି ରହିଛି।

## ପୋଲିସର ଜୁଲମ, ଜରିମାନା ବିରୋଧରେ ପ୍ରତିବାଦ

**କଟକ ଅଫିସ, ୬।୯**

ପାର୍ବଣ ଋତୁରେ ଲୋକଙ୍କ ମନରେ ହସ ନାହିଁ। କମିଶନରେଟ୍ ପୋଲିସର ଅଗଣତାନ୍ତ୍ରିକ କାର୍ଯ୍ୟ ଓ ଅଧିକ ଟିକସ ଆଦାୟ ଲୋକଙ୍କୁ ଅସନ୍ତୁଷ୍ଟ କରି ଚାଲିଛି ବୋଲି କହିଛନ୍ତି ବାମପନ୍ଥୀ ଦଳ ସିପିଆଇ(ଏମ୍) ଓ ସିପିଆଇର ନେତୃବୃନ୍ଦ। ଗୁରୁବାର ଉଭୟ ବାମପନ୍ଥୀ ଦଳ ପକ୍ଷରୁ ଆୟୋଜିତ ସମ୍ମିଳନୀରେ କୁହାଯାଇଛି, ବର୍ଷ ବର୍ଷ ଧରି ରାସ୍ତାଘାଟ ଓ ନାଳନର୍ଦ୍ଦମା ଅସୁରକ୍ଷିତ ରହିବା ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏଥିପ୍ରତି ସରକାରଙ୍କ ଦୃଷ୍ଟିପଡୁନି। କିନ୍ତୁ ନୂଆ ଟ୍ରାଫିକ ଆଇନ ଲାଗୁ କରି କମିଶନରେଟ ପୋଲିସ ଚାଳକଙ୍କଠାରୁ ଦଶଗୁଣ ଜରିମାନା ଆଦାୟ କରୁଛି। ଏହି ଟ୍ରାଫିକ ଆଇନ ତୁରନ୍ତ ପ୍ରତ୍ୟାହାର କରିବାକୁ ଦଳ ଦାବି କରିଛି। ଦେଶର ଯେକୌଣସି ବ୍ୟକ୍ତି ସଭା ସମିତି, ଆଫିଡେବିଟ କରିବା ଅଧିକାର ରହିଛି। ଏହି ଅଧିକାରକୁ ବନ୍ଦ କରିବା ପାଇଁ କମିଶନରେଟ ପୋଲିସ ନାନାଫନ୍ଦିଆ ଜାରି କରିଛି। ଏବାବଦରେ ଯେଉଁ ଅର୍ଥ ସରକାର ନେଉଛନ୍ତି ତାହାକୁ ପ୍ରତ୍ୟାହାର କରିବା ନିମନ୍ତେ ଦାବି ହୋଇଛି। ଏଥିରେ ସିପିଆଇ(ଏମ୍) ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦୁ ମହାନ୍ତି, ଆଡଭୋକେଟ ଅଞ୍ଜନ ରାଉତ, ମୁଣ୍ଡଳି ସରପଞ୍ଚ ଶ୍ରୀକାନ୍ତ ଜେନା, ସମିତି ସଭ୍ୟ ଉଦୟ ବର୍ମା, ରମେଶ ବେହେରା, ବରିଷ୍ଠ ନେତା ରବିନାରାୟଣ ମଲ୍ଲିକ, ସିପିଆଇ(ଏମ୍) ନଗର ସମ୍ପାଦକ ପ୍ରତାପ ମହାପାତ୍ର ଓ ସିପିଆଇ ନଗର ସମ୍ପାଦକ ବିନୋଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**କଟକ ଅଫିସ,୬।୯**

କଟକ ମହାନଗର ନିଗମ(ସିଏମ୍‌ସି)ର ୱାର୍ଡ ନଂ.୨୪ ଅଧୀନ ହରିପୁର ବିମଳା ମନ୍ଦିର ପ୍ରାଙ୍ଗଣରେ ବିଜୁ ଯୁବ ବାହିନୀ ପକ୍ଷରୁ ଚାରାରୋପଣ କରାଯାଇଛି। ଯୁବ ବାହିନୀ ସଭାପତି ପ୍ରସନ୍‌ଜିତ ସ୍ୱାଇଁ, ସମ୍ପାଦକ ରାହୁଲ ସେନାପତି, କୋଷାଧ୍ୟକ୍ଷ ମନୋରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ, ସାହି ଅଧିକାରୀ ବାବୁ ପ୍ରଧାନ, ସଭାପତି ପ୍ରଦୀପ ମୂଳିଆ, ବିଜୁ ଯୁବ ବାହିନୀ ୱାର୍ଡ ସଂଯୋଜକ ସଙ୍ଗୀତା ବେହେରା ଉପସ୍ଥିତ ଥିଲେ। ଏହି ଅବସରରେ ୪୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା।



କଟକ ଯୋବ୍ରା ଦୁର୍ଗା ପୂଜା କମିଟି ପକ୍ଷରୁ ଶୁକ୍ରବାର ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ପ୍ରତିମା ନିର୍ମାଣ ପାଇଁ ମହାନଦୀ ତଟରୁ ମାଟି ଅନୁକୂଳ ଶୋଭାଯାତ୍ରା।

## ରୋଟାରୀ କ୍ଲବର ଗୁରୁପୂଜନ ଉତ୍ସବ

**ଚୌଦ୍ୱାର,୬।୯(ଡି.ଏନ୍.ଏ.)**

ଚୌଦ୍ୱାର ରୋଟାରୀ କ୍ଲବ ଆନୁକୂଲ୍ୟରେ କ୍ଲବ ପରିସରରେ ଗୁରୁବାର ସନ୍ଧ୍ୟାରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମିତ୍ ପୃଷ୍ଟିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଡ. ନିରଞ୍ଜନ ସାହୁ ସମ୍ପ୍ରତି ଗୁରୁ ଶିଷ୍ୟ ମଧ୍ୟରେ ବ୍ୟବଧାନ ସୃଷ୍ଟିର କାରଣ ଓ ଏହାର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଟାରୀ ଗଭର୍ନର ଦେବାଶିଷ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସମ୍ପାଦକ ବିଶ୍ୱକଲ୍ୟାଣ ଦାସ ପ୍ରାରମ୍ଭିକ ସୂଚନା, ପ୍ରାକ୍ତନ ସଭାପତି ଶ୍ରାବଣୀ ବନ୍ଦ୍ୟୋପାଧ୍ୟାୟ ସ୍ୱାଗତ ଭାଷଣ ଓ ଚୌଦ୍ୱାର ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣି ସଭା ପରିଚାଳନା କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ଧରଣୀଧର ବାରିକ୍‌ଙ୍କୁ ସମ୍ବର୍ଦ୍ଧନା ସହ ଆଖପାଖର ୩୦ ସ୍କୁଲର କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କ୍ଲବ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରୋଟାରିଆନ୍ ପ୍ରତାପ ଶତପଥୀ, ଜୟଶ୍ରୀ ମହାନ୍ତି, ସୁଧାକର ମହାପାତ୍ର, ଇଂ. ପଞ୍ଚାନନ ନାୟକ, ରମେଶ ଚନ୍ଦ୍ର ବରାଳ, ଭାସ୍କର ପ୍ରସାଦ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାକ୍ତନ ସଭାପତି ଶରତ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

**ଫୁଲନଖରା, ୬।୯(ଡି.ଏନ୍.ଏ.)**

ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ଜିଲା ପ୍ରଶାସନ ସହଯୋଗରେ ଶୁକ୍ରବାର ତେଲେଙ୍ଗାପେଣ୍ଠସ୍ଥିତ ଗାନ୍ଧୀସ୍ମୃତି ପୀଠରେ ଜାତୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ମେଗା ଆଇନ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଅତିଥିଭାବେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି କଲ୍ପେଶ ସତ୍ୟେନ୍ଦ୍ର ଝାବେରୀ ଯୋଗଦେଇ କହିଥିଲେ, ରାଜ୍ୟର ଗରିବ, ଦଳିତ ଓ ଅଣସଙ୍ଗଠିତ ଶ୍ରମିକମାନେ କିଭଳି



ଶିବିରରେ ଯୋଗଦେଇଥିବା ଅତିଥିବୃନ୍ଦ ଓ ଅନ୍ୟମାନେ।

ମାଗଣାରେ ଆଇନ ସହାୟତା ପାଇପାରିବେ ଏହା ହେଉଛି ଶିବିରର ମୁଖ୍ୟ ଉଦ୍ଦେଶ୍ୟ। ବିଚାରପତି କୁମାରୀ ସଞ୍ଜୁ ପଣ୍ଡା ଅତିଥିଭାବେ ଯୋଗଦେଇ କହିଥିଲେ, ରାଜ୍ୟର ୩୦ ଜିଲାରେ ୫ ହଜାର ପାରା ଲିଗାଲ ସ୍ୱେଚ୍ଛାସେବୀ ଅଛନ୍ତି। ୧୮ ଜିଲାରେ ସ୍ଥାୟୀ ଲୋକ ଅଦାଲତ କାର୍ଯ୍ୟ କରୁଛି। ଦାରିଦ୍ର୍ୟ ଦୂରୀକରଣ ଓ ଅଣସଙ୍ଗଠିତ ଶ୍ରମିକଙ୍କୁ କିଭଳି ମାଗଣାରେ ନ୍ୟାୟ ମିଳିବ ସେ ନେଇ ଆଇନ ସେବା ପ୍ରାଧିକରଣ କାର୍ଯ୍ୟ ଜାରି ରଖିଛି ବୋଲି କହିଥିଲେ। ଏହି ଶିବିରରେ ଆଇନ ସେବା ପ୍ରାଧିକରଣର ସଦସ୍ୟ ଦେବାଶିଷ ନାୟକ, ଜିଲାଜଜ୍ ଶିଶିର କୁମାର ରଥ, ପୋଲିସ କମିଶନର ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟିନୀ, ସୌମ୍ୟଶ୍ରୀ ଦାସ, ସିଏମ୍‌ସି କମିଶନର ଅନନ୍ୟା ଦାସ, ସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ ବିଚାରପତି ୫୬, ୫୭, ୫୮ ଓ ୫୯ନଂ. ୱାର୍ଡର ୩୫ ଜଣଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ।



ପରର ମଙ୍ଗଳ କରିବା ସବୁଠୁ ବଡ ଧର୍ମ, ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦଧିବାମନ ଦେବଙ୍କ ପୀଠରେ ରାଧାଷ୍ଟମୀ



କୃଷ୍ଣପ୍ରସାଦ,୬।୯(ଡି.ଏନ.ଏ.)- କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଦଧିବାମନ ଦେବଙ୍କ ପୀଠରେ ରାଧାଙ୍କ ଜନ୍ମୋତ୍ସବ ତଥା ରାଧାଷ୍ଟମୀ ପାଳିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ଦେବୀ ରାଧାଙ୍କ ପ୍ରତିମାକୁ ମାଲୁଦ ହନୁମାନଜୀଉଙ୍କ ମନ୍ଦିର ନିକଟ ଚାପ ପୋଖରୀରେ ଜଣେ ପୂଜକ ପାଣି ମଧ୍ୟରେ ଲୁଚାଇ ରଖିଥାନ୍ତି । ଅପରାହ୍ନରେ ଅନ୍ୟ ଜଣେ ପୂଜକଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଖୋଲ, ତାଳ , ମୃଦଙ୍ଗ ଆଦି ବାଦ୍ୟ ବଜାଇ ଉକ୍ତ ପୋଖରୀ ନିକଟରେ ପହଞ୍ଚିଥାନ୍ତି । ସେଠାରେ ଥିବା ଏକ ଶୋଲରେ ତିଆରି ବିମାନରେ ରାଧାଙ୍କୁ ବିଜେ କରାଇ ପୋଖରୀରେ ଚାପ ଖେଳ କରାଯାଇଥାଏ । ସାତ ଥର ପୋଖରୀରେ ବୁଲିବା ପରେ ଦେବୀ ରାଧାଙ୍କୁ ଦଧିବାମନ ମନ୍ଦିରକୁ ଆଣି ନିଜ ସିଂହାସନରେ ଅବସ୍ଥାପିତ କରାଯାଇଥାଏ ।

### ଗାର୍ଡ କାଉନ୍‌ସିଲର ପୋଷ୍ଟକାର୍ଡ କ୍ୟାମ୍ପେନ



ଜଟଣୀ,୬।୯(ଡି.ଏନ.ଏ.):ଅଲ୍ ଇଣ୍ଡିଆ ଗାର୍ଡ କାଉନ୍‌ସିଲ ପକ୍ଷରୁ ୨୪ ଦଫା ଦାବି ନେଇ ସର୍ବଭାରତୀୟ ସ୍ତରରେ ଚାଲିଥିବା ପୋଷ୍ଟ କାର୍ଡ କ୍ୟାମ୍ପେନରେ ଏହାର ଖୋର୍ଦ୍ଧାରୋଡ ଶାଖା ମଧ ସାମିଲ ହୋଇଛି। ଅଗଷ୍ଟ ୩୧ରୁ ୫ ତାରିଖ ପର୍ଯ୍ୟନ୍ତ ୬ ଦିନ ଧରି ଏହା ଚାଲିଥିଲା। ଗାର୍ଡ କାଉନ୍‌ସିଲ ଖୋର୍ଦ୍ଧାରୋଡ ଶାଖାର ସଭାପତି ଅନିଲ କୁମାର ସାହୁ ଓ ଜୋନାଲ ଉପସଭାପତି ଅଲିମ ଖାନ ଶୁକ୍ରବାର ଜଟଣୀ ମୁଖ୍ୟ ଡାକ ଘରେ ୨୪ ଦଫା ଦାବି ସମ୍ବଳିତ ପୋଷ୍ଟକାର୍ଡଗୁଡ଼ିକୁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

### ରାସ୍ତା ପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲୁଗାଁ,୬।୯(ଡି.ଏନ.ଏ.): ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ନିକଟ ତଥା ସୁବାସ ମାର୍ଗ ରାସ୍ତା ପାର୍ଶ୍ୱରୁ ଶୁକ୍ରବାର ସକାଳେ ଜଣେ ଯୁବକଙ୍କ ମୃତ ଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ସ୍ଥାନୀୟ ନିମିକ୍ଷେତା ଗ୍ରାମର ବୁଲୁ ପ୍ରହରାଜ (୪୭)। ସୁବାସ ମାର୍ଗ ରାସ୍ତାପାର୍ଶ୍ୱରେ ମୃତ ଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ବାଲୁଗାଁ ଅଗ୍ନିଶମ ବିଭାଗୀୟ କର୍ମଚାରୀ ପହଞ୍ଚି ପୋଲିସ୍ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଥିଲେ । ତଦନ୍ତ ପରେ ମୃତକ ନିମିକ୍ଷେତା ଗ୍ରାମର ବୁଲୁ ପ୍ରହରାଜ ବୋଲି ଜଣାପଡ଼ିଥିଲା । ଦୁଇଦିନ ପୂର୍ବରୁ ବୁଲୁ ଘରୁ କେଉଁଆଡ଼େ ନିଖୋଜ ହୋଇଯାଇଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ ଦେଖି ପରିବାର ଲୋକେ ସହଜରେ ବିଶ୍ୱାସ କରିପାରି ନ ଥିଲେ । ମୃତ୍ୟୁକୁ ନେଇ ସନ୍ଦେହ ଉପୁଜୁଛି। ବାଲୁଗାଁ ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏ ନେଇ ୬/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଅବ୍ୟାହତ ରଖିଛି।

### ଖୋର୍ଦ୍ଧା, ବାଣପୁରରେ ଚାରାରୋପଣ

ଖୋର୍ଦ୍ଧା ଅଫିସ,୬।୯:ପରିବେଶକୁ ସରସସୁନ୍ଦର ସହ ତାପମାତ୍ରାକୁ ନିୟନ୍ତ୍ରଣ କରିବାରେ ବୃକ୍ଷର ଭୂମିକା ନିତାନ୍ତ ଆବଶ୍ୟକ। ଏ ପରିପ୍ରେକ୍ଷୀରେ ବିଜୁ ଯୁବ ବାହିନୀ ପକ୍ଷରୁ ଖୋର୍ଦ୍ଧା ଓ ବାଣପୁରରେ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶୁକ୍ରବାର ଗାଲୁଆ ପଞ୍ଚାୟତର ମହାବୀରସାହିରେ ଚାରାରୋପଣ କରାଯାଇଛି। ବ୍ଲକ ସଂଯୋଜିକା ରିତା ସାମନ୍ତସିଂହାରଙ୍କ ତତ୍ତ୍ୱାବଧାନରେ ବିଜୁ ଯୁବ ବାହିନୀର ସଦସ୍ୟ ଅଜିତ କୁମାର ବାରିକ, ବିକ୍ରମ କେଶରୀ ମହାରଣା, ନୀଳମାଧବ ଘଡେଇ, ଦୀପକ କୁମାର ଘଡେଇ ପ୍ରମୁଖ ଯୋଗଦେଇ ଚାରାରୋପଣ କରିଥିଲେ। ସେହିପରି ବିଜୁ ଯୁବ ବାହିନୀ ପକ୍ଷରୁ ଅନୁଷ୍ଠିତ ପିଡି ଡିଆରଡିଏଙ୍କ କାର୍ଯ୍ୟାଳୟ ପରିସରରେ ପିଡି ଡିଆରଡିଏ ଦିଗନ୍ତ ରାଉତରାୟ ବୃକ୍ଷରୋପଣ କରି ଉଦ୍‌ଘାଟନ କରିଥିଲେ। କରଞ୍ଜ, କଦମ୍ବ, ଆମ୍ବ ପରି ଚାରା ଲଗା ଯାଇଛି। ଏଥିରେ ଜିଲା ବିଜୁ ଯୁବ ବାହିନୀ ପିଓ କରିସ୍ମା ଦାଣ୍ଡିଆ, ଜିଲା ସଂଯୋଜକ ଶ୍ରୀବତ୍ସ ମହାନ୍ତି ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିଥିଲେ।

■ ଉପେକ୍ଷିତ ଖୋର୍ଦ୍ଧାଗଡ

# ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପରେ ବି ବଦଳୁନି ଚିତ୍ର

ଖୋର୍ଦ୍ଧା ଅଫିସ, ୬।୯



ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ଖୋର୍ଦ୍ଧା ଗଡ ।

■ପଡିରହିଛି କେନ୍ଦ୍ରର ୧୦୦ କୋଟି

■ନିର୍ମାଣ ହୋଇପାରୁନି ପାଇକ ସ୍ମାରକୀ

ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ବର୍ଷେ ଧରି ରାଜ୍ୟ ଓ କେନ୍ଦ୍ର ସରକାର ପାଳନ ପରେ ବି ବଦଳି ପାରୁନି ଖୋର୍ଦ୍ଧାଗଡର ଚିତ୍ର। ପରିତ୍ୟକ୍ତ ହୋଇ ପଡିରହିଛି ଖୋର୍ଦ୍ଧାଗଡ। ଗଡର ପୁନରୁଦ୍ଧାର ପାଇଁ ପ୍ରତ୍ନତତ୍ତ୍ୱ ବିଭାଗର ଅନୁମତି ପରେ ବି କୌଣସି ପଦକ୍ଷେପ ନିଆଯାଉନାହିଁ। ଅନ୍ୟପକ୍ଷେ ବରୁଣେଇରେ ପାଇକ ସ୍ମାରକୀ ପାଇଁ ପଡି ରହିଛି କେନ୍ଦ୍ର ସରକାରଙ୍କର ୧୦୦ କୋଟି ଟଙ୍କା। ଏଥିପାଇଁ ୫୦ ଏକର ଜମିର ଆବଶ୍ୟକ ଥିବାବେଳେ ରାଜ୍ୟ ସରକାର ମାତ୍ର ୧୦ ଏକର ଯୋଗାଇ ଦେଇଛନ୍ତି। ଜମି ମିଳିଲା ପରେ ପାଇକ ସ୍ମାରକୀ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ତେବେ ଖୋର୍ଦ୍ଧାଗଡର ପୁନରୁଦ୍ଧାର ପାଇଁ କିଛି ଅନୁଦାନ ନାହିଁ। ଅନ୍ୟପକ୍ଷେ ପାଇକ ପୂର୍ତ୍ତି ଉତ୍ସବ ପାଳନ ବେଳେ ସୀତାକୁଣ୍ଡକୁ ରାସ୍ତା, ଗଡଠାରୁ ବରୁଣେଇ ଓ ବରୁଣେଇ ହୋଟେଲଠାରୁ ବରୁଣେଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଦୋହରାକରଣ, ବରୁଣେଇରେ ଶୌଚାଳୟ, ପାଇକ ଗ୍ୟାଲେରି ଓ ମଞ୍ଚ, ପର୍ଯ୍ୟଟକ ଉପଯୋଗୀ ବୈଠକ ଶାଳା, ଜରୀ ନାଳଠାରେ ନୌକାବିହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଉନ୍ନୟନ କାର୍ଯ୍ୟଗୁଡିକ ଧିମେଇ ଚାଲିଛି। ଯାହା ପୂର୍ଣ୍ଣାଙ୍ଗ ହୋଇଛି ବୋଲି କୁହାଯାଉଛି ତାହା କାମରେ ଆସୁନି। ସମୀକ୍ଷା ଅଭାବରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି।

### ପଞ୍ଚ ପାଇକ ଶୀତ କାକରରେ

ପରାଧୀନ ଭାରତର ଇତିହାସ ଗାଏ ବୀରତ୍ୱର ଗାଥା। କହେ ସଂଘର୍ଷର କଥା। ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ସଂଗ୍ରାମର ମୂକ ସାକ୍ଷୀ ହୋଇ ରହିଛି ଅନେକ ସ୍ଥାନ। ସେଥିମଧ୍ୟରୁ ଲାଲ ମାଟି ଖୋର୍ଦ୍ଧାର ଗରିମାମୟ ଐତିହ୍ୟ ଅନ୍ୟତମ। ଏଠାରେ ଝରିଛି ସଂଗ୍ରାମୀଙ୍କ ରକ୍ତ। ସେହି ରକ୍ତ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିଛି ଭାରତକୁ। ସ୍ୱାଧୀନତା ଦିବସରେ ସେହି ସ୍ମୃତିକୁ ରୋମନ୍ଥନ କରି ପୂର୍ବ ଗୌରବକୁ ମନେପକାଉଛି। ହେଲେ ଠିକଣା ସମୟରେ ମନେପଡୁନି ଗରିମାମୟ ଐତିହ୍ୟ କି ଦୃଷ୍ଟିରେ ପଡୁନି ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି। ଗଡଖୋର୍ଦ୍ଧା ଛକରେ ୧୬ ନଂ. ଜାତୀୟ ରାଜପଥ କଡରେ ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ଖରା, କାକରରେ ଅବହେଳିତ ଅବସ୍ଥାରେ ପଡିରହିଛି ।

### ରାଷ୍ଟ୍ରପତି କରିବେ ଶିଳାନ୍ୟାସ

ବରୁଣେଇଠାରେ ହେବାକୁ ଥିବା ପାଇକ ସ୍ମାରକୀର ଶିଳାନ୍ୟାସ ରାଷ୍ଟ୍ରପତି କରିବାର କାର୍ଯ୍ୟକ୍ରମ ରହିଛି। ପ୍ରସ୍ତୁତି ଓ ତଦାରଖ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆରମ୍ଭ କରି ଦେଇଛନ୍ତି। ୧୦ ଏକର ଜମି ରାଜ୍ୟ ସରକାର ଯୋଗାଇ ଦେବା ପରେ ପାଇକ ସ୍ମାରକୀର ଶିଳାନ୍ୟାସ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ତେବେ ସରକାରୀ ସ୍ତରରେ ନିଷ୍ପତ୍ତିକୁ କେବଳ ଅପେକ୍ଷା ରହିଥିବା ଜଣାପଡିଛି।

### ଖୋର୍ଦ୍ଧାଗଡ଼କୁ ପର୍ଯ୍ୟଟନସ୍ଥଳ ମାନ୍ୟତା ଦାବି

ଭାରତର ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡକୁ ପୁନରୁଦ୍ଧାର ସହ ପର୍ଯ୍ୟଟନସ୍ଥଳ ମାନ୍ୟତା ଦେବାକୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଏ ନେଇ ନିଉ୍ ଥିଙ୍କିଙ୍ଗ ଫୋରମ ପକ୍ଷରୁ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ସ୍ମାରକପତ୍ରରେ ଦର୍ଶାଯାଇଛି ପାଇକ୍ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ନିଉ୍ ଥିଙ୍କିଙ୍ଗ ଫୋରମ ପକ୍ଷରୁ ୨୦୧୩ରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଖୋର୍ଦ୍ଧାଗଡର ପୁନରୁଦ୍ଧାର, ଗଡ ମଧ୍ୟରେ ଥିବା ରାଣୀ ପୋଖରୀ ସୌନ୍ଦର୍ଯ୍ୟକରଣ ପରି ଅନେକ ଦାବି ରହିଥିଲା। ୨୦୧୭ ମାର୍ଚ୍ଚରୁ ୨୦୧୮ ମାର୍ଚ୍ଚ ପର୍ଯ୍ୟନ୍ତ ପୂର୍ତ୍ତି ଉତ୍ସବ ପାଳନ ହୋଇଥିଲା। କେତେକ କାର୍ଯ୍ୟ ହୋଇଥିବାବେଳେ ଆଉ କେତେକ ଅଧାପନ୍ତରିଆ ହୋଇ ପଡିରହିଛି ବୋଲି କୁହାଯାଇଛି।

■ ଫନୀ ଉଜାଡିବାର ୪ ମାସ ପରେ

# କୁକୁଡା ଚାଷୀଙ୍କୁ ମିଳିଲାନି କ୍ଷତିପୂରଣ

ଖୋର୍ଦ୍ଧା ଅଫିସ, ୬।୯:

ବାତ୍ୟା ଫନୀ ପ୍ରଭାବରେ ଗଛ, ଘର ସବୁ ଭାଙ୍ଗି ଯାଇଥିଲା। ଏହାକୁ ୪ ମାସରୁ ଉର୍ଦ୍ଧ୍ୱ ବିତି ଯାଇଛି। ହେଲେ ଖୋର୍ଦ୍ଧା ଜିଲାର ୩୫୦ରୁ ଉର୍ଦ୍ଧ୍ୱ କୁକୁଡା ଚାଷୀ କ୍ଷତିପୂରଣ ନ ପାଇବାରୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଜିଲାପାଳଙ୍କୁ ଶୁକ୍ରବାର ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁସାରେ, ବାତ୍ୟା ଫନୀ ପ୍ରଭାବରେ କୁକୁଡା ଫାର୍ମ ସବୁ ଭାଙ୍ଗି ଯାଇଥିଲା। ଲକ୍ଷାଧିକ କୁକୁଡା ମରି ଯାଇଥିଲେ। ଜଣେ ଜଣେ ଚାଷୀଙ୍କ ୧୦ରୁ ୩୦ ଲକ୍ଷ ଟଙ୍କାର କ୍ଷତି ହୋଇଛି। ସରକାରୀ ସହାୟତା ମିଳି ନ ଥିବାରୁ ଚାଷୀମାନେ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଚାଷୀ ଅଂଶୁମାନ ବଳିଆରସିଂହ କୁହନ୍ତି, ଫନୀରେ ସେ ୨୦ ଲକ୍ଷ ଟଙ୍କାର କ୍ଷତି ସହିଲେ। ମେ' ୪ ରେ କୁକୁଡା ଅନ୍ୟତ୍ର ପଠାଇବାର ଥିଲା। ତେବେ ମେ' ୩ ବାତ୍ୟା ସବୁ କିଛି ଉଜାଡି ଦେଲା। ସରକାର କୁକୁଡା ଚାଷୀଙ୍କୁ ଚିହ୍ନଟ କରି ତୁରନ୍ତ ସହାୟତା ଯୋଗାଇବା ଦରକାର।



ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା କୁକୁଡା ଚାଷୀମାନେ ।

## ଠିକଣା କହୁଛନ୍ତି, ଘର ପାଉନାହାନ୍ତି

ଖୋର୍ଦ୍ଧା ଅଫିସ,୬।୯:

୫୦ ବର୍ଷର ଜଣେ ଅଚିହ୍ନା ବ୍ୟକ୍ତି ବିକୃତ ମସ୍ତିଷ୍କ କାରଣରୁ ଏଣେତେଣେ ଘୂରି ବୁଲୁଛନ୍ତି। ହେଲେ ମୁଣ୍ଡ ଠିକ୍ ହେଲେ ଘରର ଠିକଣା କହୁଛନ୍ତି। ଘରକୁ ମୋତେ ନେଇଯାଅ ବୋଲି କାକୁତିମିନତି ହୋଇ ବହୁ ଲୋକଙ୍କୁ, ପୋଲିସକୁ କହୁଛନ୍ତି। ହେଲେ ଘରକୁ ଯାଇ ପାରୁନାହାନ୍ତି । କେହି ଖାଇବାକୁ ଭିକ୍ଷାବୃତ୍ତିରେ ଯାହା ମିଳେ ତାହାକୁ ଖାଇ ବର୍ଷା, ଶୀତରେ ୫୭ ନଂ. ଜାତୀୟ ରାଜପଥ କଡରେ ସମୟ ବିତାଇ ଦେଉଛନ୍ତି। ଏଭଳିସ୍ଥଳେ ବାଘମାରୀର କେତେଜଣ ଯୁବକ ଅଚିହ୍ନା ବ୍ୟକ୍ତିଙ୍କୁ ଶୁକ୍ରବାର ନାମ ଓ ଠିକଣା ପଚାରିଛନ୍ତି। ଅଚିହ୍ନା ବ୍ୟକ୍ତି ନିଜକୁ ପାଗଳ ଦାସ। ପିତାଙ୍କର ନାଁ ଜୟରାମ ଦାସ ମୃତ ବୋଲି କହିଥିବାବେଳେ ସ୍ତ୍ରୀର ନାମ ପ୍ରତିମା କହିଛନ୍ତି। ଘର ଖୋର୍ଦ୍ଧା ଜିଲାର ବାଲିଅନ୍ତା ଥାନା ବ୍ରାହ୍ମଣ ଷଡଙ୍ଗୀ ଗାଁ ବୋଲି କହିଛନ୍ତି।

## ପ୍ରଗତିଶୀଳ ସୃଜନୀ ସଂସଦର ଶିକ୍ଷଣ ପ୍ରତିଯୋଗିତା, ବିଜ୍ଞାନମେଳା



ପୁରସ୍କୃତ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

ଚିଲିକା, ୬।୯(ଡି.ଏନ.ଏ.)- ଚିଲିକା ବ୍ଲକ୍ ବଡ଼କୁଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ପ୍ରଗତିଶୀଳ ସୃଜନୀ ସଂସଦ ପକ୍ଷରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶିକ୍ଷକ (ଶିକ୍ଷାଦାନ) ପ୍ରତିଯୋଗିତା, ବିଜ୍ଞାନ ପ୍ରଦର୍ଶନୀ ଏବଂ ଶିକ୍ଷା ସମ୍ପର୍କିତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଶିକ୍ଷାଦାନ ପ୍ରତିଯୋଗିତାରେ ଚିଲିକା ବ୍ଲକ୍ ଅନ୍ତର୍ଗତ ପାଞ୍ଚଟି ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । ଏହାକୁ ବରିଷ୍ଠ ଶିକ୍ଷକମାନଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା । ଏହି ଅବସରରେ ଉପରୋକ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠାନର ସଭାପତି ଭିକାରୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶିକ୍ଷା ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତୀୟ ଶିକ୍ଷାର ଗତି ପ୍ରଗତି ଓ ଅଧୋଗତି ଉପରେ ଆୟୋଜିତ ଆଲୋଚନା ଚକ୍ରରେ ଡ଼ାକ୍ତର ମଧୁସୂଦନ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ରାଜ୍ୟ ଇଂଲିଶ ଭାଷା ପ୍ରଶିକ୍ଷକ ରସିଦ ଖାଁ, ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ, ମନୋଜ ମୋହନ ବରାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏହି ଅବସରରେ କୃତି ଶିକ୍ଷକ ନନ୍ଦ କିଶୋର ବେହେରା (ଭୁବନେଶ୍ୱର), ଉପେନ୍ଦ୍ର କୁମାର ଜେନା (ଚିଲିକା), ରବୀନ୍ଦ୍ର କୁମାର ନାହାକ (ଖଲ୍ଲିକୋଟ୍)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନିଜ ଦେହରେ ପେଟ୍ରୋଲ ଢ଼ାଳି ଯୁବତୀଯୁବକ ଗୁରୁତର

ଜଟଣୀ,୬।୯(ଡି.ଏନ.ଏ.):

ଜଟଣୀ ଥାନା ଅନ୍ତର୍ଗତ ରେତଙ୍ଗ କଲୋନୀ ଅଞ୍ଚଳରେ ଯୁବତୀଯୁବକ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ଗୋଟାଏରେ ଏହା ଘଟିଛି। ଉଭୟ ଯୁବତୀଯୁବକ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ରେତଙ୍ଗ କଲୋନୀ ଅଞ୍ଚଳରେ ଯୁବକ ଜଣକ ଦେଇଥିବା ଏକ ଷ୍ଟେସନେରି ଦୋକାନ ମଧ୍ୟରେ ଏହା ଘଟିଛି। ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକଙ୍କ କହିବା ଅନୁଯାୟୀ, ଦୋକାନ ମଧ୍ୟରେ ପ୍ରଥମେ ଉଭୟ ଯୁବତୀଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଦୋକାନ ଭିତରୁ ଧୂଆଁ ଓ ନିଆଁ ବାହାରିବା ଦେଖି ପଡୋଶୀ ଦୋକାନୀ ଓ ଅନ୍ୟମାନେ ସେଠାରେ ପହଞ୍ଚି ନିଆଁକୁ ଲିଭାଇଥିଲେ। ହେଲେ ସେତେବେଳକୁ ଉଭୟଙ୍କର ଶରୀରର ଅଧିକାଂଶ ଅଂଶ ପୋଡି ଯାଇଥିଲା। ସେମାନଙ୍କୁ ଜଟଣୀ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଯୁବତୀଙ୍କ ପରିଚୟ ମିଳିନାହିଁ। ତେବେ ଥାନାରେ ଏ ନେଇ କେହି ଖବର ଦେଇ ନ ଥିବା ପୋଲିସ କହିଛି।

# ଫାଇଲିନରେ କ୍ଷତିଗ୍ରସ୍ତଙ୍କୁ ଗୃହ ଯୋଗାଣ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କୃଷ୍ଣପ୍ରସାଦ, ୬।୯(ଡି.ଏନ.ଏ.)-

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ୨୦୧୩ ମସିହାରେ ଫାଇଲିନ ବାତ୍ୟାରେ କ୍ଷତିଗ୍ରସ୍ତ ଏକ ପରିବାରକୁ ଗୃହଯୋଗାଣ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବଡଝାଡ ଗ୍ରାମ ପଞ୍ଚାୟତ ସିପିଆ ଗ୍ରାମର କାର୍ତ୍ତିକ ଦଳେଇଙ୍କ ପରିବାର ବାତ୍ୟା ପରଠାରୁ ପଲିଥିନ ଟାଣି ରହୁଛନ୍ତି।



ପଲିଥିନ ପଡିଥିବା ଗୃହ ସମ୍ମୁଖରେ ପରିବାର ଲୋକେ ।

ସୂଚନାଯୋଗ୍ୟ, ଫାଇଲିନରେ ବହୁ ଲୋକଙ୍କ ଘର ଭାଙ୍ଗି ଯାଇଥିଲା। ପୁରୀ,ଗଞ୍ଜାମ ଏବଂ ଖୋର୍ଦ୍ଧା ଜିଲାରେ ବହୁ କ୍ଷୟକ୍ଷତି ଘଟିଥିଲା। ରାଜସ୍ୱ ବିଭାଗ ତରଫରୁ ତଦନ୍ତ କରାଯାଇ ଏହି ୩ ଜିଲା ପାଇଁ ବିଶ୍ୱବ୍ୟାଙ୍କ ତରଫରୁ ଗୃହଶୂନ୍ୟ ପରିବାରକୁ ପକ୍କାଗୃହ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଥିଲା । ଏହି ଯୋଜନା ଗଞ୍ଜାମ, ଖୋର୍ଦ୍ଧା ଜିଲାରେ ଶେଷହୋଇଥିବାବେଳେ ପୁରୀରେ ପ୍ରଶାସନିକ ଅବହେଳାରୁ ବନ୍ଦ ହୋଇଥିଲା । ସାମାଜିକକର୍ମୀ ଟୁନା ସ୍ୱାଇଁ , ସୁବାସଚନ୍ଦ୍ର ଜେନା , ସୁକାନ୍ତ କୁମାର ବିଶ୍ୱାଳ ଓ କୃଷ୍ଣପ୍ରସାଦ ଅଞ୍ଚଳର ମହିଳାମାନେ ଆନ୍ଦୋଳନ କରି ଆଇନର ଆଶ୍ରୟ ନେଇଥିଲେ। ପରେ ପୁରୀ ଜିଲାରେ ତାହା କାର୍ଯ୍ୟକାରୀ କରାଗଲା । ହେଲେ ଫାଇଲିନ ପର ଠାରୁ କୃଷ୍ଣପ୍ରସାଦ ବ୍ଲକ ବଡଝାଡ ଗ୍ରାମ ପଞ୍ଚାୟତ ସିପିଆ ଗ୍ରାମର କାର୍ତ୍ତିକ ଦଳେଇ ଗୃହ ହରାଇ ପଲିଥିନ ତଳେ ବାସ କରୁଛନ୍ତି । ଅନ୍ୟପକ୍ଷେ ଘର ଯୋଗାଣ ତାଲିକାରେ କାର୍ତ୍ତିକଙ୍କ ନାମ ରହିଥିଲା । ତେବେ ତାଙ୍କ ନାମରେ ଇନ୍ଦିରା ଆବାସ ଗୃହଥିବା ପଞ୍ଚାୟତ କାର୍ଯ୍ୟାଳୟରୁ ମିଥ୍ୟାରେ ଦର୍ଶାଇ ତାଲିକାରୁ ବାଦ ଦିଆଯାଇଥିଲା । କାର୍ତ୍ତିକ ଏ ନେଇ ସ୍ଥାନୀୟ ତହସିଲଦାର, ବିଡିଓ, ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ବିଭାଗୀୟ ଅଧିକାରୀମାନେ ତଦନ୍ତ ପରେ ତାଙ୍କର ଇନ୍ଦିରା ଆବାସ ନ ଥିବା ଜାଣି ପଲିଥିନ ଘରେ ରହୁଥିବା କାର୍ତ୍ତିକଙ୍କ ପରିବାର ନାମରେ ଗୃହ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ସମସ୍ତ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ମିଳିଥିବାବେଳେ କାର୍ତ୍ତିକଙ୍କୁ ମିଳି ନ ଥିଲା । ଶେଷରେ ସେ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ବିଚାରପତି କାର୍ତ୍ତିକଙ୍କୁ ଗୃହଯୋଗାଣ ପାଇଁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ଆଲୋଚନାଚକ୍ର

ଜଟଣୀ,୬।୯(ଡି.ଏନ.ଏ.):

ଜଟଣୀ ବନମାଳୀ କଲୋନୀସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ଗୁରୁଦିବସ ପରିପ୍ରେକ୍ଷୀରେ ଗୁରୁବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ବିଷୟବସ୍ତୁ ଉପରେ ଏହା ଆୟୋଜିତ ହୋଇଥିଲା। ଏଥିରେ ଜଟଣୀ ଓ ଆଖପାଖ ଅଞ୍ଚଳର ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଅକ୍ଷୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ. ଗୁରୁପ୍ରସାଦ ମହାପାତ୍ର, ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋତି ଭଉଣୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସାରଙ୍ଗ ମହାପାତ୍ର, ଅଧ୍ୟାପିକା ସୁକାନ୍ତି ମହାପାତ୍ର, ସୌଦାମିନୀ ବେହେରା ଓ ବିପିନ ବିହାରୀ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅତିଥିମାନେ କହିଥିଲେ, ସ୍ୱପରିବର୍ତ୍ତନ ଦ୍ୱାରା ବିଶ୍ୱ ପରିବର୍ତ୍ତନ। ଆଚରଣ ଓ ଉଚ୍ଚାରଣରେ ଶିକ୍ଷକ ନିଜକୁ ସଜାଇ ଛାତ୍ରୀଛାତ୍ରମାନଙ୍କୁ ଆଧ୍ୟାତ୍ମିକ ଦିଗରେ ଅଗ୍ରସର କରିବା ସହ ଶୃଙ୍ଖଳିତ ତଥା ଅମୃତମୟ କରି ଗଢି ତୋଳିବା ନିତାନ୍ତ ଆବଶ୍ୟକ। ପ୍ରଚଳିତ ଶିକ୍ଷା ଖସଡ଼ାରେ ଆଧ୍ୟାତ୍ମିକତା ଉପରେ ବିଷୟ ରହିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଓ ସାମାଜିକ କର୍ମୀ ପ୍ରଣତି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଶୋକ କୁମାର ବଳିଆରସିଂହ ଧନ୍ୟବାଦ ଦେଇଥିଲେ।



ସାମାଜିକ କର୍ମୀ ପ୍ରଣତି ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

■ ଜଟଣୀ ବ୍ଲକ ପରିସରରେ ପୁଣି ଉତ୍ତେଜନା

# ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟଙ୍କ ବୈଠକ ବର୍ଜନ

ଜଟଣୀ,୬।୯(ଡି.ଏନ.ଏ)

ଜଟଣୀ ବ୍ଲକ ପରିସରରେ ଗୁରୁବାର ମାରପିଟ୍ ଘଟଣାକୁ ନେଇ ଶୁକ୍ରବାର ମଧ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏହାକୁ ନେଇ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ଉପାଧ୍ୟକ୍ଷ ଅମୀୟ ପ୍ରସାଦ ଦଳେଇଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକ ବର୍ଜନ କରିଥିଲେ। ଗୁରୁବାର ଘଟଣାକୁ ନେଇ ବୈଠକ ବର୍ଜନ କରି ପ୍ରତିବାଦ କରିଥିଲେ। ପୂର୍ବତନ ବିଧାୟକ ତଥା ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ଦଳୀୟ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ସମର୍ଥକମାନେ ବ୍ଲକ ଅଫିସ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ଏହି ଘଟଣାକୁ ନିନ୍ଦା କରିବା ସହ ନାରାବାଜି ଦେଇଥିଲେ। ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଇଙ୍ଗିତରେ ବିଜେଡି କର୍ମୀ ଓ ସମର୍ଥକଙ୍କୁ କଂଗ୍ରେସ ଦଳ ଲୋକେ ଆକ୍ରମଣ କରିଥିବା ଘଟଣାକୁ ନାପସନ୍ଦ କରିଥିଲେ। ଆକ୍ରମଣରେ ଅଙ୍ଗାରପଡ଼ା ପଞ୍ଚାୟତର ନକୁଳ ସାମନ୍ତରାୟ ନାମକ ବିଜେଡି ସମର୍ଥକ ଆହତ ହୋଇ ଚିକିତ୍ସାଧୀନ ଥିବା କହିଥିଲେ। ଏଣୁ ଆକ୍ରମଣକାରୀ କଂଗ୍ରେସ କର୍ମୀ ଓ ସମର୍ଥକମାନଙ୍କୁ ତୁରନ୍ତ ଗିରଫ କରିବାକୁ ବଳବନ୍ତରାୟ ଦାବି କରିଥିଲେ। ଏ ନେଇ ଜିଲାପାଳ ଓ ପୋଲିସକୁ ଏକ ଦାବିପତ୍ର ଦିଆଯାଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ତାଙ୍କ ଦଳର ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନେ ପଞ୍ଚାୟତ ବୈଠକ ଓ ବ୍ଲକର ଅନ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ନାହିଁ ବୋଲି କହିଥିଲେ। ବିଜେଡି ସମର୍ଥିତ ସରପଞ୍ଚ, ସମିତିସଭ୍ୟମାନେ ପଞ୍ଚାୟତ ସମିତି ବୈଠକ ବର୍ଜନ କଲା ପରେ ସଭାପତିତ୍ୱ କରୁଥିବା ଅଧ୍ୟକ୍ଷା ବନଜା ଜେନା ବୈଠକକୁ ସ୍ଥଗିତ ରଖିଥିଲେ।



ପୂର୍ବତନ ବିଧାୟକ ବିଭୂତି ବଳବନ୍ତରାୟଙ୍କ ନେତୃତ୍ୱରେ ପ୍ରତିବାଦ କରାଯାଉଛି ।

■ଦୋଷୀଙ୍କୁ ଗିରଫ ଦାବିରେ କାର୍ଯ୍ୟାଳୟ ଗେଟ୍ ସମ୍ମୁଖରେ ନାରାବାଜି

■ବିଧାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ମାମଲା

ବ୍ଲକ ଅନ୍ତର୍ଗତ ଅଙ୍ଗାରପଡ଼ା ପଞ୍ଚାୟତରେ ସରପଞ୍ଚଙ୍କ ନିଜସ୍ୱ ପାଣ୍ଠିରେ ହୋଇଥିବା କେତେକ କାର୍ଯ୍ୟର ବିଲ୍ ପାସ ହୋଇ ନ ଥିଲା। ଏହାକୁ ନେଇ ଦୀର୍ଘଦିନ ହେବ ଉଭୟଦଳର ସମର୍ଥକଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ବିଲ୍ ଆଗୁଆ ପାସ୍ କରିବାକୁ ଉଭୟ ଦଳର ସମର୍ଥକ ଜିଦ୍ ଧରିବା ଓ ଏହାର ସମାଧାନ କରିବାରେ ବ୍ଲକ ପ୍ରଶାସନର ବିଫଳତା ହିଁ ବିବାଦ ପଛର କାରଣ ବୋଲି ଜଣାପଡିଛି। ଏହି ଘଟଣା ଆଲୋଚନା ପାଇଁ ସ୍ଥାନୀୟ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ରାଉତରାୟ ଗୁରୁବାର ବ୍ଲକ ଅଫିସ ଆସିଥିଲେ। ଦଳୀୟ ସମର୍ଥିତ ସରପଞ୍ଚ, ସମିତିସଭ୍ୟ ଓ ସମର୍ଥକଙ୍କ ଉପସ୍ଥିତିରେ ବିଡିଓଙ୍କ ସହ ଆଲୋଚନା କରୁଥିବା ବେଳେ ଏହି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ସେଠାରେ ଉପସ୍ଥିତ ଥିବା ବିଜେଡି ସମର୍ଥକଙ୍କ ସହ କଂଗ୍ରେସ କର୍ମୀଙ୍କ ଉଚ୍ଚବାଚ୍ଚରୁ ମାରପିଟ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ଉଭୟପକ୍ଷ ଥାନାରେ ପରସ୍ପର ବିରୋଧରେ ଅଭିଯୋଗ କରିଥିଲେ। ବିଜେଡି ସମର୍ଥକଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଅନୁଯାୟୀ, ବିଧାୟକ ରାଉତରାୟ ଓ ତାଙ୍କର କେତେଜଣ ସମର୍ଥକଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି କଂଗ୍ରେସ ଦଳ ସମର୍ଥିତ ସମର୍ଥକଙ୍କ ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ବିଜେଡି ନେତା ତଥା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦୀପକ ଜେନା ଓ କେତେକ ଦଳୀୟ କର୍ମୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଏ ନେଇ ୩୩୩, ୩୩୪/୧୯ରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଛି। ଏ ସଂକ୍ରାନ୍ତରେ ଜଟଣୀ ଥାନା ଆଇଆଇସି ବିଶ୍ୱରଞ୍ଜନ ସାହୁ ଉଭୟପକ୍ଷଙ୍କ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରାଯାଉଛି। ବ୍ଲକ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି ଫୁଟେଜ, ଅନ୍ୟାନ୍ୟ ବିଷୟକୁ ତଦନ୍ତ ପରିସରଭୁକ୍ତ କରାଯାଉଥିବା ସେ କହିଛନ୍ତି।



ପରର ମଙ୍ଗଳ କରିବା ସବୁଠୁ ବଡ ଧର୍ମ, ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ ପାପ।

- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ୭୫ ମିଟର ଉଚ୍ଛେଦ ପ୍ରସଙ୍ଗ ସରକାର ସତ କହି ବିଶ୍ୱାସଭାଜନ ହୁଅନ୍ତୁ

**ପୁରୀ ଅଫିସ, ୬।୯:** ଶ୍ରୀମନ୍ଦିରର ସୁରକ୍ଷା, ପୁରୀର ବିକାଶ ପାଇଁ ୭୫ ମିଟର ଉଚ୍ଛେଦ ପ୍ରସଙ୍ଗରେ ରାଜ୍ୟ ସରକାର ଦୋମୁହାଁ ନୀତି ଅନୁସରଣ କରୁଛନ୍ତି ବୋଲି ଅଭିଯୋଗ କରିଛି ଶ୍ରୀଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ୭୫ ମିଟର ଶ୍ରୀମନ୍ଦିର ସୁରକ୍ଷା ଲାଗି ନିଆଯିବ। ଏଥିପାଇଁ ପୁରୀବାସୀଙ୍କୁ ରାଜ୍ୟ ସରକାର ତ୍ୟାଗ କରିବାକୁ କହିଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ସରକାର ସୁପ୍ରିମ୍‌କୋର୍ଟରେ ଭିନ୍ନ ତଥ୍ୟ ରଖିଛନ୍ତି। ପ୍ରତିବର୍ଷ ରଥଯାତ୍ରା ସମୟରେ ୧୦ ଲକ୍ଷ ଲୋକ ଆସୁଛନ୍ତି। ସେହି ତୀର୍ଥଯାତ୍ରୀ ଓ ଦର୍ଶନାର୍ଥୀମାନଙ୍କ ପାଇଁ ଆମେ ଜାଗା ନେବା ନିମନ୍ତେ ଆଇନ ଅନୁସାରେ ବିକାଶମୂଳକ ପଦକ୍ଷେପ ଗ୍ରହଣ କରୁଅଛୁ। ସୁପ୍ରିମ୍‌କୋର୍ଟରେ ସରକାର ଆଦୌ ସୁରକ୍ଷା ପାଇଁ ୭୫ ମିଟର ଜମି ଅଧିଗ୍ରହଣ କରୁଥିବା କହିନାହାନ୍ତି। ତେଣୁ ସରକାର ଏଭଳି ଦୋମୁହାଁ ନୀତି ଅବଲମ୍ବନ କରୁଥିବାରୁ ସରକାରଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ପାଉନାହିଁ। ୧୯୯୬, ୨୦୧୩ ଓ ୨୦୧୫ରେ ବିସ୍ଥାପିତଙ୍କୁ ସରକାର ଏ ପର୍ଯ୍ୟନ୍ତ ଥଇଥାନ କରିନାହାନ୍ତି। ଲୋଭନୀୟ ପ୍ୟାକେଜ ଘୋଷଣା କୌଣସି ବଡ଼ କଥା ନୁହେଁ, ମାତ୍ର ଏହାର କାର୍ଯ୍ୟକାରିତାକୁ ନେଇ ଆଜି ପ୍ରଶ୍ନ ଉଠିଛି।

### ବଳିଆପଣ୍ଡାରେ ସଂସ୍କାରକେନ୍ଦ୍ର ଶୁଭାରମ୍ଭ

**ପୁରୀ ଅଫିସ, ୬।୯ :** ସାମାଜିକ ଅନୁଷ୍ଠାନ ସୃଷ୍ଟି ପକ୍ଷରୁ ବଳିଆପଣ୍ଡା ବିଜୟନଗର ସ୍ଥିତ ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ ସଂସ୍କାର କେନ୍ଦ୍ର ଗୁରୁବାର ଶୁଭାରମ୍ଭ ହୋଇଯାଇଛି। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ମୁଖ୍ୟଅତିଥି, ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମହାପାତ୍ର, ବିଜୟ ମିଶ୍ର, ସାମାଜିକ କର୍ମୀ ପ୍ରମୋଦ ଜେନା, ସିଆରସିସି ଚିନ୍ମୟ ପ୍ରଧାନ, ଯୁବନେତା ଷ୍ଟାଲିନ୍ ପରିଜା, ଆଲୋକ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ମନୋଜ ମଣ୍ଡଳ, ସମ୍ପାଦକ ସମୀର ଦାଶ, ବିକ୍ରମ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବସ୍ତି ଅଞ୍ଚଳରେ ମେଧାବୀ ବିଦ୍ୟାର୍ଥୀଙ୍କୁ ନିଃଶୁଳ୍କ ପାଠ୍ୟ ଉପକରଣ, ଲାଇବ୍ରେରୀ, ପାଠ୍ୟଦାନ ବ୍ୟବସ୍ଥା ଲାଗି ଏହି ସଂସ୍କାର କେନ୍ଦ୍ର ଆରମ୍ଭ କରାଯାଇଥିବା ଅନୁଷ୍ଠାନ ସଭାପତି ମଣ୍ଡଳ କହିଛନ୍ତି। ବଳିଆପଣ୍ଡା ବସ୍ତିରେ ରହୁଥିବା ଅଧିକାଂଶ ଛାତ୍ରୀଛାତ୍ର ଆର୍ଥୀକ ସ୍ୱଚ୍ଛଳତା କାରଣରୁ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ଶିକ୍ଷାଦାନ ସହ ଶାରୀରିକ, ମାନସିକ ବିକାଶ ଲାଗି ଗୁରୁତ୍ୱ ଦିଆଯିବ।

### ବଜ୍ରପାତରେ ବୃଦ୍ଧା ଆହତ

ଡେଲାଙ୍ଗ,୬।୯(ଡି.ଏନ୍.ଏ.): ଗୁଆଳିପଡ଼ା ପଞ୍ଚାୟତ ଅନ୍ତର୍ଗତ ଗୁଡୁପାଇଲୋ ଗ୍ରାମରେ ସୁନା ମଲ୍ଲିକ (୭୦) ଘର ବାରଣ୍ଡାରେ ବସିଥିବା ବେଳେ ଗୁରୁବାର ଏକ ବଜ୍ରପାତ ମାରିଥିଲା। ଏଥିରେ ଘରର କାନ୍ଥ ଫାଟିବା ସହ ବଜ୍ରପାତ ଶବ୍ଦରେ ସୁନା ମୁହଁ ମାଡ଼ି ତଳେ ପଡ଼ି ଅଚେତ ହୋଇଯାଇଥିଲେ। ସେଠାରେ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସାରେ ଉନ୍ନତି ନ ଆସିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିବା ସୂଚନା ମିଳିଛି।

## ଶ୍ରୀରାଧା ଜନ୍ମ ମହୋତ୍ସବ ଉଦ୍‌ଯାପନ

# ସତ୍ୟବାଦୀ ହେଉଛି ବ୍ୟକ୍ତିତ୍ୱ ଗଠନର ମାଟି

ସାକ୍ଷୀଗୋପାଳ,୬।୯(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।





ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ଭଜନ କମିଟି ଆନୁକୂଲ୍ୟରେ ତିନିଦିନ ବ୍ୟାପି ଚାଲିଥିବା ଶ୍ରୀରାଧା ଜନ୍ମ ମହୋତ୍ସବ ଶୁକ୍ରବାର ଉଦ୍‌ଯାପନ ହୋଇଛି। ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଗଣ ଉଦ୍ୟୋଗ, ସମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ଐତିହ୍ୟ ସମ୍ପନ୍ନ ସତ୍ୟବାଦୀ ମାଟି ବ୍ୟକ୍ତିତ୍ୱ ଗଠନରେ ସହାୟକ ହୋଇଥାଏ ବୋଲି କହିଥିଲେ। ସାକ୍ଷୀଗୋପାଳ ଠାକୁରଙ୍କ ଲୀଳାକ୍ଷେତ୍ର ବକୁଳବନ ଗୁପ୍ତ ବୃନ୍ଦାବନର ସଂସ୍କୃତି ଓ ପରାଧୀନ ଭାରତରେ ଶିକ୍ଷା, ସାହିତ୍ୟ ଓ ସେବାର ନିଦର୍ଶନ ଏଠାରେ ପ୍ରକାଶ ପାଇଥିଲା। ସତ୍ୟବାଦୀର ସଂସ୍କୃତି ପିଲାଦିନୁ ତାଙ୍କୁ ଆକର୍ଷିତ କରିଥିଲା ବୋଲି ସେ କହିଥିଲେ। ସତ୍ୟବାଦୀର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ତ୍ରୀ ପରିଷଦର ଆକୁଣ୍ଠ ସହଯୋଗ ରହିଛି ବୋଲି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମତବ୍ୟକ୍ତ କରିଥିଲେ। ପିଇବାପାଣି, ବିଦ୍ୟୁତ, ଅଳଗୁମ ରାସ୍ତାର ସମ୍ପ୍ରସାରଣ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଆଦି ଉନ୍ନୟନ କାମ, ସାକ୍ଷଗୋପାଳ ମନ୍ଦିରର ସୁରକ୍ଷା ଓ ବିକାଶ ସହିତ ଠାକୁରଙ୍କ ଚନ୍ଦନ ପୋଖରୀକୁ ପ୍ରଦୂଷଣ ମୁକ୍ତ କରାଯିବ ବୋଲି ବିଧାୟକ ସଭାରେ ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା ପ୍ରଧାନ ଯୋଗଦେଇଥିଲେ। ଅନ୍ୟତମ ଅତିଥି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ର ଓ ଭଜନ କମିଟିର ସମ୍ପାଦକ ଦିବାକର ମହାପାତ୍ର ବିଭିନ୍ନ ଅଭାବ ଅସୁବିଧା ଦୂରୀକରଣ ନିମନ୍ତେ ଅତିଥିମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଭଜନ କମିଟିର ଉପଦେଷ୍ଟା ସୁକାନ୍ତ କିଶୋର ସାମନ୍ତରାୟ ଉତ୍ସବରେ ଅଧକ୍ଷତା କରିଥିଲେ। ସନ୍ଧ୍ୟାରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠିତ ଭଜନ ସମାରୋହରେ ରାଜ୍ୟ ତଥା ନିକଟବର୍ତ୍ତୀ ରାଜ୍ୟର କଣ୍ଠଶିଳ୍ପୀମାନେ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। ଅଞ୍ଜନ ହୋତା ସଂଯୋଜନା କରିଥିଲେ। ଏହି ଅବସରରେ ମନ୍ଦିର ନିକଟରେ ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ ଓ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ସୁଲଭ ଶୌଚାଳୟକୁ ଅତିଥିମାନେ ଉଦଘାଟନ କରିଛନ୍ତି। ସେହିପରି ଦୈନନ୍ଦିନ ଦେବନୀତି ସହିତ ମନ୍ଦିରରେ ଶ୍ରୀରାଧାଙ୍କ ଜନ୍ମବିଧି ପାଳିତ ହୋଇଥିଲା। ପୂଜାପଣ୍ଡା ବିଜୟ ମହାପାତ୍ର, ସିଂହାରୀ ଅଶୋକ ଖୁଣ୍ଟିଆଙ୍କ ସହିତ ପୁରାଣ ପଣ୍ଡିତ, ପୁରୋହିତ ଓ ଅନ୍ୟ ସେବାୟତ ବୃନ୍ଦ ସାମିଲ ହୋଇଥିଲେ। ନବଜାତ କନ୍ୟା ଜନ୍ମ, ସ୍ନାନ, ନୂତନ ବସ୍ତ୍ର ପରିଧାନ, ନାଭିଛେଦନ, ନାମ କରଣ, କେରାଭୋଗ ଆଦି ଦେବନୀତି ସମ୍ପାଦନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଅତିବଡ଼ୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ବ୍ରହ୍ମଗିରି,୬।୯(ଡି.ଏନ୍.ଏ.)

ଓଡ଼ିଆ ଭାଗବତ ସ୍ରଷ୍ଟା ଅତିବଡି ଜଗନ୍ନାଥ ଦାସଙ୍କ ରାଜ୍ୟସ୍ତରୀୟ ଜନ୍ମ ଜୟନ୍ତୀ ରାଧାଷ୍ଟମୀତିଥି ତଥା ଶୁକ୍ରବାର ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କପିଳେଶ୍ୱରପୁର ଗ୍ରାମରେ ଥିବା ଅତିବଡିଙ୍କ ଜନ୍ମପୀଠରେ ପାଳିତ ହୋଇଛି। ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବ ଅବସରରେ ସାହିତ୍ୟ ଏକାଡେମୀର ସଦସ୍ୟ ଡ. କୈଳାସ ଚନ୍ଦ୍ର ଟିକାୟତ ରାୟଙ୍କ ଅଧକ୍ଷତାରେ ମୁଖ୍ୟଅତିଥିଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଉଦ୍‌ଘାଟକ ଭାବେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ମୃତ୍ୟୁଞ୍ଜୟ ରଥ, ସଞ୍ଜୟ ଛୁଆଳସିଂ ପ୍ରମୁଖ ଯୋଗଦେଇ ଅତିବଡି ଜଗନ୍ନାଥ ଓଡ଼ିଆ ଭାଷାର ଅନ୍ୟତମ ବିନ୍ଧାଣି ତଥା ଓଡ଼ିଆ ଭାଗବତ ରଚନା କରି ଓଡ଼ିଆ ସାହିତ୍ୟକୁ ପରିପୃଷ୍ଟ କରିପାରିଛନ୍ତି। ତାଙ୍କରି ଅବଦାନ ଯୋଗୁ ଆଜି ପ୍ରତିଟି ଘରେ ଓଡ଼ିଆ ଭାଗବତ ଆଦୃତ ହୋଇପାରିଛି। ଏହି ମହାପୁରୁଷ ଓଡ଼ିଆ ଜାତି ପାଇଁ ମହାନ ବୋଲି କହିଥିଲେ। ଏହି ପୀଠର ଉନ୍ନତି ପାଇଁ ଯାହା ସମ୍ଭବ ତାହା ଯୋଗାଇ ଦିଆଯିବ ବୋଲି ବ୍ରହ୍ମଗିରି ବିଧାୟକ କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା

କଣାସ,୬।୯(ସ୍ୱ.ପ୍ର.):

କଣାସ ବ୍ଲକ ଅନ୍ତର୍ଗତ କଣାସଠାରେ ପ୍ରତିଷ୍ଠିତ କଣାସ ସରକାରୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ବିଭିନ୍ନ ପରିବେଶ ଉପଯୋଗୀ ଲେଖା ଥିବା ପ୍ଲା କାର୍ଡ ଧରି ବିଦ୍ୟାଳୟରୁ ବାହିରି କଣାସ ଗୋଲାବଜାର, କଣାସ ବସ୍‌ଷ୍ଟାଣ୍ଡ, କୁଶ୍ୱେରୀ ବଜାର, ବାଲିଘାଇ ଛକ, ବ୍ଲକ ବଜାର ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ଏହାସହ ବାହାରେ ମଳତ୍ୟାଗରୁ ନିବୃତ୍ତି ରହି ସମସ୍ତେ ପାଇଖାନା ବ୍ୟବହାର କରିବା ଓ ପରିବେଶ ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ଲାଗାଇ ତା'ର ଯତ୍ନନେବାକୁ ପରାମର୍ଶ ଦେଇଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ଗୁରୁଜୀ ଓ ଗୁରୁମାନେ ଉପସ୍ଥିତ ରହିଥିଲେ।



ପୁରୀରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ଯୋଗୁ ବଡ଼ଦାଣ୍ଡ ଜଳାର୍ଣ୍ଣବ।

# ଦୂରରେ ଥଇଥାନ ଶ୍ରୀମନ୍ଦିର ନୀତିକାନ୍ତିକୁ ପ୍ରଭାବିତ କରିବ

**ପୁରୀ ଅଫିସ, ୬।୯**

ଶ୍ରୀମନ୍ଦିର ସୁରକ୍ଷା ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ଥିବା ନିର୍ମାଣ ଉଚ୍ଛେଦକୁ ନେଇ ଦିନକୁ ଦିନ ବିବାଦ ତେଜିବାରେ ଲାଗିଛି। ଏହାର ପ୍ରତିବାଦ କରି ବିଭିନ୍ନ ସଙ୍ଗଠନ ସେମାନଙ୍କ ଅସନ୍ତୋଷ ଜାହିର କରୁଥିବା ବେଳେ ଆଉ କେହି ସହମତି ଭିତ୍ତିରେ ଉଚ୍ଛେଦ କରାଯାଉ ବୋଲି ମତ ରଖୁଛନ୍ତି। ତେବେ ଶୁକ୍ରବାର ଦଇତାପତି ନିଯୋଗ ସମ୍ପାଦକ ଦୁର୍ଗା ଦାସମହାପାତ୍ର କହିଛନ୍ତି କାହା ମନରେ ଦୁଃଖ ଦେଇ କିଛି କରା ନ ଯାଉ। ୭୫ ମିଟର ପରିଧି ମଧ୍ୟରେ ବହୁ ସେବାୟତଙ୍କ ବାସଗୃହ ରହିଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମହାପ୍ରଭୁଙ୍କ ନୀତିକାନ୍ତି ସହ ସମ୍ପୃକ୍ତ। ଦୂରରେ ଥଇଥାନ କରାଗଲେ ଶ୍ରୀମନ୍ଦିର ନୀତିକାନ୍ତିକୁ ପ୍ରଭାବିତ କରିବ। ସେବାୟତମାନଙ୍କୁ ବିପଦସଙ୍କୁଳ ଘୋଷଣା କରାଯାଇ ନ ଥିବା ମଠରେ ଥଇଥାନ କରାଯାଉ। ପ୍ରଶାସନ ଶ୍ରୀମନ୍ଦିର ଆଖପାଖରେ ଥଇଥାନ ବ୍ୟବସ୍ଥା କରୁ। ସେହିପରି ନିଖିଳ ଉତ୍କଳ ମଠମନ୍ଦିରାଧୀଶ ସେବା ସଂଘ ପକ୍ଷରୁ କୁହାଯାଇଛି ମଠ କେବଳ ବିଜେସ୍ଥଳୀ କି ଗାଦିସ୍ଥଳୀ ନୁହେଁ। ଏହା ଏକ ଧାର୍ମିକ ପ୍ରାଣକେନ୍ଦ୍ର। ଗୋଟିଏ ସ୍ଥାନରେ ମଠ ଏବଂ ଅନ୍ୟ ସ୍ଥାନରେ ମହନ୍ତ ରହିପାରିବେନି। ତେଣୁ ଏ ସମ୍ପର୍କରେ ଆମିକସ୍‌କ୍ୟୁରିଙ୍କୁ ଜଣାଇବୁ।

### ଶୃଙ୍ଖଳିତ ହୁଅ, ଜ୍ଞାନର ପରିସୀମା ବିକାଶ କର

**ପୁରୀ ଅଫିସ, ୬।୯**

ଛାତ୍ର ଅଭିଭାବକ ସମନ୍ୱୟ ସମିତି ଓ ସର୍ବଶିକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଜିଲା ସ୍ତରୀୟ ଗୁରୁଦିବସ ସମାରୋହ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଥିଲା। ସମିତିର ସଭାପତି ରାମଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଦିଲୀପ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ପ୍ରାଚୀନ ଶିକ୍ଷା ପଦ୍ଧତି ଓ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଆଦର୍ଶ ଛାତ୍ର ନିର୍ମାଣ କ୍ଷେତ୍ରରେ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଅତୀତରେ ନାଳନ୍ଦା, ତକ୍ଷଶୀଳା ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ ବନ ବିଦ୍ୟାଳୟ ଶିକ୍ଷା କୋଟିକୋଟି ଭାରତୀୟଙ୍କ ଆଖି ଖୋଲି ଦେଇଥିଲା। ଜଣେ ସମ୍ବାଲୁଆକୁ ବି ଗୁରୁ ପ୍ରଜାପତିରେ ପରିଣତ କରିବାର ଅପୂର୍ବ କ୍ଷମତା ରହିଛି। ଜ୍ଞାନର ପରିସୀମାକୁ ବୃଦ୍ଧି କର ଏବଂ ଶୃଙ୍ଖଳା ପ୍ରତି ଦୃଷ୍ଟି ଦେବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଉମାକାନ୍ତ ସାହୁ, ଉମା ପ୍ରସାଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ରହିଥିଲେ। ଏହି ଅବସରରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ଆର୍ତ୍ତତ୍ରାଣ ଶତପଥୀ, ରାଜକିଶୋର ପ୍ରଧାନ, ହରପ୍ରିୟା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କୃତୀ ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ସମ୍ପାଦକ ଅନାମ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ। ବିପିନ ବିହାରୀ ଦଳାଇ, ରାଧାନାଥ ତ୍ରିପାଠୀ, ସୁକାନ୍ତ ପଣ୍ଡା, ଅନ୍ନପୂର୍ଣ୍ଣା ଦେବୀ, ଶ୍ୟାମ ପ୍ରକାଶ ସେନାପତି, ଶିବ ସୁନ୍ଦର ମିଶ୍ର ଭବାନୀ ବଳିଆର ସିଂ ପ୍ରମୁଖ ସହଯୋଗ କରିଥିଲେ।

# ନିମାପଡ଼ା ଏନ୍‌ଏସି ଅଫିସ ସମ୍ମୁଖରେ ଭାଜପାର ଗଣଧାରଣା

ନିମାପଡ଼ା, ୬।୯(ଡି.ଏନ୍.ଏ.):

ନିମାପଡ଼ା ଏନ୍‌ଏସି ଅଫିସ ସମ୍ମୁଖରେ ଶୁକ୍ରବାର ୬ଦଫା ଦାବିରେ ଭାରତୀୟ ଜନତା ପାର୍ଟି(ଭାଜପା) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ନିମାପଡ଼ା ଏନ୍‌ଏସି ଅଞ୍ଚଳର ଡ୍ରେନେଜ ସମସ୍ୟାର ଦୂରୀକରଣ, ମହାବୀର କଲୋନୀ ରାସ୍ତାର ସ୍ଥାୟୀ ମରାମତି, ପ୍ରତ୍ୟେକ ଦିନ ଆବର୍ଜନାକୁ ସଫା କରାଯିବା, ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କୁ ତୁରନ୍ତ ସହାୟତା ଆଦି ଦାବିରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ପୁରୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱରେ ଥିବା ତହସିଲଦାର କମଳଜିତ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଭାଜପା ମହିଳା ମୋର୍ଚ୍ଚାର ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ଦିଲୀପ ପାତ୍ର, ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ସାହୁ, ମୀନଲତା ମହାନ୍ତି, ମାନସ ପ୍ରଧାନ, ବିଜୟ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଏହି ଗଣଧାରଣା ଅନୁଷ୍ଠିତ ହୋଇଥିଲା।

## ରେଲୱେ ଷ୍ଟେଶନ ପରାମର୍ଶଦାତା କମିଟି ବୈଠକ

# ଜିଆର୍‌ପି ଥାନା ନ ଥିବାରୁ ଅସନ୍ତୋଷ

**ପୁରୀ ଅଫିସ, ୬।୯**

ପର୍ଯ୍ୟଟନ ସହର ପୁରୀ। ଏଠାକୁ ପ୍ରତ୍ୟେହ ବହୁସଂଖ୍ୟାରେ ଯାତ୍ରୀ ଟ୍ରେନ୍‌ରେ ଆସିଥାନ୍ତି। ତେଣୁ ଷ୍ଟେଶନରେ ଯେଉଁଭଳି ସୁବିଧା ସୁଯୋଗ ରହିବା କଥା କେତେକାଂଶରେ ଏହା ଉପଲବ୍ଧ ହେଉନାହିଁ। ଏହାକୁ ନେଇ ରେଲୱେ ଷ୍ଟେଶନ ପରାମର୍ଶଦାତା କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି।

ଶୁକ୍ରବାର ସହକାରୀ ବାଣିଜ୍ୟ ପ୍ରବନ୍ଧକ ଦୀନବନ୍ଧୁ ସାହୁଙ୍କ ଅଧକ୍ଷତାରେ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟତଃ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ପୁରୀ ରେଲୱେ ଷ୍ଟେଶନରେ ଜିଆର୍‌ପି ଥାନା ପ୍ରତିଷ୍ଠା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ଜମି ଓ ଘର ଯୋଗାଇ ଦେଉ ନ ଥିବାରୁ ବେସରକାରୀ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପୁରୀ ଷ୍ଟେଶନ ହେଉଛି ଏ ଗ୍ରେଡ୍। ଭାରତର ଯେତେ ଏ ଗ୍ରେଡ୍ ଷ୍ଟେଶନ ଅଛି ସବୁଠି ଜିଆର୍‌ପି ଥାନା ଅଛି। କିନ୍ତୁ ପୁରୀରେ କେବଳ ରେଲୱେ ଫାଣ୍ଡି ରହିଛି। ଅଭିଯୋଗକାରୀଙ୍କୁ କୌଣସି ମାମଲା ପାଇଁ ଖୋର୍ଦ୍ଧାରୋଡ ଯିବାକୁ ପଡୁଛି। ଫଳରେ ତଦନ୍ତ ଠିକ୍ ଭାବେ ହୋଇପାରୁନି। ୨୦୧୫ରୁ ପୁରୀ ଜିଆର୍‌ପି ଫାଣ୍ଡିକୁ ଥାନାରେ ପରିଣତ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି, କିନ୍ତୁ ଏହା କାର୍ଯ୍ୟକାରୀ ହେଉନି। ଏ ନେଇ ଦାବି ଉପସ୍ଥାପନ ପାଇଁ କମିଟି ସଭ୍ୟ ଜଗନ୍ନାଥ ବସ୍ତିଆଙ୍କ ନେତୃତ୍ୱରେ ୫ ଜଣ ବେସରକାରୀ ସଭ୍ୟ ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କୁ ସାକ୍ଷାତ ଲାଗି ସ୍ଥିର ହୋଇଛି। ସେହିପରି ଷ୍ଟେଶନରେ ୩୭ ସିସିଟିଭି ଲାଗିଥିଲା। ବାତ୍ୟା ପରଠାରୁ ମାତ୍ର ୨୪ଟି କାର୍ଯ୍ୟକ୍ଷମ ଅଛି। ଅନ୍ୟଗୁଡ଼ିକ ମରାମତି କରାଯାଇ ନାହିଁ। ତୁରନ୍ତ ମରାମତି ଲାଗି ପରାମର୍ଶ ଦିଆଯାଇଥିଲା। ଷ୍ଟେଶନ ସମ୍ମୁଖ ରାସ୍ତା ଏବଂ ଷ୍ଟେଶନ ପରିସର ଦୀର୍ଘଦିନ ଧରି ମରାମତି କରାଯାଇ ନାହିଁ। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଷ୍ଟେଶନ ଚାରିପଟେ ପାଚେରି ନ ଥିବାରୁ ରେଳବାଇ ଜମି ଜବରଦଖଲ ହେଉଛି। ତୁରନ୍ତ ପାଚେରି କରି ରେଳ ସମ୍ପତ୍ତିର ସୁରକ୍ଷା ସହ ଷ୍ଟେଶନ ସମ୍ମୁଖରେ ପିଇବା ପାଣି ବ୍ୟବସ୍ଥା କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ବୈଠକରେ ଷ୍ଟେଶନ ନିର୍ଦ୍ଦେଶକ ବି.କେ. ପରିଜା, ମ୍ୟାନେଜର ଭାସ୍କର ଚନ୍ଦ୍ର ହାତୀ, ଖୋର୍ଦ୍ଧା ଜିଆର୍‌ପି ଥାନା ଇନ୍ସପେକ୍ଟର ଏସ୍. ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ।

# ଜମେଶ୍ୱରଙ୍କଠାରୁ ହିସାବ ବୁଝିଲେ ସୁଦର୍ଶନ

**ପୁରୀ ଅଫିସ, ୬।୯**



ଶ୍ରୀମନ୍ଦିରରେ ରାଧାଷ୍ଟମୀ

ଶ୍ରୀ ସୁଦର୍ଶନ ଜମେଶ୍ୱରଙ୍କଠାରୁ ଆୟ ବ୍ୟୟ ବୁଝି ବଡ଼ଦେଉଳକୁ ବାହୁଡ଼ା ବିଜେ କରୁଛନ୍ତି।

ମହାପ୍ରଭୁଙ୍କ ଭଣ୍ଡାର ରକ୍ଷକ ହେଉଛନ୍ତି ଶ୍ରୀଲୋକନାଥ। ସେହିପରି ଶ୍ରୀମନ୍ଦିରର ବର୍ଷକ ଯାକର ହିସାବ ବୁଝାଶୁଝା କରନ୍ତି ପ୍ରଭୁ ଜମେଶ୍ୱର। ତେଣୁ ଜମେଶ୍ୱରଙ୍କୁ ଶ୍ରୀମନ୍ଦିରର ହିସାବ ରକ୍ଷକ କୁହାଯାଏ। ପବିତ୍ର ରାଧାଷ୍ଟମୀରେ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀସୁଦର୍ଶନ ଜମେଶ୍ୱରଙ୍କ ନିକଟକୁ ଯାଇ ଶ୍ରୀମନ୍ଦିରର ବର୍ଷକ ଯାକର ଆୟ ବ୍ୟୟ ହିସାବ ବୁଝି ବଡ଼ଦେଉଳକୁ ବାହୁଡା ବିଜେ କରିଥାନ୍ତି।

ଶୁକ୍ରବାର ଭାଦ୍ରବ ଶୁକ୍ଳ ଅଷ୍ଟମୀ ତଥା ରାଧାଷ୍ଟମୀ ନୀତି ଶ୍ରୀମନ୍ଦିରରେ ପାଳିତ ହୋଇଛି। ସକାଳ ଧୂପ ବଢ଼ିବା ପରେ ଶ୍ରୀଦେବୀ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ସାତପାହାଚ ତଳେ ଥିବା ପାଲିଙ୍କିରେ ବିଜେ ହୋଇ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯାଇଥିଲେ। ଲକ୍ଷ୍ମୀ ମନ୍ଦିର ଜଗମୋହନରେ ପଡ଼ିଥିବା ଖଟଶେଜ ଉପରେ ବିଜେ ହୋଇଥିଲେ। ସେଠାରେ ମାଜଣା, ଶୀତଳଭୋଗ ଏବଂ ବନ୍ଦପନା ହୋଇଥିଲା। ମଧ୍ୟାହ୍ନ ଧୂପ ଉଠିବା ପରେ ଶ୍ରୀଦେବୀ ରତ୍ନସିଂହାସନ ଉପରକୁ ବିଜେ କରିଥିଲେ। ପରେ ଶ୍ରୀଦେବୀ, ଭୂଦେବୀଙ୍କୁ ପୁଷ୍ପାଳକ ସେବକମାନେ ଖଟ ଶେଜ ଘରେ ବିଜେ କରାଇଥିଲେ। ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଶ୍ରୀସୁଦର୍ଶନ ଜଗମୋହନରେ ଥିବା ଚଉଦୋଳରେ ବିଜେ ହୋଇଥିଲେ। ବିମାନବଡୁମାନେ ଚଉଦୋଳ ଝୁଲଣ ମଣ୍ଡପ ତଳକୁ ନେଇଥିଲେ। ଏହାପରେ ସୁଦର୍ଶନ ଜମେଶ୍ୱରଙ୍କ ଜହ୍ନିମୁଣ୍ଡିଆ ଉପରେ ବିଜେ ହୋଇଥିଲେ। ସେଠାରେ ପ୍ରସାଦ ଲାଗି ହୋଇ ଶୀତଳ ଭୋଗ ବନ୍ଦପନା ପରେ ସେଠାକାର ପୂଜାପଣ୍ଡା ଆୟ ବ୍ୟୟ ବୁଝାଇବା ପରେ ବିଭିନ୍ନ ଜାଗାରେ ପନ୍ତି ଖାଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ।

# ନିତ୍ୟାନନ୍ଦ ଶତପଥୀଙ୍କୁ ଅତିବଡୀ ସମ୍ମାନ

ପୁରୀ ଅଫିସ, ୬।୯ :





ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ପବିତ୍ର ରାଧାଷ୍ଟମୀ ଅବସରରେ ଶ୍ରୀକ୍ଷେତ୍ର ଲେଖକ ସାମୁଖ୍ୟର ୩୦ତମ ବାର୍ଷିକୋତ୍ସବ, କବି ଲେଖକ ସମ୍ମେଳନ, ସାରସ୍ୱତ ସମ୍ମାନ ଏବଂ ଅତିବଡୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ଶୁକ୍ରବାର ରାଣୀସତୀ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସଦାଶିବ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ଡ.ପ୍ରଫୁଲ୍ଲ କୁମାର ମିଶ୍ର, ବଡଓଡ଼ିଆ ମଠ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ ପ୍ରମୁଖ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ଓ ସମାଲୋଚକ ପ୍ରଫେସର ନିତ୍ୟାନନ୍ଦ ଶତପଥୀଙ୍କୁ ଅତିବଡୀ ଜଗନ୍ନାଥ ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଲିଙ୍ଗରାଜ ଦାଶ, ସତ୍ୟନାରାୟଣ ମିଶ୍ର, ଅନାମଚନ୍ଦ୍ର ସାହୁ, ରାମଚନ୍ଦ୍ର ଦାସ ମହାପାତ୍ର, ବାବାଜୀ ଚରଣ ଜେନା, ପ୍ରକାଶ କୁମାର ତ୍ରିପାଠୀ, ସୁରେନ୍ଦ୍ର କୁମାର ଗୁରୁ, ଗଣପତି ନାୟକ ଓ ବାହାଦୂର ପାଟସାହାଣୀ ପ୍ରମୁଖ ସାରସ୍ୱତ ସମ୍ମାନରେ ସମ୍ମାନିତ ହୋଇଥିଲେ। ଡ.ସୁଚିତ୍ରା ରଥଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅତିଥିମାନେ ସାମୁଖ୍ୟର ମୁଖପତ୍ର 'ଦୟଣା'କୁ ଲୋକାର୍ପିତ କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଅଧ୍ୟାପକ ପବିତ୍ର ମୋହନ ଦାଶ ଓ ଅଧ୍ୟାପକ ଅଶୋକ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ବିବରଣୀ ପାଠ କରିଥିଲେ। ଦୀନବନ୍ଧୁ ଦାଶ, ଶ୍ୟାମପ୍ରକାଶ ସେନାପତି, ହରପ୍ରିୟା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ପଣ୍ଡିତ ଗଙ୍ଗାଧର ମିଶ୍ର ବେଦପାଠ, ଗୋବିନ୍ଦ ଚନ୍ଦ୍ର ଫାରକ ଭାଗବତ ପାଠ କରିଥିଲେ। ଅପରାହ୍ନରେ ଆୟୋଜିତ କବିତା ପାଠୋତ୍ସବରେ ଅଧ୍ୟାପକ ପବିତ୍ରମୋହନ ଦାଶ ଓ ଅଧ୍ୟାପକ ଅଶୋକ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ କ୍ରିଷ୍ଣା ମହାପାତ୍ର ଏବଂ ଅନ୍ନପୂର୍ଣ୍ଣା ଦେବୀ ସଂଯୋଜନା କରିଥିଲେ।